# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ◆ISSUE-206 ◆WEDNESDAY ◆21 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୬ ◆ବୁଧବାର ◆୨୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଡବ୍ଲ୍ୟୁପିଏଲ୍ ଖେଳିବାରେ ଦୀୟା ସର୍ବକନିଷ୍ଠ

▶ପୃଷ୍ଠା ୧୨ ଦେଖନ୍ତୁ...

# ଡଲାର ତୁଳନାରେ ୯୧ରେ ନିମ୍ନ ସ୍ତରକୁ ହ୍ରାସ

■ ମୁମ୍ବଇ, ୨୦।୧ (ଏଜେନ୍ସି): ଆହୁରି ଦୁର୍ବଳ ହେଲା ଘରୋଇ ମୁଦ୍ରା ଟଙ୍କା । ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ହ୍ରାସ ଘଟିଛି । ଟଙ୍କା ମୂଲ୍ୟ ଆଜି ୯୧ ଟଙ୍କା ସ୍ତର ଅତିକ୍ରମ କରିଛି । ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ଙ୍କ ଦ୍ୱାରା ବିକ୍ରି ଜାରି ରହିବା ଏବଂ ନୂତନ ବିଶ୍ୱ ବାଣିଜ୍ୟ ଉତ୍ତେଜନା ଟଙ୍କା ଉପରେ ଚାପ ଜାରି ରଖିଥିବାରୁ ଏଭଳି ସ୍ଥିତି ଦେଖାଦେଇଛି । ବିଦେଶୀ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁସାରେ, ଟଙ୍କା ମୂଲ୍ୟରେ ଦେଖିବାକୁ ମିଳିଥିବା ବର୍ତ୍ତମାନର ଦୁର୍ବଳତା ଘରୋଇ ଏବଂ ଅନ୍ତର୍ଜାତୀୟ କାରକଗୁଡ଼ିକର ଏକ ପ୍ରତିଫଳନ। ବିଶେଷକରି ଗ୍ରୀନଲ୍ୟାଣ୍ଡ ଉପରେ ୟୁରୋପୀୟ ଦେଶମାନଙ୍କ ସହ ବିବାଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ଧମକ ବିଶ୍ୱ ପୁଞ୍ଜି ବଜାରରେ ହଇଚଇ ସୃଷ୍ଟି କରିଛି । ଆମେରିକୀୟ ଶ୍ରମ ବଜାର ଡଲାରକୁ ସମର୍ଥନ ଜାରି ରଖିଥିବା ବେଳେ ବଜାରଗୁଡ଼ିକ ଏବେ ଆଶା କରୁଛନ୍ତି ଯେ ଫେଡେରାଲ ରିଜର୍ଭ ଦୀର୍ଘ ସମୟ ପାଇଁ ସୁଧ ହାର ଉଚ୍ଚରେ ରଖିବ । ଭାରତରେ ଟଙ୍କା ଉପରେ ସବୁଠାରୁ ବଡ଼ ଚାପ ଏଫ୍ଆଇଆଙ୍କ ଦ୍ୱାରା ଜାରି ବିକ୍ରିରୁ ଆସୁଛି । ବିଦେଶୀ ନିବେଶକମାନେ ଗତ କିଛି ମାସ ଧରି ଭାରତୀୟ ଷ୍ଟକ ବଜାରରେ ନେଟ୍ ବିକ୍ରେତା ହୋଇଛନ୍ତି । ଏହି ପ୍ରବଳ ବିକ୍ରି ଯୋଗୁଁ ପ୍ରମୁଖ ଏସୀୟ ମୁଦ୍ରା ମଧ୍ୟରେ ଟଙ୍କା ସବୁଠାରୁ ଦୁର୍ବଳ ପ୍ରମାଣିତ ହୋଇଛି ।




# ଦର ଦେଢ଼ ଲକ୍ଷ ଟପିଲା; ଆହୁରି ବଢ଼ିବ !




■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ହୁ ହୁ ହୋଇ ବଢୁଛି ସୁନା ଦର । ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ପଦକ୍ଷେପ ବିଶ୍ୱରେ ଭୂ-ରାଜନୈତିକ ଅନିଶ୍ଚିତତା ବୃଦ୍ଧି କରିଛି । ଏହାର ପ୍ରଭାବ ସ୍ୱରୂପ ବିଶ୍ୱ ବଜାରରେ ସୁନା ଏବଂ ରୁପା ମୂଲ୍ୟ ରକେଟ୍ ବେଗରେ ବୃଦ୍ଧି ଘଟୁଛି । ଏହି ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର । ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍ । ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି । ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୪୦୦୦ ଟଙ୍କା ବୃଦ୍ଧି ଘଟିଛି । ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୬୩୦ ଟଙ୍କାରେ ପହଞ୍ଚିଛି । ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି । ତେବେ ସୁନା ତୁଳନାରେ ରୁପା ଦର ଆହୁରି ଜୋରରେ ଦୌଡୁଛି । ରୁପା ଆଜି ଦିନକରେ କିଲୋ ପିଛା ୧୦,୦୦୦ ଟଙ୍କା ବୃଦ୍ଧି ଘଟି ୩,୧୫,୦୦୦ ଟଙ୍କାରେ ପହଞ୍ଚିଛି ।

**୩.୨୫ ଲକ୍ଷ ଟଙ୍କା ଛୁଇଁଲା ରୁପା**

# ବିଜେପିରେ ନିତିନ ଯୁଗ

## ମୁଁ କର୍ମୀ, ନିତିନଜୀ ମୋର ବସ୍: ମୋଦୀ

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ବିଜେପିରେ ଆଜିଠାରୁ ନିତିନ ନବୀନ ଯୁଗ ଆରମ୍ଭ ହୋଇଛି । ସେ ନିର୍ଦ୍ୱନ୍ଦ୍ୱରେ ବିଜେପି ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରାଯାଇଛି । ନିତିନଙ୍କ ନାମ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ହାତ ଧରି ଅଧ୍ୟକ୍ଷଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ଏବଂ ମିଠା ଖୁଆଇ ଥିଲେ । ଦାୟିତ୍ୱ ଗ୍ରହଣ କରିବା ସହିତ ନିତିନ ବିଜେପିର ସର୍ବକନିଷ୍ଠ ମୁଖିଆ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇ ଫୁଲମାଳ ପିନ୍ଧାଇଛନ୍ତି । ଏହି ଅବସରରେ ମୋଦୀ ୫୫ ମିନିଟର ଅଭିଭାଷଣ ଦେଇ ନିଜକୁ ବିଜେପି କର୍ମୀ ଏବଂ ନିତିନଙ୍କୁ ବସ୍ କହିଛନ୍ତି । ଏବେ ନିତିନଜୀ ମୋ କାମର ସମୀକ୍ଷା କରିବେ ବୋଲି ଉଲ୍ଲେଖ କରିଛନ୍ତି । ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଦାୟିତ୍ୱବୋଧର ସଫଳ କରିଥିବାରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ନିତିନ ନବୀନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏଆଇ ପିଢ଼ିର । ନିତିନଜୀ ଉଭୟ ଯୁବସୁଲଭ



ଶକ୍ତି ଓ ସାଂଗଠନିକ କାର୍ଯ୍ୟରେ ଅଭିଜ୍ଞତା ରଖିଛନ୍ତି । ଏହା ଦଳର ପ୍ରତ୍ୟେକ କର୍ମୀଙ୍କ ପାଇଁ ବହୁତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିତିନଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ▶ପୃଷ୍ଠା-୭

## ସାଇନବୋର୍ଡରେ ସୀମିତ ରହିବ 'ଅନ୍ତର୍ଜାତୀୟ' ବିମାନ ବନ୍ଦର

# ମାର୍ଚ୍ଚରୁ ଦୁବାଇ, ସିଙ୍ଗାପୁରକୁ ବିମାନ ବନ୍ଦ

■ ଭୁବନେଶ୍ୱର, ୨୦।୧ (ସମିସ): ଭୁବନେଶ୍ୱର ଆବୁଧାବି ସିଧାସଳଖ ବିମାନ ସେବା ଡିସେମ୍ବର ମାସରୁ ବନ୍ଦ ହୋଇଯାଇଛି । ଏହି ବିମାନ ସେବା ବନ୍ଦ ହେବାର ମାସଟେ ନ ପୂରୁଣୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୨ ଟି ପ୍ରମୁଖ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେବା ଆପାତତଃ ନିଶ୍ଚିତ ହୋଇଛି । ମାର୍ଚ୍ଚ ୨୮ ପରେ ଦୁବାଇ ଓ ସିଙ୍ଗାପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଭୁବନେଶ୍ୱରରୁ ସିଧା ବିମାନ ସେବା ବନ୍ଦ ହୋଇଯିବ । ୱେବସାଇଟ୍‌ରେ ମାର୍ଚ୍ଚ ୨୮ ପରେ ଏହି ୨ ଟି ରୁଟ୍‌ରେ ସିଧା ବିମାନ ସେବା ପାଇଁ ଟିକଟର ଅନୁପଲବ୍ଧି ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି । ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି ସ୍ପଷ୍ଟ କରାଯାଉ ନାହିଁ, ଅନ୍ୟପକ୍ଷରେ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟ ଚଳାଚଳ କରୁଥିବା ଆନ୍ତର୍ଜାତୀୟ ସ୍ଥଳକୁ ସିଧାସଳଖ ବିମାନ ଉଡ଼ାଣ ସମ୍ପର୍କରେ କିଛି କହି ପାରୁନାହାନ୍ତି । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁଁ ମଧ୍ୟପ୍ରାଚ୍ୟର ଆବୁଧାବୀ, ଦୁବାଇ ସହ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଭୁବନେଶ୍ୱରରୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଥିଲା । ମାତ୍ର ଏବେ ଏହି ବିମାନସେବା ବନ୍ଦ ହେବା ଦ୍ୱାରା ସିଧାସଳଖ ଯାତ୍ରା କରୁଥିବା ଲକ୍ଷଲକ୍ଷ ଓଡ଼ିଆ ପ୍ରଭାବିତ ହେବେ ଓ ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଉଛି ।

୨୦୨୩ ମେ ମାସରୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରାଯାଇଥିଲା । ରାଜ୍ୟରୁ ଅନ୍ତର୍ଜାତୀୟ ଉଡ଼ାଣ ବଢ଼ାଇବା ଲାଗି ଇଣ୍ଡିଗୋ ସହ ମିଶି ରାଜ୍ୟ ସରକାର ଏହି ସେବା ଆରମ୍ଭ କରିଥିଲେ । ଏଥିପାଇଁ ସରକାରଙ୍କ ପକ୍ଷରୁ ବିମାନ ଚଳାଚଳ ସଂସ୍ଥାକୁ 'ଭାୟାବିଲିଟି ଗ୍ୟାପ୍ ଫଣ୍ଡ' ମଧ୍ୟ ଯୋଗାଇ ଦିଆଯାଉଥିଲା । ଦୁବାଇ ସହ ସିଧାସଳଖ ବିମାନ ସେବା ରାଜ୍ୟର ସୂଚନା ପ୍ରଯୁକ୍ତି, ବିନିର୍ମାଣ ଓ ପର୍ଯ୍ୟଟନ ▶ପୃଷ୍ଠା-୭



**ସେବା ବନ୍ଦ ଯୋଗୁଁ ପ୍ରଭାବିତ ହେବେ ୪୦ ହଜାର ଓଡ଼ିଆ**

**ଡିସେମ୍ବରରୁ ଆବୁଧାବିକୁ ବନ୍ଦ ହୋଇଛି ବିମାନ ଚଳାଚଳ**

**ଚିନ୍ତା ପ୍ରକଟ କରି ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲା ଓଡ଼ିଶା ସମାଜ**

## ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ

# ଶ୍ରୀମନ୍ଦିର ଉପରେ ବୋମା ପଡ଼ିବ

■ ପୁରୀ, ୨୦।୧ (ସମିସ): 'ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ୍‌ଶୀଘ୍ର ବୋମା ପଡ଼ିବ । ଖୁବ୍‌ଶୀଘ୍ର ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ହେବ । ସେହିପରି ଖୁବ୍‌ଶୀଘ୍ର ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟାଇବୁ' । ଏହା କୌଣସି ନାଟକ କିମ୍ବା ଚଳଚ୍ଚିତ୍ରର ସଂଳାପ ନୁହେଁ; ଏମିତି ଧମକପୂର୍ଣ୍ଣ ପୋଷ୍ଟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ବିଶେଷକରି ପୁରୀରେ ଏହି ପୋଷ୍ଟକୁ ନେଇ ଏବେ ସବୁଠି ଚର୍ଚ୍ଚା । ଜୁଲିରାଣୀ ପଣ୍ଡାଙ୍କ ଫେସ୍‌ବୁକ ପେଜ୍‌ରେ ଏଭଳି ପୋଷ୍ଟ ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି ।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର । ପୂର୍ବରୁ ଏକାଧିକଥର ଗୁଇନ୍ଦା ଏଭଳି ସୂଚନା ଦେଇଆସିଛି । ଯେଉଁଥିପାଇଁ ବଡ଼ାଦଣ୍ଡର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ବିଭିନ୍ନ ସମୟରେ ଜାତୀୟ ସୁରକ୍ଷା ବାହିନୀ (ଏନ୍ଏସ୍‌ଜି) ମଧ୍ୟ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି । ଏଭଳି ସ୍ଥିତିରେ ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ଉପରେ ବୋମାମାଡ଼ କରାଯିବା ନେଇ ପୋଷ୍ଟ ହେବା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । ଯାହା ଜଣାପଡୁଛି ଏହି ଫେସ୍‌ବୁକ୍ ଆକାଉଣ୍ଟଟି ନୂଆ କରି ଖୋଲାଯାଇଛି । ଆକାଉଣ୍ଟର ଡିପିରେ ଏକ ଟେଡି ଫଟୋ ରହିଛି । କୌଣସି ତଥ୍ୟ ଆକାଉଣ୍ଟରେ ପ୍ରଦାନ କରାଯାଇନାହିଁ । କେବେଳ ଆକାଉଣ୍ଟରେ ଜଣେ ମାତ୍ର ବ୍ୟକ୍ତି ତା'ର ବନ୍ଧୁ ତାଲିକାରେ ରହିଥିବା ଦେଖାଯାଉଛି । ସେୟାର ହୋଇଥିବା ଧମକପୂର୍ଣ୍ଣ ବାର୍ତ୍ତା ଗତ ୧୩ ତାରିଖରୁ ସେୟାର ହୋଇଥିବା ଜଣାପଡ଼ିଛି । ତେବେ ଶ୍ରୀମନ୍ଦିର ସମ୍ପର୍କରେ ଏପରି ଧମକପୂର୍ଣ୍ଣ ପୋଷ୍ଟକୁ ନେଇ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କିଏ ଏବଂ କିଭଳି ଏପରି ଧମକପୂର୍ଣ୍ଣ ବାର୍ତ୍ତା ଦେଇଛି, ଖୁବ୍‌ଶୀଘ୍ର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି ।

ଏ ସମ୍ପର୍କରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ସୋସିଆଲ୍ ମିଡିଆରେ ଖୋଲାଖୋଲି ଧମକ ଦିଆଯିବା ଏହା ହିଁ ସ୍ପଷ୍ଟ କରୁଛି । ଜଣେ ସାଂସଦଙ୍କ ପ୍ରତି ଯଦି ଏଭଳି ▶ପୃଷ୍ଠା-୭



**ଖୁବ୍‌ଶୀଘ୍ର ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ଧମକ**

# ଗଛରେ ପିଟି ହେଲା ବାଇକ୍ ଭାଇ-ଭଉଣୀ ମୃତ

■ ବାଲିଗୁଡ଼ା, ୨୦।୧ (ସମିସ): କାଳ ହେଲା ଦ୍ରୁତ ଗତି । ଗଛରେ ବାଇକ୍ ପିଟି ହୋଇ ଭାଇ-ଭଉଣୀଙ୍କ ଜୀବନ ଯାଇଛି । ଏପରି ଏକ ଦୁଃଖଦ ଘଟଣା କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ କାଣିବିଡ଼ିକା ନିକଟରେ ଘଟିଛି । ମୃତକ ହେଲେ, ଆଶୁତୋଷ ପ୍ରଧାନ ଓ ତାଙ୍କ ଭଉଣୀ ସୁଷମା କହଁର । ସୂଚନାନୁସାରେ, ଆଶୁତୋଷ ଓ ସୁଷମା ଏକ ବାଇକ୍‌ରେ ଫୁଲବାଣୀରୁ ମଣ୍ଡାସୁରକୁ ଏକ ବାଇକ୍‌ରେ ଯାଉଥିବା ବେଳେ କାଣିବିଡ଼ିବା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲା । ଏଥିରେ ଆଶୁତୋଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ଲୋକେ ସୁଷମାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଷମାଙ୍କର ମୃତ୍ୟୁ ଘଟିଥିଲା । ଆଶୁତୋଷଙ୍କ ଘର କାମ୍ବାଗୁଡ଼ାରେ ବୋଲି ସୂଚନା ମିଳିଛି । ସାରଙ୍ଗଗଡ଼ ଥାନା ଅଧିକାରୀ ସ୍ମିତା ଜେନା, ଦେବାଶିଷ ମହାପାତ୍ର, ଚତୁର୍ଭୁଜ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।



# ନଗ୍ନ ଭିଡିଓ ଦେଖାଇ ବୃଦ୍ଧଙ୍କଠାରୁ ୮୮ ଲକ୍ଷ ଲୁଟ୍

■ କଟକ, ୨୦।୧ (ସମିସ): ପୁଣି କଟକ ସହରରେ ସେକ୍ସଟର୍ସନ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ତଥା ୭୨ବର୍ଷୀୟ ବୃଦ୍ଧଙ୍କ ବ୍ୟାଙ୍କ୍ ଜମା ଖାତାରୁ ସାଇବର ଲୁଟେରାମାନେ ୮୮ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ବୃଦ୍ଧଙ୍କୁ ନଗ୍ନ ଭିଡ଼ିଓ ଦେଖାଇ ଏଭଳି ଲୁଟ୍ କରାଯାଇଛି । ଏହି ଘଟଣାରେ ସାଇବର ଥାନା ପୁଲିସ ୫ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ମନୋଜ କୁମାର ଜେନା(୨୮), ପ୍ରଫୁଲ୍ଲ କୁମାର ବିଶ୍ୱାଳ(୬୫), ସଂଗ୍ରାମ ଜେନା(୨୨), ବାସୁଦେବ ରାଉତ(୨୫) ଏବଂ ମନୋରଞ୍ଜନ ରାଉତ(୬୦) । ଅଭିଯୁକ୍ତମାନେ ସମସ୍ତେ ଓଡ଼ିଆ ହୋଇଥିବା ବେଳେ ଏଥିରେ ଆନ୍ତଃରାଜ୍ୟ ସାଇବର ଲୁଟେରା ନଥିବା ସ୍ପଷ୍ଟ ହୋଇଛି । ଏମାନଙ୍କ ନିକଟରୁ ନଗଦ ୧୪ଲକ୍ଷ ୪୭୦ଟଙ୍କା, ୧୭ଟି ରୁପା ମୁଦ୍ରା, ୨ଟି ସୁନା ▶ପୃଷ୍ଠା-୭



**୧୪ଲକ୍ଷ ଟଙ୍କା, ୧୭ଟି ରୁପା ମୁଦ୍ରା, ୨ଟି ସୁନା କାନଫୁଲ, ମଙ୍ଗଳସୂତ୍ର, ସୁନା ଚେନ୍ ଓ ବ୍ରେସଲେଟ୍ ଜବତ**






# ମଣ୍ଡିରୁ ଉଠୁନି ଧାନ: ମିଲ୍ ଆଗରେ ବେପାରୀଙ୍କ ଟ୍ରାକ୍ଟର୍ ଧାଡ଼ି

■ ବଲାଙ୍ଗିର, ୨୦।୧(ସମିସ): ମଣ୍ଡିରୁ ଧାନ ଉଠୁନି । କିନ୍ତୁ, ମିଲ୍ ଆଗରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି । ବଲାଙ୍ଗିର ଜିଲ୍ଲାରେ କିଛି ମିଲ୍ ଆଗରେ ଏପରି ଦୃଶ୍ୟ ଏବେ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପକାଇ ମଣ୍ଡି ଆଗରେ ଚାଷୀ ଦିନରାତି ଅଧିଆ ପଡ଼ିଥିବା ବେଳେ ମିଲ୍‌କୁ କାହା ଧାନ ଯାଉଛି, ତାହା ଚାଷୀର ବୁଝିବା ବାହାରେ । ଧାନକିଣା ବିଳମ୍ବର ଫାଇଦା ନେଇ ଧାନ ବେପାରୀ, ମିଲର୍ ଓ ପାକ୍ସ ସଂପାଦକ ମିଳିମିଶି ଏବେ ନୂଆ ଗୋଲକଧନ୍ଦା ଆରମ୍ଭ କରିଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳ ଚାଷୀଙ୍କଠାରୁ ବେପାରୀ ଶାଗମାଛ ଦରରେ ଧାନ କିଣି ତାହାକୁ ମିଲ୍‌ରେ ସରକାରୀ ଦରରେ ବିକୁଥିବା ବେଳେ ପାକ୍ସ କର୍ତ୍ତୃପକ୍ଷ ଓ ମିଲର୍ ସେଥିରୁ ମୋଟା ଅଙ୍କର କମିସନ୍ ଖାଇବାକୁ ଉଦ୍ୟମ ଚଳାଇଛନ୍ତି । ଏପରି ସ୍ଥିତିରେ ପ୍ରକୃତ ଚାଷୀ ଜଳକା ଭଳି ଚାହିଁ ରହିଛି ।

ଚଳିତବର୍ଷ ଜିଲ୍ଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା । ଅନ୍ୟ ବର୍ଷମାନଙ୍କରେ ଜାନୁଆରୀ ଶେଷ ସୁଦ୍ଧା ପ୍ରାୟ ୭୫ ପ୍ରତିଶତ ଧାନକିଣା ସରିଯାଇଥାଏ । କିନ୍ତୁ ଚଳିତବର୍ଷ ଏହା ମନ୍ଥର ଗତିରେ ଚାଲିଛି । ଚାଷୀଙ୍କ ପାଖରେ ଧାନ ପଡ଼ିରହିଥିବା ବେଳେ ଠିକ୍ ଭାବେ କିଣାଯାଉନାହିଁ । ମଣ୍ଡିରେ ଧାନ ଗଦା ହୋଇ ରହୁଥିବା ବେଳେ ମିଲର୍ ଗାଡ଼ି ପଠାଉନାହିଁ । ସେହିପରି ଧାନ ବିକିବାକୁ ଅପେକ୍ଷା କରିକରି କିଛି ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଇଥିବାରୁ ଭୟରେ ଅନ୍ୟ ଚାଷୀମାନେ ଧାନ ବେପାରୀଙ୍କୁ ଶାଗମାଛ ଦରରେ ଧାନ ଟେକିଦେଉଥିବା ଦେଖିବାକୁ ମିଳୁଛି । କିନ୍ତୁ ଏପରି ସ୍ଥିତିରେ ମିଲ୍ ସାମ୍ନାରେ କିନ୍ତୁ ଠିକ୍ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି । ମିଲ୍ ଆଗରେ ଧାନଭର୍ତ୍ତି ଟ୍ରାକ୍ଟର୍‌ର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି ।

ବଲାଙ୍ଗିର ସହରରୁ ଲୋଇସିଂହା ରାସ୍ତାର ଛୁଇବନ୍ଧ ଛକଠାରେ ଥିବା ଏକ ରାଇସ୍ ମିଲ୍ ବିଭିନ୍ନ ମଣ୍ଡିରୁ ପ୍ରାୟ ୪୦ ହଜାର କ୍ୱିଣ୍ଟାଲ ଧାନ ଉଠାଇ ସାରିଥିବା କାଗଜପତ୍ରରେ ▶ପୃଷ୍ଠା-୭

**ପାକ୍ସ ସମ୍ପାଦକ ଓ ମିଲରଙ୍କ ଭିତିରି କାରବାର**



# ଜିଲ୍ଲାରେ ଇନ୍ସପେକ୍ଟରସ୍ତରରେ ଅଦଳବଦଳ

କୋରାପୁଟ, ୨୦।୧(ସମିସ)

ଜିଲ୍ଲା ପୁଲିସ ପକ୍ଷରୁ ଇନ୍ସପେକ୍ଟର ସ୍ତରରେ ବଡ଼ ଧରଣର ବଦଳି ତାଲିକା ପ୍ରକାଶ ପାଇଛି। ବିଭିନ୍ନ ଥାନାରେ ଖାଲି ଥିବା ପଦବୀ ପୂରଣ ଏବଂ ଜନସାଧାରଣଙ୍କ ଆବଶ୍ୟକତା ମୁତାବକ ଏସ୍‌ପି ରୋହିତ ବର୍ମା ୧୭ ଜଣ ଇନ୍ସପେକ୍ଟରଙ୍କ ବଦଳି କରିଥିବା ଜଣାପଡ଼ିଛି। ଏସପିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ରମାନନ୍ଦ ସାହୁଙ୍କୁ ବୋରିଗୁମ୍ମା ଥାନା ଅଧିକାରୀ ଭାବେ ବଦଳି କରା ଯାଇଥିବା ବେଳେ ପ୍ରସୂତୀକାଳୀନ ଛୁଟିରେ ଥିବା ବୋରିଗୁମ୍ମା ଥାନା ଅଧିକାରୀ ଶ୍ୱେତପଦ୍ମା ସେଠଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ନିଆଯାଇଛି। ସେହିପରି ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ଟୁନା ପିଡ଼ିକାଙ୍କୁ ପାଡୁଆ ଥାନା ଅତିରିକ୍ତ ଥାନା ଅଧିକାରୀ, କୁଳମଣି ବୁରୁଦାଙ୍କୁ ମାଛକୁଣ୍ଡ ଥାନା ଅଧିକାରୀ ଭାବେ ବଦଳି ହୋଇଛି। ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୋଇଙ୍କୁ କୋଟିଆ ଥାନା ଅଧିକାରୀ, କୋରାପୁଟ ସଦର ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଫକୀର ମୋହନ ଖରାଙ୍କୁ କୋଟପାଡ଼ ଥାନା ଅଧିକାରୀ, ସୁନାବେଡ଼ା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଚରଣ ସିଂ ମାଝିଙ୍କୁ ଦଶମନ୍ତପୁର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଭିଜିଲାନ୍ସ ମାମଲାରେ ନିଲମ୍ବିତ ଇନ୍ସପେକ୍ଟର ଦଶମନ୍ତପୁର ଥାନାର ପୂର୍ବତନ ଅଧିକାରୀ ସୁକୁମା ହାଁସଦାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ରଖାଯାଇ ଥିବା ବେଳେ କୋଟିଆ ଥାନା ଅଧିକାରୀ ସିନ୍ଧୁ ଶାରକାଙ୍କୁ ବନ୍ଧୁଗାଁ ଥାନା ଅଧିକାରୀ, କୋଟପାଡ଼ ଥାନା ଅଧିକାରୀ ପରମାନନ୍ଦ ସୁନାନିଙ୍କୁ ଦାମନଯୋଡି ଥାନା ଓ ଜୟପୁର ସଦର ଥାନା ଅଧିକାରୀ ସୁଲୋଚନା ପ୍ରଧାନଙ୍କୁ କାକିରୀଗୁମ୍ମା ଥାନା ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ସେମିଳିଗୁଡା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ପୂର୍ଣ୍ଣିମା ତିର୍କିଙ୍କୁ ସେମିଳିଗୁଡା ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଦାମନଯୋଡି ଥାନା ଅଧିକାରୀ ପ୍ରମିଳା ବିଡ଼ିକାଙ୍କୁ ଡିଆଇବି କୋରାପୁଟ, ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ଏଚଆରପିସି କୋରାପୁଟ, ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡାଙ୍କୁ ନାରାୟଣପାଟଣା, ଜିଲ୍ଲା ସଦର ମହକୁମାରେ ଥିବା ଇନ୍ସପେକ୍ଟର ତ୍ରିନାଥ ତୋଟାପାଡ଼ିଆଙ୍କୁ ନନ୍ଦପୁର ଥାନା ଅଧିକାରୀ ଏବଂ ନାରାୟଣପାଟଣା ଥାନା ଅଧିକାରୀ ପ୍ରମୋଦ କୁମାର ନାୟକଙ୍କୁ କୋରାପୁଟ ସାଇବର ଥାନାକୁ ବଦଳି କରାଯାଇଛି।

# ବିଜୁ ଜନତା ଦଳର ମିଶ୍ରଣ ପର୍ବ

**କୋଷାଗୁମୁଡା, ୨୦।୧(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମାଝୀ ଧନୁଆ ପଞ୍ଚାୟତ ଅନ୍ତର୍ଗତ ସାରାଳ ଧନୁଆ ଗ୍ରାମ ଠାରେ ଆଜି କୋଷାଗୁମୁଡା ବ୍ଲକ ବିଜେଡି ସଭାପତି ଦଶମନ୍ତ ମାଳିଙ୍କ ସଭାପତିତ୍ୱରେ ବ୍ଲକର ୧୫ଟି ପଞ୍ଚାୟତର ର ବିଜେଡି କର୍ମୀଙ୍କୁ ନେଇ ମିଶ୍ରଣ ପର୍ବ ଅନୁଷ୍ଠିତ ହାଇଥିଲା। ଆଜିର ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନହର ରନ୍ଧାରୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, କୋଷାଗୁମୁଡା ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ ୩ ନମ୍ବର ଜନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ନାୟକ ରାଜ୍ୟସଭା ସାଂସଦ ପ୍ରତିନିଧି ବଦ୍ରି ନାରାୟଣ ସିଂ, ମୋତିଗାଁ ସମିତି ସଭ୍ୟ ତ୍ରିଲଚନ ଧାକଡ଼ ଜିଲ୍ଲା ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ପ୍ରଥମେ ଅତିଥି ମାନଙ୍କୁ ଗ୍ରାମ ବାହାରୁ ବ୍ୟାଣ୍ଡବାଜା ଧରି ଏକ ବିଶାଳ ପଦଯାତ୍ରା କରି ମଞ୍ଚ ପାଖକୁ ନେଇଥିଲେ। ପରେ ଉପସ୍ଥିତ ଅତିଥି ମାନେ ବର୍ତ୍ତମାନ ସରକାରଙ୍କ ବିରୁଦ୍ଧରେ ଗର୍ଜିଥିଲେ। ବର୍ତମାନର ମୋହନ ମାଝୀ ସରକାର ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ। ଦୁଇ ବର୍ଷରେ କୋକେ ହନ୍ତସନ୍ତ ହେଉଛନ୍ତି। ଧାନ ମଣ୍ଡିରୁ ଧାନ ଉଠୁ ଉଠୁନି। ଚାଷୀଙ୍କ ଦୁଃଖ ସରକାର ଶୁଣିବାରେ ବିଫଳ ହୋଇଛି। ଏ ସରକାର ମିଥ୍ୟା ସରକାର ବୋଲି ମଞ୍ଚରେ ବିଜେଡି ନେତା ମାନେ ନିଜ ନିଜର ଅଭିଭାଷଣରେ ମତ ପ୍ରକାଶ କରିଥିଲେ।




ଆଜିର ମିଶ୍ରଣ ପର୍ବରେ ଶତାଧିକ ବିଜେପି ଏବଂ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ମିଶିଥିବା ଦେଖିବାକୁ ମିଳିଛି। ଆଜିର ମିଶ୍ରଣ ପର୍ବରେ ମୋତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକଡ଼ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା।

## ୩ ବନ ଜଗୁଆଳିଙ୍କ ବାଇକ୍‌କୁ ଜାଳିଦେଲେ ଦୁର୍ବୃତ୍ତ



**ପାପଡ଼ାହାଣ୍ଡି ୨୦।୧ (ସମିସ):** ବନ ବିଭାଗରେ କାର୍ଯ୍ୟରତ ତିନି ଜଙ୍ଗଲ ଜଗୁଆଳିଙ୍କ ବାଇକ୍‌କୁ ନିଆଁ ଲଗାଇ ଜାଳିଦେଲେ ଦୁର୍ବୃତ୍ତ। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଡାବୁଗାଁ ରେଞ୍ଜ ମୈଦଲପୁର ବନାଞ୍ଚଳ ଜଙ୍ଗଲରେ ଘଟିଛି ଏଭଳି ଘଟଣା। ମୈଦଲପୁର ବନାଞ୍ଚଳ ଅଧୀନ ଜଙ୍ଗଲରେ କାର୍ଯ୍ୟରତ ତିନି ଜଗୁଆଳି ବାଇକ୍ ରଖି ଜଙ୍ଗଲ ଭିତରକୁ କାର୍ଯ୍ୟ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଅଜଣା ଦୁର୍ବୃତ୍ତ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଫଳରେ ୩ଟି ବାଇକ ମଧ୍ୟରୁ ଗୋଟିଏ ବାଇକ୍ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଦୁଇଟି ବାଇକ୍‌ରେ ନିଆଁ ଲାଗୁ ଥିବା ସମୟରେ ସେମାନେ ଆସି ନିଆଁକୁ ଆୟତ କରିଥିଲେ। ଖବର ପାଇ ମୈଦଲପୁର ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ ଅନ୍ୟପଟେ ବନ ବିଭାଗ ଅଧିକାରୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ

**ନନ୍ଦାହାଣ୍ଡି, ୨୦।୧ (ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ନନ୍ଦାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ରସିଆଗୁଡା ଗ୍ରାମରେ ସୋମବାର ପୁଲିସ ଚଢଉ କରିଥିଲା। ଗ୍ରାମ ନିକଟ ପାହାଡ଼ରେ ତେନ୍ତୁଲିଖୁଣ୍ଟି ପୁଲିସ ଟିମ୍ ସନ୍ଧ୍ୟା ସମୟରେ ଜୁଆ ଆଡ୍ଡାରେ ପୁଲିସ ଏହି ଚଢ଼ଉ କରିଥିଲା। ଚଢ଼ଉ ପୂର୍ବରୁ ଜୁଆଡି ମାନେ ଚମ୍ପଟ ମାରିଥିଲେ। ଖେଳ ସ୍ଥାନରୁ ୧୧ଟି ବାଇକ୍, ଚାରି ପ୍ୟାକେଟ ତାସ ଓ ନଗଦ ପାଞ୍ଚ ହଜାର ଦୁଇ ଶହ ଟଙ୍କା ଜବତ କରାଯାଇଛି। ବାଇକ୍ ଗୁଡ଼ିକୁ ଟ୍ରାକ୍ଟର ଯୋଗେ ତେନ୍ତୁଲିଖୁଣ୍ଟି ଥାନାକୁ ନିଆଯାଇଛି। ସମସ୍ତ ଅଭିଯୁକ୍ତ ଫେରାର ହେବା ଯୋଗୁଁ ପୁଲିସ ଶୂନ୍ୟ ହସ୍ତରେ ଫେରିଥିଲା। କିନ୍ତୁ ପରିବହନ ବିଭାଗରେ ଗାଡ଼ି ପଞ୍ଜିକରଣ ସଂଖ୍ୟା ଅନୁସାରେ ସମସ୍ତ ବାଇକ ମାଲିକଙ୍କ ତଥ୍ୟ ଜାଣିପାରିଛି। ସେହି ତଥ୍ୟ ଅନୁସାରେ ଗାଡ଼ି ମାଲିକମାନଙ୍କ ବିରୋଧରେ ମୋକଦ୍ଦମା ଦାୟର କରାଯାଇଛି। ଚଢ଼ଉ ସମୟରେ



ତେନ୍ତୁଲିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ, ସବ୍ ଇନ୍ସପେକ୍ଟର ମହେଶ୍ୱର କିସାନ, ଆଦିତ୍ୟ ନାରାୟଣ ମଲ୍ଲିକ ଏବଂ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ଆତ୍ମହତ୍ୟା ଉଦ୍ୟମ ବେଳେ ଆହତ ଛାତ୍ରୀଙ୍କ ମୃତ୍ୟୁ

**ଜୟପୁର, ୨୦।୧(ସମିସ):** ଗତ ଫେବୃଆରୀ ୧୫ ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିବା ନବମ ଶ୍ରେଣୀ ଛାତ୍ରୀଙ୍କ ଆଜି ସ୍ଥାନୀୟ ଘରୋଇ ହସପିଟାଲରେ ମୃତ୍ୟୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ମୃତ ଛାତ୍ରୀଙ୍କ ଦାଦା ଦିପକ ସରକାରଙ୍କ ଲିଖିତ ଅଭିଯୋଗ ହେଲା ତାଙ୍କ ଝିଆରି ରାଇଘର ଆଦର୍ଶ ହାଇସ୍କୁଲରେ ନବମ ଶ୍ରେଣୀରେ ଶିକ୍ଷା ଗ୍ରହଣ କରୁଥିଲେ। ଗତ କିଛି ଦିନ ହେଲ ସେ ମାନସିକ ଦୁଶ୍ଚିନ୍ତାରେ ଥିଲା। କାରଣ ତା ଦେହରେ କିଛି ଧଳା ଦାଗ ହୋଇଥିବା ଯୋଗୁଁ ତାର ସାଙ୍ଗସାଥୀ ମାନେ ତା ସହ ମିଶୁନଥିଲେ କି କଥାବାର୍ତ୍ତା ମଧ୍ୟ ହେଉନଥିଲେ। ଏହି କାରଣରୁ ସେ ଗତ ୧୫ ତାରିଖ ଦିନ ବିଷ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲା। ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ସେଠାରୁ ନବରଙ୍ଗପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ କୋରାପୁଟ ଏକ ଘରୋଇ ଡାକ୍ତରଖାନା ନିଆଯାଇଥିଲା। ଶେଷରେ ଜୟପୁର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଚାଲୁଥିବା ବେଳେ ଆଜି ମଧ୍ୟାହ୍ନ ୧୨ଟାରେ ତାଙ୍କର ମୃତ୍ୟୁ ଘଟିଛି। ସଦର ପୁଲିସ ଘଟଣା ସ୍ଥଳକୁ ଯାଇ ଶବ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପୌର ପରିଷଦର ସ୍ୱତନ୍ତ୍ର ବୈଠକ

**କୋରାପୁଟ, ୨୦।୧(ସମିସ):** କୋରାପୁଟ ପୌର ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ପରିମଳ ପରିଚାଳନା ପାଇଁ ଠିକା ସଂସ୍ଥା ନିଯୁକ୍ତିର ଟେଣ୍ଡର ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା। କୋରାପୁଟ ପୌର ପରିଷଦରେ ଡମ୍ପିୟାର୍ଡର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ବୈଠକରେ ବିସ୍ତୃତ ଭାବେ ଆଲୋଚନା



କରାଯାଇଥିଲା। ଯେ ପର୍ଯ୍ୟନ୍ତ ଡମ୍ପିୟାର୍ଡ ଏବଂ ଅଳିଆ ଆବର୍ଜନା ପ୍ରକ୍ରିୟାକରଣର ସମସ୍ୟା ସମାଧାନ ନ ହୋଇଛି, କାର୍ଯ୍ୟରତ ଠିକା ସଂସ୍ଥା ସେ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ସମସ୍ୟା ସମାଧାନ ହେଉ ହେଉ ଠିକା ସଂସ୍ଥା ନିଯୁକ୍ତି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ପୌର ଉପାଧକ୍ଷା ସବିତା ପଣ୍ଡା, କୋରାପୁଟ ସାଂସଦଙ୍କ ପ୍ରତିନିଧି ଜୟନ୍ତ କୋଟିନ, କୋରାପୁଟ ବିଧାୟକଙ୍କ ପ୍ରତିନିଧି ନରସିଂହ ପଟନାୟକ, ମୁନସିପାଲ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, ସେନ୍ସନ ଅଫିସର କେ ନାଗେଶ୍?ର ରାଓ ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ଘର ଘର ବୁଲି ସ୍ୱଚ୍ଛ ପରିବେଶ ବାର୍ତ୍ତା ବାଣ୍ଟିଲେ ବିଡିଓ, ଜନପ୍ରତିନିଧି

**ନାରାୟଣପାଟଣା, ୨୦।୧(ସମିସ):** ନାରାୟଣପାଟଣା ବିଡିଓ ବିକ୍ରମ କୁମାର ଦୋରା ଗାଁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଆଜି ସ୍ୱଚ୍ଛଭାରତ ଅଭିଯାନରେ ସଚେତନ ବାର୍ତା ବାଣ୍ଟିଛନ୍ତି। ଗାଁ ସାହି ନାଳ ନର୍ଦ୍ଦମା ସଫା କରିବା ସହ



ବାହାରେ କୌଣସି ଆବର୍ଜନା ନ ଫୋପାଡି ପରିମଳ ଗାଡ଼ିରେ ପକେଇବାକୁ ସଚେତନ କରିଛନ୍ତି ଘର ଘର ବୁଲି। ଏଥିସହ ପ୍ରତି ପରିବାର ବର୍ଗଙ୍କୁ ଆବର୍ଜାନା ଫୋପାଡିବା ପାଇଁ କୁଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ଗାଁ ପଲିଥିନି ଜରିମୁକ୍ତ କରିବାକୁ ଅଭିଯାନ ଆରମ୍ଭ କରିଛନ୍ତି। ଘର ଘର ବୁଲି ପଲିଥିନ ଜରି ବ୍ୟବହାର ନ କରି ବଜାରକୁ ଗଲାବେଳେ ସୁତା ନିର୍ମିତ ବ୍ୟାଗ ପ୍ରଦାନ କରି ତାର ବ୍ୟବହାର ବିଷୟରେ ସଚେତନ କରିଛନ୍ତି। ଘର ଚାରିପଟେ ସଫା କରି ଗାଁରେ ପରିମଳ ଗାଡ଼ିର ସୁଦୁପଯୋଗ କରିବାକୁ ସଚେତନ କରେଇଥିଲେ। ପାଲକୋଣ୍ଡା ସାହି, ମେନ୍ ରୋଡ଼, ବ୍ରାହ୍ମଣ ସାହି ସହ ଗଳିକନ୍ଦି ସଫାସୁତରା ରଖିବା ସହ ଗାଁକୁ ସୁନ୍ଦର ସବୁଜିମା ଆବର୍ଜନାରୁ ମୁକ୍ତ ଗାଁ ତିଆରି କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, କର୍ମଚାରୀ ସରପଞ୍ଚ ରେବତୀ କୁନ୍ଦାରିଆ, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ପିଇଓ ରମେଶ ତୁଳ, ଏଡିଓ ରାଜ କୁମାର ସାରଥୀ, ବିଜେଡି ସଭାପତି ପ୍ରହଲ୍ଲାଦ ଖୋସଲା, ବିଜେପି ସଭାପତି କାଶୀନାଥ ହିକକାଙ୍କ ସମେତ ଆବର୍ଜନା ଉଠାଉଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ପ୍ରମୁଖ ଏହି ସଚେତନ କାର୍ଯ୍ୟକ୍ରମରେ ଭାଗ ନେଇ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



**ନନ୍ଦପୁର, ୨୦।୧ (ସମିସ):** ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆଜି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡାଙ୍କ ଅଧକ୍ଷତାରେ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ହେଲମେଟ୍ ବ୍ୟବହାର, ଗତିସୀମା ମାନିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଓ ସଡ଼କ ନିୟମ ପାଳନ ଭଳି ବାର୍ତ୍ତା ସାଧାରଣ ଲୋକଙ୍କ ନିକଟକୁ ପହଞ୍ଚାଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ଶୋଭାଯାତ୍ରାରେ ଯୋଗଦେଇ ତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସ୍ନିଗ୍ଧା ରାଣୀ ରାଉତ, ଜାସମିନ୍ ଖରା, ସୀମା କାଡ଼ାମ, ଶିବାନୀ ରାଣୀ ଖରା, ବିନୋଦ ଓଝା, ଆରତୀ ଜେନା, ମଳୟ ରଞ୍ଜନ ଜେନା, ଅମିତ ମାଣ୍ଡିଆ, ରଶ୍ମିତା ମୁଣ୍ଡାଗଡ଼ିଆ, ମମତା ସାହୁ ଓ ସୁଭାସିସ ଦାନ ଭତରା ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି କରିବା ଏହାର ଲକ୍ଷ୍ୟ ବୋଲି ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଗରଡ଼ା ମନ୍ତବ୍ୟ ଦେଇଥିଲେ।

● ‘ସକାଳ’ ପ୍ରଭାବ

## ଅବ୍ୟବହୃତ ୩ କୋଠା ଦେଖିଲେ ଉପାଧକ୍ଷ



ନନ୍ଦପୁର, ୨୦।୧ (ସମିସ): ଦୁଇ ବର୍ଷରୁ ଅଧିକ ସମୟହେଲା ସରକାରୀ ଅର୍ଥରେ ସଂସ୍କୃତି ଭବନ, କୃଷି ସାଧନା କେନ୍ଦ୍ର ଓ ମିଶନ ଶକ୍ତି ଭବନ ପ୍ରଭୃତି ତିନୋଟି କୋଠା ନିର୍ମାଣ ଶେଷ ହୋଇଛି। ହେଲେ ବିଭାଗୀୟ କାର୍ଯ୍ୟରେ ଏହା ଲାଗୁନାହିଁ। ଏ ନେଇ ‘ସକାଳ’ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ନନ୍ଦପୁର ବ୍ଲକ ଉପାଧକ୍ଷ ଗୋପାଳ ହନ୍ତାଳ ମଙ୍ଗଳବାର ସନ୍ଧ୍ୟାରେ ଏହି କୋଠା ଗୁଡ଼ିକ ପରିଦର୍ଶନ କରିଛନ୍ତି। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

## ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜୟପୁର, ୨୦।୧ (ସମିସ):** ଜୟପୁର ଚନ୍ଦନବାଡ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଲିପିକା ପାତ୍ରଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇ ଜୀବନରେ ଶୃଙ୍ଖଳିତ ରହିବାକୁ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଆଲୁମିନି ସଭାପତି ତଥା ସୁନାବେଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ବିଦ୍ୟାଳୟର ଅତୀତର ଗୌରବମୟ ଇତିହାସକୁ ସ୍ମରଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ର ମାନଙ୍କୁ ପୁରୁସ୍କୃତ କରାଯାଇଥିଲା। ପ୍ରାରମ୍ଭରୁ ଶିକ୍ଷୟତ୍ରୀ ସୁପ୍ରଭା ମହାକୁଡ଼ ପରିଚୟ ପ୍ରଦାନ କରିଥିବାବେଳେ ସୁସ୍ମିତା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ଗୌରୀ ପଣ୍ଡା ଓ ଛବିରାଣୀ ସାହୁ ପ୍ରମୁଖ ପୁରସ୍କାର କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଶ୍ରୀୟା ପଣ୍ଡାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୁଜିତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚିସ୍ମିତା ଜେନା ଓ ସୀମା ଜୟଧର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

● ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ମନମୁଖୀ କାର୍ଯ୍ୟ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ବୈପାରୀଗୁଡ଼ା, ୨୦।୧(ସମିସ):** ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ମନମୁଖୀ କାର୍ଯ୍ୟ ଯୋଗୁଁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ। ଗତକାଲି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାପାଳଙ୍କ ମିଳିତ



ଜନଶୁଣାଣିରେ ବୈପାରୀଗୁଡା ଗ୍ରାମବାସୀ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କାମ କରୁଥିବା ଠିକା ସଂସ୍ଥାର ମନମୁଖୀ କାମ ଯୋଗୁଁ ବୈପାରୀଗୁଡା ସମେତ ବିଭିନ୍ନ ପଞ୍ଚାୟତରେ ଅସନ୍ତୋଷ ବଢ଼ିଛି। କାମ ହାତେଇଥିବା ଠିକା ସଂସ୍ଥା ଏଥିପାଇଁ ବ୍ଲକ ଅଧୀନ ୧୮ ଟି ପଞ୍ଚାୟତରେ ପାଇପ ବିଛାଇବା କାମ ଆରମ୍ଭ କରିଛି। ତେବେ ସଂସ୍ଥା ପକ୍ଷରୁ ଜେସିବି ଯୋଗେ ବିଭିନ୍ନ ଗ୍ରାମରେ ପାଇପ୍ ବିଛା ଯାଉଛି। ଏଥିପାଇଁ ସିମେଣ୍ଟ କଂକ୍ରିଟ ରାସ୍ତା ମଝିରେ ପାଇପ ବିଛାଯିବାକୁ ନେଇ ଅସନ୍ତୋଷ ବଢୁଛି। ଉକ୍ତ ସଂସ୍ଥା ଦ୍ୱାରା ରାସ୍ତା ଖୋଳାଯାଇ ପାଇପ ବିଛା ସରିବା ପରେ ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ମାଟି ରାସ୍ତାକୁ ଠିକ ଢଙ୍ଗରେ ବନ୍ଦ କରିଦେଉଥିଲେ ମଧ୍ୟ କଂକ୍ରିଟ ରାସ୍ତାକୁ ନଷ୍ଟ କରାଯାଉଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା।

## ଭାରତୀୟ ଭାଷା ପାରିଭାଷିକ ଶବ୍ଦାବଳୀ ଉପରେ କର୍ମଶାଳା

**କୋରାପୁଟ, ୨୦।୧(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ଭାରତ ସରକାରର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ଭାଷା ସମିତି, ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଭାରତୀୟ ଭାଷାମାନଙ୍କ ପାଇଁ ସମାନ ବୈଜ୍ଞାନିକ ଓ ପ୍ରାଯୁକ୍ତିକ



ଶବ୍ଦାବଳୀ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ସନ୍ଦର୍ଭରେ ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ସତ୍ୟନାରାୟଣ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ଦାମନଜୋଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ମହାପ୍ରବନ୍ଧକ ଏସ୍. ବସୁ, ଏଚଏଏଲ ର ମହାପ୍ରବନ୍ଧକ ଏ. ଚକ୍ରଧର, ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ହରିରାମ ପନ୍ନାରି, ସୁରେନ୍ଦ୍ର ସାମଲ, ପ୍ରଦୀପ କୁମାର ସାହୁ ଏବଂ ସୁନାବେଡା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡା. ଉଷାରାଣୀ ଦାସ ମଞ୍ଚାସୀନ ଥିଲେ। ହିନ୍ଦୀ ବିଭାଗମୁଖ୍ୟ ଡା. ଚକ୍ରଧର ପାଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡା. ମନୋଜ କୁମାର ସିଂହ ପରିଚାଳନା କରିଥିବା ବେଳେ ସମନ୍ୱୟକ ଡା. ଶ୍ରୀକାନ୍ତ ଆରାଲେ ଧନ୍ୟବାଦ ଦେଇଥିଲେ।

## ଭାସ୍କର୍ଯ୍ୟ କଳା ବିଭାଗର ଆଲୋଚନାଚକ୍ର



**ଜୟପୁର, ୨୦।୧ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଶ୍ରୀବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟର ସିମାଦ୍ରୀ ମହରଣା କଳା ଭବନ ଠାରେ ଠାରେ ତିନି ଦିନିଆ ଭାସ୍କର୍ଯ୍ୟ କଳା ବିଭାଗ ଆଲୋଚନାଚକ୍ର ତଥା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ଅଧକ୍ଷତାରେ ଉକ୍ତ କର୍ମଶାଳାରେ ଆଲୋଚକ ଭାବେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ ଦାସ ଯୋଗ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଶ୍ରୀ ବିକ୍ରମ ଚାରୁ ଓ କାରୁକଳା ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ଷଡଙ୍ଗୀ ଯୋଗ ଦେଇଥିଲେ। ଏହି କର୍ମଶାଳା ୩ଦିନ ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆୟୋଜିତ ହେବ।

# ମୌଳିକ ସୁବିଧାରୁ ବଞ୍ଚିତ ଫୁଲଭଟା ବାସିନ୍ଦା

କୁନ୍ଦୁରା, ୨୦।୧(ସମିସ)

ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାଧାନ୍ୟ ଦେଉଛନ୍ତି ସରକାର।ଏ ଥିପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। କିନ୍ତୁ ଆଜି ବି ଉପାନ୍ତରେ ଯମ ଯନ୍ତ୍ରଣା ଭୋଗୁଛନ୍ତି ଅଞ୍ଚଳବାସୀ। କେବଳ ଗୋଟିଏ ଗାଁର ଦୁଃଖ ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚତ ଅଛନ୍ତି ପଞ୍ଚାୟତବାସୀ। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଫୁଲଭଟା ପଞ୍ଚାୟତରେ ଏଭଳି ଦେଖିବାକୁ ମିଳିଛି। ନାହିଁ ନାହିଁରେ ଚାଲିଛି ଫୁଲଭଟା ପଞ୍ଚାୟତ। ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଫୁଲଭଟା ପଞ୍ଚାୟତବାସୀ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଶିକ୍ଷା କହିଲେ, କେବଳ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ। ଅଷ୍ଟମ ଶ୍ରେଣୀ ପାସ୍ ହେବା ପରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ୬/୭ କିଲୋମିଟର ଦୂର ଆସନା କିମ୍ବା କେରମେଟି ଯିବାକୁ ପଡ଼େ। ଏହି ପଞ୍ଚାୟତରେ ନାହିଁ ହାଇସ୍କୁଲ।



ଫଳରେ ଅଧିକାଂଶ ପିଲା ଅଧାରେ ପାଠପଢ଼ା ଛାଡ଼ିଛନ୍ତି। ଏହି ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ ନାହିଁ। ଫଳରେ ରୋଗୀଙ୍କୁ ପ୍ରାୟ ୧୫ କିଲୋ ମିଟର ଘାଟି ରାସ୍ତା ପାର କରି କୁନ୍ଦୁରା ମେଡିକାଲକୁ ନେବାକୁ ପଡେ। ଆଉ ଜରୁରୀ କାଳୀନ ପରିସ୍ଥିତିରେ ଖରାପ ରାସ୍ତା ଯୋଗୁଁ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ନେବାକୁ ଆମ୍ବୁଲାନ୍ସ ଆସି ପାରେ ନାହିଁ। ବାଧ ହୋଇ ରୋଗୀ ଭାରରେ ବୁହା ହୁଅନ୍ତି। ରାସ୍ତା କଥା ନ କହିବା ଭଲ। ବ୍ଲକ ସଦର ମହକୁମା ସହ ଫୁଲଭଟା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଅତି ଶୋଚନୀୟ। ପିଚୁ ରାସ୍ତା ଏବେ ପାଲଟିଛି ମାଟି ରାସ୍ତା। ଏହି ରାସ୍ତା ଦେଇ ଗାଡି କଥା ଛାଡ଼, ପାଦରେ ଚାଲିଚାଲି ଯିବା ମୁସ୍କିଲ। ଏଥିଲାଗି ପ୍ରତିଦିନ ଆଖପାଖ ୧୨ ଖଣ୍ଡ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏହି ଅଞ୍ଚଳର ଶିକ୍ଷା ସ୍ୱାସ୍ଥ୍ୟ ଓ ଗମନାଗମନ ସମସ୍ୟାକୁ ନେଇ ଗ୍ରାମବାସୀ ଦୁର୍ଯ୍ୟ ସାନ୍ତା, ଆଶା କର୍ମୀ ସବିତା ଝିନାକା, ଅଙ୍ଗନବାଡ଼ି କର୍ମୀ ଦୟନା ଖରା, ସ୍ଥାନୀୟ ପ୍ରଧାନ ଶିକ୍ଷକ ମୋନଜ ବିଶୋଇ ଏବଂ ସ୍ଥାନୀୟ ସରପଞ୍ଚ ଦୟମତି ମହନ୍ତ ବହୁବାର ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି।କିନ୍ତୁ ଫଳ ଶୂନ। ଏ ବିଷୟରେ ସ୍ଥାନୀୟ କୁନ୍ଦୁରା ବିଡିଓ ପି. ମାନସ୍ମିତାଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଅନ୍ୟପଟେ କୋଟପାଡ଼ ବିଧାୟକ ରୁପୁ ଭତ୍ରା କହିଛନ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦିଆଯାଇଛି ଏବଂ ରାସ୍ତା ସମସ୍ୟା ସମାଧାନ ପାଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଡିଜିଟାଲ ଯୁଗରେ ଆଜି ବି ଏଭଳି ସମସ୍ୟା ଚିନ୍ତାଜନକ। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଫୁଲଭଟା ପଞ୍ଚାୟତବାସୀଙ୍କ ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।



ବେଆଇନ୍ ଧଳା ପାଉଁଶର ଷ୍ଟକ୍ୟାର୍ଡ

# ଜାତୀୟ ରାଜପଥ ପାଲଟିଛି ବିଷାକ୍ତମୟ

ଯକ୍ଷପୁରା,୨୦।୧(ସମିସ)



୫୩ ନଂ ଜାତୀୟ ରାଜପଥ ଚଣ୍ଡିଖୋଲରୁ ଦୁବୁରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୧୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶେଷ ହୋଇପାରୁନାହିଁ। ପ୍ରତିଦିନ ଏହି ରାସ୍ତାରେ କେଉଁଠି ନା କେଉଁଠି ଦୁର୍ଘଟଣା ହେଉଥିବାର ଦେଖିବାକୁ ମିଳୁଛି। ଦୁବୁରୀରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ସଡ଼କ ସଦାସର୍ବଦା ଯାନବାହନ ଚଳାଚଳ ପାଇଁ ବ୍ୟସ୍ତବହୁଳ ଥାଏ। ଏବେ ଜାତୀୟ ରାଜପଥ କାର୍ଯ୍ୟ ଚାଲୁଥିବାରୁ ଯାତାୟତ ପାଇଁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏବେ ରାସ୍ତାରେ ବ୍ୟବହାର ହେଉଥିବା କାରଖାନାମାନଙ୍କର ବର୍ଜ୍ୟ ପାଉଁଶ ସବୁ ଠୁଳ ହେଉଥିବାରୁ ସାଧାରଣ ଲୋକ ପ୍ରଭାବିତ ହେଉଛନ୍ତି। ରାସ୍ତା ମାନଙ୍କରେ ଗଦା ଗଦା ହୋଇ ବିଷାକ୍ତ ଧଳା ପାଉଁଶ ପଡୁଥିବାରୁ ଦୁଇଚାକିଆ ଯାନ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ବ୍ୟବାହର ହେଉଥିବା ଧଳା ପାଉଁଶକୁ ପକାଇ କାର୍ଯ୍ୟ କରୁଥିଲେ ମଧ୍ୟ ପାଣି ସିଞ୍ଚନର ବ୍ୟବସ୍ଥା ଠିକାଦାର କରୁନଥିବାରୁ ଆଖପାଖ ଅଞ୍ଚଳରେ ବିଷାକ୍ତ ପାଉଁଶ ଖେଳିଯାଉଛି। ପଙ୍କପାଳ ବଙ୍ଗଳା ଛକରେ ନିର୍ମାଣ ଚାଲିଥିବା ଓଭରବ୍ରିଜ କାର୍ଯ୍ୟ ପାଇଁ ଆବଶ୍ୟକୀୟ ପାଉଁଶ ଗଚ୍ଛିତ ରଖାଯାଉଥିବା ବେଳେ ପର ଦିନ ତାହାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି। ଯାହାଫଳରେ ପ୍ରତିଦିନ ଶହ ଶହ ଗାଡ଼ି ଲୋଡିଂ ଓ ଅନଲୋଡିଂ କରିବା ଯୋଗୁଁ ଆଖପାଖ ଅଞ୍ଚଳ ଏକ ପ୍ରକାରର ଧଳା ଆଛାଦରେ ଢାଙ୍କି ହୋଇଯାଉଛି। ବଙ୍ଗଳା ଛକ କଳିଙ୍ଗନଗରର ପ୍ରବେଶ ପଥ ହୋଇଥିବାରୁ ଛକଟି ସବୁବେଳେ ବ୍ୟସ୍ତବହୁଳ ହୋଇଥାଏ। ତଥାପି ଏହାକୁ ଅଣଦେଖା କରି ଠିକାଦାର ଏଠାରେ ଚାଲୁଥିବା ଓଭରବ୍ରିଜକୁ ଧଳା ପାଉଁଶର ଷ୍ଟକ୍ୟାର୍ଡ କରି ମନଇଚ୍ଛା ବ୍ୟବହାର କରୁଛି। ସାଧାରଣ ଲୋକ ବିପଦପୂର୍ଣ୍ଣ ରାସ୍ତା ସହ ବିଷାକ୍ତ ଧଳା ପାଉଁଶରେ ସର୍ବଦା ଦୁର୍ଘଟଣା ଘଟୁଥିବା ବେଳେ ଏବେ ପାଉଁଶ ଷ୍ଟକ୍ୟାର୍ଡ କରୁଥିବାରୁ ବିପଦ ବଢିବାର ଆଶଙ୍କା ଦ୍ୱିଗୁଣିତ ହୋଇଯାଇଛି। ଓଭର ବ୍ରିଜରେ ଆବଶ୍ୟକ ଥିବା ପାଉଁଶକୁ ଛାଡ଼ି ଅଧିକ ପାଉଁଶ ଗଚ୍ଛିତ କରାନଯିବା ପାଇଁ ସାଧାରଣରେ ଦାବି ହୋଇଛି। ଯଦି ଏହା ଆଗକୁ ଜାରି ରହେ ତେବେ ଗଚ୍ଛିତ ଥିବା ପାଉଁଶକୁ ଉଠାଇ ଦିଆଯିବନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## କର୍ଯ୍ୟାଁଗୋଲା ଛକରେ ନିଶା କାରବାର ବୃଦ୍ଧି

କର୍ଯ୍ୟାଁଗୋଲା,୨୦।୧(ସମିସ): ଦଶରଥପୁର ବ୍ଲକ କର୍ଯ୍ୟାଁ ପଞ୍ଚାୟତ କର୍ଯ୍ୟାଁଗୋଲା ଛକ ନିକଟରେ ଚୋରା ମଦ ଓ ଗଞ୍ଜେଇର କାରବାର ବଢ଼ିବାରେ ଲାଗିଛି। ଏଠାରେ ସ୍ଥାନୀୟ ଜନସାଧାରଣ ଅସୁରକ୍ଷିତ ଭାବରେ ଜୀବନଯାପନ କରିଆସୁଛନ୍ତି। ସ୍ଥାନୀୟ ସୂଚନା ଅନୁଯାୟ କର୍ଯ୍ୟାଁଗୋଲା ଛକ ନିକଟରେ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଆସିବା ରାସ୍ତାରେ କର୍ଯ୍ୟାଁଗୋଲା ପୋଲ ଉପରେ ପ୍ରତିଦିନ ମଦୁଆ ମାନଙ୍କର ଅସାମାଜିକ ବ୍ୟବହାର ବଢ଼ିବାରେ ଲାଗିଛି। ସାଧାରଣତଃ ମହିଳା ଓ ଛାତ୍ରଛାତ୍ରୀ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଜନସାଧାରଣ ପକ୍ଷରୁ ଏଥିନେଇ ବାରମ୍ବାର ଯାଜପୁର ଅବକାରୀ ବିଭାଗ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଅବକାରୀ ବିଭାଗର ଅଧିକାରୀ ମାନେ ଚୋରା ମଦ ଓ ଗଞ୍ଜେଇ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କର୍ଯ୍ୟାଁ, ଗୁଣ୍ଡୁଲିପଡ଼ା, ଇଛାପୁର, ଧରମପୁର, ଗହୀରାପାଳ, ମାଧପୁର, ଦରଭା, ମଲ୍ଲିପୁର, ଗରକଣ୍ଡ, ଦୁବକଣ ଓ ଅନ୍ୟାନ୍ୟ ଗ୍ରାମର ଛାତ୍ର ଛାତ୍ରୀ ମାନେ ଏହି ରାସ୍ତା ମଧ୍ୟ ଦେଇ କଲେଜ ଓ ବିଦ୍ୟାଳୟକୁ ଯିବା ଆସିବା କରିବାକୁ ଭୟଭିତ କରୁଛନ୍ତି। କର୍ଯ୍ୟାଁଗୋଲା ଅଞ୍ଚଳକୁ ପ୍ରତିଦିନ ମଙ୍ଗଳପୁର ପୁଲିସ ପାଟ୍ରୋଲିଂ କରିବାରେ ଅବହେଳା କରିଆସୁଥିବାରୁ ଦୁର୍ବୃତ୍ତ ମାନଙ୍କର କାର୍ଯ୍ୟକଳାପ ଦ୍ରୁତଗତିରେ ନିର୍ଭୟରେ ବଢ଼ିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳରୁ ଅଞ୍ଚଳବାସୀ ମାନେ କର୍ଯ୍ୟାଁଗୋଲା ଅଞ୍ଚଳର ଚୋରା ମଦ ଓ ଗଂଜେଇ କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ଗାଈ ମୃତ

କବାଟବନ୍ଧ,୨୦।୧(ସମିସ): ଟାଟାପାୱାରର ଖାମଖିଆଲ ମନୋଭାବ ପାଇଁ ଅନେକ ସ୍ଥାନରେ ଇଲେକ୍ଟ୍ରି କରେଣ୍ଟ ଲାଗି ଧନଜୀବନ ହାନି ହେଉଥିବା ବେଳେ ସୋମବାର ଏକ ଗୃହପାଳିତ ପଶୁର ମୃତ ହୋଇଥିବା ଜଣାପଡିଛି। ବିଦ୍ୟୁତ ବିଭାଗ ଦ୍ୱାରା ଲଗା ଯାଇଥିବା ଏକ ଟ୍ରାନ୍ସଫର୍ମରର ଚାରିପଟେ ସୁରକ୍ଷା ବାଡ଼ ନ ଥିବାରୁ ଏହି ଅଘଟଣ ଘଟିଛି। ଏନେଇ ମୃତ ଗୃହପାଳିତ ପଶୁର ମାଲିକ ତଥା ଗୋପାଳକ ବିଦ୍ୟୁତ ବିଭାଗକୁ ଦାୟୀ କରିଛନ୍ତି। ଏମିତି ଅଭିଯୋଗ ଆସିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ



ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମରୁ। ଗ୍ରାମର ମାନସ ସାହୁ ନାମକ ଜଣେ ବ୍ୟକ୍ତି ଏକ ଗାଇପାଳନ କରିଥିଲେ। ଗ୍ରାମରେ ମାନସଙ୍କ ଘର ପାଖରେ ରାସ୍ତା କଡ଼ରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଯାଇଛି। ଉକ୍ତ ଟ୍ରାନ୍ସଫର୍ମରକୁ ସେହି ସ୍ଥାନରେ ଥିବା ଏକ ଘରୋଇ କମ୍ପାନୀର ମୋବାଇଲ ଟାୱାରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ମାତ୍ର ମୋବାଇଲ ଟାୱାର କମ୍ପାନୀ କିମ୍ବା ଟାଟା ପାୱାର ଟ୍ରାନ୍ସଫର୍ମର ଚାରିପଟେ ଧନଜୀବନ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ନାମକୁ ମାତ୍ର ତାର ବାଡ଼ ଲଗାଇଛନ୍ତି। କୌଣସି ଫାଟକ ନଥିବାରୁ ଗାଈଟି ଖାଦ୍ୟ ଅନ୍ୱେଷଣରେ ବୁଲାବୁଲି କରୁଥିବା ସମୟରେ ଟ୍ରାନ୍ସଫର୍ମର ନିକଟକୁ ଚାଲି ଯାଇଥିଲେ। ଫଳରେ କରେଣ୍ଟ ଲାଗି ସେଠାରେ ମୃତ୍ୟୁବରଣ କରିଥିଲେ। ଗାଈର ମାଲିକ ଏ ନେଇ ବିଦ୍ୟୁତ ବିଭାଗ ଅଧିକାରୀ ଏବଂ ମୋବାଇଲ ଟାୱାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ପାଇ ନ ଥିଲେ। ଯାହାକୁ ନେଇ ମୃତ ଗାଈର ମାଲିକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଅନ୍ୟାନ୍ୟ ଗୃହ ପାଳିତ ପଶୁ କିମ୍ବା ଜନସାଧାରଣଙ୍କ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକଟ କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଲଗାଇଲେ ଧନଜୀବନ ସୁରକ୍ଷିତ ରହିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## କବିତା ପାଠ ଉତ୍ସବ ଓ ସାରସ୍ୱତ ସମାରୋହ



ସିଂହପୁର,୨୦।୧(ସମିସ): ସିଂହପୁର ନିକଟ ଦେସାହି ଗ୍ରାମର ସମାଜସେବୀ ସନ୍ତୋଷ କୁମାର ବେହୁରିଆଙ୍କ ଜନ୍ମ ଦିବସରେ ବୃକ୍ଷରୋପଣ, କବିତା ପାଠ ଉତ୍ସବ, ସମ୍ବର୍ଦ୍ଧନା ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି। ଦଧିବାମନଜୀଉ ବିଦ୍ୟାପୀଠରେ ବୃକ୍ଷରୋପଣ କରଯାଇଥିଲା। କବି ପ୍ରଭାତ କୁମାର ମଲ୍ଲିକଙ୍କ ସଂଯୋଜନାରେ ବରିଷ୍ଠ କବି ରମାକାନ୍ତ ନାୟକ, ଅମ୍ବିକା ପ୍ରସାଦ ସାମଲ, ଭାରତ ଭୂଷଣ ମଲ୍ଲିକ, ଖଗେଶ୍ୱର ସାହୁଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି କବିତା ଆବୃତ୍ତି କରିଥିଲେ। ମଧ୍ୟାହ୍ନରେ ଶିକ୍ଷାବିତ୍ ଗଦାଧର ପଡ଼ିହାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦାମୋଦର ବେହେରା, ମୁଖ୍ୟବକ୍ତା ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଡ. ଗିରିଶ ବିହାରି ମିଶ୍ର, ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ସରପଞ୍ଚ ମୋନାଲିସା ଦାସ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ଆଚାର୍ଯ୍ୟ, ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ସୁଶାନ୍ତ କୁମାର ନାୟକ, ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ସ୍ୱାଇଁ, ସର୍ବୋଦୟ ମଣ୍ଡଳ ଓଡିଶାର ସଂପାଦକ ରମାକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।

## ଜଙ୍ଗଲ ନିଆଁ ସଚେତନତା ଓ ପ୍ରଶିକ୍ଷଣ ଶିବିର



ଦାନଗଦି,୨୦।୧(ସମିସ): ଇମ୍ଫା ମାଇନ୍ସ ସୁକିନ୍ଦା ଓ ଚନ୍ଦନମ୍ ସିଡିଏ କଟକ ମିଳିତ ସହଯୋଗରେ ଏକ ଜଙ୍ଗଲ ନିଆଁ ସଚେତନତା ଓ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟମକା ବନାଞ୍ଚଳ ଅଧୀନସ୍ଥ ରାଇଘାଟି ଗ୍ରାମ ସଂଲଗ୍ନ ପଡ଼ିଆରେ ବରିଷ୍ଠ ମଞ୍ଚ ଉପସ୍ଥାପକ ବାବାଜୀ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରକୁ ଟମକା ବନାଞ୍ଚଳ ଅଧିକାରୀ ଏସସିଏଫ୍ କିଶୋର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚନ୍ଦନମ ଅନୁଷ୍ଠାନର ସମ୍ପାଦକ ଅବସରପ୍ରାପ୍ତ ଡିଏଫ୍ଓ ଭୀମସେନ ମହାରଣା ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଡିଏଫ୍ଓ ଦୀପକ କୁମାର ଖିଲାର, ପ୍ରବୋଧ ଚନ୍ଦ୍ର ନାୟକ, ଇମ୍ଫାର ବରିଷ୍ଠ ଅଧିକାରୀ ସତ୍ୟ କୈବଲ୍ୟ ଦାସ, ସମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଟମକା ବନପାଳ ମାଣିକ ମୁଣ୍ଡା ଉପସ୍ଥିତ ରହି ଆଦିବାସୀ ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କଂସ ବନପାଳ ପରେଶ କୁମାର ସାହୁ, ଡୁବୁରି ବନପାଳ ଇପ୍ସିତ ରାୟ ନାୟକ, ବନରକ୍ଷୀ ଶୁଭେନ୍ଦୁ ସୁନ୍ଦର ପାଢ଼ୀ, ଅମାତୁଲ ସାକୁର, ରୁଇୟା ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନ ସ୍କ୍ୱାଡ୍ ଆଶୁତୋଷ ରଥ, କମଳ ପାତ୍ର, ଚିନ୍ମୟ ପ୍ରଧାନ, ପିଙ୍କୁଲୁ ସାହୁ, ବିଶ୍ୱନାଥ ବେହେରା, ରଞ୍ଜନ ସାହୁ, ଅକ୍ଷୟ ମହାନ୍ତ ଓ ଅର୍ଜୁନ ଖଟୁଆ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

## ଋଷିପୁରରେ ୪ ଦିନିଆ ବାଦିପାଲା

ଯାଜପୁର,୨୦।୧(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ ତଥା ସୁଜନପୁର ନିକଟସ୍ଥ ଋଷିପୁର ଗ୍ରାମରେ ୪ ଦିନିଆ ବାଦିପାଲା ଆସନ୍ତା ୨୩ରୁ ଆରମ୍ଭ ହୋଇ ୨୬ରେ ଶେଷ ହେବ। ଏଥିରେ ରାଜ୍ୟର ଦୁଇ ବିଶିଷ୍ଟ ଗାୟକ କୈଳାଶ ଚନ୍ଦ୍ର ପାଣି ଓ ବିଶ୍ୱନାଥ ସ୍ୱାଇଁ ପାଲା ପରିବେଷଣ କରିବେ। ସରସ୍ୱତୀ ପୂଜାରେ ଗତ ୩ ଦଶନ୍ଧି ଧରି ଋଷିପୁରର ଗୋପବନ୍ଧୁ ଯୁବ ସଂସଦ ଆନୁକୂଲ୍ୟରେ ଏହି ବାଦିପାଲା ଉତ୍ସବ ଆୟୋଜିତ ହୋଇଆସୁଛି। ରାଜ୍ୟର ପ୍ରାୟ ସମସ୍ତ ପ୍ରତିଷ୍ଠିତ, ବରିଷ୍ଠ ଓ କନିଷ୍ଠ ଗାୟକ ଏଠାରେ ପାଲା ପରିବେଷଣ କରିଛନ୍ତି। ପାଲା ଉତ୍ସବକୁ ସାଫଲ୍ୟ କରିବା ଲାଗି ଯୁବ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

## ଛଣ ଗଦା ଜାଳିଦେଲେ ଦୁର୍ବୃତ୍ତ

ସିଂହପୁର,୨୦।୧(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର୍ ଗ୍ରାମର ଘନଶ୍ୟାମ ବେହେରାଙ୍କ ଘର ସମ୍ମୁଖରେ ଥିବା ଦୁଇଟି ଛଣ ଗଦାକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଜାଳି ଦେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଛଣ ଗଦା ଜଳୁଥିବା ଗୃହକର୍ତ୍ତା ଦେଖିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକକୁ ଡାକିଥିଲେ ମଧ୍ୟ ଗଦା ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସ୍ଥାନୀୟ କେହି ଦୁର୍ବୃତ୍ତ ଏପରି କାଣ୍ଡ କରିଥିବା ଓ ଦୁଇ ଦିନ ତଳେ ଧମକ ଦେଇଥିବା ଶ୍ରୀ ବେହେରା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛି।

## ମିର୍ଜାପୁରରେ ଧାନକିଣା ଆରମ୍ଭ

ଧର୍ମଶାଳା,୨୦।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର କୃଷି ସମବାୟ ସମିତି ପକ୍ଷରୁ ଚାଷୀଙ୍କଠାରୁ ଧାନ କିଣା ଶୁଭାରମ୍ଭ ହୋଇଛି। ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ସଂପାଦକ ସୁବ୍ରତ ଜେନା ସାମନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହାଣୀ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଦୀପାଞ୍ଚଳ କୃଷକ ମଞ୍ଚର ସାଧାରଣ ସଂପାଦକ ଅଭିମନ୍ୟୁ ଧଳ ମୁଖ୍ୟଅତିଥି, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ସମିତି ସଭାପତି ପ୍ରେମଲତା ଜେନାଙ୍କ ପ୍ରତିନିଧି କିଶୋର ଜେନା, ଉପ ସଭାପତି ବିଷ୍ଣୁଚରଣ ବିଶ୍ୱାଳ, ଶ୍ରୀନାଥ ସାମଲ, ରଶ୍ମି ରଞ୍ଜନ ସାମଲ, ଚିତ୍ତରଞ୍ଜନ ବିଶ୍ୱାଳ, ଯଜ୍ଞେଶ୍ୱର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମବାୟ ସମିତିର ଧାନକିଣା କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି କମିଟି ମାଧ୍ୟମରେ ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ଠାରୁ ଧାନକିଣା ଯାଇଥିଲା। ସହ ସଂପାଦକ ପ୍ରଣବ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଧାନକିଣା କାର୍ଯ୍ୟକ୍ରମ ୧୫ଦିନ ଚାଲିବ ବୋଲି ସଂପାଦକ ଶ୍ରୀ ଜେନା ସାମନ୍ତ ସୂଚନା ଦେଇଥିଲେ।

## ସଂଶୋଧିତ ପେନ୍‌ସନ୍ ମିଳୁନାହିଁ

ପ୍ରୀତିପୁର,୨୦।୧(ସମିସ): ବାରମ୍ବାର ଉପକୋଷାଗାର କାର୍ଯ୍ୟାଳୟକୁ ଦୌଡି ଦୌଡି ହତାଶ ହେଉଥିବା ଜଣେ ପେନସନ୍ ଭୋଗୀଙ୍କମୁ ଏ ଯାଏଁ ମିଳିଲାନି ସଂଶୋଧିତ ରିଭାଇଜଡ ପେନ୍‌ସନ। ଏଜିଙ୍କ କାର୍ଯ୍ୟାଳୟର ଚିଠି ସତ୍ତ୍ୱେ ପଦକ୍ଷେପ ନିଆଯାଉନି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର କପିଳା ପଞ୍ଚାୟତ ତଥା ଗ୍ରାମର ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ରାଧାଶ୍ୟାମ ସାମଲ ଗତ ୩୧-୮-୧୯୯୮ ରିଖ ଦିନ ଚାକିରିରୁ ଅବସର ଗ୍ରଗଣ କରିଥିଲେ। ସେ ବିଞ୍ଝାରପୁର ସବ୍‌ଟ୍ରେଜେରୀବରୁ ପେନସନ ପାଉଥିଲେ। ଶ୍ରୀ ସାମଲଙ୍କ ଅଭିଯୋଗ ଅନୁଯାଇ ତା୧-୧-୨୦୦୬ ଓ ୩୧-୧୨-୨୦୧୫ ଓ ୧-୧-୨୦୧୬ରୁ ୩୧-୮-୨୦୨୫ ରିଖ ପର୍ଯ୍ୟନ୍ତ ପେନସନ ସଂଶୋଧିତ ହୋଇନାହିଁ। ଏ ବାବଦରେ ସେ ଏଜିରେ ଅଭିଯୋଗ କଲା ସତ୍ତେ ବିଞ୍ଝାରପୁର ସବଟ୍ରେଜେରୀରେ ଏହା ପଡ଼ି ରହଛି। ଯାହାକି ଏଜିଙ୍କ କାର୍ଯ୍ୟାଳୟର ଚିଠି ସତ୍ତ୍ୱେ ପଦକ୍ଷେପ ନିଆଯାଉନି। ଏସମ୍ପର୍କରେ ସେ ବାରମ୍ବାର ସବ୍‌ଟ୍ରେଜେର, ଅଫିସରଙ୍କୁ ଆବେଦନ କରୁଥିଲେ ମଧ୍ୟ ସବୁ ନୀରର୍ଥକ ହେଉଛି ବେଲି କହିଛନ୍ତି। ୮୬ବର୍ଷର ବର୍ଷର ଜଣେ ବରିଷ୍ଠ ନାଗରିକ ସବଟ୍ରେଜେରୀ ଅଫିସରଙ୍କ ଦ୍ୱାରା ମାନସିକ ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ସେ କହିଥିଲେ। ଏ ସମ୍ପର୍କରେ ସବଟ୍ରେଜେରୀ ଅଫିସରଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏହା ଅସ୍ୱୀକାର କରିଛନ୍ତି। ଅପରପକ୍ଷେ ରାଧାଶ୍ୟାମ ସାମଲ ଅଧିକ ପେନ୍‌ସନ ପାଉଛନ୍ତି। ରିକଭରୀ ପାଇଁ ପ୍ରୋସେସ୍ ଆରମ୍ଭ ହୋଇଛି ବୋଲି ସୂଚନା ଦେଉଛନ୍ତି।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ



ମଙ୍ଗଳପୁର,୨୦।୧(ସମିସ): ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶଳାୟଙ୍କ ପ୍ରାୟୋଜିତ ଯାଜପୁର ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ଆୟୋଜିତ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମଙ୍ଗଳବାର ଦଶରଥପୁର ବ୍ଲକ ମଙ୍ଗଳପୁର ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେନେରାଲ ମ୍ୟାନେଜର ଚିଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ବିଡିଓ ଆକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ସହ ପରିଚାଳକ ନିରଞ୍ଜନ ନାୟକ, ଦଶରଥପୁର ବ୍ଲକ ଅତିରିକ୍ତ ଶିଳ୍ପ ଅଧିକାରୀ ସଞ୍ଜୟ କୁମାର ନାୟକ, ଦଶରଥପୁର ବ୍ଲକ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଦାସ, ରାଧାନାଥ ନାୟକ, ବିଜୟ କୁମାର ବେହେରା, ରମଣ ଚରଣ ରାଉତ, ଅକ୍ରୁର ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟକ୍ତାମାନଙ୍କୁ କିଭଳି ଭାବେ ସରକାରୀ ସହାୟତା ମିଳିପାରିବ ବା ସେମାନେ କିପରି ଭାବେ ସରକାରୀ ସହାୟତା ପାଇପାରିବେ ସେ ସମ୍ପର୍କରେ ଅଧିକାରୀ ମାନେ ଆଲୋଚନା କରିଥିଲେ। ଦଶରଥପୁର ବ୍ଲକରୁ ୧୦୦ରୁ ଉର୍ଦ୍ଧ୍ୱ ଉଦ୍ୟମତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଦଶରଥପୁର ବ୍ଲକ କର୍ଯ୍ୟାଁ ପଞ୍ଚାୟତସ୍ତ ଦୁବକଣ ଗ୍ରାମର ବିଶିଷ୍ଟ ଉଦ୍ୟୋଗପତି ଦେବଦତ୍ତ ନାୟକଙ୍କୁ ଏହି କାର୍ଯ୍ୟକ୍ରମରେ ଅଧିକାରୀମାନେ ସମ୍ବୋର୍ଦ୍ଧିତ କରିଥିଲେ।

## ସିଂହପୁରରେ ହିନ୍ଦୁ ସମ୍ମିଳନୀ ୨୫ରେ

ସିଂହପୁର,୨୦।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡି ପଡ଼ିଆ ଠାରେ ଆସନ୍ତା ୨୫ତାରିଖ ଦିନ ହିନ୍ଦୁ ସମ୍ମିଳନୀ ସମାରୋହରେ ଅନୁଷ୍ଠିତ ହେବ। ବିଞ୍ଝାରପୁର ମୁଣ୍ଡଳ ସମଗ୍ର ହିନ୍ଦୁ ସମାଜ ତରଫରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ସକାଳେ କଳସ ଯାତ୍ରା, ଯଜ୍ଞ, ବୌଦ୍ଧିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି। ଏହି ସମାବେଶରେ ହଜାର, ହଜାର ବ୍ୟକ୍ତି ଯୋଗ ଦେବେ ଆୟୋଜକ ମାନେ ସୂଚନା ଦେଇଛନ୍ତି। ସମ୍ମିଳନୀକୁ ଶାନ୍ତି ଶୃଙ୍ଖଳାର ସହିତ ସଂପନ୍ନ କରିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥଲା।

ଜାତୀୟ ସବ୍‌ଜୁନିୟର ରଗ୍‌ବି

## ଯାଜପୁର ଜିଲ୍ଲାରୁ ଅଙ୍କିତ୍ ମନୋନୀତ



ଯାଜପୁର,୨୦।୧(ସମିସ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହେଉଥିବା ୧୦ମ ଜାତୀୟ ସବ୍‌ଜୁନିଅର୍ ବାଳକ ରଗ୍‌ବି ଫୁଟବଲ ଚାମ୍ପିଅନସିପ ପାଇଁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ଶୁଶୁଆ ବାପିଟାଙ୍କି ଗାଁର ଅଶୋକ କୁମାର ଦାସଙ୍କ ପୁଅ ଅଙ୍କିତ କୁମାର ଦାସ ଓଡ଼ିଶା ରଗ୍‌ବି ଦଳ ପାଇଁ ଚୟନ ହୋଇଛନ୍ତି। ସେ ମଲ୍ଲିକାପୁର ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଅଟନ୍ତି। ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ୍ ଟୁଡୁ, ଜିଲ୍ଲା ଶିକ୍ଷା କ୍ରୀଡ଼ା ଅଧିକାରୀ ସବିତା ନାୟକ, ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଓ ପ୍ରଧାନ ଶିକ୍ଷକ ମହମ୍ମଦ ମୂର୍ତ୍ତାଜା ଖାନ୍, କ୍ରୀଡ଼ା ଶିକ୍ଷକ ଅମିୟ କୁମାର ଶୁଭେଚ୍ଛା ଜଣାଇଛନ୍ତି।

## ଠିକାଦାର ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୨୦।୧(ସମିସ): ଧର୍ମଶାଳା ଠିକାଦାର ଅସୋସିଏସନ ପକ୍ଷରୁ ଅଲ ଓଡିଶା କଂଟ୍ରାକଟର ଆସୋସିଏସନର କର୍ମକର୍ତ୍ତାଙ୍କୁ ଜାରକା ଠାରେ ସମ୍ବର୍ଦ୍ଧନା ଜଣାଯାଇଛି। ଅଲ ଓଡିଶା କଂଟ୍ରାକ୍ଟର ସଂଘର କର୍ମକର୍ତ୍ତାମାନେ ଅଜି ଜିଲ୍ଲାର ବିଭିନ୍ନ ଠିକାଦାର ସଙ୍ଘକୁ ଭେଟି ସିଡ୍ୟୁଲ ରେଟରେ ଟେଣ୍ଡର ପକାଇବା ଅନୁରୋଧ କରିବାକୁ ଆସିଥିବା ବେଳେ ଜାରକା ଠାରେ ଧର୍ମଶାଳା କଂଟ୍ରାକ୍ଟର ଅସୋସିଏସନକୁ ଭେଟି ଏସମ୍ପର୍କରେ ଅବଗତ କରିବା ସମୟରେ ଧର୍ମଶାଳା ସଂଘ ପକ୍ଷରୁ କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଲ ଓଡିଶା ଠିକାଦାର ସଙ୍ଘ ପକ୍ଷରୁ ସଭାପତି ଅନିଲ କୁମାର ମହାପାତ୍ର, ସମ୍ପାଦକ ଦିଲୀପ କୁମାର ଜେନା, ଉପସଭାପତି ହେମନ୍ତ ବଲୱନ୍ତ ଚକ୍ରବର୍ତ୍ତୀ, ସଦସ୍ୟ ତାରିଣୀ ପ୍ରସାଦ ଦାସ, ଉମାକାନ୍ତ ସାମନ୍ତରାୟ, କମଳାକାନ୍ତ ଜେନା, ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ପାଲଟପୁରରେ କର୍କଟ ଓ କିଡ୍‌ନୀ ରୋଗ ଆତଙ୍କ

# ପଞ୍ଚାୟତବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିର୍ଦ୍ଦେଶ

ଦଶରଥପୁର,୨୦।୧(ସମିସ)

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କର୍କଟ ଏବଂ କିଡ୍‌ନୀ ରୋଗରେ ୧୨୦ରୁ ଅଧିକ ଲୋକଙ୍କ ପ୍ରାଣ ଯାଇସାରିଥିବା ବେଳେ ବର୍ତ୍ତମାନ ୮ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ଏବଂ ରାଜ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ହୋଇଛି। ପାନୀୟ ଜଳ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିରାମ ଦାସ, ଯାଜପୁର ଏସ୍ଇ ରୌପ୍ୟରଞ୍ଜନ ବେହେରା, ଏସଡିଓ ଅନିଲ କୁମାର ସାମଲ, ଜେଇ ସ୍ୱର୍ଣ୍ଣଲତା ରାଉତ, ଅତିରିକ୍ତ ଲାବ୍ରୋଟାରି ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ପାଲଟପୁର ପଞ୍ଚାୟତ କାର୍ଯ୍ୟଳୟରେ ପହଞ୍ଚି ସରପଞ୍ଚ ଲିପିକା ମଲିକ ଏବଂ ଅଭିଯୋଗକାରୀ ଚନ୍ଦ୍ରଶେଖର ସାହୁଙ୍କ ସହ ଆଲୋଚନା କରିଛନ୍ତି। ପରେ ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପ ଏବଂ କିଛି ବ୍ୟକ୍ତିଗତ ନଳକୂପ ବୁଲି ପାଣିର ସମସ୍ୟା ଦେଖିଥିଲେ ଅଧିକାରୀମାନେ। ଗତ ୩ ବର୍ଷ ହେବ ପଞ୍ଚାୟତବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ମେଗା ଠିକା ସଂସ୍ଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମଧ୍ୟ ପାଳନ କରୁନଥିବା ଅଭିଯୋଗ କରିଥିଲେ ପଞ୍ଚାୟତବାସୀ। ଏଣୁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଏସ୍ଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଚେତାବନୀ ମଧ୍ୟ ଦେଇଛନ୍ତି। ୨୦୧୯ ମସିହାରୁ ପଞ୍ଚାୟତର ସାଠିବାଟି ଏବଂ ନୀଳକଣ୍ଠପୁର ଠାରେ ଖୋଲାଯାଇଥିବା ବୋରୱେଲକୁ ମେଗା ପ୍ରକଳ୍ପ ମାଧ୍ୟମରେ ଆସନ୍ତା ୭ରୁ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ମେଗା ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ କାର୍ଯ୍ୟକାରୀ ନକଲେ ମେଗା ପ୍ରକଳ୍ପ ଠିକଦାର ବିରୋଧରେ ମାମଲା ରୁଜୁ ହେବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିରାମ ଦାସ। ଏହାଛଡା ନିର୍ମିତ ଓଭରହେଡ୍ ପାଣି ଟାଙ୍କିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଗଭୀର ନଳକୂପ ଖନନ ପାଇଁ ପ୍ରସ୍ତାବ ମଗାଯାଇଛି। ଆବଶ୍ୟକସ୍ଥଳେ ପାଣି ଟ୍ୟାଙ୍କ, ସଚେତନତା, ବ୍ୟାନର ଆଦି ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବ୍ୟକ୍ତିଗତ ନଳକୂପ ଗଭୀର ୪୦ ଫୁଟରୁ ୧୦୦ ଫୁଟ ମଧ୍ୟରେ ଖନନ ହୋଇଥିବାରୁ ଅଧିକାଂଶ ନଳକୂପ ପାଣି ପିଇବା ଅନୁପଯୋଗୀ। ଏହି ପାଣି ପରୀକ୍ଷା ହୋଇ ଆସିବା ପରେ ନ ପିଇବାକୁ ଅନୁରୋଧ କରାଯାଇଛି। ଅନ୍ୟ ପକ୍ଷରେ ଗତ ରବିବାର ଠାରୁ ପଞ୍ଚାୟତରେ ସମସ୍ତ ସରକାରୀ ଏବଂ ବ୍ୟକ୍ତିଗତ ନଳକୂପରୁ ବୋତଲ ମାଧ୍ୟମରେ ୩ଟି ଗ୍ରୁପ କରାଯାଇ ନମୁନା ସଂଗ୍ରହ କରାଯାଇଛି। ଏଯାବତ ପଞ୍ଚାୟତର ସାଠିବାଟି, ବିନ୍ଧାନନ୍ଦିପୁର, ପାଲଟପୁର, ନୀଳକଣ୍ଠପୁର, ମୁରାରୀପୁର ରାଜସ୍ୱ ଗ୍ରାମର ମୋଟ ୭୬୭ ସ୍ଥାନରୁ ନମୁନା ସଂଗ୍ରହ କରାଯାଇଛି। ଅନ୍ୟ ସମସ୍ତ ଘରେ ମଧ୍ୟ ନମୁନା ସଂଗ୍ରହ କରାଯିବ। ପାଣିରେ ସମସ୍ତ ପ୍ରକାର ମାନ ପରୀକ୍ଷା କରାଯିବା ପରେ ପାଣି ପାଇଁ କ'ଣ ସମସ୍ୟା ସୃଷ୍ଟି ହେଉଛି ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି। ପାନୀୟ ଜଳ ମାନ ପରୀକ୍ଷା ପାଇଁ ଲାବ୍ରୋଟାରି ଷ୍ଟାଫ ୩ଟି ଗ୍ରୁପରେ ପ୍ରଶାନ୍ତ କୁମାର ବିଶ୍ୱାଳ, ରାଜକିଶୋର ସାମଲ, ସତ୍ୟବ୍ରତ ମହାପାତ୍ର, ଦୀପକ କୁମାର ସାହୁ, ଦିଲ୍ଲୀପ କୁମାର ବିଶ୍ୱାଳ, ସମସେର ଅଲ୍ଲୀ ଖାନ, ବିଶ୍ୱରଂଜନ ପଣ୍ଡା, ତପନ କୁମାର ଭୂୟାଁ, ବିଜୟ ବେହେରା, ମନୋଜ ବେହେରା ପ୍ରମୁଖ ନମୁନା ସଂଗ୍ରହ କରି ରାଜ୍ୟ ପାନୀୟ ଜଳ ଯୋଗାଣ ବିଭାଗର ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ଆଲୋଚନା କରି ଆଗାମୀ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।



# ଇଗ୍ନୋ ବିଏଡ୍ ପାଠ୍ୟକ୍ରମର ଅଧିଗ୍ରହଣ ଉତ୍ସବ




ଜୟପୁର, ୨୦।୧ (ସମିସ): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ରେ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଶିକ୍ଷକ ଶିକ୍ଷା ବିଭାଗର ଅଧିଗ୍ରହଣ ଉତ୍ସବ ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟସ୍ଥିତ ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଲତିକା ମିଶ୍ର ଉପସ୍ଥିତ ରହି ଦୁଇ ବର୍ଷିଆ ବି.ଏଡ୍ ପାଠ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଇଗ୍ନୋ ସଂଯୋଜକ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ପ୍ରଥମ ଥର ପାଇଁ ଇଗ୍ନୋ ବିଏଡ୍ ପାଠ୍ୟକ୍ରମର ନାମଲେଖା ହୋଇଥିବାରୁ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଅର୍ପଣ କରିବା ଏବଂ ବିଏଡ ବିଭାଗ ପାଇଁ ସହ ସହକାରୀ ସଂଯୋଜକ ଭାବେ ନୂତନ ଭାବେ ନିଯୁକ୍ତ ଡ.ମନୋରଞ୍ଜନ ପ୍ରଧାନଙ୍କୁ ସ୍ୱାଗତ କରିବା ସହ ନିୟମିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଭଳି ଇଗ୍ନୋ ବିଏଡ୍ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଶିକ୍ଷଣ ବିଭାଗର ମୁଖ୍ୟ ଡ. ପ୍ରଧାନ ଉପସ୍ଥିତିରେ ପ୍ରଶିକ୍ଷାର୍ଥୀଙ୍କୁ ବିଏଡର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଭବିଷ୍ୟତରେ ଦେଶପାଇଁ କିଭଳି ସମର୍ପିତ ଶିକ୍ଷକ ଶିକ୍ଷୟିତ୍ରୀ ଭାବରେ ସେବା ଦାନ କରିପାରିବେ ସେଥିପାଇଁ ଗୁରୁତ୍ୱ ଦେଇଥିଲେ। ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟରେ ନିୟମିତ ଦୁଇ ବର୍ଷିଆ ବିଏଡ୍ ସହିତ ଇଗ୍ନୋ ବିଏଡ୍ ପାଠ୍ୟକ୍ରମର ୫୫ ଜଣ ପ୍ରଶିକ୍ଷାର୍ଥୀ ନାମ ଲେଖାଇଛନ୍ତି। ଅଧିଗ୍ରହଣ ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କ ସହ ସମସ୍ତ ସହକାରୀ ପ୍ରଫେସର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୪ ବିଭାଗର ମିଳିତ ଚଢ଼ଉ

# ଜାଳିଦେଲେ ୪୯ ଏକର ଗଞ୍ଜେଇ ଗଛ

ବୈପାରିଗୁଡ଼ା, ୨୦।୧(ସମିସ)



ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଝୀଗୁଡା ପଞ୍ଚାୟତର ଖେମାବେଡ଼ା ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ପୁଲିସ, ଅବକାରୀ, ବନବିଭାଗ ଏବଂ ରାଜସ୍ୱ ବିଭାଗର ଉପସ୍ଥିତିରେ ମିଳିତ ଚଢ଼ଉ କରାଯଇଥିଲା। ଏହି ଚଢ଼ଉରେ ୪୯ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ୨୪ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଅବକାରୀ ଅଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ୨୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ମୋଟ ୪୯ ଏକର ସରକାରୀ ଜାଗାରେ ଲାଗିଥିବା ୫୮ ହଜାର ଆଠ ଶହ ଗଛ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପାଞ୍ଚ କୋଟି ୮୮ ଲକ୍ଷ ହେବ ବୋଲି ସୂଚନା ରହିଛି। ଏଥିରେ ବୈପାରିଗୁଡା ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ବୈପାରୀଗୁଡା ଭାରପ୍ରାପ୍ତ ଅବକାରୀ ଅଧିକାରୀ ଅଜୟ କୁମାର ନାୟକ, ଅବକାରୀ ବିଭାଗର ଡିଏଫଏସ ଚନ୍ଦ୍ର ଶେଖର ପାଡିଆରୀ, ବୈପାରୀଗୁଡା ଏଏସଆଇ ସରୋଜ କୁମାର ବେହେରା ଏଏସଆଇ ଜୟପୁର ସୋନା ମାଝୀ, ରଘୁନାଥ ସାଉନ୍ତା, ମହେଶ ବେହେରା, ରାଉତ୍ରୁ ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ରହି ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡ଼ିଛି।

# ଅଳିଆ ଆବର୍ଜନା ପାଇଁ ବଢ଼ୁଛି ମଶାମାଛିଙ୍କ ପ୍ରାଦୁର୍ଭାବ

## ● ପୌର ପ୍ରଶାସନ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରାପୁଟ, ୨୦।୧(ସମିସ): କୋରାପୁଟ ପୌର ପରିଷଦର ଏବେ ଅଳିଆ ଆବର୍ଜନାକୁ ନେଇ ବଡ ସମସ୍ୟା ଦେଖାଦେଇଛି। ଯେଉଁଠି ଅଳିଆ ଆବର୍ଜନା ପକାଉଛନ୍ତି, ସେଠି ଲୋକଙ୍କ ବିରୋଧ ହେଉଛି। ଏବେ କନ୍ଧଗୁଡ଼ା ଠାରେ ଅଳିଆ ଆବର୍ଜନା ଡମ୍ପିଂ କରାଯାଉଛି। ଏଥିଯୋଗୁଁ ଚିନ୍ଦ୍ରିମାଳିଗୁଡା ଏବଂ ବଡଚିନ୍ଦ୍ରି ଗ୍ରାମର



ଲୋକମାନେ ପ୍ରଭାବିତ ହୋଇ ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯେବେଠୁ କନ୍ଧଗୁଡ଼ାରେ ଅଳିଆ ଆବର୍ଜନା ପକାଗଲା ସେବେଠୁ ଘର ମାନଙ୍କରେ ମାଛି ଓ ମଶାଙ୍କ ଉପଦ୍ରବ ଯୋଗୁଁ ଅନେକ ସମସ୍ୟା ଦେଖାଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏପରିକି କାନ ଓ ନାକରେ ମାଛି ପଶି ଯାଉଥିବା ବାସିନ୍ଦା ରାଧିକା ମାଳି ଅଭିଯୋଗ କରିଛନ୍ତି। ଏଥି ନିମନ୍ତେ ଆସନ୍ତାକାଲି ଡୁଡ଼ା ପିଡିଙ୍କ ଅଧ୍ୟକ୍ଷତାରେ ପ୍ରଭାବିତ ଗ୍ରାମବାସୀ ମାନଙ୍କୁ ନେଇ ସମାଧାନ ନିମନ୍ତେ ଏକ ବୈଠକ କରାଯିବ। ସେହି ବୈଠକରୁ ଯାହା ନିର୍ଯ୍ୟାଶ ବାହାରିବ ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ କହିଛନ୍ତି।

# ଶବ ଶୀତଳୀକରଣ ବାକ୍ସ ଦାନ କଲେ ଅବସରପ୍ରାପ୍ତ ଶିକ୍ଷକ କୈବଲ୍ୟ ପଟ୍ଟନାୟକ



ନବରଙ୍ଗପୁର, ୨୦।୧(ସମିସ): ନବରଙ୍ଗପୁର ପୌର ପରିଷଦ ଅନ୍ତର୍ଗତ ୧ନମ୍ବର୍ ୱାର୍ଡ ନିବାସୀ ନବରଙ୍ଗପୁର ଆର୍‌ସିଡି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କୈବଲ୍ୟ ପଟ୍ଟନାୟକ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଏକ 'ଶବ ଶୀତଳୀକରଣ ବାକ୍ସ' ବା 'ଡେଡ୍‌ବଡି ଫ୍ରିଜର୍ ବକ୍ସ' ଦାନ କରିଛନ୍ତି। ଆଜି ନବରଙ୍ଗପୁର ସହର ବାବା ସାହେବ୍ ଆମ୍ବେଦକର ଛକ ନିକଟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇକନ ଇନ୍ ମୋସନ ଗ୍ରୁପ୍ ସଦସ୍ୟ ଓ ବହୁ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ କରକମଳରେ ଏହାକୁ ଲୋକାର୍ପିତ କରାଯାଇଛି। ନବରଙ୍ଗପୁର ସହର ଚାମୁରୀୟାଗୁଡ଼ା ନିବାସୀ ଅବସର ପ୍ରାପ୍ତ ଶିକ୍ଷକ ତଥା ଆଇକନ ଇନ୍ ମୋସନ ଗ୍ରୁପ୍‌ର ବରିଷ୍ଠ ମାର୍ଗଦର୍ଶକ କୈବଲ୍ୟ ପ୍ରସାଦ ପଟ୍ଟନାୟକଙ୍କ ଅବସର ପରେ ନିଜ ସ୍ୱ-ଅର୍ଜିତ ଅବସରପ୍ରାପ୍ତ ରାଶି ମାଧ୍ୟମରେ ଉକ୍ତ 'ଶବ ଫ୍ରିଜର ବାକ୍ସ' କୁ କ୍ରୟ କରି ଆଇକନ ଇନ୍ ମୋସନ ଗ୍ରୁପ୍‌କୁ ହସ୍ତାନ୍ତର କରିଥିଲେ। ନବରଙ୍ଗପୁର ଜନସାଧାରଣଙ୍କୁ ଯେତେବେଳେ ମଧ୍ୟ ଏହି ଉପକରଣର ଆବଶ୍ୟକ ପଡ଼ିବ ତା ହେଲେ ନବରଙ୍ଗପୁର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇକନ୍ ଇନ୍ ମୋସନ ସଦସ୍ୟଙ୍କ ସହ ୯୪୩୭୭୮୫୧୨୦, ୯୪୩୯୫୬୦୪୬୬, ୯୯୩୮୫୯୮୨୨୪ ଏବଂ ୯୭୭୭୫୭୪୧୧୧ ମୋବାଇଲ୍ ଫୋନ୍ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ ବୋଲି ସୂଚନା ଦେଇଛନ୍ତି ଆଇକନ ଇନ୍ ମୋସନ ଗ୍ରୁପ୍ ସଦସ୍ୟ ରଣେନ୍ଦ୍ର ପ୍ରତାପ ତ୍ରିପାଠୀ।

# ନନ୍ଦପୁର ଜୋନ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

- ଦୁଇ ବରିଷ୍ଠ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ
- ଲୋକଙ୍କ ପାଇଁ କଣ କରିଛ ବୋଲି ସରକାରଙ୍କୁ ପ୍ରଶ୍ନ କଲେ ଯୁବନେତା



ନନ୍ଦପୁର, ୨୦।୧(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଜୋନ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ପ୍ରାୟ ଦୁଇ ବର୍ଷ ହେଲା ସରକାର ରାଜ୍ୟବାସୀଙ୍କୁ ଅହେତୁକ ବୋଝ୍ ଦେଇ ଚାଲିଥିବା ସମ୍ମିଳନୀରେ କୁହାଯାଇଥିଲା। ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ସହ ଯୁବ ଗୋଷ୍ଠୀ ହାତକୁ କାମ, ଦରଦାମ ଉପରେ ବର୍ଷିଥିଲେ ଯୁବ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁ ମାଇ। ନିର୍ବାଚନ ବେଳେ ଗ୍ରାମାଞ୍ଚଳ ମା' ଠାରୁ ଆରମ୍ଭ କରି ଭତ୍ତା ଧାରୀମାନଙ୍କୁ ପ୍ରଲୋଭନ ଦେଖାଇ ଭୋଟ ପାଇଥିଲେ। କେବଳ ପୂର୍ବ ଯୋଜନା ଉପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରି ଏବେ କା ସରକାର ବାହାବା ନେଉଛନ୍ତି କୁହାଯାଇଥିଲା। ଗାଁକୁ ଆସୁଥିବା ଏଭଳି ନେତାଙ୍କୁ ପ୍ରଶ୍ନ କରିବାକୁ କୁହାଯାଇଥିଲା।

ସରକାର ବଦଳିବା ଠାରୁ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁବିଧା ଟିକେ ଲୋକେ ପାଇ ପାରୁ ନାହାଁନ୍ତି ବୋଲି କୁହାଯାଇଥିଲା। ଏହି ଅବସରରେ ନନ୍ଦପୁର ବ୍ଲକ କଂଗ୍ରେସ ଦଳର ଦୁଇ ବରିଷ୍ଠ ନେତା କଂଗ୍ରେସ ଛାଡି ବିଜେଡି ଦଳରେ ଯୋଗ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ତମ ଅତିଥି ହେଲେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ସୁରେଶ୍ ପଟ୍ଟନାୟକ, ସେକ ବାଜି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ମହିଳା ସଭାନେତ୍ରୀ କୁନି ପାଲି, କାଞ୍ଚନ ଖେମୁଣ୍ଡୁ, ଯୁବ ନେତା ସେକ ନୁର୍, ମଦନ ସୁନ୍ଦର ଖିଲ, ଅନ୍ତର୍ଯ୍ୟାମୀ ଗୁଣ୍ଡା, ପୂର୍ବତନ ସରପଞ୍ଚ ଉର୍ମିଳା ମୁଦୁଲି, କଲାର ସିଂ ସରପଞ୍ଚ ଭଗବତୀ କ୍ରିସାନି, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲୁ କାମୁଡି, ଅତଣ୍ଡା ସମିତି ସଭ୍ୟ ଦାଉଦ୍ ଖରା, ଭୀମ ଜାନମ, ରୁପମା ଖିଲ, ପୂର୍ବତନ ସରପଞ୍ଚ ନୀଳକଣ୍ଠ ଖରା ପ୍ରମୁଖ ଯୋଗ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ପୁଣି ବିଜୁ ଜନତା ଦଳର ପଞ୍ଚାୟତ ପ୍ରତିନିଧି ଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ନିଜ ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଂଗ୍ରେସ ଦୁଇ ବରିଷ୍ଠ କର୍ମୀ ଦିବାକର ହନ୍ତାଳ ଓ କୃଷ୍ଣ କୁର୍ତାଡି ବିଜେଡି ଦଳରେ ଯୋଗଦାନ କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଜୟପୁର, ୨୦।୧ (ସମିସ): ଜୟପୁର ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାର ଚନ୍ଦନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନରେଶ ଷଡ଼ଙ୍ଗୀ, ବିଦ୍ୟାଳୟର ଆଲୁମିନି ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୁରୁଣାଗଡ଼ସ୍ଥିତ ହନୁମାନ ମନ୍ଦିରରୁ ମଶାଲ ଆଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁବର୍ଣ୍ଣ ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡା ଉତ୍ସବର ପ୍ରଥମ ଦିବସରେ ଛାତ୍ର ଛାତ୍ରୀମାନଙ୍କର ୪୦୦ମିଟର, ୬୦୦ମିଟର, ୮୦୦ମିଟର ଦୌଡ ପ୍ରତିଯୋଗିତା, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍ ପୁଟ ଥ୍ରୋ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଶିକ୍ଷା ଓ ଶିକ୍ଷଣ ବିଭାଗର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆସନ୍ତା ବାର୍ଷିକ ଉତ୍ସବରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ଏବଂ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ପି.ରାଜେଶ୍ୱରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଏହି କ୍ରୀଡା ଉତ୍ସବ ଆୟୋଜିତ ହେବ।

# ସରକାରୀ ଡିଏଭି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର



କୋରାପୁଟ, ୨୦।୧(ସମିସ): କୋରାପୁଟ ସରକାରୀ ଡିଏଭି ମହା ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୮ ତାରିଖରେ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମ ସୁଶ୍ରୀ କାଞ୍ଚନ ତାଣ୍ଡିଙ୍କ ସଞ୍ଚାଳନାରେ ୮ ଦିନ ଧରି ଚାଲିଥିଲା। ୨୯୨ ଜଣ ଛାତ୍ରୀ ଏହି ଶିବିରରେ ତାଲିମ୍‌ପ୍ରାପ୍ତ କରିଛନ୍ତି। ମହାବିଦ୍ୟାଳୟର ପୂର୍ବତ ଛାତ୍ରୀ ସୁରଞ୍ଜିତା ଜାନି ଏବଂ ସଞ୍ଜନା ପଟ୍ଟନାୟକ ପ୍ରଶିକ୍ଷକ ଭାବେ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପିକା ମିଲିକା ହାଲଦାର ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋବ୍ରତା ଶତପଥୀ ଯୋଗ ଦେଇଥିଲେ। ତାଲିମ୍ ପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯକ୍ରମ ଶେଷରେ ମହାବିଦ୍ୟାଳୟର ଅଧ୍ୟାପିକା ସୈରେନ୍ଦ୍ରୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ● ନୂଆ ପଞ୍ଚାୟତ ଗୃହ ନିର୍ମାଣ ବିବାଦ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ୧୦ଖଣ୍ଡ ଗ୍ରାମବାସୀ



କୁନ୍ଦୁରା, ୨୦।୧ (ସମିସ): ନୂତନ ପଞ୍ଚାୟତ ଘର ନିର୍ମାଣକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ୧୦ଖଣ୍ଡ ଗ୍ରାମବାସୀ। କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବ ଓ ଏହି କାର୍ଯ୍ୟାଳୟ ଆସନା ଠାରେ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଗତକାଲି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଳିତ ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ସ୍ଥାନୀୟ ବିଡିଓ ପି ମାନସ୍ୱିତାଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ନାୟକଗୁଡ଼ା, କଦମ୍ବବେଢ଼ା, ପଦରକଣ୍ଟା, ଚଲାଣଗୁଡ଼ା, କଟ୍ରିଗୁଡ଼ା, କୁମ୍ଭୀଖାରି, କାଉଡ଼ିଆଗୁଡ଼ା, ଶିରାଗୁଡ଼ା, ପଖନାଗୁଡ଼ା ଏବଂ କିଟିପଦର ଆଦି ଦଶ ଖଣ୍ଡ ଗାଁ ଲୋକେ ଉପସ୍ଥିତ ଥିଲେ। ସୂଚନା ଥାଉକି, ବର୍ତ୍ତମାନ ଆସନା ପଞ୍ଚାୟତ କାର୍ଯ୍ୟାଳୟ ଉଦୁଲଗୁଡା ଠାରେ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଚାଲିଛି। ଏବେ ନୂତନ କାର୍ଯ୍ୟାଳୟ ଆସନା ଠାରେ ହେଉ ବୋଲି ଦାବି ହୋଇଛି।

# ପୌରପାଳିକା ସ୍ତରୀୟ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ



ନବରଙ୍ଗପୁର, ୨୦।୧(ସମିସ): ନବରଙ୍ଗପୁର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନବରଙ୍ଗପୁର ପୌରପାଳିକା ସ୍ତରୀୟ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ସାମୂହିକ ଗାନ, ଆତ୍ମନିର୍ଭର ଭାରତ ସଂକଳ୍ପ ଏବଂ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ପୌରପାଳିକାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନବରଙ୍ଗପୁର ପୌରପାଳିକାର ଅଧ୍ୟକ୍ଷ କୁନୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଡିଆଇପିଆରଓ ମନୋଜ ବେହେରା ପୌରପାଳିକା ପରିଷଦ ୱାର୍ଡ କାଉନସିଲର ଏ . ସତିଶ, ପୁନମ ସାହୁ, ମମତା ମହାରଣା, ପି.କେଶବ ରାଓ, ଉଷାରାଣୀ ଓ ଶର୍ମିଷ୍ଠା ଦେଓ, ଜଗବନ୍ଧୁ ସୌରା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନାମିତ ଘଡେଇ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ପୌରପାଳିକାର ବିଭିନ୍ନ ବିଦ୍ୟାଳୟ ଏକ୍ସ୍ ବୋର୍ଡ଼, ଆର୍‌ସିଡି, ଜେଏଲ୍ ସି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟେକ୍ନୋ ଗୁରୁକୁଳ, ପ୍ୟାରେଣ୍ଟ ପ୍ରାଇଡର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବନ୍ଦେ ମାତରମ୍ ସାମୂହିକ ଗାନରେ ପୌରପାଳିକା ସ୍ତରୀୟ ବନ୍ଦେ ମାତରମ୍ ଗାନର ମାଷ୍ଟର ପ୍ରଶିକ୍ଷକ ସହଯୋଗ କରିଥିଲେ ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ୨୯ଜଣ ଛାତ୍ର ଛାତ୍ରୀଙ୍କୁ ମେଡାଲ, ଟ୍ରଫି ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରଯାଇଥିଲା। ନବରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଏବଂ ସହକର୍ମୀ ବୃନ୍ଦ କାର୍ଯ୍ୟକ୍ରମିକୁ ପରିଚାଳନା କରିଥିଲେ।

# ନବରଙ୍ଗପୁର ଜିଲ୍ଲାସ୍ତରୀୟ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ

- ସକାରାତ୍ମକ ଚିନ୍ତାଧାରା ଓ ନୂତନ ଆବିଷ୍କାର ନେଇ ଆଗକୁ ବଢ଼ିବା : ନିତ୍ୟାନନ୍ଦ ଗଣ୍ଡ
- ଭାରତକୁ ବିଶ୍ୱଗୁରୁ କରିବା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ : ଗୌରୀ ଶଙ୍କର ମାଝୀ
- ସଫଳତା ପାଇଁ ଚେଷ୍ଟା ଜାରି ରଖିବା ଉଚିତ: ଛତ୍ରପତି ସାହୁ



ନବରଙ୍ଗପୁର, ୨୦।୧(ସମିସ)

ମଙ୍ଗଳବାର ନବରଙ୍ଗପୁର ଜିଲ୍ଲାସ୍ତରୀୟ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ୨୦୨୬ ସ୍ଥାନୀୟ ପିଏମ୍‌ଶ୍ରୀ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ନିତ୍ୟାନନ୍ଦ ଗଣ୍ଡ ଉତ୍ସବକୁ ଉଦଘାଟନ କରିଥିବା ବେଳେ ବିଧାୟକ ନବରଙ୍ଗପୁର ଗୌରିଶଙ୍କର ମାଝୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସ୍ୱାଗତ ଭାଷଣ ସହ ଉତ୍ସବ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବରଙ୍ଗପୁର ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚସଖା ଶିକ୍ଷାସେତୁ, ଭୁବନେଶ୍ୱର ରାଜଲକ୍ଷ୍ମୀ ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ଶ୍ରୀକାନ୍ତ ଜାନୀ ଓ ସୁପ୍ରିୟା ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିଜ ଅଭିଭାଷଣରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଫଳତା ପାଇଁ ଅନବରତ ଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ନବରଙ୍ଗପୁର ବିଧାୟକ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଭାରତକୁ ବିଶ୍ୱଗୁରୁ କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀ ମାନଙ୍କୁ ସକାରାତ୍ମକ ଚିନ୍ତାଧାରା ଓ ନୂତନ ଆବିଷ୍କାର ନେଇ ନିରନ୍ତର ଆଗକୁ ବଢ଼ିବାକୁ ଉପଦେଶ ପ୍ରଦାନ କରିଥିଲେ। ଉଦଘାଟନୀ ଉତ୍ସବର ଶେଷରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରକାଶ ଚନ୍ଦ୍ର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଥିବା ୨୩ ପିଏମ୍‌ଶ୍ରୀ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକାଂକ୍ଷୀ ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗେଲେରୀ ଯଥା ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ, କ୍ରୀଡାଙ୍ଗନ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ଇକୋ କ୍ଲବ ପ୍ରଦର୍ଶନୀ, ଇନ୍ସପାରିଙ୍ଗ ଓଡ଼ିଶା ୨୦୩୬, ସକ୍ଷମ କେନ୍ଦ୍ର, ଲାଙ୍ଗୁଏଜ ଲେବ, ଫୁଡକୋର୍ଟ, ମୋଡେଲ ୟୁନାଇଟେଡ଼ ନେସନ ଏବଂ ବିଭିନ୍ନ ବିକାଶ ପ୍ରକଳ୍ପର ପ୍ରଦର୍ଶନୀ ଗୁଡିକ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଚେତନା ମୂଳକ ବିଷୟବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଉଦଘୋଷିକା ଚନ୍ଦନା ମଲ୍ଲିକ ନିର୍ବାହ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ



ଗୁଣପୁର, ୨୦।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପ ଖଣ୍ଡ ଚିକିତ୍ସାଳୟ ରେ ସୋମବାର ଦିନ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହକାରୀ ଜିଲ୍ଲାପାଳ ଦୀପ୍ତି ରାଣୀ ବେହେରା, ସୁପରିନ୍‌ଟେଣ୍ଡେଣ୍ଟ ଡ. ଶ୍ରୀକାନ୍ତ ଜେନା, ଡ. ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ସମାଜସେବୀ ତଥା ରାୟଗଡ଼ା ଜିଲ୍ଲା ଆତ୍ମସ୍ମ୍ୟାନ ଅକ୍ଷୟ କୁମାର ଦାସ ଜନସ୍ୱାସ୍ଥ୍ୟ ଓ ପୂର୍ତ୍ତ ବିଭାଗର ଯନ୍ତ୍ରୀ, ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁସର ମେଡିକାଲ ଅଫିସର ବିଦ୍ୟୁତ୍ ବିଭାଗ ଏସ୍‌ଡିଓ, କଂଗ୍ରେସ ନେତା ବିଜୟ କୁମାର ଗମାଙ୍ଗ, ତରଣି ସେନ ଶତପଥୀ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ପୂର୍ବ ବୈଠକରେ ଆଲୋଚନା ହୋଇଥିବା ଅଧିକାଂଶ ପ୍ରସ୍ତାବ ସମ୍ପୂର୍ଣ୍ଣ ହୋଇଥିବା ଅର୍ଥାତ୍ ଅମ୍ଳଜାନ ପ୍ଲାଣ୍ଟ କାର୍ଯ୍ୟକ୍ଷମ, ନୂତନ ବ୍ଲଡ଼ ବ୍ୟାଙ୍କ ଫ୍ରିଜ୍ ସ୍ଥାପନ ଓ ରକ୍ତ ପରୀକ୍ଷା କେନ୍ଦ୍ର ନୂତନ ମେସିନ ସ୍ଥାପନ ବ୍ୟବସ୍ଥା ହୋଇସରିଛି ବୋଲି କୁହାଯାଇଥିଲା। ଏଥି ସହ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ୟବ୍‌ଛେଦ ଗୃହ ସହ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ମର୍ଗ ହାଉସ୍ ନିର୍ମାଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ରୋଗୀଙ୍କୁ ବୁଲା କୁକୁରଙ୍କ ଦାଉରୁ ରକ୍ଷା କରିବା ପାଇଁ ପ୍ରାଚୀର ନିର୍ମାଣ ଓ ଡ୍ରେନେଜ୍ ସିଷ୍ଟମ୍, ଅଗ୍ନି ନିରାପତ୍ତା ସାମଗ୍ରୀ ସ୍ଥାପନ ପାଇଁ ଆଲୋଚନା କରାଯାଇ ପ୍ରସ୍ତାବ ଆଗତ କରାଯାଇଥିଲା। ଚିକିତ୍ସାଳୟରେ ଅଭାବ ରହିଥିବା ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍ ପୂରଣ ପାଇଁ ଆଲୋଚନା ହୋଇଥିଲା। ଚିକିତ୍ସାଳୟରେ ଶୃଙ୍ଖଳା ଦୃଷ୍ଟିରୁ ଡାକ୍ତର ଓ କର୍ମଚାରୀମାନେ ନିଜର ଆଇକାର୍ଡ ଓ ୟୁନିଫର୍ମ ପରିଧାନ କରି କର୍ମକ୍ଷେତ୍ରକୁ ଆସିବାକୁ ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। ଅସ୍ତ୍ରୋପଚାର ଗୃହରେ ରକ୍ତ ପ୍ରବାହକୁ ରୋକିବା ପାଇଁ ଆଧୁନିକ ମେସିନ କ୍ରୟ କରିବାକୁ ପ୍ରସ୍ତାବ ପାରିତ ହୋଇଥିବା ବେଳେ ୫ଟି ଏସି ଓ ଗୋଟିଏ କମ୍ପ୍ୟୁଟର କ୍ରୟ କରିବା, ମରାମତି ଓ ତଦାରଖ ପାଇଁ ଓ ଆବଶ୍ୟକୀୟ କେମିକାଲ କ୍ରୟ କରିବା ପାଇଁ ଅର୍ଥ ରାଶି ମଞ୍ଜୁର କରାଯାଇଥିଲା। ଏଥି ସହ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ତିନି ହଜାର ଘନ୍ ଲିଟରର ପାଣି ଟ୍ୟାଙ୍କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ନିରନ୍ତର ବିଦ୍ୟୁତ୍ ସରବରାହ ସ୍ଥାପନ ପାଇଁ ଜିଇଡିର ପ୍ରସ୍ତାବ ଆଗତ ହେଲେ ଏହା ହୋଇ ପାରିବ ବୋଲି ବିଦ୍ୟୁତ୍ ବିଭାଗ କହିଥିଲା। ଏହି ପ୍ରସ୍ତାବ ଦେବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ସଦସ୍ୟ ଥିବା ବହୁ ଅଧିକାରୀ, ବିଶେଷ କରି ଗୁଣପୁର ବ୍ଲକ ଅଧ୍ୟକ୍ଷା ଓ ପୌର ଅଧ୍ୟକ୍ଷା ଉପସ୍ଥିତ ରହି ନଥିବା ଦେଖିବାକୁ ମିଳିଥିଲା।

## ଜଳନଣ୍ଡରେ ହାତୀ ମେଳା



**ବଡ଼ସାହି, ୨୦।୧(ସମିସ):** ମକର ଉପଲକ୍ଷେ ପ୍ରତ୍ୟେକ ବର୍ଷ ପରି ଚନ୍ଦନପୁର ପଞ୍ଚାୟତ ଅଧୀନ ମାଣଡ୍ରୀ-ବେତନଟୀ ରାସ୍ତାର ଜଳନଣ୍ଡ ହଲର ଛକରେ ବିଦ୍ୟାଧରଖୁଣ୍ଟା-ଜଳନଣ୍ଡ-ତେନ୍ତଳ ଯୁବକ ସଂଘ ଆନୁକୂଲ୍ୟରେ ୨୯ତମ ହାତୀ ମେଳା ଅନୁଷ୍ଠିତ ହୋଇଯାଇଛି। ୩୧ ବର୍ଷ ପୂର୍ବେ ବାହାର ରାଜ୍ୟର ଜଣେ ମହୁନ୍ତ ଏ ଅଞ୍ଚଳକୁ ହାତୀ ବୁଲାଇ ଆଣିଥିବାବେଳେ ହଠାତ ହାତୀଟି ଏହି ଛକରେ ଅସୁସ୍ଥ ହୋଇପଡ଼ିଥିଲା। ମହୁନ୍ତ ହାତୀକୁ ଛକର ଏକ ଗଛରେ ବାନ୍ଧି ରଖି ଚିକିତ୍ସା କରୁଥିବାବେଳେ ମୃତ୍ୟୁ ହୋଇଥିଲା। ଏହି ସ୍ମୃତିରେ ସେହିଦିନଠାରୁ ହାତୀ ମେଳା ଉତ୍ସବକୁ ଯୁବକ ସଂଘର କର୍ମକର୍ତ୍ତା ପାଳନ କରିଆସୁଛନ୍ତି। 'ବନ୍ୟ ପ୍ରାଣୀ ମାନବ ସମାଜର ବନ୍ଧୁ' ଉକ୍ତିକୁ ସଂଘର କର୍ମକର୍ତ୍ତା ପ୍ରତ୍ୟେକ ବର୍ଷ ଏହି ଉତ୍ସବ କରି ଅଞ୍ଚଳରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ୪ ଦିନର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ଯଥାବିଧି ପୂଜାର୍ଚ୍ଚନା କରାଯାଇଥାଏ। ଯୁବକ ସଂଘ ସଭାପତି ପ୍ରଦୀପ ମହାନ୍ତ, ସମ୍ପାଦକ ମାନସ ନାଏକ, ଶମ୍ଭୁନାଥ ମହାନ୍ତ, ଜଗନ୍ନାଥ ମହାନ୍ତ, ମନୋଜ ମହାନ୍ତଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଆଶିଷ ମହାନ୍ତ, ଲୋକନାଥ ମହାନ୍ତ, ଗଣେଶ୍ୱର ମହାନ୍ତ, ମୁନସୀ ହାଁସଦା, ଶ୍ରୀରାମ ହାଁସଦା, ଡାକ୍ତର ମହାନ୍ତ, ବିଶ୍ୱନାଥ ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଛୁଆ ମହାନ୍ତ, ରାଜା ମହାନ୍ତ, ଅଜିତ ମହାନ୍ତ, ମଙ୍ଗଳ ମହାନ୍ତ, ସୁଜିତ ମହାନ୍ତ, ଦୁର୍ଗା ମହାନ୍ତ, ଅଭି ମହାନ୍ତ, ବୁଲୁ ମହାନ୍ତ ଓ ବବଲୁ ମହାନ୍ତ ମେଳା ପରିଚାଳନାରେ ସହଯୋଗ କରୁଛନ୍ତି। ପାରମ୍ପରିକ ପୂଜା ସାଙ୍ଗକୁ ପିଲାଙ୍କୁ ନେଇ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା, ସନ୍ଧ୍ୟାରେ ଡ୍ୟାନ୍ସ ଧମକା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଶିକ୍ଷକ ଦୀପକ ପାତ୍ର, ସରପଞ୍ଚ ହରିଶ୍ଚନ୍ଦ୍ର ମୁର୍ମୁ, ସମାଜସେବୀ ବୁଦ୍ଧିବାସ ଟୁଡୁ ଓ ସ୍ମୃତିରଞ୍ଜନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଜାତୀୟ ଯୁବ ପ୍ରକଳ୍ପର ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ବାରିପଦା, ୨୦।୧(ସମିସ):** ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖା ପକ୍ଷରୁ ସଂଯୋଜକ ମଳୟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ଆୟୋଜିତ ହୋଇଯାଇଛି। ଜିଲ୍ଲା ସଭାପତି କୁଞ୍ଜବିହାରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଏମପିସି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ଏନୱାଇପିର ଉଦ୍ୟମକୁ ପ୍ରଶଂସା କରିବା ସହ ସେବା ମାଧ୍ୟମରେ ଜୀବନର ସାର୍ଥକତା ଆଣିହେବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗ ଦେଇଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଅଧ୍ୟାପକ ସମରେନ୍ଦ୍ର ବସା ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶୋକ ପୁଷ୍ଟି, ଇଂ ଅଶ୍ୱିନୀ ମହାନ୍ତ, ଦୁର୍ଗାପ୍ରସାଦ ମହାପାତ୍ର, ରୁପାଲୀ ହାତୀ ଯୋଗଦେଇ ମତ ରଖିଥିଲେ। ଅଭିଷେକ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଲମ୍ବୋଦର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜର ବିଭିନ୍ନ ମହାବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ସୌମ୍ୟରଞ୍ଜନ ଦାଶ ପ୍ରଥମ, ଶୁଭଶ୍ରୀ ଦୀକ୍ଷିତ, ରଞ୍ଜନ ବିନ୍ଧାଣି ଯୁଗ୍ମ ଦ୍ୱିତୀୟ ଓ ସ୍ୱର୍ଣ୍ଣପ୍ରଭା ବେହେରା, ସୁଦୀପ୍ତା ଦାସ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଏନୱାଇପି ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ସାମୂହିକ ବନ୍ଦେ ମାତରମ୍ ଗାନ



**ରାସଗୋବିନ୍ଦପୁର, ୨୦।୧(ସମିସ):** ମଙ୍ଗଳବାର ରାସଗୋବିନ୍ଦପୁର ବ୍ଲକ ପରିସରରେ ବିଡିଓ ଅନନ୍ତ ହାଁସଦାଙ୍କ ଅଧ୍ୟକ୍ଷତାରେ ସାମୂହିକ ବନ୍ଦେ ମାତରମ୍ ଗାନ ଓ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମୂହ ବନ୍ଦେ ମାତରମ୍ ଗାନ ପରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଜୁନିୟର, ସବଜୁନିୟର ଓ ସିନିୟର ବିଭାଗ ଛାତ୍ରଛାତ୍ରୀଙ୍କୁ ନେଇ ରଚନା ଲିଖନ, ବିତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଏବିଓ ବିଜୟ ବାରିକ, ଏବିଡିଓ ଜୟକୃଷ୍ଣ ନାୟକ, ସାରୁମୂଳା ସରପଞ୍ଚ ମନୋରଞ୍ଜନ ସିଂ, ନାକିଚୁଆ ସରପଞ୍ଚ ରୁଣ୍ଟୁ ହାଁସଦା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ରାସଗୋବିନ୍ଦପୁର ଜିପିଓ ଶୁଭମ ଜେନା ପରିଚାଳନା କରିଥିବାବେଳେ ବ୍ଲକ ବିପିସି ରଶ୍ମିତା ଧଳ, ପେସା କର୍ଡିନେଟର ପ୍ରଜ୍ଞାସ୍ମିତା ଧଳ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ୱାଟ୍‌କୋର ଜଳ ବିଶୋଧନ ଫେଲ୍
# ୮ ମାସ ହେଲା ଯୋଗାଣ ହେଉଛି ବାଲି ମିଶା ପାନୀୟ ଜଳ

**ବାରିପଦା, ୨୦।୧(ସମିସ)**

ବାରିପଦାବାସୀଙ୍କୁ ପ୍ରତିଦିନ ପାନୀୟଜଳରେ ବିଷ ବାଣ୍ଟୁଛି ୱାଟ୍‌କୋ। ଜିଲ୍ଲାରେ ଜଳ ବିଶୋଧନାଗାରରେ ବିଫଳତା ଯୋଗୁଁ ଫ୍ଲୋରାଇଡ ମିଶା ପାଣି ପରେ ଏବେ ସରୁ ବାଲି ମିଶା ପାନୀୟଜଳ ଯୋଗାଣ ସହରବାସୀଙ୍କ ନିଦ ହଜାଇ ଦେଇଛି। ଲୋକଙ୍କ ଘର ଛାତରେ ଥିବା ପାଣି ଟାଙ୍କିରୁ ବାଲଟି ବାଲଟି ବାଲି ବାହାରିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମ୍ୟୁନସିପାଲିଟିର ୬ନଂ ୱାର୍ଡର ଭବାନୀ ଶଙ୍କର ସାହୁଙ୍କ ଘରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ଶ୍ରୀ ସାହୁଙ୍କ ଘର ନୁହେଁ ବର୍ତ୍ତମାନ ସହରର ଏକାଧିକ ଲୋକଙ୍କ ଘରକୁ ଆସୁଥିବା ପାଇପପାଣି ଅବସ୍ଥା ସମାନ ଭଳି। ୱାଟକୋ ଓ ପିଏଚଡି ମାଧ୍ୟମରେ ପାନୀୟ ଜଳ ଯୋଗାଣରେ ନିୟମିତ ଭାବେ ବାଲି ଆସୁଥିବାବେଳେ ବୁଢାବଳଙ୍ଗରୁ ପାଣି ଉଠାଉଥିବା ମଟର ଠିକ ଭାବେ କାମ କରୁନି ବୋଲି ଜଣାପଡ଼ିଛି।

୮ ମାସ ହେଲା ଏହି ମଟର ସହରର ପ୍ରତି ଘରକୁ ବାଲିମିଶା ପାଣି ଯୋଗାଣ କରୁଥିବାବେଳେ ଜାଣି ଅଜଣା ରହିଛି ବିଭାଗ। ଏହାକୁ ମରାମତି କରୁ ନ ଥିବାବେଳେ ବାଲି ଯୋଗୁଁ ଘରେ ଘରେ ଲାଗିଥିବା ପାଣିପମ୍ପ ମଟର ମଧ୍ୟ ଖରାପ ହେବାରେ ଲାଗିଛି। ଏଥିସହ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ସହରର ୬ନଂ ୱାର୍ଡକୁ ପିଭିସି ପାଇପ୍



▶▶ ବାରିପଦା ସହରବାସୀଙ୍କ ପାଇଁ ହାଇଆଲର୍ଟ
▶▶ ପାଣିଟାଙ୍କିରେ ବାଲ୍‌ଟି ବାଲ୍‌ଟି ବାଲି
▶▶ ଭଞ୍ଜସେନା ଘେରଉ କରିବ ୱାଟ୍‌କୋ କାର୍ଯ୍ୟାଳୟ

ଓ ଲୁହା ପାଇପ ମାଧ୍ୟମରେ ଜଳ ଯୋଗାଣ ହେଉଛି। ୬ ନମ୍ବର ୱାର୍ଡରେ ରହିଥିବା ମେଡିକାଲ, ପୁରୁଣା ହାଟସାହି ସହ ମନ୍ଦିରସାହିର ୨୦୦୦ରୁ ଅଧିକ ପରିବାର ଏହି ସମସ୍ୟା ଦେଇ ଗତି କରୁଛନ୍ତି। ସବୁଠୁ ବଡ କଥା ହେଲେ ବୁଢା ବଳଙ୍ଗ ନଦୀରୁ ପାଣି ଉଠାଉଥିବା ମଟରଟି ଦୀର୍ଘ ଦିନ ମରାମତି ହୋଇନାହିଁ। ଫଳରେ ଏହା ପାଣି ବଦଳରେ ବାଲି ମିଶା ପାଣି ସହରର ଜଳ ବିଶୋଧନାଗାରକୁ ପଠାଉଛି। ସେଠାରୁ ଛାଣି ହେବା ବଦଳରେ ବାଲିମିଶା ପାଣି ସହରବାସୀ ପିଉଥିବାବେଳେ ନାନା ଅସନ୍ତୋଷ ଦେଖିବାକୁ ମିଳିଛି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି, ଏହି ବାଲି ମିଶାପାଣି ଯୋଗୁଁ ବହୁ ସମସ୍ୟା ଲୋକେ ଭୋଗୁଛନ୍ତି। ୮ ମାସ ହେଲା ଗୋଟିଏ ମଟର ଖରାପ, କିନ୍ତୁ ଏହାକୁ ମରାମତି କରାଯାଉନି। ୮ ହେଲା ୧୨ ଘଣ୍ଟିଆ ପାନୀୟ ଜଳ ଯୋଗାଣ ନାଁ ବାଲି ମିଶା ଜଳ ସହରବାସୀଙ୍କୁ ଦିଆଯାଉଛି। ଏନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରିଛୁ। ସେ ଯଦି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଭଞ୍ଜସେନା ଏନେଇ ୱାଟକୋ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସେ କହିଛନ୍ତି। ୱାଟକୋର ସାଧାରଣ ପରିଚାଳକ ଗୁଲସନ କୁମାର କହିଛନ୍ତି ଯେ କେଉଁ ଅଞ୍ଚଳରେ ପାନୀୟ ଜଳରେ ବାଲି ଆସୁଛି ତାହାର ଏକ ରିପୋର୍ଟ ଆମେ ପ୍ରସ୍ତୁତ କରୁଛୁ। ଖୁବଶୀଘ୍ର ଏନେଇ ସୁଚିନ୍ତିତ ବ୍ୟବସ୍ଥା ଗ୍ରହଣ କରିବାକୁ କହିଛନ୍ତି।

## ରେଳ ସଂଯୋଗ ପାଇଁ ଉଦଳା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗଣଧାରଣା



**ଉଦଳା, ୨୦।୧(ସମିସ):** ରେଳ ସଂଯୋଗ ପାଇଁ ଉଦଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଆଜି ଗଣଧାରଣା ଦିଆଯାଇଛି। କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ନିବେଦନ ପତ୍ର ପ୍ରେରିତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଅଧୀନସ୍ଥ ଅବହେଳିତ କପ୍ତିପଦା ଉପଖଣ୍ଡ ଉଦଳାକୁ ନୂତନ ରେଳ ଲାଇନ୍ ସଂଯୋଗ କରିବା ସମ୍ପର୍କରେ ଦାବି ରଖିଛନ୍ତି। କପ୍ତିପଦା ଉପଖଣ୍ଡର କପ୍ତିପଦା, ଉଦଳା, ଗୋପବନ୍ଧୁନଗର, ଖୁଣ୍ଟା ବ୍ଲକ ଓ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣ ସ୍ୱାକ୍ଷର କରି ନିବଦନ ପତ୍ର ଦେଇଥିଲେ। ଏ ଅଞ୍ଚଳର ୪ଟି ବ୍ଲକ ଓ ଉଦଳା ଏନ୍‌ଏସିକୁ ମିଶାଇ ହାରାହାରି ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାସବାସ କରୁଛନ୍ତି। ସ୍ୱାଧୀନତାର ୭୯ ବର୍ଷରେ ପାଦ ଦେଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରେଳ ସଂଯୋଗ ମିଳିପାରିନାହିଁ। ଆମ ଦେଶର କଳା ସଂସ୍କୃତି, ଐତିହ୍ୟ ଓ ସଂସ୍କାରକୁ ନେଇ ଆମେ ଗର୍ବ କରୁଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପ୍ରଯୁକ୍ତି ବିଦ୍ୟା ଏବଂ ବିଜ୍ଞାନ କ୍ଷେତ୍ରରେ ଆମ ଦେଶ ଅନେକ ବିକାଶ କରିପାରିଛି। କିନ୍ତୁ ଆମେ ବି ଭାରତୀୟ ନାଗରିକ ହୋଇ ରେଳ ସଂଯୋଗ ପାଇପାରୁନାହୁଁ। କପ୍ତିପଦା ଉପଖଣ୍ଡରେ ଆଜି ପର୍ଯ୍ୟନ୍ତ ରେଳ ନାହିଁ କି କଳ ନାହିଁ। ଆମ ଅଞ୍ଚଳର ଶିକ୍ଷିତ ବେକାର ଯୁବକ ଯୁବତୀ ରୋଜଗାର ଆଶାରେ ବାହାର ରାଜ୍ୟକୁ ଯିବାପାଇଁ ବାଧ୍ୟ ହେଉଛନ୍ତି। ତେଣୁ ଆମ କପ୍ତିପଦା ଉପଖଣ୍ଡର ଏକମାତ୍ର ଲକ୍ଷ୍ୟ ହେଉଛି ଉନ୍ନତି। ନୂତନ ରେଳ ଲାଇନ ନିମନ୍ତେ ନୂତନ ପ୍ରସ୍ତାବ ଦିଆଯାଇଛି। ଖଡ଼ଗପୁରଠାରୁ ଭଦ୍ରାଚଳମ୍ ଭାୟା ବାରିପଦା, ଉଦଳା, କପ୍ତିପଦା, ଶରତ, ଆନନ୍ଦପୁର, ଯାଜପୁର ରୋଡ଼ ରେଳ ସଂଯୋଗ ନିତ୍ୟାନ୍ତ ଆବଶ୍ୟକ। ରେଳ ସଂଯୋଗ ହେଲେ ଜଣେ ସିଧାସଳଖ କୋଲକାତା ଓ ମୁମ୍ବାଇକୁ ଯାତାୟାତ କରିପାରିବେ ବୋଲି ବିଜେଡି ପକ୍ଷରୁ ମତ ପ୍ରକାଶ ପାଇଛି।

## ଥାନା ଅଧିକାରୀଙ୍କ ବଦଳି ପାଇଁ ଏସ୍‌ପିଙ୍କୁ ଦାବିପତ୍ର
## ୧୫ ଦିନ ମଧ୍ୟରେ ବଦଳି ନ ହେଲେ ଥାନା ଘେରଉ



**ମୋରଡା, ୨୦।୧(ସମିସ):** ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ମଙ୍ଗଳବାର ମୋରଡା ଥାନା ଅଧିକାରୀ ସୁମିତ କୁମାର ସରେନଙ୍କ ବିରୁଦ୍ଧରେ ଏକ ଦାବିପତ୍ର ଅଞ୍ଚଳବାସୀ ପ୍ରଦାନ କରିଛନ୍ତି। ୨୦୨୫ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ଛାତ୍ରୀ ନିଖୋଜ ଘଟଣାରେ ଛାତ୍ର ସୁଶାନ୍ତ ପାତ୍ରଙ୍କୁ ଥାନାକୁ ଡାକି ତଦନ୍ତ ଆଳରେ ଧମକଚମକ ଦେବା ସହ ଚାପୁଡ଼ା ମାରିବା ଓ ପରେ ସୁଶାନ୍ତଙ୍କୁ ଶୀତବସ୍ତ୍ର କାଢି ଦୀର୍ଘ ପାଞ୍ଚ ଘଣ୍ଟା ଥାନାରେ ବସାଇଥିବା ନେଇ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଥିବାରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ଥାନା ଅଞ୍ଚଳରେ ଚୋରା ବାଲିଚାଲାଣ ବାହାର ଜିଲ୍ଲା ଓ ରାଜ୍ୟକୁ ହେଉଛି, ଯାହାକୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ଥାନା ଅଧିକାରୀ ସୋରେନ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ଥାନା ଅଧିକାରୀ ସୋରେନ ଯୋଗଦେବା ପରଠୁ ଥାନା ଅଞ୍ଚଳରେ ହତ୍ୟା, ଚୋରି, ଡକାୟତି ଭଳି କାର୍ଯ୍ୟକଳାପ ବୃଦ୍ଧି ପାଉଛି ଓ ପୁଲିସ ଗୁଣ୍ଡା ସାଜି ବିଭିନ୍ନ ସ୍ଥାନରେ ଆତଙ୍କ ଖେଳାଉଛି। ତେଣୁ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ସହିତ ଅନ୍ୟ ଦୁଇଜଣଙ୍କୁ ୧୫ ଦିନ ମଧ୍ୟରେ ବଦଳି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ବଦଳି ନ ହୁଏ, ତେବେ ଥାନା ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ



**ବାରିପଦା, ୨୦।୧(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ମୋବାଇଲ୍ ଆପ୍ ବିକାଶ ସମ୍ପର୍କରେ ସାପ୍ତାହିକ ଦକ୍ଷତା ବିକାଶ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ପିଏମ୍ ଉଷା ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଉଦ୍‌ଘାଟନ କରିଥିଲେ। ଏଭଳି କାର୍ଯ୍ୟକ୍ରମରୁ ଛାତ୍ରଛାତ୍ରୀ ଶିକ୍ଷାର ଗୁଣାତ୍ମକ ବିକାଶରେ ମୋବାଇଲ୍ ଆପ୍ ବ୍ୟବହାର ଓ ତା'ର ବହୁବିଧ ବିକାଶ ସମ୍ପର୍କରେ କିପରି ନିଜର ଦକ୍ଷତାକୁ ପ୍ରତିପାଦିତ କରିପାରିବେ, ସେ ସମ୍ପର୍କରେ କୁଳପତି ଶତପଥୀ ତାଙ୍କର ମତ ରଖିଥିଲେ।

ସେହିପରି ମୁଖ୍ୟଅତିଥି ଭାବେ ଆଇଆଇଟି ଧାନବାଦର ସିଷ୍ଟମ ଇଞ୍ଜିନିୟରର ଅଧ୍ୟକ୍ଷ ଡକ୍ଟର କୌଶିକ ମଣ୍ଡଳ ଏହି ଆପ୍‌ର ବ୍ୟବହାରରେ ଗୁଣବତ୍ତାକୁ ଛାତ୍ରଛାତ୍ରୀ ଓ ଯୁବବର୍ଗ ବ୍ୟବହାର କରି ଆପଣାର ବ୍ୟକ୍ତିତ୍ୱ ବିକାଶ ସହିତ କର୍ମନିଯୁକ୍ତି ଓ ଆବଶ୍ୟକ ଡିଜିଟାଲ ସୁବିଧା ସୁଯୋଗ ସମ୍ପର୍କରେ କିପରି ଜ୍ଞାନ ଲାଭ କରିପାରିବେ, ସେ ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ ପ୍ରେରଣାଦାୟୀ ବକ୍ତା ଅବିନାଶ ସାମଲ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମୋବାଇଲ ଆପ୍ ବିକାଶ ସମ୍ପର୍କିତ ଅବଧାରଣାକୁ ବ୍ୟବହାର କରି ଉଚ୍ଚଶିକ୍ଷାରେ ତଥା ନିଜର ଭବିଷ୍ୟତର କାର୍ଯ୍ୟଦକ୍ଷତାକୁ ଛାତ୍ରଛାତ୍ରୀମାନେ କିପରି ଅଧିକ ତ୍ୱରାନ୍ୱିତ କରିପାରିବେ, ସେ ସମ୍ପର୍କରେ ବୁଝାଇ କହିଥିଲେ। ସମ୍ମାନିତ ଅତିଥି ଭାବେ ନିଜର ସଫ୍ଟୱେର ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଅଭିଜିତ ତ୍ରିପାଠୀ, ବାଙ୍ଗାଲୋରସ୍ଥ ଡିଏକ୍ସଓପିଏସ୍‌ର ପ୍ରତିଷ୍ଠାତା ଶୁଭମ୍ ଶର୍ମା ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ପିଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଜନ୍ମେଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ସହ-ଆବାହକ ଡକ୍ଟର ଶର୍ମିଳା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଭାଗର ଅଧ୍ୟାପକମାନେ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ତୁପୁନାଇ ଘାଟରେ ଦାମୋଦର ମେଳା ଉଦ୍‌ଯାପିତ

**ବଡ଼ସାହି, ୨୦।୧(ସମିସ):** ବଡ଼ସାହି ବ୍ଲକ ଚନ୍ଦନପୁର ପଞ୍ଚାୟତ ଶଙ୍କୁଚା-ଡିଙ୍ଗିରା ଗ୍ରାମର ସାର୍ନା ଧରମ ଯାଁ ବାହା ତୁପୁନାଇ ଘାଟରେ ଚାଲିଥିବା ଦାମୋଦର ମେଳା



ଉଦ୍‌ଯାପିତ ହୋଇଯାଇଛି। ହଜାର ହଜାର ଆଦିବାସୀ ସେମାନଙ୍କ ପୂର୍ବ ପୁରୁଷଙ୍କୁ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିବା କର୍ମ ସାରିଛନ୍ତି। ଘାଟ ପାରଗାନା ମୋଚିରାମ ସରେନ ତଥା ସଭାପତି ଏହି କାର୍ଯ୍ୟ ସମାପନ କରିଛନ୍ତି। କମିଟି ସଭାପତି ମୋଚିରାମ ସୋରେନଙ୍କ ସମେତ ଉପସଭାପତି ତ୍ରିଭାନ ମୁର୍ମୁ, ସମ୍ପାଦକ ହରିଶ୍ଚନ୍ଦ୍ର ମୁର୍ମୁ, କୋଷାଧ୍ୟକ୍ଷ ରଘୁନାଥ ସରେନ, ପାର୍ଗାନ ଚୁନୁକୁରାମ ମୁର୍ମୁ, ବାଢା ସରେନ, ଶ୍ୟାମସୁନ୍ଦର ମୁର୍ମୁ, ଉପଦେଷ୍ଟା ବୁଦ୍ଧିବାସ ଟୁଡୁ ଓ ସନାତନ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ମାରାଂ ବୁରୁ ଯୁବକ ସଂଘ କର୍ମକର୍ତ୍ତା ରୂପାୟ ମୁର୍ମୁ ଏଥିରେ ସାମିଲ ହୋଇଥିଲେ। ଏ ଅବସରରେ ଆଦିବାସୀ ଉନ୍ନୟନ ପରିଷଦ ପକ୍ଷରୁ ନିର୍ମିତ ତୁପନୁଇ ଘାଟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହରିଶ୍ଚନ୍ଦ୍ର ମୁର୍ମୁ ସଭାପତିତ୍ୱ କରିଥିଲେ। ଶଙ୍କୁଚା ଓ ଡିଙ୍ଗିରା ଗ୍ରାମର ସମସ୍ତ ସରକାରୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅସହାୟଙ୍କୁ କମ୍ବଳ ବଣ୍ଟନ



**ଖୁଣ୍ଟ, ୨୦।୧(ସମିସ):** ବର୍ତ୍ତମାନ ସମୟରେ ଉଚ୍ଚଶିକ୍ଷିତ ଓ ରୋଜଗାରକ୍ଷମ ସନ୍ତାନ ନିଜର ବୃଦ୍ଧ ପିତାମାତାଙ୍କୁ ପରିବାରର ବୋଝ ମନେକରି ଅସହାୟ ଅବସ୍ଥାରେ ବୃଦ୍ଧାଶ୍ରମରେ ଛାଡ଼ି ଦେଉଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମର ମହେଶ୍ୱର ବେହେରା ଓ ରାଜକିଶୋର ବେହେରା ତାଙ୍କ ପିତା ସ୍ୱର୍ଗତ ରାମଚନ୍ଦ୍ର ବେହେରା ଓ ମାତା ସ୍ୱର୍ଗତ କୌଶଲ୍ୟା ବେହେରାଙ୍କ ଶ୍ରାଦ୍ଧ ଦିବସରେ ହରିନାମ ସଂକୀର୍ତ୍ତନ ଆୟୋଜନ ସହିତ ଦରିଦ୍ରଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟନ କରିଛନ୍ତି। ଏହି ମହତ୍ ପୈତୃକ କାର୍ଯ୍ୟରେ ସ୍ଥାନୀୟ ଅର୍ଜୁନବିଲ୍ଲା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡାଙ୍କ ସମେତ ଡ. ବଳଭଦ୍ର ଘଡ଼ାଇ, ରତ୍ନାକର ମହାନ୍ତ, ଧ୍ରୁବଚରଣ ଘଡାଇ ପ୍ରମୁଖ ଯୋଗ ଦେଇଥିଲେ।

## ପୂର୍ବତନ ବ୍ଲକ୍ ଚେୟାରମ୍ୟାନଙ୍କ ପତ୍ନୀ ବିୟୋଗ

**ମୋରଡା, ୨୦।୧(ସମିସ):** ମୋରଡ଼ା ବ୍ଲକର ପୂର୍ବତନ ଚେୟାରମ୍ୟାନ ବୈଦ୍ୟନାଥ ମହାନ୍ତଙ୍କ ପତ୍ନୀ ବିଦ୍ୟୁପ୍ରଭା ମହାନ୍ତଙ୍କ ମଙ୍ଗଳବାର ସକାଳ ୪ଟା ୪୦ମିନିଟ ସମୟରେ ତାଙ୍କ ଘୋଳମୁହାଁସ୍ଥ ବାସଭବନରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ,



ମିତଭାଷୀ ମହିଳା ଥିଲେ। ତାଙ୍କ ବିୟୋଗ ଖବର ଶୁଣି ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେବା ସହିତ ବିଦ୍ୟୁପ୍ରଭାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ମୋରଡା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ରାଇରଙ୍ଗପୁର ବନଖଣ୍ଡରେ ସରିଲା ପକ୍ଷୀ ଗଣନା

**ରାଇରଙ୍ଗପୁର, ୨୦।୧(ସମିସ)**

ରାଇରଙ୍ଗପୁର ବନଖଣ୍ଡ ଅଞ୍ଚଳରେ ପକ୍ଷୀ ଗଣନା ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ କମ୍ ସଂଖ୍ୟକ ପକ୍ଷୀ ଆସିଛନ୍ତି। ଚଳିତ ବର୍ଷ ୩୬ ପ୍ରଜାତିର ୬୩୭୩ଟି ପକ୍ଷୀ ଆସିଛନ୍ତି। ବନଖଣ୍ଡ ଅଧିନରେ ଥିବା ୫ଟି ରେଞ୍ଜର ୧୪ଟି ଜଳଭଣ୍ଡାର ଓ ଆର୍ଦ୍ର ସ୍ଥାନରେ ଏହି ପକ୍ଷୀ ଗଣନା ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତଋତୁରେ ଏହି ପକ୍ଷୀ ଗଣନା ପ୍ରକ୍ରିୟା ହୋଇଥିଲା।

ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ବହଳଦା, ରାଇରଙ୍ଗପୁର, ବାଦାମପାହାଡ଼, ମଣଦା ଓ ବିଶୋଇ ଆଦି ରେଞ୍ଜ ଅଞ୍ଚଳରେ ଗଣନା କରିଥିଲେ। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗ କର୍ମଚାରୀ ପକ୍ଷୀ ଗଣନା କରିଥିଲେ। ପକ୍ଷୀ ଗଣନା କରି ଆକଳନ ରିପୋର୍ଟ ରାଜ୍ୟସ୍ତରୀୟକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଅନୁଯାୟୀ, ୩୬

▶▶ ଚଳିତ ବର୍ଷ କମିଲା ପକ୍ଷୀଙ୍କ ସଂଖ୍ୟା
▶▶ ଆସିଲେ ୩୬ ପ୍ରଜାତିର ୬୩୭୩ଟି ପକ୍ଷୀ

ପ୍ରଜାତିର ୬, ୩୭୩ ପକ୍ଷୀ ଆସିଛନ୍ତି। ଯେଉଁଥିରେ ୪, ୨୩୨ ବିଦେଶାଗତ ପକ୍ଷୀ ରହିଛନ୍ତି। ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯାଇଛି। ଶୀତଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥା'ନ୍ତି। ତେବେ ଚଳିତ ବର୍ଷ ସଂଖ୍ୟା କମ ରହିଛି। ଗତବର୍ଷ ରିପୋର୍ଟ ଅନୁଯାୟୀ ରାଇରଙ୍ଗପୁର ବନଖଣ୍ଡର ୪ଟି ରେଞ୍ଜକୁ ୭, ୨୭୩ଟି ପକ୍ଷୀ ଆସିଥିବାବେଳେ ଚଳିତ ବର୍ଷ ସଂଖ୍ୟା କମି ୬୩୭୩ଟି ପକ୍ଷୀ ଆସିଛନ୍ତି ବୋଲି ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳୁଥିବାବେଳେ ସଂଖ୍ୟା କମିଯାଇଛି।

## ତୃତୀୟ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ବଡ଼ସାହି, ୨୦।୧(ସମିସ):** ୨୦୨୫ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ତୃତୀୟରେ ବଡସାହି ବ୍ଲକ ମେରିଟ ତାଲିକାରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ର ନିଶାନ୍ତ ମହାନ୍ତି ପ୍ରଥମ, ଆମ୍ବଡାଳି ୟୁପିଏସ ଛାତ୍ରୀ କୋଏଲ ନାଏକ ଦ୍ୱିତୀୟ, ଉଠାଣୀନୂଆଗାଁ ୟୁପିଏସର ଛାତ୍ରୀ ଚିତ୍ରଲେଖା ସାହୁ ତୃତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଶୀତଲ ସାତୁଆ ଚତୁର୍ଥ, ଗୌରମୋହନ ଏସଏସଭିଏମର ଛାତ୍ରୀ ତମନ୍ନା ମୁର୍ମୁ ପଞ୍ଚମ, ଶିରିଡିସାଇ ଇଂରାଜୀ ମିଡିୟମ ସ୍କୁଲ ଛାତ୍ର ଆୟୁସ୍ମାନ ପାତ୍ର ଷଷ୍ଠ ଓ ମାଧପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରଲିପ୍ତା ଦାସ ସପ୍ତମ ସ୍ଥାନରେ ଥିବାର ଜଣାଯାଇଛି। ସେହିପର ବ୍ଲକ ମେରିଟ୍ କମ୍ ପୋଭାର୍ଟି ତାଲିକାରେ ଯଦୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ପ୍ରମୀର ବେହେରା ପ୍ରଥମ, ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଆରାଧ୍ୟା ଦଣ୍ଡପାଟ ଦ୍ୱିତୀୟ, ବଣତାଳପଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ର ଜଗଦୀଶ ବେହେରା ତୃତୀୟ, ଆଡିଆସାହି ପିଏସର ଛାତ୍ର ଉମେଶ ସିଂ ଚତୁର୍ଥ ସ୍ଥାନ ଲାଭ କରିଛନ୍ତି।

# ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

**ସାରସକଣା, ୨୦।୧(ସମିସ):** ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ପକ୍ଷରୁ ଖଇରପୋଖରୀଆସ୍ଥ ସୀମାନ୍ତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତିଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ସାରସକଣା ବିଡିଓ ସୁମନ ରାଜା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଅନୀଲ କୁମାର ଝା, ଜାତୀୟ ସେବା ଯୋଜନାର



ବରିଷ୍ଠ ଉପଦେଷ୍ଟା ପ୍ରଦ୍ୟୁମ୍ନ ବସା, +୩ ଯୋଜନାର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ଶରତ ପଡ଼ିଆରୀ, +୨ ୟୁନିଟ୍‌ର କାର୍ଯ୍ୟକ୍ରମ ଅଫିସର ଅଧ୍ୟାପକ ଶିଶିର ପଟ୍ଟନାୟକ, ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅଧ୍ୟକ୍ଷ ଶ୍ରୀ ଅଗସ୍ତି ଶିବିରର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିବାବେଳେ ଶିଶିର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

ପ୍ରଥମେ ଯୁବ ସମାଜକୁ ନେଇ ସମାଜରେ ତାଙ୍କ କର୍ତ୍ତବ୍ୟର ଶୃଙ୍ଖଳିତ, ସେବାତ୍ୱ, ଆତ୍ମନିର୍ଭରଶୀଳତା ଉପରେ ମୁଖ୍ୟଅତିଥି ବକ୍ତବ୍ୟ ପ୍ରଦାନ କରିବା ସହିତ ଯୁବ ସମାଜ ଦେଶର ଆଗାମୀ ଭବିଷ୍ୟତ ବୋଲି ଶିବିରରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀଙ୍କୁ ଉପଦେଶ ଦେଇଥିଲେ। ସେହିପରି ଯୋଜନାର ଉପଦେଷ୍ଟା ଶିବିରାର୍ଥୀଙ୍କୁ ତାଙ୍କ କର୍ତ୍ତବ୍ୟର ୪ଟି ସୋପାନ ସମୟ, ସଂସ୍କାର, ଶୃଙ୍ଖଳତା ଓ ସମ୍ପର୍କକୁ ନେଇ କାର୍ଯ୍ୟ କଲେ, ସେମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ଜାତୀୟ ସେବା ଯୋଜନାର ନେତୃତ୍ୱକୁ ନେଇ ପରିଚାଳିତ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୧୦ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସରଙ୍କ ସହ ଶତାଧିକ ମହିଳା, ପୁରୁଷ ୟୁନିଟ୍‌ର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

# ରାଉରକେଲା ବିମାନ ଦୁର୍ଘଟଣା ▶ ସୁସ୍ଥ ହୋଇ ଫେରିଲେ ପାଇଲଟ୍ ନବୀନ

**ରାଉରକେଲା, ୨୦।୧(ସମିସ):** ଗତ ୧୦ ତାରିଖରେ ରାଉରକେଲାର ଜଳଦା କଂସରର ଗାଡିଆଟୋଲା ଅଞ୍ଚଳରେ ହୋଇଥିବା ଭୁବନେଶ୍ୱର-ରାଉରକେଲା ଇଣ୍ଡିଆ ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ପାଇଲଟ ନବୀନ ଖାଡେଙ୍ଗା ଆଜି ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର, ନର୍ସ ଏବଂ ଅନ୍ୟ କର୍ମଚାରୀମାନେ କେକ୍ କାଟି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ମଧ ଡାକ୍ତର, ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ପାଇଲଟ ନବୀନ ବିମାନ ଦୁର୍ଘଟଣା ବିଷୟରେ କୌଣସି ପ୍ରତିକ୍ରିୟା ନଦେଇ ସମସ୍ତ ଘଟଣା ଯାଞ୍ଚ ପରିସରଭୁକ୍ତ ରହିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଘଟଣା ଦିନ ବିମାନଟି ହଠାତ୍ ଉଡ଼ାଣ ମଝିରେ ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା। ପାଇଲଟ୍ ତୁରନ୍ତ ଏଟିସିକୁ ସୂଚନା ଦେଇଥିଲେ ଓ ସତର୍କତାର ସହିତ ପ୍ରାୟ ୧ଟା ୪୦ ମିନିଟରେ ଉକ୍ତ



ଅଞ୍ଚଳର ଏକ କ୍ଷେତରେ ଜରୁରୀକାଳୀନ ଅବତରଣ କରିଥିଲେ। ସେହି ସମୟରେ ବିମାନଟି ପାଖରେ ଥିବା ଏକ ଗଛ ଡାଳରେ ପିଟି ହେବା ପରେ ବିମାନର ଡାହାଣ ଅଂଶ ଭାଙ୍ଗି ଯାଇଥିଲା। ପରେ ବିମାନଟି ପ୍ରାୟ ୧୦୦ ମିଟର ଦୂରରେ ଖସି ପଡ଼ିଥିଲା। ଏଥିରେ ପାଇଲଟ୍ ନବୀନ ଖଡାଙ୍ଗା, ତରୁଣ ଶ୍ରୀବାସ୍ତବ, ଯାତ୍ରୀ ତଥା ଭାଇ ଭଉଣୀ ସୁଶାନ୍ତ କୁମାର ବିଶ୍ୱାଳ, ଅନିତା ସାହୁ, ଦମ୍ପତି ସୁନୀଲ ଅଗ୍ରୱାଲ୍ ଓ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ। ଦୁର୍ଘଟଣା ପରେ ତୁରନ୍ତ ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଗତ ୧୧ ତାରିଖରେ ଦମ୍ପତି ସୁନିଲ ଓ ସବିତା ସ୍ୱଇଚ୍ଛାରେ ଏୟାରଲିଫ୍ଟ ହୋଇଥିଲେ। ୧୭ ତାରିଖ ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ଅଧିକ ଚିକିତ୍ସା ପାଇଁ ବମ୍ବେ ସ୍ଥାନାନ୍ତରିତ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଡାକ୍ତରଖାନାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ବିମାନ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ
## ୨୩ରେ କାନାଡାରୁ ପହଞ୍ଚିବ ୨ ସ୍ୱତନ୍ତ୍ର କଣ୍ଟେନର

**ରାଉରକେଲା, ୨୦।୧(ସମିସ):** ସ୍ଥାନୀୟ ଜଳଦା ସ୍ଥିତ କଂସର ରୋଡ ନିକଟରେ ଦୁର୍ଘଟଣା ଗ୍ରସ୍ତ ୯ ସିଟ ବିଶିଷ୍ଟ ଇଣ୍ଡିଆ ୱାନ୍ ଏୟାର ବିମାନକୁ ନେବା ପାଇଁ କାନାଡାରୁ ୨ଟି ସ୍ୱତନ୍ତ୍ର କଣ୍ଟେନର ଆସୁଥିବା ଜଣାପଡ଼ିଛି। ଆସନ୍ତା ୨୩ ତାରିଖରେ ଏହା ରାଉରକେଲାରେ ପହଞ୍ଚିବ ବୋଲି କୁହାଯାଉଛି। ରାଉରକେଲା ସହରର କଣ୍ଟେନର ପହଞ୍ଚିବା ପରେ ଆସନ୍ତା ୨୩ ତାରିଖ ଦୁର୍ଘଟଣା ଗ୍ରସ୍ତ ଉକ୍ତ ବିମାନକୁ ସେହି କଣ୍ଟେନରରେ କାନାଡାକୁ ମରାମତି ପାଇଁ ନିଆଯିବ ବୋଲି ସୂଚନା ମିଳିଛି। ଗୋଟିଏ କଣ୍ଟେନରରେ



ଇଞ୍ଜିନ ଓ ଆଉ ଏକ କଣ୍ଟେନରରେ ପାର୍ଟସ ନିଆଯିବ। ଇଣ୍ଡିଆ ୱାନ ଏୟାରର ୪ ଜଣ ଇଞ୍ଜିନିୟର ଦୁର୍ଘଟଣା ସ୍ଥଳରେ ପହଞ୍ଚି ବିମାନ ଇଞ୍ଜିନ ଓ ଯନ୍ତ୍ରାଂଶ ଓ ପାର୍ଟସ ଖୋଲିବା କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ବିମାନ ଦୁର୍ଘଟଣା ସ୍ଥଳରେ ବିମାନର ଇଞ୍ଜିନ ଓ ଯନ୍ତ୍ରାଂଶ ଖୋଲିବା କାର୍ଯ୍ୟ ଜାରି ରହିଥିବାରୁ ପୁଲିସର ବରିଷ୍ଠ ଅଧିକାରୀଙ୍କ ସହ ପୁଲିସ ଫୋର୍ସ ଓ ଓଡ୍ରାଫ ଟିମ ମଧ ମୃତୟନ ରହିଛନ୍ତି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି



**ରାଉରକେଲା, ୨୦।୧(ସମିସ):** ହେମଗିର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଜନ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୬ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୬ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ମଧ୍ୟରୁ ୪ ଗୋଟି ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## 'ଭିବି-ଜି ରାମ ଜି' କର୍ମଶାଳା



**ରାଉରକେଲା, ୨୦।୧(ସମିସ):** ଶ୍ରମିକଙ୍କୁ୧୨୫ ଦିନର ରୋଜଗାର ଲକ୍ଷ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି ରାମ ଜି) ବିଲ୍ ସଂସଦରେ ପାସ ହୋଇ ଆଇନର ପ୍ରଣୟନ ହୋଇଛି। ମହାତ୍ମାଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇ ପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଆଜି ରାଉରକେଲା ସେକ୍ଟର -୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣ ଠାରେ ବିଜେପି ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭିବିଜୀ ରାମ ଜୀ କର୍ମଶାଳାରେ ଜିଲ୍ଲା ପ୍ରଭାରୀ ବଟ କିଶୋର ମିଶ୍ର କହିଛନ୍ତି। ଟେକ୍ନୋଲୋଜି ବ୍ୟବହାର କରି ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି। ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଜୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଦେଶର ଗ୍ରାମାଞ୍ଚଳକୁ ବିକଶିତ ଆଡକୁ କିପରି ଅଗ୍ରସର ହେବ ସେ ନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି। କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ। ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ ବୋଲି ଏଥିରେ ସୂଚାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲା ସଭାପତିଙ୍କ ସହ ଜିଲ୍ଲା ସଧାରଣ ସମ୍ପାଦକ ଅଭିରାମ ମହାକୁଳ ଓ ରଞ୍ଜିତ ନାଏକ, ଜିଲ୍ଲା ଉପସଭାପତି ଅମରେନ୍ଦ୍ର ନାଥ ଶର୍ମା, ପଦ୍ମିନୀ ଦାଶ ଓ ମନୋଜ କୁମାର ସେନାପତି, ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ବିରାଟ, ପ୍ରଣତାପ ଦାସ, ଶଙ୍କର ଲୋହାର, ଜୟନ୍ତୀ ମାହାନ୍ତ, ଜିଲ୍ଲା କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା, ବରିଷ୍ଠ ସଦସ୍ୟ ସରୋଜ ଦାସ, ଅନିଲ କୁମାର ମାହାନ୍ତ, ସମସ୍ତ ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ, ମଣ୍ଡଳ ଟୋଲି ର ସମସ୍ତ ସଦସ୍ୟଗଣ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**କୁତ୍ରା, ୨୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ଅପରାହ୍ନ ଚାରିଟା ସମୟରେ ଏକ ଗୋଡ଼ଛଡ଼ା ହାତୀର ଆକ୍ରମଣରେ ଖାରବେଡା ଗ୍ରାମର ଏମଡି ମହମ୍ମଦ(୬୫) ଗୁରୁତର ହୋଇଥିବା ଜାଣିବାକୁ ମିଳିଛି। ଘଟଣାରୁ ଜାଣିବାକୁ ମିଳିଛି ଯେ ମଙ୍ଗଳବାର ଦିନ ଅପରାହ୍ନ ଚାରିଟା ସମୟରେ ଏକ ଗୋଡ଼ଛଡ଼ା ଖାରବେଡା ବଗିଚା ପାଖରେ ଖାରବେଡା ଗ୍ରାମର ଏମଡି ମହମ୍ମଦଙ୍କ ଉପରେ ଆକ୍ରମଣ କରିଥିବାରୁ ତାଙ୍କର ଅବସ୍ଥା ଅତି ଗୁରୁତର ହୋଇପଡ଼ିଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ହାଇଟେକ୍ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଅଞ୍ଚଳରେ ହାତୀ ବୁଲୁଥିବାରୁ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହୁଥିବାର ଦେଖିବାକୁ ମିଳୁଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

**ରାଉରକେଲା, ୨୦।୧(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଟାଙ୍ଗରପାଲି ଥାନା ଅଞ୍ଚଳରେ ଜଣେ ୧୩ ବର୍ଷିୟ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୁକ୍ତ ଶଙ୍କର ସିଂହ(୪୦)କୁ ଆଜୀବନ ଅର୍ଥାତ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ୨୦୨୧ ମସିହା ସେପ୍ଟେମ୍ବର ୧୧ ତାରିଖରେ ପିଡିତା ନାବାଳିକାର ବାପା ମାଆ କାମକୁ ଯାଇଥିବା ବେଳେ ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ପଡୋଶୀ ଯୁବକ ଶଙ୍କର ତାଙ୍କ ଘରେ ପଶି ନାବାଳିକାକୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଏହି ଘଟଣାରେ ପିଡିତା ନାବାଳିକାର ପରିବାରର ଲିଖିତ ଅଭିଯୋଗ ପରେ ଟାଙ୍ଗରପାଲି ଥାନା ପୁଲିସ ଅଭିଯୁକ୍ତ ଶଙ୍କର ସିଂଙ୍କୁ ପୋକ୍ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ଅମ୍ବିକା ପ୍ରସାଦ ଓ ପ୍ରମୋଦ କୁମାର ଦେବତାଙ୍କ ବଳିଷ୍ଠ ଯୁକ୍ତି ବଳରେ ଅଭିଯୁକ୍ତ ଦୁଷ୍କର୍ମକାରୀ ଶଙ୍କରକୁ ମାନ୍ୟବର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## କାମ କରିବାକୁ ଯାଇ ଯୁବକ ନିଖୋଜ



**ବଣାଇଁ, ୨୦।୧(ସମିସ):** ବଣାଇଁଗଡ଼ ସହରରେ ବସବାସ କରୁଥିବା ଜଣେ ଯୁବକ ଜାଙ୍ଗଲା ଗ୍ରାମକୁ କଲର ଓ ପୁଟି କାମ କରିବାକୁ ଯାଇ ନିଖୋଜ ହୋଇଥିବାରୁ ବାପା ବଣାଇଁ ଥାନାରେ ଲିଖିତ ଏକ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ବଣାଇଁ ଥାନା ଅନ୍ତର୍ଗତ ବଣାଇଁଗଡ଼ ସହରର ମହମ୍ମଦ ହସରେ ଆଲମଙ୍କ ପୁଅ ମହମ୍ମଦ ସଲାଉଦ୍ଦିନ(୨୫) ଗତ ୧୧ ତାରିଖ ରବିବାର ଦିନ ଘରୁ ଜାଙ୍ଗଲା ଗ୍ରାମକୁ କଲର ଓ ପୁଟି କାମ କରିବାକୁ ଯାଇ ଫେରି ନଥିଲେ। ଘର ଲୋକେ ଦେଖିଲେ ଯେ ସନ୍ଧ୍ୟା ସମୟ ହେଲାଣି ଏଯାଏଁ ଫେରି ନାହିଁ। ତେବେ ସେହି ଦିନ ରାତି ପ୍ରାୟ ୧୦ ଘଟିକା ବେଳେ ତାର ଜଣେ ସାଙ୍ଗ ସାଲାଉଦିନ ମୋଟର ସାଇକେଲ ଆଣି ଘରେ ଦେଇ ସେଠାରୁ ସେ ମଧ ପଳାଇ ଯାଇଥିଲେ। ତେବେ ସାଲାଉଦିନର ବାପା ତାର ପୁଅକୁ ଫୋନ କଲେ ସୁଦ୍ଧା ଫୋନର ରିଙ୍ଗ ହେଉଛି ଅଥଚ ଫୋନ ଉଠାଉ ନାହାନ୍ତି।ତାପରେ ବାପା ହସରେ ଆଲମ ଗତ ୧୪ ତାରିଖ ଦିନ ତାଙ୍କ ବାପା ବଣାଇଁ ଥାନା ରେ ଲିଖିତ ଭାବେ ଜଣାଇବା ପରେ ପୋଲିସ କେଶ ନମ୍ବର ୧୮୪ ନଂ ମାମଲା ରୁଜୁ କରିଥିବା ଜଣାପଡ଼ିଛି କ୍ଷରାଉରକେଲା ପୋଲିସ ଜିଲ୍ଲା ସହିତ ଅନ୍ୟ ଥାନା କୁ ଏହି ସଂକ୍ରାନ୍ତ ରେ ପୋଲିସ ଜଣାଇ ଛନ୍ତି। ଏବଂ ନିଖୋଜ ହୋଇଥିବା ବ୍ୟକ୍ତିଙ୍କୁ ଖୋଜିବା ପାଇଁ ସତର୍କ ଦୃଷ୍ଟି ରଖିଥିବା ବଣାଇଁ ପୋଲିସ ସୂଚନା ଦେଇଛି କ୍।

### ଗୋଷ୍ଠୀ ସଂଘର୍ଷ ଘଟଣା
## ବଦଳିଲେ ଟାଉନ ଥାନା ଇନ୍ସପେକ୍ଟର

**ରାଉରକେଲା, ୨୦।୧(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ରିଜେଣ୍ଟ ମାର୍କେଟରେ ଯେପରି ଭାବେ ଦୁଇ ଗୋଷ୍ଠୀକୁ ନେଇ ମାଡପିଟ, ଭଙ୍ଗାରୁଜା ଏବଂ ପରେ ଗୋଷ୍ଠୀ ସଂଘର୍ଷ ହେଲା ସେଥିପାଇଁ ଟାଉନ ଥାନା ଇନିସପେକ୍ଟରଙ୍କ ଦାୟିତ୍ୱରେ ଅବହେଳା ରହିଥିବା ଚର୍ଚ୍ଚା ରହିଥିଲା। ଏହାକୁ ଦୃଷ୍ଟିରେ ସୁନ୍ଦରଗଡ଼ ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲିଙ୍କୁ ସେଠାରୁ ବଦଳି କରାଯାଇ ଜିଲ୍ଲା ମୁଖ୍ୟାଳୟ ଆଇୟୁସିଏଡବ୍ଲ୍ୟୁରେ ନିଯୁକ୍ତି ଦିଆଯାଇଛି। ଏହା ପ୍ରତିବଦଳରେ ଭଷ୍ମା ଥାନାର ସୁଶାନ୍ତ କୁମାର ପରିଡ଼ାଙ୍କୁ ଟାଉନ ଥାନାକୁ ବଦଳି କରାଯାଇଛି। ସେହିପରି ଭଷ୍ମା ଥାନାର ଅତିରିକ୍ତ ଇନ୍ସପେକ୍ଟର ଅମର ହୋତାଙ୍କୁ ଉକ୍ତ ଥାନାର ଇନ୍ସପେକ୍ଟର ଦାୟିତ୍ୱ ମିଳିଥିବା ଜଣାପଡ଼ିଛି।

## ଇଦଗା ପଡ଼ିଆରେ ଜିଏସ୍‌ଟି ଚଢଉ

**ରାଉରକେଲା, ୨୦।୧(ସମିସ):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମହତାବ ରୋଡର ଇଦଗା ପଡ଼ିଆ ସମ୍ମୁଖ ରାସ୍ତାରେ ମଙ୍ଗଳବାର ରାତିରେ ରାଜ୍ୟ ଜିଏସଟି ପକ୍ଷରୁ ଚଢ଼ଉ ହୋଇଥିବା ଜଣାପଡ଼ିଛି। ଘଣ୍ଟା ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ଗୁଜୁରାଟରୁ ଆସିଥିଲା। ହେଲେ ସାମଗ୍ରୀ ଗୁଡ଼ିକର ଟିକସ ଦିଆଯାଇ ନଥିବା ଅଭିଯୋଗରେ ଚଢ଼ଉ ହୋଇଥିବା ସୂଚନା ମିଳିଛି। ଚଢ଼ଉ ବେଳେ ଲୋକଙ୍କ ଭିଡ଼ ଜମିଥିଲା। ଲକ୍ଷାଧିକ ଟଙ୍କାର ଟିକସ ଠକେଇ ହୋଇଥିବା ସୂଚନା ମିଳିଛି। ଖବର ଲେଖା ହେବା ଯାଏଁ ଚଢ଼ଉ ଜାରି ରହିଥିଲା।

## ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ

**ଲହୁଣୀପଡ଼ା,୨୦।୧(ସମିସ):** ଲହୁଣୀପଡ଼ା ବ୍ଲକ ତାଲବାହାଲୀ ପଞ୍ଚାୟତ ଓଡ଼ିଶାର ଉଚ୍ଚ ତମ ଜଳପ୍ରପାତ ଭାବେ ପରିଚିତ ଖଣ୍ଡାଧାର ଜଳପ୍ରପାତ ପ୍ରକୃତି ନିବାସରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତି ସାମୁହିକ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ମଙ୍ଗଳବାର ପାଳିତ ହୋଇଥିଲା। ଲହୁଣିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ ବିଡିଓ, ଏସଓ, ବିଜେପି ମଣ୍ଡଳ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ରାଉକେଲା ଜିଲ୍ଲା ସାଙ୍ଗଠନିକ ସାଧାରଣ ସମ୍ପାଦକ ଅଭିରାମ ମହାକୁଡ଼ ସହ ସମିତି ସଭ୍ୟ ନୃପମଣି କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ପ୍ରାୟ ୧୦୦ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକ କର୍ମଚାରୀ ବନ୍ଦେ ମାତରମ ଗାନ କରିଥିଲେ।

### ରାଉରକେଲା ହକର୍ସ ଆସୋସିଏସନ୍‌ର ସାଂଗଠନିକ ସମ୍ମିଳନୀ
## ବିଷ୍ଣୁ ସଭାପତି, ବିମାନ ସାଧାରଣ ସମ୍ପାଦକ ନିର୍ବାଚିତ



**ରାଉରକେଲା, ୨୦।୧(ସମିସ):** ରାଉରକେଲା ହକର୍ସ ଆସୋସିଏସନ୍‌ର ୧୦ମ ସାଂଗଠନିକ ସମ୍ମିଳନୀ ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର - ୧୬ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ୟୁନିୟନର ସଭାପତି ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସେ ଆଗାମୀ ଫେବୃଆରୀ ୧୨ ତାରିଖ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦେଇଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳର ଡାକରାକୁ ସୁନ୍ଦରଗଡ଼ ଜିଲ୍ଲାରେ ସଫଳ କରିବା ପାଇଁ ରାଉରକେଲା ହକର୍ସ ଆସୋସିଏସନ୍‌ର ସମସ୍ତ ସଦସ୍ୟ ନେତୃତ୍ୱକୁ ଆହ୍ୱାନ କରିଥିଲେ। ଏହା ବ୍ୟତୀତ ରାଉରକେଲା ହକର୍ସ ମାନଙ୍କର ବିଭିନ୍ନ ସମସ୍ୟା ଯଥା ୪୦ ପ୍ରତିଶତ କମିଶନ, ସାମାଜିକ ସୁରକ୍ଷା, ପି ଏଫଇଏସଆଇ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବା ପାଇଁ ୟୁନିୟନ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହେବାକୁ ସେ ଆହ୍ୱାନ କରିଥିଲେ। ସମ୍ମିଳନୀରେ ସାଧାରଣ ସମ୍ପାଦକ ବିମାନ ମାଇତି ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ ଓ ରିପୋର୍ଟ ଉପରେ ବିଭିନ୍ନ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ସମସ୍ୟା ଉପରେ ସମାଧାନ ପାଇଁ ଦାବି କରିଥିଲେ। ଶେଷରେ ଆଗାମୀ ୩ ବର୍ଷ ପାଇଁ ୧୫ ଜଣିଆ କର୍ମକର୍ତ୍ତା କମିଟି ଓ ୨୦ ଜଣିଆ କାର୍ଯ୍ୟକାରୀ କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସର୍ବସମ୍ମତି କ୍ରମେ ପୁନଃ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ବିମାନ ମାଇତି, କୋଷାଧକ୍ଷ ଆର୍ତ୍ତତ୍ରାଣ ବେହେରା, ଉପଦେଷ୍ଟା ବସନ୍ତ ନାୟକ, ଆଇନ୍ ଉପଦେଷ୍ଟା ରାଜକିଶୋର ପ୍ରଧାନ, ଉପସଭାପତି ମିହିର ପାତ୍ର, ମନୋଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କିଶୋର କୁମାର ରାଉତ ଓ ଶୁଭେନ୍ଦୁ ପାତ୍ର, ସାଂଗଠନିକ ସମ୍ପାଦକ ଅଶୋକ କୁମାର ସାହୁ, ଅଶୋକ କୁମାର ବିଶ୍ୱାଳ, କର୍ମକର୍ତ୍ତା କମିଟିରେ ସମୀର ରାଜହଂସ, କେଶବ ଜେନା, ନବୀନ ମାଝୀ, ଅନିରୁଦ୍ଧ ଜେନା, ଅଶୋକ କୁମାର ଦାସ, ବାଦଲ ଘୋଷ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟିରେ ଯୁଗଳ ଘୋଷ, ରଶ୍ମିକାନ୍ତ ସାହୁ, ତପନ କୁମାର କର, ପୂର୍ଣ୍ଣଚନ୍ଦ୍ର ବେହେରା, ସୁନିଲ ଦାସ୍, ନିଳମଣୀ ନନ୍ଦ, ଏକେ ବିଶ୍ୱାଳ, ନିରଞ୍ଜନ ସାମଲ, ସୁରେନ୍ଦ୍ର ପଟ୍ଟନାୟକ, ଜିତେନ୍ଦ୍ର ସୋନା, ଦିନେଶ ମଲିକ୍, ଗୋପି ସୋନା, ବ୍ରଜ ନାୟକ, ଶ୍ୟାମ ମାରେଖି, ବେସେରା ଘୋଷ, ସନ୍ତୋଷ ମହାନନ୍ଦ ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।

## ଆର୍‌ଏସ୍‌ପିକୁ 'ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର'

ରାଉରକେଲା, ୨୦।୧(ସମିସ): ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ପ୍ରମୁଖ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)କୁ ୨୦୨୪ -୨୫ ଆର୍ଥିକ ବର୍ଷରେ ପରିବେଶ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ 'ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଜାନୁଆରୀ ୧୭ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ)ର ଯୁଗ୍ମ ସଚିବ ଏବଂ ନିର୍ଦ୍ଦେଶକ ମୃଣାଳିନୀ ଶ୍ରୀବାସ୍ତବ ଏବଂ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡର ସଦସ୍ୟ ରାଜେଶ ଗୋୟଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆରଏସପି ଅନ୍ତର୍ଗତ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପିସି ଦାଶ ଆରଏସପି ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ପରିବେଶ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ଭାବରେ କାର୍ଯ୍ୟ କରୁଥିବା ଏକ ଜଣାଶୁଣା ବେସରକାରୀ ସଂଗଠନ ଗ୍ରୋ କେୟାର ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ପରିବେଶ ପରିଚାଳନା ଏବଂ ପରିବେଶ ସୁରକ୍ଷା ପ୍ରତି ଅନୁକରଣୀୟ ଅବଦାନ ପାଇଁ ଗ୍ରୋ କେୟାର ଇଣ୍ଡିଆ ପ୍ରତିବର୍ଷ ସଂଗଠନ, କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ ପରିବେଶ ପରିଚାଳନା ପୁରସ୍କାର ପ୍ରଦାନ କରିଥାଏ। ଇସ୍ପାତ ନିର୍ମାଣ କାର୍ଯ୍ୟରେ ନିଜର ନିରନ୍ତର ଏବଂ ବ୍ୟାପକ ପରିବେଶ-ଅନୁକୂଳ ପଦକ୍ଷେପ ପାଇଁ ଆରଏସପିକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଏଥିରେ ବାୟୁ ପ୍ରଦୂଷକ ନିର୍ଗମନର ପ୍ରଭାବଶାଳୀ ନିୟନ୍ତ୍ରଣ, ନିର୍ଗତ ନିର୍ଗମନର କଠୋର ପରିଚାଳନା, ବର୍ଜ୍ୟବସ୍ତୁ ବ୍ୟବହାରର ସର୍ବାଧିକୀକରଣ, ବ୍ୟାପକ ସବୁଜୀକରଣ ବିକାଶ, ଜଳ ସଂରକ୍ଷଣ ପଦକ୍ଷେପ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାବଶାଳୀ ସିଏସଆର ପଦକ୍ଷେପ ଅନ୍ତର୍ଭୁକ୍ତ ଅଟେ। ଏହି ମାନ୍ୟତା ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ।



## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବଣାଇଁ, ୨୦।୧(ସମିସ):** ବଣାଁଇଗଡ଼ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଏକ ଆଠଦିନିଆ ସ୍ୱୟଂରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନାମଣି ସାହୁ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଆଜିର ସାମାଜିକ ପରିପ୍ରେକ୍ଷିରେ ଝିଅମାନଙ୍କ ପାଇଁ ସ୍ୱୟଂରକ୍ଷା ଶିକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। +୩ ପ୍ରଥମ ବର୍ଷର ମୋଟ ୧୨୬ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଜଗ୍ୟାସେନୀ ରାୟ ଏହାକୁ ପରିଚାଳନା କରୁଛନ୍ତି। ସେ ଛାତ୍ରୀମାନଙ୍କୁ ସ୍ୱୟଂରକ୍ଷାର ମୌଳିକ କୌଶଳ ସମ୍ପର୍କରେ ପରିଚୟ ଦେଇ ଦୈନନ୍ଦିନ ଜୀବନରେ ସେଗୁଡ଼ିକର ବ୍ୟବହାରିକ ପ୍ରୟୋଗ ବିଷୟରେ ବ୍ୟାଖ୍ୟା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଲକ୍ଷ୍ମୀ କୁଜୁର ଓ ପ୍ରଜ୍ଞାପରମିତା ପ୍ରଧାନ ସହଯୋଗ କରୁଛନ୍ତି।

### ଆର୍‌ଏସ୍‌ପିର ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ
## ନୃତ୍ୟରେ ମାଳତୀ ଓରାମ ଗ୍ରୁପ୍ ବିଜୟୀ

**ରାଉରକେଲା, ୨୦।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜାନୁଆରୀ ୧୯ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବର ଫାଇନାଲ ରାଉଣ୍ଡରେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପ୍ ଚମ୍ପିଅନ୍ ହୋଇଛି। ଏହାର ଉଦଯାପନୀ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ଖଣି (ଓଜିଓଏମ, ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର, ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ ବିଭାବସୁ ମଲ୍ଲିକଙ୍କ ସହ ଆରଏସପିର ବହୁ ବରିଷ୍ଠ ଅଧିକାରୀ, ସରପଞ୍ଚ, ଇଭେଣ୍ଟର ବିଚାରକ, ଏସଏଚଜି ଗୋଷ୍ଠୀ ଏବଂ ରାଉରକେଲାର ଚାରୋଟି ପାର୍ଶ୍ୱାଞ୍ଚଳ ବ୍ଲକରୁ ଅଂଶଗ୍ରହଣକାରୀମାନେ





ଉପସ୍ଥିତ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକ, ନୂଆଗାଁ ବ୍ଲକ, ବିଶ୍ରା ବ୍ଲକ ଏବଂ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୧୨୦ଟି ଦଳ ପୂର୍ବରୁ ବ୍ଲକସ୍ତରରେ ଅନୁଷ୍ଠିତ ଜୋନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବ୍ଲକରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତାମାନେ ଚୂଡ଼ାନ୍ତ ଟାଇଟଲ ହାସଲ ନିମନ୍ତେ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ବର୍ମା ପ୍ରତିଯୋଗିତାରେ ପାଦ ଦେଇ ନିଜର ପ୍ରତିଭାକୁ ଉପସ୍ଥାପନ କରିବା ହିଁ ଏକ ମହାନ ସଫଳତା ବୋଲି ମତବ୍ୟକ୍ତ କରିଥିଲେ। ସେ ପିଢ଼ି ପରେ ପିଢ଼ି ଦେଇ ଆସିଥିବା ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଯୁବ ପିଢ଼ି ଏହାକୁ ନିରନ୍ତର ଭାବେ ଆଗକୁ ନେବା ପ୍ରଶଂସନୀୟ ଏବଂ ଅତ୍ୟାବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ, ପ୍ରକୃତ ବିକାଶ ସମସ୍ତଙ୍କୁ ସାଙ୍ଗରେ ନେବାରେ ନିହିତ ଏବଂ ସିଏସଆର କେବଳ ଏକ ସଂଗଠନାରକ କାର୍ଯ୍ୟ ନୁହେଁ ବରଂ ଏହା ଏକ ସାମୂହିକ ଦାୟିତ୍ୱ ସହ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ, ଡିଆଇସି ପରବର୍ତ୍ତୀ ବର୍ଷରୁ ପୁରସ୍କାର ରାଶି ବୃଦ୍ଧି ହେବା ନେଇ ଘୋଷଣା ମଧ୍ୟ କରିଥିଲେ। ନୃତ୍ୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ। କୁଆଁରମୁଣ୍ଡା ବ୍ଲକର କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପକୁ ବିଜେତା ଦଳ ଭାବେ ୨୦ ହଜାର ଟଙ୍କା ନଗଦ ପୁରସ୍କାର ରାଶି ଏବଂ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶ୍ରା ବ୍ଲକର ସାରୁବାହଲ ଗ୍ରାମର ଲକ୍ଷ୍ମୀ ଗ୍ରୁପ୍ ଦ୍ୱିତୀୟ ପୁରସ୍କାର ଭାବେ ୧୭ ହଜାର ୫୦୦ ଟଙ୍କାର ନଗଦ ପୁରସ୍କାର ରାଶି ଏବଂ ଏକ ଟ୍ରଫି ହାସଲ କରିଥିଲେ। ସେହିପରି ତୃତୀୟ ପୁରସ୍କାର, ଲାଠିକଟା ବ୍ଲକର ଉଡସୁ ଗ୍ରାମର ସଙ୍ଗିତା ଡାନ୍ସ ଗ୍ରୁପ ହାସଲ କରିଥିଲେ ଯେଉଁଥିରେ ୧୫ ହଜାର ଟଙ୍କା ସହ ଏକ ଟ୍ରଫି ରହିଥିଲା। ପ୍ରତ୍ୟେକ ଗ୍ରୁପକୁ ପୁରସ୍କାର ସହିତ ଏକ ଫଟୋ ଫ୍ରେମ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳକୁ ୫ ହଜାର ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଟିଜି କାନେକର ସମାବେଶକୁ ସ୍ୱାଗତ କରିବା ସହ ସିଏସଆରର କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ସୁଶ୍ରୀ ମୁନମୁନ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଏଜିଏମ ଟିବି ଟପ୍ପୋ ଓ ସିଏସଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା ସଂଯୋଜନା କରିଥିଲେ।

# ବିଦ୍ୟାଳୟରେ ଅନିୟମିତତା; ବିଇଓଙ୍କୁ ଅଭିଭାବକଙ୍କ ଅଭିଯୋଗ



ଝାରବନ୍ଧ, ୨୦।୧(ସମିସ): ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତ ଅଧୀନ ଡୁଙ୍ଗୁରିପାଲି ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ଘଟୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଶନିବାର ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୁବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ପିଟିଏମ. ବୈଠକ ହୋଇଥିଲା। ବୈଠକରେ ଅଭିଭାବକମାନେ ସରକାରଙ୍କ ତରଫରୁ ବିଗତ ବର୍ଷ ଏବଂ ଚଳିତ ବର୍ଷରେ କେଉଁ ବାବଦକୁ କେତେ ଟଙ୍କା ଅନୁଦାନ ଆସିଥିଲା ଓ ସେହି ଅନୁଦାନରେ କେଉଁ କାମ ସମ୍ପନ୍ନ ହୋଇଛି ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ପ୍ରଧାନଶିକ୍ଷକ ଏହାର ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ବୈଠକରେ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନଙ୍କ ମନମୁଖୀ କାର୍ଯ୍ୟଶୈଳୀ, କମିଟି ସଦସ୍ୟମାନଙ୍କୁ ଅଣଦେଖା କରାଯାଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଏହି ଘଟଣା ପରେ ଆଜି ଡୁଙ୍ଗୁରିପାଲି ବିଦ୍ୟାଳୟର ଅଭିଭାବକ ମନୋଜ ପ୍ରଧାନ, ନଳିନୀ ପ୍ରଧାନ, ପୁସ୍ତମ ପ୍ରଧାନ, ଦିନେଶ ମହାପାତ୍ର ଓ ଅନିଲ ପ୍ରଧାନ ସମ୍ମିଳିତ ଭାବେ ସ୍ୱାକ୍ଷର କରିଥିବା ଅଭିଯୋଗ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କୁ ଦେଇଛନ୍ତି। ଅଭିଯୋଗପତ୍ରରେ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ପାଣ୍ଠିର ସଠିକ ହିସାବ ନ ରଖିବା, ପାଣ୍ଠି ବ୍ୟବହାରରେ ମିଛ ବିଲ କରି ଶିକ୍ଷା ବିଭାଗକୁ ଠକିବା, ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବଢ଼ାଇ ମଧ୍ୟାହ୍ନ ଭୋଜନ ଯୋଜନାରେ ଚଞ୍ଚକତା, ପୁରୁଣା ସ୍କୁଲ ଗୃହର ମାଟି ଖପର ଓ ଗଛ (ବଉଁଶା, ପାଟି) ବିକ୍ରି କରାଯାଇଥିବା ଭଳି ଗୁରୁତର ଅଭିଯୋଗ ଉଲ୍ଲେଖ ରହିଛି। ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗୋଟିଏ ସ୍କୁଲକୁ ଜଣେ ଶିକ୍ଷକ

# ବିଇଓ କାର୍ଯ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

ଭେଡେନ, ୨୦।୧(ସମିସ)



ଭେଡେନ ବ୍ଲକ ଅଧୀନ ଲୁହଖଣ୍ଡି ପଞ୍ଚାୟତ ସ୍ଥିତ ପୁଡାପାଲି ଗାଁର ୟୁପି ସ୍କୁଲରେ ଶିକ୍ଷକ ନଥିବା ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ଭେଡେନ ସ୍ଥିତ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୁଡାପାଲି ସରକାରୀ ୟୁପି ସ୍କୁଲରେ ଶିଶୁବାଟିକାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୨ଜଣ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ହେଲେ ବିଡ଼ମ୍ବନାର ବିଷୟ ଯେ ସମସ୍ତ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ ରହିଛନ୍ତି। ସେହି ଜଣେ ଶିକ୍ଷକ ମଧ୍ୟ ସବୁବେଳେ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ହେତୁ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଭିଭାକ ମାନେ ଅନେକ ଥର ବିଇଓ କାର୍ଯ୍ୟାଳୟକୁ ଆସି ଆଉ ଜଣିଏ ଶିକ୍ଷକ ଯୋଗାଇ ଦେବା ପାଇଁ ବିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମାତ୍ର ଦୀର୍ଘ ୮ ମାସରୁ ଅଧିକ ହୋଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପୂର୍ବବତ୍ ଜଣେ ଶିକ୍ଷକଙ୍କ ଦ୍ୱାରା ସ୍କୁଲଟି ଚାଲୁଛି। ତେଣୁ ଆଜି ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦାବିରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ସଙ୍କ୍ରାନ୍ତରେ ସରପଞ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନଥିଲା। ଏବିଓ ହେମାବତୀ ମେହେର ଧାରଣା ସ୍ଥଳରେ ପହଞ୍ଚି ଶୀଘ୍ର ଶିକ୍ଷକ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ସମସ୍ତେ ଧାରଣା ସ୍ଥଳରୁ ଉଠିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବରଗଡ଼, ୨୦।୧(ସମିସ): ବରଗଡ଼ ବ୍ଲକ ଅଧୀନ କଟାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଦାନୀ ଫାଉଣ୍ଡେସନର ସିଏସ୍ଆର ହେଡ୍ ପ୍ରଦୀପ୍ତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ମହନ୍ତ, ସମ୍ମାନିତ ଅତିଥି ଭାବେ ସିଆରସିସି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ସାହୁ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ମହାଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କନିଷ୍ଠ ଶିକ୍ଷୟିତ୍ରୀ ସୁନେନା କୁମ୍ଭାର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ସେଠ୍ ବାର୍ଷିକ ବିବରଣୀ ପାଠ କରିବା ସହ ସଭା ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ● ବନ୍ଧପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ବରପାଲି/ମହଦା: ବରପାଲି ବ୍ଲକ ବନ୍ଧପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ସହକାରୀ ଅଧ୍ୟାପକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିଭାଗ ପ୍ରଚାର ପ୍ରମୁଖ ଜଂସୁଜୟ ସାଥୁଆ ସଭାକୁ ଉଦ୍‌ଘାଟନ କରିଥିଲେ।



ସମ୍ମାନିତ ଅତିଥି ରୂପେ ବରିଷ୍ଠ ଶିଳ୍ପପତି ମୋତିଲାଲ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ.ଶେଷନ ବିଶି, ବିଦ୍ୟାଳୟ ସମ୍ପାଦକ ସଦାନନ୍ଦ ସାହୁ, ପ୍ରଧାନ ଆଚାର୍ଯ୍ୟ ଜିତେନ୍ଦ୍ରିୟ ପୂଜାହାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ଓ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଦୀପ ମେହେରଙ୍କ ରଚିତ ନାଟକ 'ମାଙ୍କଡ ନାଚ' ପରିବେଷଣ କରାଯାଇଥିଲା।

## ● ଗୌଡଗାଁ ଉଚ୍ଚ ବିଦ୍ୟାଳୟ

ଭଟଲି: ବରଗଡ଼ ଜିଲ୍ଲା ଅଧୀନ ଭଟଲି ବ୍ଲକର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗୌଡଗାଁରେ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପରିତୋଷ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ, ସମ୍ମାନିତ ଅତିଥି ଭାବେ ସୌରୀ ଚରଣ ବାରିକ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୁନିରାମ କୁମ୍ଭାର, ବିଦ୍ୟାଳୟ



ପରିଚାଳନା କମିଟିର ସଭାପତି ବିରେନ୍ଦ୍ର ସାହୁ, ଆଲୁମିନି ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜାମ୍ବିକ ମାଝୀ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କନିଷ୍ଠ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ତେଜରାଜ ବାରିକ ସଭା ସଂଯୋଜନା କରିଥିଲେ। ପ୍ରଥମେ ଶିକ୍ଷକ କନିଷ୍ଠ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଗତବର୍ଷ ବାର୍ଷିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ଅନନ୍ୟା ସାହୁଙ୍କ ସମେତ ବାର୍ଷିକ କ୍ରୀଡାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁନିରାମ କୁମ୍ଭାର ତାଙ୍କର କବିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା। ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଘୁଡକା ନାଚ' ସମସ୍ତଙ୍କୁ ମୁଗ୍ଧ କରିଥିଲା। ଶେଷରେ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତୀ ଭୋଇ ଧନ୍ୟବାଦ ଦେଇଥିଲେ।

# ସିଂଘୋଡ଼ା ଘାଟିରେ ସ୍ୱାଧୀନତା ସଂଗ୍ରାମର ୧୧ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ମେଲଛାମୁଣ୍ଡା, ୨୦।୧(ସମିସ): ଓଡ଼ିଶା ରାଜ୍ୟ ଅଗ୍ରଣୀ ଅନୁଷ୍ଠାନ ସହିଦକୁଞ୍ଜଳସିଂହକ୍ଲବ୍ ତରଫରୁ ୧୯ ଜାନୁଆରୀକୁ ବୀରତ୍ୱ ଦିବସ ଭାବେ ପାଳନ କରାଯାଇଛି। ୧୮୫୮ ଜାନୁଆରୀ ୧୯ରେ ଇଂରେଜ ବାହିନୀ ସହ ଘେଁସ ଜମିଦାର ମାଧୋ ସିଂହଙ୍କ ସୈନ୍ୟଙ୍କ ମଧ୍ୟରେ ହୋଇଥିବା ପ୍ରଚଣ୍ଡ ଲଢ଼େଇରେ ୧୧ ଜଣ ଯୋଦ୍ଧା ସହିଦ ହୋଇଥିଲେ। ସିଂଘୋଡ଼ା ଘାଟିଠାରେ ମାଧୋ ସିଂହଙ୍କ ସୈନ୍ୟବାହିନୀ ଉପରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଚଣ୍ଡ ଆକ୍ରମଣ କରାଯାଇଥିଲା। ରାୟପୁର ପଟ୍ଟୁ ଲେଫ୍ଟନେଣ୍ଟ ହେନେରୀ ମେକ ନିପନ ଏବଂ ସମ୍ବଲପୁର ପଟରୁ କେପଟେନ ସେକ୍ସପିଅରଙ୍କ ନେତୃତ୍ୱରେ ସୁସଜ୍ଜିତ ବ୍ରିଟିଶ ବାହିନୀ ଏହି ମିଳିତ ଆକ୍ରମଣ କରିଥିଲେ। ସେଦିନ ଘେଁସ ବାହିନୀର ନେତୃତ୍ୱ ନେଇଥିବା ମାଧୋ ସିଂହଙ୍କ ଜ୍ୟେଷ୍ଠ ପୁତ୍ର ହଟେ ସିଂହ ଏହି ଯୁଦ୍ଧରେ ମୂର୍ଚ୍ଛିତ ହେବା ସହ ତାଙ୍କ ଦଳର ୧୧ ଜଣ ବୀର ଯୁଦ୍ଧ ଭୂଇଁରେ ସହିଦ ହୋଇଥିଲେ ଓ ଅନେକ ଆହତ ହୋଇଥିଲେ। ସେହି ବଳିଦାନ ଓ ବୀରତ୍ୱ ଦିନର ସ୍ମୃତି ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଜମିଦାରଙ୍କ ଅସ୍ତ୍ରାଗାର ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ ପୂର୍ବକ ସନ୍ଧ୍ୟାରେ ସିଂଘୋଡାଘାଟି ଠାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହିଦକୁଞ୍ଜଳ ସିଂ କ୍ଲବ୍‌ର ସଭାପତି ଅଶୋକ ପୂଜାହାରୀ, ସମ୍ପାଦକ ସୁଦାମା ବାରିକ, କୋଷାଧ୍ୟକ୍ଷ ଡୋଲାମଣି ପଟେଲ, ସହିଦ ମାଧୋ ସିଂହଙ୍କ ଦାୟାଦ୍ ରଣଜିତ ସିଂ ବରିହା ଓ ଲୋକେଶ୍ୱର ସିଂ ବରିହାଙ୍କ ସମେତ ନିରଞ୍ଜନ ଖର୍ସେଲ, ବିକ୍ରମ ପ୍ରଧାନ, ଗୋକୁଲାନନ୍ଦ ମହାପାତ୍ର, କିଶୋର ମହାପାତ୍ର, ମୁରଲି ପଟେଲ, ଛତ୍ରପତି ବେହେରା, ଇମରାନ୍ ଭୋପାଲା, ବାବୁଲୁ ମହାପାତ୍ର, ଅମୂଲ୍ୟ ମେହେର, ପ୍ୟାରିଲାଲ ବାରିକ, କୁଶରାଉତ୍, ଅଜନ୍ତ ମେହେର, ଛବିଲ ମେହେର, ଚନ୍ଦନ ଚୌହାନ ପ୍ରମୁଖ ଓ ଅନ୍ୟ ସଦସ୍ୟଗଣ କାର୍ଯ୍ୟକ୍ରମରେ ଯୋଗଦେଇ ସହିଦ ବୀର ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ 'ବଉଳା କଣ୍ଟୁରୀ ସ୍ମୃତି ସମ୍ମାନ'



ଅତାବିରା, ୨୦।୧(ସମିସ): କନ୍ଧମାଳ ବଉଳ କଣ୍ଟୁରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀରେ ତୃତୀୟ ବାର୍ଷିକ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ, କବୟିତ୍ରୀ, ସମାଜସେବୀ ତଥା ପ୍ରକୃତି ବନ୍ଧୁ ଅନୁସୂୟା ଦେବତାଙ୍କୁ 'ବଉଳା କଣ୍ଟୁରୀ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ ତଥା ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଫାରକଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ମୀନକେତନ ଦାଶ, ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ରାଜ୍ୟ ସଦସ୍ୟ ବାହାଦୂର ପାଟସାହାଣୀ, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ ଶଶଧର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଫେସର ତାରାପ୍ରସନ୍ନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ନୀରଦ ଚନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସୌଦାମିନୀ ତ୍ରିପାଠୀଙ୍କ ବେଦ ମନ୍ତ୍ର ଉଚ୍ଚାରଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପ୍ରଥମ ଅଧିବେଶନରେ ପୁରୀ କାକଟପୁର ପ୍ରାକ୍ତନ ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ ସେନାପତି, ଶିକ୍ଷୟିତ୍ରୀ ଲକ୍ଷ୍ମୀ ପ୍ରିୟା ରାଉତରାୟଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସମ୍ବର୍ଦ୍ଧନା ଓ ଆଲୋଚନା ଚକ୍ର ତଥା ଟ୍ରଷ୍ଟର ସ୍ମରଣିକା 'ମୋ ମାଆ' ସହ ସନ୍ନିଭିକା, କବିତା ପସରା ଓ ମାତୃକୃପା ଆଦି ଚାରିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରତିଭାଧାରୀ ମାନଙ୍କୁ ଉପଢୌକନ, ଫୁଲତୋଡା ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କୃତିତ୍ୱ ହାସଲ କରିଥିବା ୫ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତାରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅନୀଲ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ ଏକାଦଶ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଔଦ୍ୟୋଗିକ ଭ୍ରମଣ

ବରଗଡ଼, ୨୦।୧(ସମିସ): ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ଏକାଦଶ ଶ୍ରେଣୀ(ବାଣିଜ୍ୟ)ର ଛାତ୍ରଛାତ୍ରୀ ୧୭ ତାରିଖ ବରଡୋଲ ସ୍ଥିତ ଜେନ୍ ପଲିଫେବ୍ ପ୍ରାଇଭେଟ୍ ଲିମିଟେଡ୍ କାରଖାନାକୁ ଏକ ଶିକ୍ଷାମୂଳକ ଭ୍ରମଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଔଦ୍ୟୋଗିକ ଜ୍ଞାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପକ୍ଷରୁ ଏହି ଭ୍ରମଣର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀଙ୍କ ସହିତ ବରିଷ୍ଠ ଶିକ୍ଷକ ହର୍ଷଲ ଡାନ୍,



ଅନ୍ୱେଷା ବିଶ୍ୱାଳ ଏବଂ ରୁଚି ମିଶ୍ରଲ୍ ଅଂଶଗ୍ରହଣ କରିଥିଲେ। ଭ୍ରମଣ ସମୟରେ ଛାତ୍ରଛାତ୍ରୀ ଅଲ୍ଟ୍ରାଟେକ୍ ସିମେଣ୍ଟରେ ବ୍ୟବହୃତ ପ୍ଲାଷ୍ଟିକ ବ୍ୟାଗ୍ ନିର୍ମାଣ ପ୍ରକ୍ରିୟା ବିଷୟରେ ତଥ୍ୟ ଜାଣିପାରିଥିଲେ। ଉଦ୍ୟୋଗର ସିଇଓ ପ୍ରବୀଣ ଜୈନ ନିଜେ ଛାତ୍ରଛାତ୍ରୀଙ୍କୁ କାରଖାନା ପରିସର ଭିତରକୁ ନେଇ କଞ୍ଚାମାଲ୍‌ରୁ ଆରମ୍ଭ କରି ଉତ୍ପାଦିତ ଦ୍ରବ୍ୟ ତିଆରି ପର୍ଯ୍ୟନ୍ତ ସମଗ୍ର ନିର୍ମାଣ ପ୍ରକ୍ରିୟାକୁ ସରଳ ଭାଷାରେ ବୁଝାଇଥିଲେ। ସେ ପ୍ଲାଷ୍ଟିକ ବ୍ୟାଗ୍ ନିର୍ମାଣରେ ବ୍ୟବହୃତ କଞ୍ଚାମାଲ୍, ଆଧୁନିକ ଯନ୍ତ୍ରପାତି, ଛାପା ପ୍ରକ୍ରିୟା, ଉତ୍ପାଦନ ଖର୍ଚ୍ଚ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା, ଶ୍ରମିକମାନଙ୍କ ଭୂମିକା ଏବଂ ଶିଳ୍ପକୁ ମିଳୁଥିବା ସରକାରୀ ସହାୟତା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏହି ଔଦ୍ୟୋଗିକ ଭ୍ରମଣ ମାଧ୍ୟମରେ ଛାତ୍ରଛାତ୍ରୀ ବାଣିଜ୍ୟ ବିଷୟର ସିଦ୍ଧାନ୍ତମୂଳକ ଜ୍ଞାନକୁ ପ୍ରାୟୋଗିକ ଭାବେ ବୁଝିବାର ସୁଯୋଗ ପାଇଥିଲେ। ଛାତ୍ରଛାତ୍ରୀ ଏହି ଭ୍ରମଣକୁ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଓ ପ୍ରେରଣା ଦାୟକ ବୋଲି କହିବା ସହ ବିଦ୍ୟାଳୟ ପ୍ରଶାସନ ଏବଂ ଶିଳ୍ପ ପ୍ରଶାସନ ପ୍ରତି କୃତଜ୍ଞତା ଜଣାଇଥିଲେ।

# ଜୁଆଆଡ୍ଡାରେ ଚଢ଼ଉ, ୪ ଗିରଫ

ବରଗଡ଼, ୨୦।୧(ସମିସ): ବରଗଡ଼ ଟାଉନ ପୁଲିସ ଚଢ଼ଉ କରି ୪ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂତ୍ରରୁ ଖବର ପାଇ ପୁଲିସର ମିଳିତ ଚଢ଼ଉରେ ମୁଣ୍ଡାପଡ଼ାରେ ଖେଳୁଥିବା ୪ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ୱାର୍ଡ ନଂ ୧୨ ହରିଜନ ପଡ଼ାର ହରଜିତ ଭୋସାଗର(୩୨), ୱାର୍ଡ ନଂ୧୨ ପଠାନ ପଡ଼ାର ଏମଡି କାୟୁମ୍(୩୩) ଓ ସେକ ସାଦିକ (୩୩) ଏବଂ ମୁଣ୍ଡାପଡ଼ାର ଆକାଶ ନିନ୍ଧିରିଆ (୩୫)। ସେମାନଙ୍କ ଠାରୁ ନଗଦ ୮୦୬୦ ଟଙ୍କା, ଏକ ସ୍କୁଟି, ଏକ ନମ୍ବର ନଥିବା ଏକ ସ୍କୁଟି, ଏକ କଳାରଙ୍ଗର ବୁଲେଟ, ଏକ ବାଇକ ଓ ୧୦୪ ତାସକାର୍ଡ ଜବତ କରିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇ ୪ ଜଣଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର ସୂଚନା ଦେଇଛନ୍ତି।

# ବାଇକ୍ ଚୋରି, ଅଭିଯୁକ୍ତ ଗିରଫ



ବିଜେପୁର, ୨୦।୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଥାନା ଅଧୀନ ବାଦିପାଲି ଗାଁର ବଜାରରେ ବାଇକ୍ ଚୋରି ଅଭିଯୁକ୍ତ ସ୍ୱପ୍ନେଶ୍ୱର ଭୁଏ (୨୬)କୁ ବିଜେପୁର ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ମେଲଛାମୁଣ୍ଡା ଥାନା ଅଧୀନ କମଲପଦର ଗାଁର ନେହେରୁଲାଲ ନାୟକ ତାଙ୍କ ହିରୋ ଏଚଏଫ୍ ଡିଲକ୍ସ ମୋଟରସାଇକଲକୁ ବାଦିପାଲି ବଜାର ପ୍ରାଙ୍ଗଣରେ ରଖି ଭିତରକୁ ଯାଇଥିଲେ। ଏହି ସମୟରେ ଅଜଣା ଦୁର୍ବୃତ୍ତ ଦ୍ୱାରା ତାଙ୍କ ବାଇକ ଚୋରି ହୋଇଥିଲା। ଏନେଇ ନେହେରୁଲାଲ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଜେପୁର ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଜେପୁର ଥାନାଧିକାରୀ ସୁଶାନ୍ତମଣି ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଟିମ୍ ସଙ୍ଗେସଙ୍ଗେ ତନାଘନା ଚଳାଇଥିଲେ। ପୋଡମୁଣ୍ଡା ଗାଁର ସ୍ୱପ୍ନେଶ୍ୱରକୁ ଧରିବାରେ ସଫଳ ହୋଇଥିଲା। ବରଗଡ଼ ସଦର ଥାନାରେ ମଧ୍ୟ ପୂର୍ବରୁ ବାଇକ୍ ଚୋରି ମାମଲା ରହିଛି। ସେହି ଆଧାରରେ ପୁଲିସ ସନ୍ଦେହ କରି ଅଭିଯୁକ୍ତକୁ ଧରିବା ସହିତ ତା ନିକଟରୁ ଚୋରି ଜବତ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତଙ୍କୁ ବିଜେପୁର ନ୍ୟାୟାଳୟକୁ ଚାଲାଣ କରାଯାଇଛି।

# ପଞ୍ଚାୟତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

ବରଗଡ଼, ୨୦।୧(ସମିସ): ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନାର ଏକ ୭ ଦିନିଆ ସ୍ୱତନ୍ତ୍ର ଶିବିର ଅଧ୍ୟକ୍ଷ ଡ.ନକୁଳ ସେଠଙ୍କ ପୌରୋହିତ୍ୟରେ ପୋଷ୍ୟ ଗାଁ ରୋହିନିଆ ଟିକ୍ରାରେ ଉଦ୍‌ଘାଟିତ ହୋଇଛି। ସମାଜର ସେବାକାର୍ଯ୍ୟରେ ନିଜକୁ ସମର୍ପିତ କରି ଦେଶର ବିକାଶ କ୍ଷେତ୍ରରେ ସହାୟକ ହେବାକୁ ଡ.ସେଠ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏଙ୍କ ଦ୍ୱାରା ପ୍ରସ୍ତୁତ ସପ୍ତଦିନ ବ୍ୟାପୀ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଗାଁର ସଫେଇ କାର୍ଯ୍ୟ କରାଯିବା ସହିତ ସ୍ୱାସ୍ଥ୍ୟ ସଚେତନତା ଓ ସାକ୍ଷରତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। ବିଶେଷଜ୍ଞ ଭାବେ ସହକାରୀ ପ୍ରଫେସର ବିଜୟ ନାଗ 'ନାଗରିକର ଅଧିକାର ଓ ଗ୍ରାମାଞ୍ଚଳ ନେତୃତ୍ୱ' ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟତମ ବିଶେଷଜ୍ଞ ଅଧ୍ୟାପକ ଅଜିତ ସାହୁ ପରିବେଶ ସୁରକ୍ଷା ଓ ବର୍ଜ୍ୟବସ୍ତୁର ସୁପରିଚାଳନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ଯାଇ ଗ୍ରାମବାସୀ ମାନେ କିପରି ସାମାଜିକ ଓ ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ସର୍ଭେ କରିଥିଲେ। ଗ୍ରାମ୍ୟ କମ୍ୟୁନିଟି ସେଣ୍ଟର୍ ଓ ପାନୀୟ ଜଳ ଯୋଗାଣ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଗଲା। ଶେଷରେ 'ଶିକ୍ଷା ସମସ୍ତଙ୍କ ପାଇଁ' ଓ 'ସ୍ୱଚ୍ଛ ଭାରତ' ସ୍ଲୋଗାନ ଦେଇ ସ୍ୱେଚ୍ଛାସେବୀମାନେ ଗାଁରେ ଏକ ଜନସଚେତନତା ମୂଳକ ପଦଯାତ୍ରା କରିଥିଲେ।

# ଘେସ ରେଞ୍ଜରେ ଜଙ୍ଗଲ ନିଆଁ ଉପରେ ସଚେତନତା ସଭା

ପଦ୍ମପୁର, ୨୦।୧(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଘେଁସ ରେଞ୍ଜ ଅଧୀନ ଦିପ୍ତିପୁର ସେକ୍ସନର ବରିହାପାଲି, ଆମମୁଣ୍ଡା, ବଇଦ ପାଲି ଗାଁରେ ଜଙ୍ଗଲ ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ନିମନ୍ତେ ବନପାଳ ସୁଶାନ୍ତ ଦାଶଙ୍କ ନେତୃତ୍ୱରେ ଜଙ୍ଗଲ ଅଗ୍ନିକାଣ୍ଡ ପ୍ରତିରୋଧ ଓ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଛି। ସଭାରେ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଲାଗୁଥିବା ଅଗ୍ନିକାଣ୍ଡକୁ ରୋକିବା ଓ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଆଲୋଚନା ହୋଇଥିଲା। ବନ ବିଭାଗର କର୍ମଚାରୀମାନେ ଜଙ୍ଗଲ ଅଗ୍ନିକାଣ୍ଡର କାରଣ, ତାର କୁପ୍ରଭାବ ଓ ପ୍ରତିରୋଧ ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଅନାବଶ୍ୟକ ଭାବେ ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲ ମାର୍ଗରେ ଜ୍ୱଳନଶୀଳ ବସ୍ତୁ ଫିଙ୍ଗିବାରୁ ବିରତ ରହିବା ଓ ଅଗ୍ନିକାଣ୍ଡ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ କରାଯାଇଥିଲା। ବଇଦପାଲି, ଆମମୁଣ୍ଡା, ବରିହାପାଲି ଆଦି ଗାଁରେ ଅନୁଷ୍ଠିତ ସଚେତନତା ସଭାରେ ବିଭିନ୍ନ ବନ ସୁରକ୍ଷା ସମିତି ସଦସ୍ୟ, ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ସମେତ ବନରକ୍ଷୀ ତେଜସ୍ୱିନୀ ସାହୁ, ଅଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ମିଶି ଜଙ୍ଗଲ ସୁରକ୍ଷା ପାଇଁ ସହଯୋଗ କରିବା ଓ ଅଗ୍ନିକାଣ୍ଡ ପ୍ରତିରୋଧରେ ସକ୍ରିୟ ଭୂମିକା ନେବାକୁ ସଙ୍କଳ୍ପ ଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ

ବରଗଡ଼, ୨୦।୧(ସମିସ)



ନିଜ ଅଞ୍ଚଳ ଓ ମାଟିର ଉନ୍ନତି ପାଇଁ କିଛି କରି ପାରିଲେ ଶିକ୍ଷାର ମୂଳ ଲକ୍ଷ୍ୟ ସାଧିତ ହୋଇଥାଏ ବୋଲି ରାଣା ପ୍ରତାପ ସ୍କୁଲ ଠାରେ ଆୟୋଜିତ ବରଗଡ଼ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପନୀ ସମାରୋହରେ ମତ ପ୍ରକାଶ ପାଇଛି। ବରଗଡ଼ ଏଡିଏମ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଗୋବିନ୍ଦ ସେଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରଗଡ଼ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ଦିନରେ ଅନୁଷ୍ଠିତ ହୋଇଥିବା ଆକାଂକ୍ଷି ମେଳା, ଇନ୍‌ସ୍ପାୟରିଂ ଓଡ଼ିଶା -୨୦୨୬, ଆକାଂକ୍ଷି ଛାତ୍ର ପରିସର, ଟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା ପ୍ରମୁଖ ତିନିଟି ପାଭିଲିୟନରେ ୩୩୨ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ରହିଥିଲା। ବିଶିଷ୍ଟ ଅତିଥି ଭାବେ ବିଧାୟକ ବୃନ୍ଦ ଏହି ପ୍ରକଳ୍ପ ପ୍ରଦର୍ଶନୀକୁ ଶୁଭ ଉଦ୍‌ଘାଟନ କରିବା ସହ ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏଡିଇଓ ସରୋଜ ଭୁଏ, ଏଡିଇଓ ଅମୃତା ସାହୁ, ସମସ୍ତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ରାଣା ପ୍ରତାପ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଏଡିଇଓ ବିନୟ ପ୍ରକାଶ ସୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶିଶୁ ହସିଲେ ଦୁନିଆ ହସେ



ଦହିତା, ୨୦।୧(ସମିସ): ପଦ୍ମପୁର ଉପଖଣ୍ଡ ବ୍ରାହ୍ମଣ ଡିହି ଗାଁରେ ଗାଁ କମିଟି ଓ ସିରଜିନା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ 'ଶିଶୁ ହସିଲେ ଦୁନିଆଁ ହସେ' କାର୍ଯ୍ୟକ୍ରମ ପାଳିତ ହୋଇଛି। ତୁଳସୀ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱ ଓ ସିରଜିନା ସମ୍ପାଦକ ରାଜେନ୍ଦ୍ର ମହାନ୍ତିଙ୍କ ସମ୍ପାଦନାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଶିଶୁ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସିରଜିନାର ନାରୀ ସଂଯୋଜିକା ରଞ୍ଜୁଲତା ସାହୁ ନାରୀ ଶକ୍ତି ବଳରେ କିପରି ଏହି ସମାଜ ପରିବର୍ତ୍ତନ ହୋଇ ପାରିବ ଓ ଶିଶୁ ଓ ଯୁବକ ମାନେ କିପରି ନୂତନ ସମାଜ ଗଢ଼ି ପାରିବେ ତାହା ଆଲୋକପାତ କରିଥିଲେ। ସେହିପରି ସିରଜିନାର ସାହିତ୍ୟ ସମ୍ପାଦକ ଡ.ଅବନୀକାନ୍ତ ସାହୁ ଶିଶୁ ହସିଲେ ଦୁନିଆ ହସେ ବିଷୟକୁ ବିଭିନ୍ନ ଗଳ୍ପ ମାଧ୍ୟମରେ ଆଲୋଚନା କରିଥିଲେ। ସିରଜିନା ସଂଯୋଜକ ଦେବେନ୍ଦ୍ର ତ୍ରିପାଠୀ ଓ ଗୁରୁବାରୁ ମିରିଙ୍କ ଦ୍ୱାରା ଖେଳ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ଖେଳରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜକୁମୁରିଆକୁ ସର୍ବଶ୍ରେଷ୍ଠ ଛାତ୍ରରୂପେ ସମ୍ମାନିତ କରାଯାଇ ଥିଲା। ପ୍ରାଦ୍ୟୁମ୍ନ ପାଣଗ୍ରାହୀଙ୍କୁ ଶ୍ରେଷ୍ଠ ସଫା ସୁତୁରା ଛାତ୍ର ରୂପେ ସମ୍ମାନିତ କରାଯାଇ ଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରା ଯାଇଥିଲା। ଯଜ୍ଞସିନି ମେହେର, ମମତା ନାୟକ, ସଞ୍ଜିତ୍ ଚିନ୍ଦା, ଅଞ୍ଜଳିରିଆ, ଶିବା ବିନି ରାକ୍ଷୀ ଲିଶା ଆରୋହୀ ଅର୍ଚିତା ଓ ଅନନ୍ୟାଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମ୍ପାଦକ ରାଜେନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷୟ ଘନ ଶ୍ୟାମ ପଣ୍ଡା ଓ ଯୁବ ତାରକାର ସମସ୍ତ ସଭ୍ୟ ମମତା ସାହୁ ପ୍ରଭୃତି ଯୋଗ ଦେଇ ସହଯୋଗ କରିଥିଲେ।

### ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

# ଗୋପପୁରରେ ନନ୍ଦଉତ୍ସବ, ପୁତନା ବଧ




**ସମ୍ବଲପୁର, ୨୦।୧(ସମିସ)**

ସମ୍ବଲପୁରୀ ଧନୁଯାତ୍ରା ଦେଖିବା ପାଇଁ ଗୋପପୁର ଓ ମଥୁରାରେ ଭିଡ଼ ଜମୁଛି। ଆଜି ଗୋପପୁର (ଚାଉଁରପୁର) ଉତ୍ସବ ମୁଖର ହୋଇଛି। ସକାଳ ୧୦ ଟାରୁ ଆରମ୍ଭ ହୋଇଥିବା ଗୋପପୁରରେ ନନ୍ଦୋତ୍ସବ ପାଳନ ହେବା ସହ ପୁତନା ବଧ ହୋଇଥିଲା। ସଂକିର୍ତ୍ତନ ସହ ହଜାର ହଜାର ଦର୍ଶକଙ୍କ ଗହଣରେ ଆଜି ଗୋପପୁର ଲୋକାରଣ୍ୟ ହୋଇଥିଲା। ପୁତନା ବଧ ସମାଚାର ପାଇବା ପରେ କଂସ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଶେଷରେ ଷଣ୍ଡାସୁରକୁ ଗୋପପୁର ପଠାଇ ଥିଲେ। ମଥୁରାନଗରୀରେ ସମ୍ବଲପୁରୀ ଧନୁଯାତ୍ରା କମିଟିର ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ସମ୍ବଲପୁର ସାମ୍ବାଦିକ ସଂଘର ସଭାପତି ସୁବାସ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ପ୍ରଦର୍ଶିତ ହେବା ଦ୍ୱାରା ଆମ ଭାଷା ଆଗକୁ ବଢ଼ିବ ଓ ସରକାର ଆଗକୁ ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ ହୋଇପାରିବେ ବୋଲି କହିଥିଲେ। ଧନୁଯାତ୍ରା କମିଟିର ବରିଷ୍ଠ ସଭ୍ୟ ଲଳିତ ବେବାର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ରାମଦାସ ପଣ୍ଡା ଓ ସମ୍ପାଦକ ଗୁଣ ରଞ୍ଜନ ସାଲିମା ଓ ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା ମଧ ମଞ୍ଚାସୀନ ଥିଲେ। ଆଜିର ମଥୁରାନଗରୀ ରାଜ ଦରବାରରେ କଣ୍ଠଶିଳ୍ପୀ ରବୀନ୍ଦ୍ର ପଣ୍ଡା, ଅର୍ପିତା ମିଶ୍ର, ଅଜୟ ନାଥ, ଶ୍ୱେତା ପଣ୍ଡା ପ୍ରମୁଖ ଶ୍ରୁତିମଧୁର ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ସୂର୍ଯ୍ୟ ପାଣିଗ୍ରାହୀ ଓ ଶଙ୍କର ବେହେରା ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ମହାରାଜ କଂସ ନଗର ପରିକ୍ରମା କରିଥିଲେ। ଧନୁପାଲି ମହାବୀର ପଡ଼ାରୁ ବାହାରି, ଧନୁପାଲି ଛକ, ଗୋବିନ୍ଦଟୋଲା ଛକ, ଚାରଭାଟିଛକ, ଜେଲ ଛକ, କଚେରୀ ଛକ, ମୁନ୍ସିପାଲଟି ଛକ, ଗଙ୍ଗାଧର ମଣ୍ଡପ ( ମଥୁରା ନଗରୀ ମଞ୍ଚ) ପହଞ୍ଚିଥିଲେ।



ହୀରାକୁଦ ଆଦ୍ରଭୂମିରେ ପକ୍ଷୀ ଗଣନା

## ଭୀମଭୋଇ କଲେଜରେ ଲୋକ ମହୋତ୍ସବ ଉପଲକ୍ଷେ ଆଲୋଚନାଚକ୍ର

**ରେଢ଼ାଖୋଲ, ୨୦।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ଭୀମଭୋଇ ଲୋକ ମହୋତ୍ସବ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲର ଐତିହ୍ୟ, ସଂସ୍କୃତି, ଲୋକକଳା, ଲୋକକଥା ଏବଂ ସନ୍ଥ କବି ଭୀମଭୋଇ ଶୀର୍ଷକ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଅମୂଲ୍ୟକୃଷ୍ଣ ପାଢ଼ୀ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଏବଂ ଏନ୍‌ଏସି ଅଧକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବରେ କଲେଜର ପ୍ରାକ୍ତନ ଅଧକ୍ଷ ତଥା ଇତିହାସ ବିଭାଗର ମୁଖ୍ୟ ଅକ୍ଷୟ କୁମାର କର ଯୋଗଦେଇ ରେଢାଖୋଲର ସମୃଦ୍ଧ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ।




ସେହିପରି କଲେଜର ପ୍ରାକ୍ତନ ଅଧକ୍ଷ ତଥା ଓଡିଆ ବିଭାଗର ମୁଖ୍ୟ ଡ.ବାଳାଦିତ୍ୟ ବିକାଶ ଚନ୍ଦନ ସିଂହ ଅନ୍ୟତମ ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ ରେଢାଖୋଲର ଲୋକକଳା, ଲୋକ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ସବିଶେଷ ଅଲୋଚନା କରିଥିଲେ। ଓଡିଆ ବିଭାଗର ମୁଖ୍ୟ ଡ.ମନୋରଞ୍ଜନ ମହନ୍ତ ଆଲୋଚନାଚକ୍ରର ଉପସଂହାରରେ ଆଲୋଚନା ଗୁଡିକ ବିଭିନ୍ନ ଦିଗ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଆଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପ୍ରଶାସନିକ ପ୍ରଭାରୀ ପ୍ରାଧାପକ ଅରୁଣ କୁମାର ଶାସନୀଙ୍କ ସମେତ ଅନ୍ୟାନ୍ୟ ଅଧାପକ, ଅଧାପିକା କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବିବାହିତା ଯୁବକଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୨୦।୧(ସମିସ):** ବାମରା ନିକଟ ବଡ଼ଢୁଡ଼ରିଆମ୍ ଗ୍ରାମର ମୁଟାପଡ଼ା ଠାରେ ଜଣେ ବିବାହିତ ଯୁବକ ରଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ସିମାବର୍ତ୍ତି ଲୋଇକେରା ଥାନା ବଡ଼ଢୁଡ଼ରିଆମ୍ ମୁଟାପଡ଼ାର ବିର୍ସା ଲୁଗୁନଙ୍କ ପୁଅ ରାଜେନ୍ଦ୍ର ଲୁଗୁନ କୌଣସି କଥାକୁ ନେଇ ମାନସିକ ଚାପରେ ଥିବା ବେଳେ ସୋମବାର ଦିନ ତାଙ୍କ ଘରେ କେହି ନଥିବା ବେଳେ ଘରେ ବେକରେ ଗାମୁଛା ଦେଇ ଖପରରେ ଝୁଲି ପଡ଼ିଥିଲେ। ସନ୍ଧ୍ୟାରେ ତାଙ୍କ ପରିବାର ଲୋକ ଘରକୁ ପହଞ୍ଚି ଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ରାତି ପ୍ରାୟ ୧୦ ଟା ସମୟରେ ସୂଚନା ପାଇ ସାହାସପୁର ଫାଣ୍ଡି ପୁଲିସ ସୂଚନା ପାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବ୍ରିଜ ତଳକୁ ଖସିଲା ବାଇକ୍, ୨ ଗୁରୁତର

**ରେଢ଼ାଖୋଲ, ୨୦।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ -କିସିଣ୍ଡା ରାସ୍ତାର ଗୌଡ଼ପାଲି ଗ୍ରାମ ନିକଟ ବ୍ରିଜ ତଳକୁ ଭାରସାମ୍ୟ ହରାଇ ବାଇକ୍ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ରେଢ଼ାଖୋଲ ଥାନା ଟାଲ ଗ୍ରାମର ବାସିନ୍ଦା ଶରତ ନାଏକ ଏବଂ ଜୁଜୁମୁରା ଥାନା ମନୋଜ ଧରୁଆ। ସୂଚନା ଯୋଗ୍ୟ ଯେ ଉକ୍ତ ଉଭୟ ଯୁବକମାନେ ବାହାଘର ବରାତିରେ ଯୋଗଦେଇ ଘରକୁ ଫେରୁଥିବା ସମୟରେ ଗୌଡପାଲି ଗ୍ରାମ ନିକଟରେ ଥିବା ଏକ ବ୍ରିଜ୍ ତଳକୁ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ଏଥିରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଏଥିରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେପଟେ ଘଟଣାର ଖବର ପାଇ କିସିଣ୍ଡା ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରୁଥିବା ଜଣାପଡ଼ିଛି।

## ବୁର୍ଲାବାସୀଙ୍କୁ ପ୍ରଶାସନର ବୈମାତୃକ ମନୋଭାବ ଅଭିଯୋଗ

**ସମ୍ବଲପୁର, ୨୦।୧ (ସମିସ) :** ବୁର୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ବୈମାତୃକ ବ୍ୟବହାର କରାଯାଉଥିବା ବୁର୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଅପରାହ୍ଣରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ସାମ୍ବାଦିକ ସମ୍ମିଳନୀରେ ବୁର୍ଲାର ବିଭିନ୍ନ ସମସ୍ୟା ବିଷୟରେ ସଦସ୍ୟ ମାନେ ଉଲ୍ଲେଖ କରିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ବୁର୍ଲାରେ ଉଚ୍ଛେଦ ପ୍ରକ୍ରିୟାକୁ ୨ ବର୍ଷ ବିତିଯାଇଥିଲେ ହେଁ ବ୍ୟବସାୟୀ ମାନଙ୍କୁ ଥଇଥାନ କରାଯାଇନାହିଁ। ଏପରିକି ନିର୍ମାଣ ହୋଇଥିବା ଦୋକାନଗୃହ ଆଜିପର୍ଯ୍ୟନ୍ତ ଆବଣ୍ଟନ ହୋଇନାହିଁ। ବର୍ତ୍ତମାନର ବାଳକ ହାଇସ୍କୁଲ ଖେଳପଡ଼ିଆକୁ ଷ୍ଟାଡିଅମ କରିବା ପାଇଁ ଯେଉଁ ଯୋଜନା ଆରମ୍ଭ ହୋଇଛି, ତାହାକୁ କମିଟି ବିରୋଧ କରିଛି। ଏହାଦ୍ୱାରା ବହୁ ଗରିବ ପରିବାର ବାସହରା ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ। ଏଥିପାଇଁ ଷ୍ଟାଡିଅମକୁ ଅନ୍ୟଜାଗାରେ ନିର୍ମାଣ କରାଯିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ସମ୍ବଲପୁର ମହାନଗର ନିଗମକୁ ସଫେଇ ପାଇଁ ଆସୁଥିବା ଅର୍ଥ ସଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ବୁର୍ଲା ସହରର ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ପଡ଼ିରହୁଛି। ମହାନଗର ନିଗମର ବୁର୍ଲା ଶାଖାରେ ଥିବା ୨୨ଟି ବ୍ୟାଟେରି ଚାଳିତ ଗାଡ଼ି ବନ୍ଦ କରିବା ଫଳରେ କାର୍ଯ୍ୟରତ ମହିଳାମାନେ ବେରୋଜଗାର ହେବାସହ ପରିବାର ପ୍ରତିପୋଷଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମହିଳାମାନେ ଗରିବ ଓ ଅସହାୟ ପରିବାରର ହୋଇଥିବାରୁ ସେମାନଙ୍କ ଥଇଥାନ ପାଇଁ ବିଚାର କରାଯିବା ଆବଶ୍ୟକ। ଉପରୋକ୍ତ ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ କରାନଗଲେ ଆଗାମୀ ଦିନରେ ବୁର୍ଲା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ ହେବ ବୋଲି ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ଶାନ୍ତିଲତା କର, ଚୈତନ୍ୟ ଭୋଇ, ଉମେଶ ଗିରି, ଆଇଜାକ ନାଗ, ଶିବ ଦଳାଇ, ରାମ ସେମାନି ପ୍ରମୁଖ ମଞ୍ଚାସୀନ ଥିଲେ।




## ଏନ୍‌ଏସ୍‌ଏସ୍ ଶୀତକାଳୀନ କ୍ୟାମ୍ପ ଉଦ୍‌ଯାପିତ



**ସମ୍ବଲପୁର, ୨୦।୧(ସମିସ):** ମାଝିପାଲି ସ୍ଥିତ ସରକାରୀ ହୋମିଓପାଥି ଭେଷଜ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ତରଫରୁ ତଲାବ୍ ପଞ୍ଚାୟତରେ ୭ ଦିନ ଧରି ଚାଲୁଥିବା ଶୀତକାଳୀନ ସ୍ପେସିଆଲ୍ କ୍ୟାମ୍ପ ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ବିରେନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏନ୍‌ଏସ୍‌ଏସ୍ ନୋଡାଲ ଅଫିସର ଶାନ୍ତନୁ ପ୍ରଧାନ ଏବଂ ତାଲାବ ସରପଞ୍ଚ ବିନୋଦ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡା. ମହେନ୍ଦ୍ର ଧରୁଆ, ମହାବିଦ୍ୟାଳୟର ଛାତ୍ର ସଂଘ ସଭାପତି ପଳାଶ ରଞ୍ଜନ ପାଲ ଓ ଏନ୍‌ଏସ୍‌ଏସ୍ ଲିଡର ରାଜ କୁମାର ନାୟକ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଗ୍ରାମରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ମାଗଣା ରକ୍ତ ପରୀକ୍ଷା ସେବା ସହିତ ବହୁ ସାମାଜିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ସମ୍ବଲପୁର, ୨୦।୧ (ସମିସ):** ସଦର ଥାନା ଅଞ୍ଚଳରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ଜାତୀୟ ରାଜପଥ ୫୫ ତୁମ୍ବେସିହାଂ ଓଭରବ୍ରିଜରେ ଏକ ଗାଡ଼ି ବାଇକ୍ ନଂ-ଓଆର୧୫-ଏନ୭୪୮୮କୁ ଧକ୍କା ଦେଇ ଫେରାର ହୋଇଥିଲା। ବାଇକ ଆରୋହୀ ନକ୍ସାପାଲିର ବନମାଳି ସିଂଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## କଫ ସିରପ୍ କାରବାରରେ ମହିଳା ଗିରଫ

**ସମ୍ବଲପୁର, ୨୦।୧(ସମିସ):** ରେଙ୍ଗାଲି ଅବକାରୀ ପୁଲିସ ବେଆଇନ କଫ ସିରପ୍ କାରବାରରେ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଠେଲକୋଲି ଥାନା ଖିଣ୍ଡାର ବିଜୟ ସାହୁଙ୍କ ପତ୍ନୀ ରିନା ସାହୁ(୪୯)। ଅବକାରୀ ପୁଲିସ ତାଙ୍କ ପାଖରୁ ୬୯୦ ବୋତଲ କଫସିରପ୍ ଜବତ କରିଛି।



## ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ରଶ୍ମିତା ପ୍ରଥମ



**ସମ୍ବଲପୁର, ୨୦।୧ (ସମିସ) :** ରାଜ୍ୟ ଆଦିବାସୀ ଖେଲୋ ଇଣ୍ଡିଆ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳୀ ରଶ୍ମିତା କୁମୁରା ପ୍ରଥମ ସ୍ଥାନ ହାସଲ କରି ସମ୍ବଲପୁର ଜିଲ୍ଲା ସକାଶେ ଗୌରବ ଆଣିଛନ୍ତି। କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ପ୍ରଥମ ରାଜ୍ୟ ଆଦିବାସୀ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଶ୍ମିତା ଆସନ୍ତା ଜାତୀୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ଭାଗ ନେବେ। ସମ୍ବଲପୁରର ସ୍ୱିଗ୍ଧାରାଣି ଭାଜି କୋଚ୍ ଓ ଜାଫ୍ରିନ ଚୌଧୁରୀ ପରିଚାଳକ ହୋଇ ଉତ୍ସାହିତ କରିଥିଲେ। ରଶ୍ମିତା କୁମୁରା ୭୦ କେଜି ବର୍ଗରେ ଓଡ଼ିଶା ତରଫରୁ ଅଂଶଗ୍ରହଣ କରିବେ। କଚେରି ନିକଟସ୍ଥ ସାଓଲିନ କୁଙ୍ଗ୍ ଫୁ ଉଷୁ ଆସୋସିଏସନ ଦ୍ୱାରା ପରିଚାଳିତ କୁସ୍ତି ସଂଘର ଖେଳାଳି ରଶ୍ମିତା କୁଚିଣ୍ଡା ଭୋଇପାଲି ଗ୍ରାମର ଗୋବିନ୍ଦ କୁମୁରା ଓ ଚନ୍ଦନ ତୁଲାଙ୍କର ଝିଅ। ସେ ନିୟମିତ କଚେରୀସ୍ଥିତ କୁସ୍ତି ସଂଘକୁ ଆସି ପ୍ରଶିକ୍ଷଣ ନିଅନ୍ତି। ତାଙ୍କ କୃତିତ୍ୱ ପାଇଁ ଆସୋସିଏସନ ତରଫରୁ ଛାତ୍ରଛାତ୍ରୀ, ଅଭିଭାବକ ଓ ସଦସ୍ୟମାନେ ଆଜି ଜିଲ୍ଲା କୁସ୍ତି ସଂଘରେ ରଶ୍ମିତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗାୟତ୍ରୀ ମିଶ୍ର, ଦେବେନ୍ଦର କୌର ବଲ୍ଲି, ସଞ୍ଜିବ ପଟ୍ଟନାୟକ, ଡିଙ୍ଗର ମେହେର, କ୍ଷମାନିଧି ବାଦି, ସେବାରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଆସୋସିଏସନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା କହିଛନ୍ତି, ଆଦିବାସୀ ଖେଲୋ ଇଣ୍ଡିଆ ପ୍ରଥମ କରି ଅନୁଷ୍ଠିତ ହୋଇଥିବାରୁ ଏହା ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜ୍ୟ ଆଦିବାସୀ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶା ପାଇଁ ରଶ୍ମିତା ଗୌରବ ଆଣିଛନ୍ତି। ଏହି ଅବସରରେ ଖେଳାଳି ଓ ଶୁଭେଚ୍ଛୁବୃନ୍ଦ ରଶ୍ମିତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଜଗନ୍ନାଥ ମନ୍ଦିରର ଦାନବାକ୍ସ ଭାଙ୍ଗି ଚୋରି




**କୁଚିଣ୍ଡା, ୨୦।୧(ସମିସ):** ସମ୍ବଲପୁର ଜିଲ୍ଲା ବାମରାରେ ପ୍ରସିଦ୍ଧ ମକର ଯାତ୍ରା ଚାଲିଥିବା ବେଳେ ଗୋବିନ୍ଦପୁର ସ୍ଥିତ ଜଗନ୍ନାଥ ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି ହୋଇଥିବା ଅଭିଯୋଗ ରହିଛି। ସୂଚନା ଅନୁସାରେ ବାମରାରେ ପ୍ରସିଦ୍ଧ ମକରଯାତ୍ରା ଆୟୋଜିତ ହୋଇ ଆସୁଛି। ଗତ ରବିବାର ରାତିରେ ଗୋବିନ୍ଦପୁର ଜଗନ୍ନାଥ ମନ୍ଦିର ପୂଜକ ଅଜୟ ପୂଜାରୀ ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳେ ମନ୍ଦିର ଦାନବାକ୍ସ ଭାଙ୍ଗି ପ୍ରାୟ ପନ୍ଦର ହଜାର ଟଙ୍କା ଚୋରି ହୋଇଥିବା ଜାଣି ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ଏନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ କରାଯାଇଥିଲା।




### ବିଧାନସଭା କ୍ଷେତ୍ର ଉନ୍ନୟନ କମିଟି ବୈଠକ

# ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ ବରଦାସ୍ତ କରାଯିବ ନାହିଁ

**ସମ୍ବଲପୁର, ୨୦।୧(ସମିସ)**

ସମାଜର ତଳସ୍ତରରେ ଥିବା ଶେଷ ବ୍ୟକ୍ତି ନିକଟରେ ପ୍ରଶାସନ ପହଞ୍ଚିବା ଆବଶ୍ୟକ। ସରକାରଙ୍କ ସମସ୍ତ ଯୋଜନା ଯେଭଳି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ତାହାକୁ ସୁନିଶ୍ଚିତ କରିବାକୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜନୈତିକ ଚାପରୁ ଊର୍ଦ୍ଧ୍ୱରେ ରହି ସରକାରୀ ଧାର୍ଯ୍ୟ ନୀତିନିୟମ ମୁତାବକ କାର୍ଯ୍ୟ ସମ୍ପାଦନ କରିବାକୁ ବିଧାୟକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ସେ ଅଧିକାରୀମାନଙ୍କୁ ସତର୍କ କରି ଦେଇଥିଲେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରେଙ୍ଗାଲି ବିଧାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭା କ୍ଷେତ୍ର ଉନ୍ନୟନ କମିଟି (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଡେପୁଟି ଡାଇରେକ୍ଟର (ପ୍ଲାନିଂ) ପ୍ରକାଶ, ରେଙ୍ଗାଲି ଚେୟାରମ୍ୟାନ ସତ୍ୟନାରାୟଣ ଅଗ୍ରୱାଲା, ରେଙ୍ଗାଲି, ମାନେଶ୍ୱର ଓ ଧନକଉଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସମସ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।




ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ବିଭିନ୍ନ ବିଭାଗର କାର୍ଯ୍ୟର ଅଗ୍ରଗତିକୁ ନେଇ ବିଧାୟକ ଶ୍ରୀ ହରିପାଲ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଣ, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, କୃଷି, ଜଳଛାୟା, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ପାନୀୟ ଜଳଯୋଗାଣ, ଉଠା ଜଳସେଚନ, ସାମାଜିକ ସୁରକ୍ଷା ଆଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ବିବରଣୀ ଉପସ୍ଥାପନା କରିଥିଲେ। ଚାଷୀ ମାନଙ୍କ ସମସ୍ୟା ଅଗ୍ରାଧିକାର ଭିତ୍ତିରେ ସମାଧାନ, ଶିକ୍ଷା କ୍ଷେତ୍ରରେ ଉନ୍ନତି, ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ଯୋଗାଣ, ଭିତ୍ତିଭୂମିର ବିକାଶ, ଚାଷୀ କ୍ଷେତକୁ ପାଣି, ବେକାର ଯୁବକ ଯୁବତୀଙ୍କୁ କାମ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ମତ୍ସ୍ୟ ଓ ପଶୁସମ୍ପଦର ବିକାଶ, ସାମାଜିକ ସୁରକ୍ଷା ଯୋଜନାର ସଫଳ ରୂପାୟନ, ଗ୍ରାମାଞ୍ଚଳରେ ଅଗ୍ରଗତି, କୃଷିରେ ପ୍ରଗତି, ସମବାୟ ସଂସ୍ଥାର ସଶକ୍ତିକରଣ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନସାଧାରଣଙ୍କ ହିତସାଧନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମୂହର ବିକାଶ ପାଇଁ ଧ୍ୟାନ ଦେବାକୁ ବିଧାୟକ ପରାମର୍ଶ ଦେଇଛନ୍ତି।

ବିଧାୟକ ଶ୍ରୀ ହରିପାଲ କହିଛନ୍ତି, ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ପ୍ରାଥମିକ ବିଦ୍ୟାଳୟ ମାନଙ୍କର ସ୍ଥିତି ଭଲ ନାହିଁ। ବିଦ୍ୟାଳୟ କୋଠା ଗୁଡ଼ିକ ଦୟନୀୟ ଅବସ୍ଥାରେ ରହିଛି। ପୁଣି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଅଭାବ ରହିଛି। ପିଏଚ୍‌ସି, ସିଏଚ୍‌ସି ମାନଙ୍କରେ ଡାକ୍ତରଙ୍କ ଅଭାବ ମଧ ରହିଛି। ଅନେକ ଉନ୍ନୟନମୂଳକ କାର୍ଯ୍ୟ ପବ୍ଲିକ୍ ଇସ୍ୟୁ କିମ୍ବା ଡିପାର୍ଟମେଣ୍ଟାଲ ଇସ୍ୟୁ ପାଇଁ ଅଟକି ରହିଛି। କ୍ଷେତ୍ରକୁ ଯାଇ ତାହାର ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରି କାମ ଆରମ୍ଭ କରିବାକୁ ଉଦ୍ୟମ କରିବି ବୋଲି ବିଧାୟକ ମତବ୍ୟକ୍ତ କରିଛନ୍ତି। ସମସ୍ତ ବିଷୟରେ ବିସ୍ତୃତ ଆଲୋଚନା ସହ ତାହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀ ହରିପାଲ ନିର୍ଦ୍ଦେଶ ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ



**ସମ୍ବଲପୁର, ୨୦।୧ (ସମିସ):** ବରିଷ୍ଠ ନାଗରିକ ସଂଘ ଅଇଁଠାପାଲି ଶାଖା ପକ୍ଷରୁ ଅଇଁଠାପାଲି ଥାନା ପୁଲିସ ଆନୁକୂଲ୍ୟରେ ସମ୍ବଲପୁର ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ମଣୀଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଦର ଏସ୍‌ଡିପିଓ ତୋଫାନ ବାଗ ଓ ଅଇଁଠାପାଲି ଥାନାଧିକାରୀ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କୁ ଉଦ୍‌ବୋଧନ ଦେବାସହ ନୂତନ ସଭ୍ୟ ମାନଙ୍କୁ ବରିଷ୍ଠ ନାଗରିକ କାର୍ଡ ବଣ୍ଟନ କରିଥିଲେ। ଏହାସହ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସକାଶେ ଏକ ଅଫିସ ତଥା ଅବସର ବିନୋଦନ ଗୃହ ସକାଶେ ସରକାରଙ୍କ ଠାରେ ଆବେଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭବିଷ୍ୟତ କାର୍ଯ୍ୟପନ୍ଥାକୁ ଆଗେଇ ନେବାପାଇଁ ଏକ ୨୧ ଜଣିଆ କମିଟି ଗଠନ କରାଗଲା। ସଦସ୍ୟ ଅକ୍ଷୟ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

୨୦/୧/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୩,୨୦୪/- ସୁନା:୦୦.୫୮୦ ଗ୍ରାମ୍ ରୁପା: ୩୦.୨୦୦ ଗ୍ରାମ୍



# ବଢୁଛି ବେଆଇନ ବାଲି ଚାଲାଣ



**ବର୍ଷକରେ ୨୧୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

**ପୁରୀ,୨୦।୧(ସମିସ):** ପୁରୀ ଜିଲ୍ଲାରେ ଖୁଲମ୍‌ଖୁଲା ଲୁଟ୍ ହେଉଛି ବାଲି। କେବଳ ବାଲି ନୁହେଁ ମୋରମ୍ ଏବଂ ପଥର ମାହାଲକୁ ବିଛାଡୁନାହାନ୍ତି ମାଫିଆ। ଏହାଦ୍ୱାରା ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ଅନ୍ୟପକ୍ଷରେ ସରକାରୀ ଖଣିଜ ଚୋରି କରି ମାଲେମାଲ୍ ହେଉଛନ୍ତି ମାଫିଆ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଟି ଓ ବାଲି ଲୁଟ୍ ଯୋଗୁଁ ନଦୀବନ୍ଧଗୁଡ଼ିକ ଦୁର୍ବଳ ହେଉଛି। ଫଳରେ ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି। ଏହି ବାଲି ଏବଂ ପଥର ମାଫିଆଙ୍କ ଯୋଗୁଁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ମାଫିଆଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ସରକାରୀ ଜମିକୁ ବି ବାଦ୍ ଦେଉନାହାନ୍ତି ମାଫିଆ। ସେଠାରୁ ବି ମାଟି, ବାଲି, ପଥର ଲୁଟ୍ କରୁଛନ୍ତି। ଦିନକୁ ଦିନ ଜିଲ୍ଲାରେ ବାଲି ଚୋରାଚାଲାଣ ବଢ଼ିଥିଲେ ହେଁ ଶୁଣିବାକୁ କେହି ନାହାଁନ୍ତି। ବରଂ ମାଫିଆମାନଙ୍କୁ କିଛି ଅଧିକାରୀ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ ସ୍ୱଷ୍ଟ ଦିବାଲୋକରେ ବେଧଡ଼କ ଚୋରି ହେଉଛି ବାଲି।

ଜିଲ୍ଲାର ସବୁ ଅଞ୍ଚଳରେ ବାଲି, ମାଟି ଲୁଟ୍ ହେଉଥିବାବେଳେ କଣାସ ଓ ଡେଲାଙ୍ଗ ବ୍ଲକ୍‌ରେ ପଥର ଏବଂ ମୋରମ୍ ଖଣି ଉପରେ ମାଫିଆଙ୍କ ଦବ୍‌ଦବା ରହିଛି। ଜିଲ୍ଲାର ପ୍ରତ୍ୟେକ ତହସିଲ୍ ଅଞ୍ଚଳରେ ବାଲି ଲୁଟ୍ ଏବେ ବଢ଼ିଯାଇଛି। ପୁରୀ ତହସିଲ୍ ଅଧୀନରେ ଥିବା ବଳିଆପଣ୍ଡା, ନୂଆନଈ ଓ ଚନ୍ଦନପୁର ଅଞ୍ଚଳରୁ ବାଲି ଚୋରି ହେଉଛି। ବାଲିପଡ଼ା ନିକଟ ଭାର୍ଗବୀ ଓ ନୂଆନଦୀ ପଠାରୁ ବର୍ଷ ବର୍ଷ ଧରି ବାଲି, ମାଟି ଚୋରା ଚାଲାଣ ଚାଲିଛି। ବ୍ରହ୍ମଗିରି ବ୍ଲକ୍‌ର ଷଣ୍ଢପୁର, ଗୋପୀନାଥପୁର ଓ ସିପସରୁବାଲି ଅଞ୍ଚଳରୁ ବେଧଡ଼କ ବାଲି ଲୁଟୁଛନ୍ତି ମାଫିଆ। ବିଶେଷକରି ସିପସରୁବାଲି ଅଞ୍ଚଳରୁ ଅଧିକ ମାତ୍ରାରେ ବାଲି ଲୁଟ୍ ହେଉଛି। ସମୁଦ୍ର ଲାଗି ରହିଥିବା ଏହି ଅଞ୍ଚଳରେ ପୂର୍ବରୁ ଶହଶହ ସଂଖ୍ୟାରେ ବାଲିବନ୍ତ ଥିଲା, ଯାହାକି ପ୍ରାକୃତିକ ସୁରକ୍ଷା କବଚ ଭାବେ ଠିଆ ହୋଇ ରହିଥିଲା। ହେଲେ ମାଫିଆମାନେ ଶହଶହ ବାଲିବନ୍ତକୁ ଭାଙ୍ଗି ଲୁଟି ନେଇଛନ୍ତି। ପିପିଲି ବ୍ଲକ୍‌ରେ ବାଲି ଚୋରା ଚାଲାଣ ଏବେ ସାଂଘାତିକ ଅବସ୍ଥାରେ ପହଞ୍ଚିଛି। ଦିନରାତି ବାଲି ଚୋରାଚାଲାଣ ହେଉଛି। ଗୋପ ବ୍ଲକ୍ ଅନ୍ତର୍ଗତ କୁଶଭଦ୍ରା ନଦୀପଠା ସମେତ ବିଭିନ୍ନ ଅଞ୍ଚଳରୁ ବାଲି ଲୁଟ୍ ହେଉଛି। ସେହିପରି ସତ୍ୟବାଦୀ ତହସିଲ୍ ଅଧୀନ ବିଭିନ୍ନ ବାଲିଘାଟ ଏବଂ ନଦୀପଠାରୁ ବେଆଇନ ଭାବେ ବାଲିଚାଲାଣ କରାଯାଉଛି। ବାଲି ମାଫିଆଙ୍କ ଏହି ବେଆଇନ କାରବାର ଯୋଗୁଁ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ଭର୍ଗବୀ, କୁଶଭଦ୍ରା, ଦୟା, ନୂଆନଈ, ପ୍ରାଚୀ ଆଦି ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି।

ତେବେ ପୁଲିସ ପକ୍ଷରୁ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଧରପଗଡ଼ ଜାରି ରହିଛି। ଜିଲ୍ଲାରେ ବେଆଇନ ବାଲି ଓ ପଥର ଖନନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁଲିସ ୨୦୨୫ ମସିହାରୁ ଏ ପର୍ଯ୍ୟନ୍ତ ନିୟମିତ ଓ କଠୋର ଅଭିଯାନ ଚଳାଇଛି। ଏହି ଅବଧିରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅବାଧ ବାଲି ଓ ପଥର ଖନନ ସମ୍ପର୍କିତ ମୋଟ୍ ୧୬୫ଟି ମାମଲା ପଞ୍ଜୀକରଣ କରାଯାଇଛି। ଯେଉଁଥିରେ ପୂର୍ବ ବର୍ଷରେ ୧୪୬ଟି ମାମଲା ପଞ୍ଜିକୃତ ହୋଇଥିଲା। ଚଳିତ ମାସରେ ମାତ୍ର ୧୯ଟି ନୂଆ ମାମଲା ପଞ୍ଜୀକରଣ କରାଯାଇଛି। ତେବେ ଏହି ମାମଲାରେ ମୋଟ୍ ୨୧୭ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏହାସହ ଆବଶ୍ୟକ ତଦନ୍ତ ପରେ ୧୦୩ଟି ମାମଲାରେ ଚାର୍ଜସିଟ୍ ସମ୍ପୃକ୍ତ ଅଦାଲତରେ ଦାଖଲ କରାଯାଇଛି। ଅନଧିକୃତ ବାଲି ଓ ପଥର ପରିବହନରେ ବ୍ୟବହୃତ ଯାନବାହନ ଜବତ, ମେସିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ସିଜ୍ କରାଯାଇଛି। ପୁଲିସ ସ୍ୱଷ୍ଟ କରିଛି ଯେ, ଅବାଧ ବାଲି ଓ ପଥର ଖନନ ପରିବେଶ ପାଇଁ ଭୟାବହ ହେବା ସହ ସରକାରୀ ରାଜସ୍ୱକୁ କ୍ଷତି ପହଞ୍ଚାଉଛି। ଏହି ପ୍ରକାର ଅପରାଧରେ ଜଡ଼ିତ କାହାକୁ ଛଡ଼ାଯିବନାହିଁ। ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଆହୁରି ତୀବ୍ର କରାଯିବ।

● ରଥଯାତ୍ରା ପାଇଁ ପ୍ରସ୍ତୁତି

## ଗୁଣ୍ଡିଚା ମନ୍ଦିର ସଂଲଗ୍ନ ଅଞ୍ଚଳରେ ଏସ୍‌ପିଙ୍କ ସମୀକ୍ଷା

**ପୁରୀ,୨୦।୧(ସମିସ):** ରଥଯାତ୍ରା ପାଇଁ ପୁରୀରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ରଥଯାତ୍ରାକୁ ଆଉ କିଛି ମାସ ଥିବାବେଳେ ପୁରୀ ପୁଲିସ ତାଟର ପ୍ରସ୍ତୁତି ଆରମ୍ଭ କରିଦେଇଛି। ରଥଯାତ୍ରା ସମୟରେ ସୁରକ୍ଷା, ଶାନ୍ତି ଶୃଙ୍ଖଳା, ଯାତାୟାତ ପରିଚାଳନା ଓ ସୁସଂଗଠିତ ଭିଡ଼ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ପୁଲିସ ପକ୍ଷରୁ ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଗୁଣ୍ଡିଚା ମନ୍ଦିର ପରିସର ଓ ସଂଲଗ୍ନ ବିଭିନ୍ନ ସାହି, ଗଳି, ଲେନ୍ ଓ ବାଇ ଲେନ୍‌ର ମାଇକ୍ରୋ ଲେଭେଲ୍ ସମୀକ୍ଷା କରାଯାଇଛି। ଅନୁଧ୍ୟାନ ସମୟରେ ଅବକାଶ ଗଳି, ଫ୍ରେଣ୍ଡସ କ୍ଲବ୍ ଗଳି, ମୁଣ୍ଡିଆମରା, ମାଟିଆପଡ଼ା, ଲାବଣ୍ୟ ବିହାର, ହରିହର ବିହାର, ଗୁଣ୍ଡିଚା ବିହାର ଗଳି, ବସ୍‌ଷ୍ଟାଣ୍ଡ ଅଞ୍ଚଳ ବୁଲିଥିଲେ। ଲେନ୍ ଓ ବାଇ-ଲେନ୍‌ଗୁଡ଼ିକର



ଚଉଡ଼ା, ରାସ୍ତାର ଭୌତିକ ଅବସ୍ଥା, ସମ୍ଭାବ୍ୟ ଟ୍ରାଫିକ୍ ଅବରୋଧ ସ୍ଥାନ, ଅନାବଶ୍ୟକ ଓ ଅବାଧ ପାର୍କିଂ, ଭିଡ଼ ପ୍ରବଣ ଅଞ୍ଚଳ, ଅନ୍ଧାର ସ୍ଥାନ, ଆଲୋକ ବ୍ୟବସ୍ଥା, ସିସିଟିଭି କଭରେଜ୍, ଫାୟାର୍ ସେଫ୍ଟି, ଏବଂ ଆପାତ୍‌କାଳୀନ ସ୍ଥିତିରେ ରେସ୍କ୍ୟୁ ଓ ଏକ୍ସେସ୍ ରୁଟ୍ ସମ୍ପର୍କରେ ଏସ୍‌ପି ଅନୁଧ୍ୟାନ କରିଥିଲେ। ଥାନା ଅଧିକାରୀ, ସହର ଡିଭିଜନ୍‌ର ଅଧିକାରୀ ଓ ଫିଲ୍ଡ ଅଫିସରମାନଙ୍କୁ ସମ୍ଭାବ୍ୟ ସମସ୍ୟା, ଚ୍ୟାଲେଞ୍ଜ ଓ ଦୁର୍ବଳତାଗୁଡ଼ିକୁ ପୂର୍ବରୁ ଚିହ୍ନଟ କରି ସମୟମତେ ପ୍ରତିକାରମୂଳକ ବ୍ୟବସ୍ଥା କରିବାକୁ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ପିକେଡିଏ ଅଫିସ ଘେରିଲେ ଆଇନଜୀବୀ

**ପୁରୀ,୨୦।୧(ସମିସ):** କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ପୁରୀ ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ପିକେଡିଏ ଅଫିସ ଘେରଉ କରାଯାଇଛି। ଆଇନଜୀବୀଙ୍କ ପକ୍ଷରୁ କୁହାଯାଇଛି ଯେ, ପୁରୀ କୋର୍ଟ ବାଲୁଖଣ୍ଡ ମଧୁର ଜଳ ଅଞ୍ଚଳରେ କିଛି କୋଠା ପିକେଡିଏ, ମ୍ୟୁନିସିପାଲିଟିର ପ୍ଲାନ୍ ନ ଥାଇ ଗଢ଼ିଉଠିଛି। ତାହା ପ୍ଲାନ୍ ପିକେଡିଏ କିମ୍ବା ମ୍ୟୁନିସିପାଲିଟି ଦେଇଛି କି ବୋଲି ପ୍ରଶ୍ନ କରିଛି ଓକିଲ ସଂଘ। ବାଲୁଖଣ୍ଡ ଅଭୟାରଣ୍ୟ ପିକେଡିଏ ଅଫିସ ଘେରଉ କରିଥିଲା। ତେବେ ବାଲୁଖଣ୍ଡରେ ଗଢ଼ି ଉଠିଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କର, ମଧୁର ଜଳ, ଅଭୟାରଣ୍ୟ ଅଞ୍ଚଳକୁ ସୁରକ୍ଷା କର ନ କଲେ ସଂଘ ଅଦାଲତ ଅବମାନନା କେସ୍ କରିବାକୁ ବାଧ ହେବ ବୋଲି କହିଛି।



ବିକ୍ଷୋଭ ପ୍ରଦର୍ଶନରେ ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବିଭୁଦତ୍ତ ପଟ୍ଟନାୟକ, ସୋମନାଥ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳକୁ ସ୍ଥାନାନ୍ତର ପ୍ରତିବାଦରେ ଓକିଲ ସଂଘର ସତ୍ୟାଗ୍ରହ ୩୨୫ ଦିନରେ ପହଞ୍ଚିଥିବାବେଳେ ସରକାର ନା ବିଚାର ବିଭାଗ କୌଣସି ଆଲୋଚନା କଲେ ନାହିଁ। ତେବେ ବାଲୁଖଣ୍ଡ ମଧୁର ଜଳ, ଅଭୟାରଣ୍ୟରେ ପ୍ଲାନ୍ ମିଳିବନି ସେଠାରେ କଟକଣା ଅଛି କୋର୍ଟ କମ୍ପ୍ଲେକ୍ସ ହୋଇପାରିବ ନାହିଁ। ଅପରପକ୍ଷରେ ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରି ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳରେ କୋର୍ଟ ପାଇଁ ୫ ଏକର ଜମି ସରକାର କଟକଣା ଥାଇ ଦେଇଦେଲେ କିପରି ସେଠାରେ ବାଉଣ୍ଡାରୀ ହେଲାବେଳେ ପିକେଡିଏ ମ୍ୟୁନିସିପାଲିଟି ଚୁପ୍ କେମିତି ଓ କାହିଁକି ରହିଲେ ସେନେଇ ଓକିଲ ସଂଘ ଗତ ୯ ତାରିଖରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ, ପିକେଡିଏ, ଡିଏଫ୍‌ଓ, ପୌରସଂସ୍ଥାକୁ ଚିଠି କରିଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ବରୋଧ କରି ଓକିଲ ସଂଘ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ସାରଦା ସାମଲ, ପୁଳିନ ବିହାରୀ ଆଚାର୍ଯ୍ୟ, ଶୁଭେନ୍ଦୁ ଦାଶ, ସମୀର ଘୋଷ, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ, ବୈଦ୍ୟନାଥ ପାଣି, ସୁକାନ୍ତ ପ୍ରଧାନ, ବିଶ୍ୱକେଶନ୍ ହରିଚନ୍ଦନ ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ଜୟ ନାରାୟଣ ପଟ୍ଟନାୟକ, ପ୍ରଦୀପ ରଥ, ପ୍ରଭାସିନୀ ପଳେଇ, ଅରୁନ୍ଧତୀ ବେହେରାଙ୍କ ସମେତ ଶତାଧିକ ଓକିଲ ସାମିଲ୍ ହୋଇଥିଲେ।

**ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥ କାଠ**

# ୩ ଟ୍ରକ୍‌ରେ ଆସିଛି ୮୩ ଖଣ୍ଡ

**ପୁରୀ,୨୦।୧(ସମିସ):** ଆରମ୍ଭ ହେଲାଣି ରଥଯାତ୍ରା ପ୍ରକ୍ରିୟା। ମହାପ୍ରଭୁଙ୍କ ୩ ରଥ ନିର୍ମାଣ ପାଇଁ ମଙ୍ଗଳବାର ରାତିରେ ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପୁରୀରେ ପହଞ୍ଚିଛି। ଅକ୍ଷୟ ତୃତୀୟାରୁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେବେ ରଥ ନିମାଣ ପୂର୍ବରୁ ଶ୍ରୀପଞ୍ଚମୀ ବା ସରସ୍ୱତୀ ପୂଜା ଦିନ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯିବ। ଆସନ୍ତା ୨୩ ତାରିଖରେ ସରସ୍ୱତୀ ପୂଜା ପଡୁଥିବାରୁ ପରମ୍ପରା ଅନୁଯାୟୀ ରଥକାଠ ପୂଜା କରାଯିବ। ଏଥିପାଇଁ ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ରଥ କାଠ ମଙ୍ଗଳବାର ରାତିରେ ପୁରୀରେ ପହଞ୍ଚିଛି। ୩ଟି ଟ୍ରକ୍ ଯୋଗେ ୮୩ ଖଣ୍ଡ ରଥ କାଠ ନୟାଗଡ଼ ଡିଭିଜନ୍‌ର ଦଶପଲ୍ଲା ବନଖଣ୍ଡରୁ ଆସି ପୁରୀରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ୮୩ ଖଣ୍ଡ ରଥ କାଠ ମଧ୍ୟରେ ୨୦ ଫୁଟିଆ ଏବଂ ୧୨ ଫୁଟିଆ ଅସନ ଓ ଧଉରା କାଠ ରହିଛି। ସେଥିମଧ୍ୟରେ ୨୦ ଫୁଟିଆ ଧଉରା ୨୦ଟି ରହିଥିବାବେଳେ ୨୧ଟି ଅସନ କାଠ ରହିଛି। ସେହିଭଳି ୧୨ ଫୁଟିଆ ଅସନ ୧୯ଟି ଥିବାବେଳେ ୨୩ଟି ଧଉରା କାଠ ରହିଛି। ତେବେ ପ୍ରତ୍ୟେକ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷ ୪୭ଖଣ୍ଡ ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ୮୧୮ ଖଣ୍ଡ କାଠ ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ଓ ଦଶପଲ୍ଲା ଜଙ୍ଗଲରୁ ୩ଟି ଟ୍ରକ୍ ସାହାଯ୍ୟରେ ୮୩ ଖଣ୍ଡ କାଠ ଆସି ମଙ୍ଗଳବାର ପୁରୀରେ ପହଞ୍ଚିଛି।



**ନୟାଗଡ଼/ଦଶପଲ୍ଲା**

ଦଶପଲ୍ଲା ବନାଞ୍ଚଳ ଅନ୍ତର୍ଗତ ଟାକରା ଫରେଷ୍ଟ ସେକ୍ସନରୁ ପୁରୀ ରଥଖଳା ଅଭିମୁଖେ ରଥକାଠ ପଠାଯାଇଛି। ବନ ବିଭାଗ ଓ ମିଟୁକୁଳି ଭିଏସ୍‌ଏସ୍ କମିଟି ସମନ୍ୱୟରେ ପାରମ୍ପରିକ ବିଧିମତେ ପୂଜାର୍ଚ୍ଚନା କରି ନାମ ସଂକୀର୍ତ୍ତନ ତାଳେ ତାଳେ ରଥକାଠ ବୋଝେଇ ଟ୍ରକ୍‌କୁ ଦଶପଲ୍ଲା ଅଣାଯାଇଥିଲା। ମହାବୀର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଗାଡ଼ିଗୁଡ଼ିକ ନୟାଗଡ଼ ଆସିଥିଲା। ନୟାଗଡ଼ ଜଗନ୍ନାଥ ମନ୍ଦିର ସାମ୍ନାରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅମରେଶ ନାଥ ପ୍ରଧାନ, ନୟାଗଡ଼ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ବିଶ୍ୱାଳ, ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ସମେତ ବନ ବିଭାଗର ଅନେକ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

# ହିନ୍ଦୁ ଧର୍ମର ପରମ୍ପରା ଓ ସଂସ୍କୃତି ଭାରତକୁ ଉଦ୍‌ବୁଦ୍ଧ କରିଛି

**ଜଗନ୍ନାଥ ସଂସ୍କୃତିର ତୁଳନା ନାହିଁ**

**ପୁରୀ,୨୦।୧(ସମିସ):** ଶ୍ରୀରାମ ମନ୍ଦିର ପରିସରରେ ମଙ୍ଗଳବାର 'ହିନ୍ଦୁ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିହରାନନ୍ଦ ଗୁରୁକୁଳମ୍‌ର ପରମହଂସ ପ୍ରଜ୍ଞାନାନନ୍ଦ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ହଜାର ହଜାର ବର୍ଷ ତଳେ ହିନ୍ଦୁ ଧର୍ମର ସୃଷ୍ଟି। ଏହାର ପରମ୍ପରା ଓ ସଂସ୍କୃତି କାଳ କାଳ ଭାରତ ବର୍ଷକୁ ଉଦ୍‌ବୁଦ୍ଧ କରିଛି। "ଆମେ ହିନ୍ଦୁ, ଭାରତ ଆମର ମାତା' ଏହି ଆହ୍ୱାନ ହିଁ ବିଶ୍ୱରେ ଭାରତ ବର୍ଷକୁ ଚର୍ଚ୍ଚିତ ଓ ବିକଶିତ କରିଛି। ବିଦେଶ ସଂସ୍କୃତି ଓ ଆମ ସଂସ୍କୃତି ସହ ତୁଳନା କରି ସେ କହିଥିଲେ, ବିଦେଶରେ ସମସ୍ତଙ୍କର ମା' ଜଣେ। ମାତ୍ର ଭାରତ ବର୍ଷରେ ଆମ ଗ୍ରନ୍ଥ ହେଉଛି ମାତା, ବୃକ୍ଷ, ନଈ, ପୃଥିବୀ, ଗୋବଂଶ ଓ ଭାରତ ଆମର ମାତା। ହିନ୍ଦୁ ଧର୍ମର ସମୃଦ୍ଧି ହେଲେ ଆମ ଦେଶ ବିଶ୍ୱ ଗୁରୁ ସାଜିପାରିବ। ଏକ ରାଷ୍ଟ୍ର, ଏକ ସଂସ୍କୃତି, ଏକ ଧର୍ମ ସମ୍ପର୍କରେ ଆଲୋଚନା ହୋଇଥିଲା। ଶଙ୍କରାନନ୍ଦ ମଠର ସ୍ୱାମୀ ଶାସ୍ୱତାନନ୍ଦ ସରସ୍ୱତୀ କହିଲେ, ଜନ୍ମଭୂମି ଆମର ପ୍ରକୃତ ମାତା। ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ଆମକୁ ଅନ୍ନ, ବସ୍ତ୍ର, ପାଣି, ପବନ ଦେଇ ଆମର ଲାଳନପାଳନ କରୁଛି। ଆମ ଜଗନ୍ନାଥ ସଂସ୍କୃତିର ତୁଳନା ନାହିଁ ବୋଲି କହିଥିଲେ। ହରପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଅରବିନ୍ଦ ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କହିଲେ, ପଞ୍ଚତତ୍ତ୍ୱ ମାଟି, ଜଳ, ଅଗ୍ନି, ପବନ ଆମର ପର୍ଯ୍ୟାବରଣ। ମାତ୍ର ପଞ୍ଚତତ୍ତ୍ୱ ଏବେ ଦୂଷିତ। ଏହାକୁ ଶୁଦ୍ଧ ରଖିବା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ମୁକ୍ତି ମଣ୍ଡପ ପଣ୍ଡିତ ସଭାର ବିଚିତ୍ରାନନ୍ଦ ମିଶ୍ର, ଯୌଥ ପରିବାରର ମହତ୍ତ୍ୱ, ପରିବେଶ ସୁରକ୍ଷା, ସୁସଂସ୍କୃତି, ମାତୃଭାଷା, ସ୍ୱଦେଶୀ ବସ୍ତୁର ବ୍ୟବହାର, ଜାତିଭେଦବିହୀନ ସମାଜ ନିର୍ମାଣ ଏବଂ ନାଗରିକ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଅରବିନ୍ଦ ଶତପଥୀ, ସୁକାନ୍ତ ଦଳାଇ, ଅଂଶୁମାନ ରାଏ, ଦେବେନ୍ଦ୍ର ଅଗ୍ରୱାଲ, ମାନସ ଲେଙ୍କା, ପ୍ରଦ୍ୟୁମ୍ନ ମଲ୍ଲିକ ଓ ଶ୍ରୀରାମ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ମହାପ୍ରଭୁଙ୍କ ପଦ୍ମବେଶ

**ଶେଷ ପର୍ଯ୍ୟାୟରେ ବେଶ ପ୍ରସ୍ତୁତି**

**ପୁରୀ,୨୦।୧(ସମିସ):** ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ସେହିଦିନ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ହୋଇଥାଏ। ତେଣୁ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ବଡ଼ସିଂହାର ବେଶରେ ଠାକରମାନଙ୍କୁ ବେଶ କରାଯିବ। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯିବ। ପଦ୍ମବେଶ ଥାଇ ଠାକୁର ପହୁଡ଼ ହେବେ। ଗୁରୁବାର ମଙ୍ଗଳ ଆଳତି ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ବେଶ ରହିବ। ମଙ୍ଗଳ ଆଳତିରେ ଭକ୍ତମାନେ ଦୁର୍ଲ୍ଲଭ ପଦ୍ମବେଶରେ ଠାକୁରଙ୍କୁ ଦର୍ଶନ କରିପାରିବେ। ଅବକାଶ ହୋଇ ବେଶ ଓଲାଗି କରାଯିବ। ତେବେ ବଡ଼ଛତା ମଠ ପକ୍ଷରୁ ପ୍ରତିବର୍ଷ ଏହି ବେଶ ଯୋଗାଇ ଦିଆଯାଇଥାଏ। ଗଙ୍ଗାମାତା ମଠ ପରିସରରେ ପାରମ୍ପରିକ ବେଶ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ଏହି ବେଶ୍ ନିର୍ମାଣ ଚାଲିଛି। ଶୋଲ, ଜରି, କଦଳୀପଟ, କନା, କଇଁଥ ଅଠା, ରଙ୍ଗ ସାହାଯ୍ୟରେ ନିର୍ମାଣ କରାଯାଉଛି। ଏହି ବେଶ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସକାଳ ସୁଦ୍ଧା ସରିଯିବ ବୋଲି କାରିଗର କହିଛନ୍ତି।

# ସାହିତ୍ୟିକ ସ୍ୱର୍ଗତ ହରିହର ମିଶ୍ରଙ୍କ ଜୟନ୍ତୀ

**ପୁରୀ, ୨୦।୧ (ସମିସ):** ସାହିତ୍ୟିକ, ନାଟ୍ୟକାର ସ୍ୱର୍ଗତ ହରିହର ମିଶ୍ରଙ୍କ ସାହିତ୍ୟକୃତି ଅନନ୍ୟ ଓ ଅବିସ୍ମରଣୀୟ। ତାଙ୍କ ପ୍ରତିଟି ଲେଖା ଯେପରି ମନଛୁଆଁ ସେମିତି ଜୀବନ୍ତ ବୋଲି କହିଛନ୍ତି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ। ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ସ୍ୱର୍ଗତ ମିଶ୍ରଙ୍କର ୮୫ତମ ଜୟନ୍ତୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରଙ୍ଗଶାଳା ଅନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଚିବ ଶ୍ରୀ ଦାଶ ଓଡ଼ିଆ ସାହିତ୍ୟରେ ସ୍ୱର୍ଗତ ହରିହର ମିଶ୍ରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ନିଜ ଲେଖା ମାଧ୍ୟମରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ବୋଲି ସେ କହିଥିଲେ। ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କଳାକାର ଦିଲ୍ଲୀପ କୁମାର ଦାସ, ମୁକୁନ୍ଦ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ରଚିତ ନାଟକ 'ସୁଖ୍ ବାସୀ' ରଙ୍ଗଶାଳା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା।

କଳାହାଣ୍ଡି ଜିଲ୍ଲାର ଜନଜାତିଙ୍କ ଜୀବନୀ, ଚଳଣି, ବିଶ୍ୱାସ, ଅନ୍ଧବିଶ୍ୱାସ ସମ୍ପର୍କରେ ରଚିତ ଏହି ନାଟକଟି ଦର୍ଶକଙ୍କୁ ଅଭିଭୂତ କରିଥିଲା। ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ରୂପକଳ୍ପ ମିଶ୍ର, ବିଦ୍ୟାଧର ମହାରଣା, ବିକାଶ ଦତ୍ତ, ଗିରିଶ ମିଶ୍ର, ଗୋପୀନାଥ ପୂଜାପଣ୍ଡା, ବାଳକୃଷ୍ଣ ବେହେରା, ଦୟାନନ୍ଦ ମହାନ୍ତି, ମନୋରଞ୍ଜନ ଜେନା, ଆତ୍ରେୟ ମଲ୍ଲିକ, ରଞ୍ଜନ ପାଢ଼ୀ, ମମତା ଦାସ ଓ ସ୍ୱାତିଶ୍ରୀ ପରିଡ଼ାଙ୍କ ଅଭିନୟ ବେଶ୍ ମନଛୁଆଁ ହୋଇଥିଲା।

**୩୦ରୁ ଠାକୁର ନିଗମାନନ୍ଦଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ**

# ୩୦ରେ ଭବ୍ୟ ଶୋଭାଯାତ୍ରା, ୨ରେ ସାଧାରଣ ସଭା

**ପୁରୀ,୨୦।୧(ସମିସ):** ଆସନ୍ତା ୩୦ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ତାଳବଣିଆସ୍ଥିତ ପାର୍କିଂସ୍ଥଳଠାରେ ଅନୁଷ୍ଠିତ ହେବ ଠାକୁର ନିଗମାନନ୍ଦଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ତମ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ। ଏହାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପନ୍ନ କରିବା ଲାଗି ମଙ୍ଗଳବାର ସର୍କିଟ୍ ହାଉସ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଭକ୍ତ ସମ୍ମିଳନୀକୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ବିଭାଗକୁ ଦିଆଯାଉଥିବା ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ଅଗ୍ନି ନିର୍ବାପକ, ବିଦ୍ୟୁତ୍, ବ୍ୟାରିକେଡ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା।

ନୀଳାଚଳ ସାରସ୍ୱତ ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ରାଜ୍ୟରେ ୧୭୦ଟି, ରାଜ୍ୟ ବାହାରେ ୧୨ଟି ଓ ବିଦେଶରେ ୨ଟି ଶାଖା ରହିଛି। ବିଭିନ୍ନ ସମୟରେ ବିଭିନ୍ନ ଶାଖା ଏହାର ଆୟୋଜନ କରିଥିବା ସୂଚନା ଦେବା ସହ ପ୍ରାୟ ୨୫ ବର୍ଷ ପରେ ପୁରୀରେ ଏହି ସମ୍ମିଳନୀ ହେଉଛି ବୋଲି କହିଥିଲେ। ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ବିସ୍ତୃତ ସୂଚନା ଦେଇ ଜାନୁଆରୀ ୩୦ରେ ଅଧିବାସ ଓ ଅନ୍ୟ ତିନିଦିନ ସମ୍ମିଳନୀ ହେବ। ପ୍ରାୟ ୧୦ରୁ ୧୫ ହଜାର ଭକ୍ତଙ୍କର ସମାବେଶ ହେବ। ମୂଳପୀଠ ସୋଲାଖିଆ ବରଗଛସ୍ଥିତ ଆଶ୍ରମଠାରୁ ଏକ ଶୋଭାଯାତ୍ରା ବାହାରି ତାଳବଣିଆ ସମାବେଶଠାରେ ପହଞ୍ଚିବ ବୋଲି ସୂଚନା ଦେଇଥିଲେ। ବୈଠକରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଏହା ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ସହଯୋଗରେ ସଫଳ ଭାବେ ଆୟୋଜନ କରାଯିବ। ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ଅନୁଷ୍ଠାନ କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା, ସୁରକ୍ଷିତ ରହଣୀ, ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବ ବୋଲି ସୂଚନା ଦେଇଥିଲେ।




ଏଥିରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଅପରାହ୍ଣରେ ୟୁଥ୍ ହଷ୍ଟେଲଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି କୀର୍ତ୍ତନ ବିହାରୀ ପାତ୍ର, ପରିଚାଳକ ଶରତ ଚନ୍ଦ୍ର ସିଂହଦେଓ, ସମ୍ପାଦକ ନରେଶ ଚନ୍ଦ୍ର ପତି ଏବଂ ଗଣମାଧ୍ୟମ ପ୍ରମୁଖ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ୍ ମହାପାତ୍ର ଉପସ୍ଥିତ ରହି ସମ୍ମିଳନୀର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୩୦ ତାରିଖ ସକାଳ ୯ଟାରେ ମୂଳପୀଠ ସୋଲାଖିଆ ବରଗଛସ୍ଥିତ ଆଶ୍ରମଠାରୁ ଶ୍ରୀଶ୍ରୀ ଠାକୁର ମହାରାଜଙ୍କୁ ନେଇ ଭବ୍ୟ ଶୋଭାଯାତ୍ରା ବାହାରି ତାଳବଣିଆ ସମାବେଶଠାରେ ପହଞ୍ଚିବ। ୩୧ରେ ପରମାତ୍ମାନନ୍ଦ ମହାରାଜ (ଗୁଜରାଟ), ଫେବୃଆରୀ ୧ରେ ମହାତ୍ମା ଦୀନବନ୍ଧୁ ଦାସ (ବୃନ୍ଦାବନ) ସମ୍ମିଳନୀରେ ଯୋଗଦେବେ। ଫେବୃଆରୀ ୨ ତାରିଖ ଅପରାହ୍ଣ ସାଢ଼େ ୩ଟାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସଭାପତିତ୍ୱ କରିବେ। ଏହି ଭାରତର ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସାଧୁସନ୍ଥ, ଭାରତରେ ଥିବା ବିଭିନ୍ନ ଶାଖା ସଂଘ, ଆମେରିକା, ଇଂଲଣ୍ଡ, କାନାଡ଼ା, ନାଇଜେରିଆ ପ୍ରଭୃତି ରାଷ୍ଟ୍ରରୁ ବହୁ ଭକ୍ତ ଯୋଗଦେବେ ବୋଲି ସୂଚନା ଦେଇଥିଲେ।

**୧୫ ହଜାର ଭକ୍ତଙ୍କ ସମାଗମ ସମ୍ଭାବନା, ପ୍ରଶାସନର ପ୍ରସ୍ତୁତି ବୈଠକ**

## ଗୁଳିମାଡ଼ରେ ଖଣି ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା

# ୨୪ ଘଣ୍ଟା ବିତିଲା; ମୁଖ୍ୟ ଅଭିଯୁକ୍ତ ପାଖରେ ପହଞ୍ଚି ପାରିନି ପୁଲିସ

ଖୋର୍ଦ୍ଧା/ବେଗୁନିଆ,୨୦।୧(ସମିସ)





ବେଗୁନିଆ ଥାନା ଅନ୍ତର୍ଗତ ଦଲକ ରାସ୍ତାରେ ଗୁଳିମାଡ଼ରେ ଖଣି ବ୍ୟବସାୟୀ ଜାମୁସାହିର ବାସୁଦେବ ପରିଡା ଓରଫ୍ ଟୁଟୁ ହତ୍ୟା ଘଟଣାକୁ ୨୪ଘଣ୍ଟା ବିତିଛି। ମାତ୍ର ଏପର୍ଯ୍ୟନ୍ତ ହତ୍ୟାକାଣ୍ଡରେ ଟେର କେଉଁଠି ପୁଲିସ ଖୋଜି ପାଉନି। ପୁଲିସ ଟେର ପାଉନଥିବାବେଳେ ଅନ୍ଧାରରେ ବାଡି ବୁଲାଇବା ସଦୃଶ ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଏଥିରେ ୮ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ବାସୁଦେବଙ୍କୁ ହତ୍ୟା ଲାଗି ଗୟାବନ୍ଧ ଅଂଚଳର ଏକ ହୋଟେଲରୁ ବସି ପ୍ଲାନିଂ କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଛି।

ତେବେ ଘଟଣାସ୍ଥଳରେ ଆଜି ସାଇଁଟିଫିକ ଟିମ୍ ପହଁଚି ଅନୁସନ୍ଧାନ କରିଛନ୍ତି। ସେହିପରି ଘଟଣାସ୍ଥଳରେ ପୁଲିସ୍‌ର ଏକ ଟିମ୍ ଏବଂ ବିଭିନ୍ନ ଅଂଚଳରେ ପୁଲିସର ଅନ୍ୟ ଦୁଇଟି ଟିମ୍ ଚଢଉ ଜାରୀ ରଖିଛନ୍ତି। ଏସ୍‌ପି ବିବେକାନନ୍ଦ ଶର୍ମା ନିଜେ ବିଭିନ୍ନ ସ୍ଥାନରେ ପହଁଚି ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ଏହି ଘଟଣାରେ ଘଟଣାସ୍ଥଳରୁ ଏକ ବୁଲେଟ (ନଂ-ଓଡି-୩୩ଏକ୍ୟୁ-୯୯୮୬), ଖୋକା, ଅଟକ ବ୍ୟକ୍ତିଙ୍କ ଠାରୁ ଏକ ଓଲା ସ୍କୁଟି (ନଂ-ଓଡି.୦୨-ସିଭି-୨୪୭୦) କୁ ପୁଲିସ ଜବତ କରିଛି।

ଅନ୍ୟପକ୍ଷରେ ଖୋର୍ଦ୍ଧା ମେଡିକାଲରେ ଗତକାଲି ରାତିରୁ ମୃତଦେହ ରଖାଯାଇଥିଲା। ଖୋର୍ଦ୍ଧାରେ ଆଜି ମୃତ ଶରୀରର ଏକ୍ସରେ କରାଯାଇଥିଲା। ଏକ୍ସ-ରେ ରେ ଛାତି ଓ ମୁଣ୍ଡ (ସ୍କଲ)ରେ ଗୁଳି ରହିଥିବା ଜଣାପଡିବା ପରେ ଶବ ବ୍ୟବଚ୍ଛେଦ ଲାଗି ଏମ୍ସକୁ ପଠାଯାଇଥିଲା। ଖୋର୍ଦ୍ଧାର ଜଣେ ଡାକ୍ତରଙ୍କ ସମେତ ଏମ୍ସର ଜଣେ ବିଶେଷଜ୍ଞଙ୍କୁ ନେଇ ଦୁଇଜଣିଆ ଟିମ୍

**● ୩ ଅଟକ, ବୁଲେଟ୍, ଓଲା ସ୍କୁଟି, ଖୋକା ଜବତ**

**● ସାଇଣ୍ଟିଫିକ୍ ଟିମ୍ ଓ ୩ ପୁଲିସ ଟିମ୍‌ର ତଦନ୍ତ ଜାରି**

ଶବ ବ୍ୟବଚ୍ଛେଦ କରିଥିଲେ। ମୃତଦେହରୁ ବାହାରିଥିବା ଗୁଳି ଦୁଇଟିକୁ ପୁଲିସ ଜବତ କରିଥିବାବେଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ପୁଲିସ ହସ୍ତାନ୍ତର କରିଛି।

ପ୍ରକାଶ ଥାଉକି, ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି-ଦଲକ ରାସ୍ତାରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ନିର୍ଦ୍ଦିଷ୍ଟ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ତଥାପି ବେଆଇନ୍ ଖଣି ଅଥବା ପୂର୍ବ ଶତ୍ରୁତା କାରଣରୁ ଗୁଳିମାଡ ହୋଇଥିବା କୁହାଯାଉଛି। ମୃତ ବାସୁଦେବ ସ୍ଥାନୀୟ ଅଞ୍ଚଳରେ ଖଣି ବ୍ୟବସାୟ କରୁଥିଲେ। ବାସୁଦେବଙ୍କୁ ହତ୍ୟା ପୂର୍ବରୁ ତାଙ୍କର ଗତିବିଧି ସମ୍ପର୍କରେ ହତ୍ୟାକାରୀମାନେ ନଜର ରଖିଥିଲେ। ଗତକାଲି ସନ୍ଧ୍ୟାରେ ସେ ଶୌଚ ହେବାକୁ ଯାଇଥିବା ବେଳେ କେତେକ ଦୁର୍ବୃତ୍ତ ଦୁଇଟି ବାଇକ୍ ରେ ଆସି ଅତି ନିକଟରୁ ତାଙ୍କୁ ଗୁଳି କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବାସୁଦେବଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ଅଣାଯାଇଥିଲା। ଖୋର୍ଦ୍ଧା ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଘଟଣାସ୍ଥଳରେ ବୁଲେଟ କୁ ଛାଡ଼ି ଦୁର୍ବୃତ୍ତ ପଳାଇଥିବାବେଳେ ଅପରାଧୀଙ୍କୁ ଧରିବା ପୁଲିସ ପାଇଁ ସହଜ ହେବ। ଘଟଣାସ୍ଥଳରୁ ପୁଲିସ ଖୋକା ଓ ବୁଲେଟ୍‌କୁ ଜବତ କରିଛି। ଅପରାଧୀଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ ରେ ୩ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନ ରେ ଚଢଉ କରାଯାଉଛି। କିନ୍ତୁ ୨୪ଘଂଟା ପରେ ବି ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ଆସାମୀ ନିକଟରେ ପହଁଚି ପାରିନି । ବାସୁଦେବଙ୍କୁ ଗୁଳିମାଡ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ଦାବି ଜୋର୍ ଧରିଛି।

## ଟୋକନ ମେସେଜ ପାଇନଥିବା ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ

ବୋଲଗଡ଼, ୨୦।୧(ସମିସ): ଚଳିତ ବର୍ଷ ବୋଲଗଡ଼ ବ୍ଲକ ଅଞ୍ଚଳରେ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକାନ ନିମିତ୍ତ ଏଯାବତ କେତେକ ଚାଷୀଙ୍କୁ ମେସେଜ ମିଳିନି। ବିଗତ ବର୍ଷରେ ସମସ୍ତ ପଞ୍ଜିକୃତ ଚାଷୀଙ୍କୁ ମେସେଜ ଆସୁଥିଲା। ମେସେଜ ଅନୁସାରେ ଧାର୍ଯ୍ୟ ସମୟରେ ଟୋକନ ମିଳୁଥିଲା। ହେଲେ ଚଳିତ ବର୍ଷ ଯେଉଁ ପଞ୍ଜିକୃତ ଚାଷୀ ମାନେ ଟୋକନ ପାଇଁ ମେସେଜ ପାଇପାରିନାହାନ୍ତି ସେମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲାଣି। କେଉଁ ଦିନ ମେସେଜ ଆସିବ କି ଆସିବନି ଏପରି ଆଶା ଆଶଙ୍କା ପ୍ରକାଶ କଲେଣି ଚାଷୀ। ଉଲ୍ଲେଖ ଥାଉକି,ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ଚାଷୀ ମାନେ କେତେ ପରିମାଣର ଧାନ ବିକ୍ରି କରିବେ ସେଥିପାଇଁ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ପରିମାଣ ଏବଂ ତାରିଖ ଧାର୍ଯ୍ୟ ହୋଇ ସମ୍ପୃକ୍ତ ଚାଷୀଙ୍କ ମୋବାଇଲକୁ ମେସେଜ ମାଧ୍ୟମରେ ଜଣାଇ ଦିଆଯାଇଥାଏ। ପରେ ମଣ୍ଡିରେ ଧାନ ବିକ୍ରି ପାଇଁ ଧାର୍ଯ୍ୟ ପରିମାଣ ଓ ଦିନ ଅନୁସାରେ ସମ୍ପୃକ୍ତ ଚାଷୀଙ୍କୁ ସମବାୟ ସମିତିର ଧାନ ମଣ୍ଡିରୁ ଟୋକନ ଦିଆଯିବା ପରେ ଚାଷୀ ନିଜର ଧାନ ମଣ୍ଡିରେ ବିକ୍ରୟ ପାଇଁ ନେଇଥାନ୍ତି। ପରେ ମିଲର ମାଧ୍ୟମ ରେ ମଣ୍ଡିରୁ ଧାନ ସରକାର ଉଠାଇଥାନ୍ତି। ମାତ୍ର ଚଳିତ ବର୍ଷ ଅମଳ ପରେ ମଣ୍ଡିରେ ଧାନ ବିକିବାକୁ କାହାର ମେସେଜ ଆସିଛି ତ ଆଉ କାହାର ଆସିନି। ଫଳରେ ଯେଉଁ ମାନଙ୍କର ମେସେଜ ଆସିନାହିଁ ସେମାଙ୍କୁ ତୁରନ୍ତ ମେସେଜ ପଠାଇବକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ମେସେଜ ପାଇନଥିବା ଚାଷୀ ମହଲରେ ଦୃଢ଼ ଦାବି ହେଉଛି। ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣାଯିବ କେହି ଅସୁବିଧାରେ ପଡ଼ିବେନି ବୋଲି ସରକାର କହୁଥିବା ବେଳେ ଜାନୁଆରୀ ମାସ ଅଧା ସରିଲାଣି ମାତ୍ର କେତକ ଚାଷୀଙ୍କୁ ମେସେଜ ମିଳୁନି। ଯେଉଁମାନେ ଟୋକେନ ପାଇଁ ମେସେଜ ପାଇନାହାନ୍ତି ସେମାନଙ୍କ ଠାରୁ ସରକାର ଶୀଘ୍ର ଧାର୍ଯ୍ୟ ମେସେଜ ପଠାଇଲେ ଚାଷୀ ମାନେ ମେସେଜ ଅନୁସାରେ ଧାନ ବିକ୍ରି ପାଇଁ ନିଶ୍ଚିତ ହୋଇପାରିବେ। ଏଥି ମଣ୍ଡି ଟୋକେନ ପାଇଁ ଶୀଘ୍ର ମେସେଜ ଆସିବାକୁ ଚାଷୀ ନେତା ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସମେତ ଚାଷୀମାନେ ଦାବି କରୁଛନ୍ତି।

**● ଜାଗାବାଡ଼ି ବିବାଦରୁ ଆକ୍ରମଣ ଘଟଣା**

## ପୁଲିସ ନିଷ୍କ୍ରିୟ; ପ୍ରାଣ ଭୟରେ ରାଜରାସ୍ତାରେ ପରିବାର

ଟାଙ୍ଗୀ,୨୦।୧(ସମିସ): ଟାଙ୍ଗୀ ଥାନା ଅଧିନସ୍ଥ ଭୁଷଣ୍ଡପୁର ଫାଣ୍ଡି ଉରୁମୁଖୀ ଗ୍ରାମରେ ଜାଗାବାଡି ବିବାଦକୁ କେନ୍ଦ୍ର କରି ଗୋଟିଏ ପରିବାରକୁ ମାରଣାସ୍ତ୍ରରେ ଆକ୍ରମଣ ଘଟଣା ସଂପର୍କରେ ପୁଲିସରେ ଲିଖିତ ଅଭିଯୋଗର ଦୁଇ ଦିନ ପରେ ବି ନିଷ୍କ୍ରିୟତା ଯୋଗୁ ସଂପୃକ୍ତ ପରିବାର ନିଜ ଭିଟାମାଟି ଛାଡି ବାହାରେ ଦିନ କାଟୁଥିବା ଜଣାପଡିଛି। ଏପରିକି ଖୋର୍ଦ୍ଧା ଏସ୍‌ପିଙ୍କ ନିକଟରେ ଅଭିଯୋଗ ପରେ ଟାଙ୍ଗୀ ପୁଲିସ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆ ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଏହି ଫାଣ୍ଡି ଅଧିନସ୍ଥ ଉରୁମୁଖୀ ଗ୍ରାମର ସୁକାନ୍ତ କୁମାର ବେହେରା ତାଙ୍କ ପତ୍ନୀ ମାନି ବେହେରା, ପୁଅ ଓ ଝିଅଙ୍କୁ ଜାଗାବାଡି ବିବାଦକୁ କେନ୍ଦ୍ର କରି ସେହି ଗ୍ରାମର ହେମନ୍ତ ବେହେରା, ଧିରେନ୍ଦ୍ର ବେହେରା, ମାଗା ବେହେରା, ସୈରେନ୍ଦ୍ରି ବେହେରା, ନୀଳ ବେହେରା, ହୁଲ୍ଲାସ ବେହେରାଙ୍କ ସମେତ ୮ ରୁ ଅଧିକ ଅସାମାଜିକ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଗତ ୧୮ ତାରିଖରେ ଆକ୍ରମଣ କରିଥିଲେ। ଏହି ଘଟଣା ସଂପର୍କରେ ସୁକାନ୍ତଙ୍କ ପତ୍ନୀ ମାନି ଭୁଷଣ୍ଡପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ଯୋଗୁ ସୁକାନ୍ତଙ୍କ ପରିବାର ନିଜ ଘର ଛାଡି ପ୍ରାଣ ଭୟରେ ଏଣେତେଣେ ବୁଲୁଥିଲେ ମଧ୍ୟ ଭୁଷଣ୍ଡପୁର ଫାଣ୍ଡି ଅଧିକାରୀ କିନ୍ତୁ ଚୁପ। ଏହି ଘଟଣା ସଂପର୍କରେ ଆଜି ଖୋର୍ଦ୍ଧା ଏସପିଙ୍କୁ ଅଭିଯୋଗ ପରେ ଟାଙ୍ଗୀ ପୁଲିସ ଘଟଣା ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ରଞ୍ଜିତ ନାୟକଙ୍କୁ ପଚାରିବାରେ ତଦନ୍ତ କରୁଥିବା ସଫେଇ ଦେଇଛନ୍ତି। ତେବେ ପୁଲିସ ର ନିଷ୍କ୍ରିୟତା ତଥା ସରଳତାର ସୁଯୋଗ ନେଇ ଅଭିଯୁକ୍ତ ଦୁଇ ଦିନ ପରେ ଆଜି ପାଲଟା ଅଭିଯୋଗ କରିଥିବା ଜଣାପଡିଛି।

**● ୮ ବର୍ଷ ହେଲା ମିଳୁନି ନ୍ୟାୟ**

## ଟାୱାର ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ

ଜଟଣୀ, ୨୦।୧ (ସମିସ): ଜଟଣୀ ଥାନା ଅଞ୍ଚଳରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜମିବାଡ଼ି ବିବାଦ ଘଟଣାକୁ କେନ୍ଦ୍ରକରି ଜଣେ ଯୁବକ



ପ୍ରଶାସନଠାରୁ ଦୀର୍ଘ ୮ବର୍ଷ ଧରି ନ୍ୟାୟ ନ ପାଇବାରୁ ମୋବାଇଲ୍ ଟାୱାର ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦୀର୍ଘ ସମୟ ଧରି ଟାୱାର ଉପରେ ଯୁବକଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଯୁବକ ଜଣଙ୍କ ହେଲେ ଜଟଣୀ ପୌରପାଳିକା ଅନ୍ତର୍ଗତ ନୂଆଗାଁ ହାଡ଼ିସାହିର ପ୍ରମୋଦ ସେଠୀ। ତେବେ ଖବର ପାଇ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୃଢ଼ ପ୍ରତିଶ୍ରୁତି ଦେବାପରେ ଯୁବକ ଜଣଙ୍କ ତଳକୁ ଓହ୍ଲାଇଥିଲେ। ଘଟଣାନୁଯାୟୀ, ନୂଆଗାଁ ହାଡ଼ିସାହିରେ ଦୀର୍ଘ ୮ବର୍ଷ ହେଲା ପ୍ରମୋଦଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗି ରହିଆସିଛି। ପୂର୍ବରୁ ଜମିବାଡ଼ି ସମସ୍ୟାର ସମାଧାନ ପାଇଁ ପ୍ରମୋଦ ଜଟଣୀ ତହସିଲଦାର୍, ପୁଲିସ, ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରିଥିଲେ। ହେଲେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରିନଥିଲା। ଏଥିସହ ଜମିବାଡ଼ି ଘଟଣାକୁ ନେଇ ଅପରପକ୍ଷ ପରିବାର ସଦସ୍ୟ ପ୍ରମୋଦଙ୍କ ପରିବାର ଲୋକଙ୍କୁ ମାନସିକ ଓ ଶାରିରୀକ ଭାବେ ଆଘାତ ଦେଇ ଆସୁଥିଲେ। ଥାନାରେ ଅଭିଯୋଗ କଲେ ମଧ୍ୟ ପୁଲିସ ଶୁଣୁ ନ ଥିଲା। ଶେଷରେ ନ୍ୟାୟ ପାଇବା ଆଶା ନେଇ ଆଜି ଏଭଳି ଏକ ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ, ଜଟଣୀ ପୁଲିସ ଓ ତହସିଲଦାର୍ ପହଞ୍ଚି ତାଙ୍କୁ ତଳକୁ ଓହ୍ଲାଇ ଆସିବାକୁ ନିବେଦନ କରିଥିଲେ। ହେଲେ ସେ କାହା କଥା ଶୁଣି ନଥିଲେ। ନ୍ୟାୟ ପାଇଁ ଦୀର୍ଘ ୮ ବର୍ଷ ହେଲା ସରକାରୀ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲିଣି, କିନ୍ତୁ କେହି ଶୁଣିଲେ ନାହିଁ ବୋଲି କହିଥିଲେ। ତେବେ ଖୁବଶୀଘ୍ର ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ତହସିଲଦାର୍ ଶିବାଶିଷ ପରିଡ଼ା ଦୃଢ଼ ପ୍ରତିଶ୍ରୁତି ଦେବା ପରେ ଟାୱାର ଉପରୁ ତଳକୁ ଓହ୍ଲାଇଥିଲେ।

## ସମ୍ପତ୍ତି ପାଇଁ ୨୪ ଘଣ୍ଟା ପଡ଼ିରହିଲା ମୃତଦେହ

ବାଲୁଗାଁ,୨୦।୧(ସମିସ) : ବାଲୁଗାଁ ହରିଜନ ସାହି ଛକ ନିକଟସ୍ଥ ମୁଖ୍ୟ ରାସ୍ତାର ଏକ ଘରେ ଭଡା ସୂତ୍ରରେ ରହି ଆସୁଥିବା ଜଣେ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ଘଟିଥିବା ବେଳେ ମୃତକଙ୍କ ସମ୍ପତ୍ତିକୁ କେନ୍ଦ୍ର କରି ପାରିବାରିକ କଳହ ଲାଗି ଦୀର୍ଘ ୨୪ ଘଣ୍ଟା ଧରି ଘର ଭିତରେ ମୃତଦେହ ପଡି ରହିଥିଲା। ସମ୍ପର୍କୀୟ ଘର ମାଲିକ ଏନେଇ ମଙ୍ଗଳବାର ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସର ହସ୍ତକ୍ଷେପ ପରେ ୨୪ ଘଣ୍ଟା ପରେ ଯାଇ ଶବ ସତ୍କାର କରାଯାଇଛି। ମୃତ ବ୍ୟକ୍ତ ଜଣକ ହେଲେ ବାଲୁଗାଁ ବିଶ୍ୱାଳ ସାହିର ଫୁଲ ସାହୁ(୫୫) ବୋଲି ଜଣା ପଡିଛି। ଫୁଲ ଏକାକୀ ରହୁଥିବା ବେଳେ ବାଲୁଗାଁର ବିଭିନ୍ନ ହୋଟେଲରେ କାମ କରି ଗୁଜୁରାଣ ମେଣ୍ଟାଉ ଥିଲେ। ଦୀର୍ଘ ବର୍ଷ ହେବ ଫୁଲଙ୍କୁ କେହି ପଚରା ଉଚରା କରୁ ନଥିବା ବେଳେ କିଛି ବର୍ଷ ହେବ ସେ ମାନସିକ ଭାବେ ଅସୁସ୍ଥ ହୋଇ ପଡିବାରୁ ନାରାୟଣ ସାହୁ ନାମକ ତାଙ୍କର ଜଣେ ସମ୍ପର୍କୀୟ ବିଶ୍ୱାଳ ସାହି ସ୍ଥିତ ଫୁଲଙ୍କ ଘରକୁ ଭଡା ସୂତ୍ରରେ ଲଗାଇ ବାଲୁଗାଁ ବଜାର ମୁଖ୍ୟ ରାସ୍ତାସ୍ଥିତ ନିଜ ଘରେ ଫୁଲଙ୍କୁ



ରଖି ଦେଖାଶୁଣା କରିଆସୁଥିଲେ। କିଛିଦିନ ହେବ ଫୁଲ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇପଡି ଶେଷରେ ସୋମବାର ଦିନ ୧୨ଘଟିକା ସେ ମୃତ୍ୟୁ ବରଣ କରିଥିଲେ। ଶବ ମଙ୍ଗଳବାର ମଧ୍ୟାହ୍ନ ଯାଏଁ ପଡିରହିଥିବା ବେଳେ ଫୁଲଙ୍କ ପୁତୁରା ଉମାକାନ୍ତ ସାହୁ କହିବା ମୁତାବକ ଦାଦାଙ୍କ ଘରକୁ ଭଡାରେ ଲଗାଇ ନାରାୟଣ ଟଙ୍କା ନେଉଥିଲେ ତେଣୁ ସେ କାହିଁକି ଦାଦାଙ୍କୁ ପଚାରିବେ ବା ଶବ ସତ୍କାର କରିବେ , ଯଦି ବିଶ୍ୱାଳ ସାହି ସ୍ଥିତ ଫୁଲଙ୍କ ଘରକୁ ଖାଲି କରି ତାଙ୍କୁ ହସ୍ତାନ୍ତର କଲେ ଯାଇ ସେ ଶବ ସତ୍କାର କରି ସବୁ କିଛି ବୁଝିବେ ବୋଲି ପୁତୁରା ଉମାକାନ୍ତ କହିଥିଲେ। ଅନ୍ୟପକ୍ଷେ ନାରାୟଣଙ୍କ କହିବା ଅନୁଯାଇ ଫୁଲଙ୍କୁ କେହି ନ ପଚାରିବାରେ ସେ ବାରଦ୍ୱାର ହେବାରୁ ଘରକୁ ଭଡାରେ ଦେଇ ଭଡା ଟଙ୍କାରେ ଫୁଲଙ୍କୁ ଦେଖାଶୁଣା କରିବା ସହ ନିଜ ଘରେ ମଧ୍ୟ ରହିବାକୁ ଦେଇଥିଲେ। ଫୁଲଙ୍କ ସମ୍ପତ୍ତିରେ ତାଙ୍କର କୌଣସି ଅଧିକାର ନାହିଁ କି ସେଥିରୁ ସେ କିଛି ନେବାର ନାହିଁ ବୋଲି ନାରାୟଣ କହିଥିଲେ। ହେଲେ ସମ୍ପତ୍ତି ପାଇଁ ମଙ୍ଗଳବାର ଦିବା ୧ଘଟିକା ପର୍ଯ୍ୟନ୍ତ ଘର ଭିତରେ ଶବ ପଡି ରହିଥିବା ବେଳେ ସତ୍କାର ପାଇଁ କେହି ଆଗକୁ ଆସି ନଥିଲେ। ଏନେଇ ଶେଷରେ ନାରାୟଣ ବାଲୁଗାଁ ଥାନାରେ ଅଭିଯୋଗ କରିବାରେ ପୁଲିସ ହସ୍ତକ୍ଷେପ କରି ଉଭୟଙ୍କୁ ବୁଝାସୁଝା କରି ସମାଧାନ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପୁତୁରା ଉମାକାନ୍ତଙ୍କୁ ମୃତଦେହ ହସ୍ତାନ୍ତର କରିବାରେ ଦୀର୍ଘ ୨୪ ଘଣ୍ଟା ପରେ ଯାଇ ଶବ ସତ୍କାର ହୋଇଛି।

## ପୂର୍ବତନ ମନ୍ତ୍ରୀଙ୍କ ପତ୍ନୀ ବିୟୋଗରେ ଶୋକ

ବାଲୁଗାଁ,୨୦।୧(ସମିସ) : ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ସୁସାହିତ୍ୟକ ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହଙ୍କ ଧର୍ମପତ୍ନୀ ସ୍ନେହଲତା ମାନସିଂହଙ୍କ ୭୩ ବର୍ଷ ବୟସରେ ଦେହାନ୍ତ ଘଟିଛି। ଭୁବନେଶ୍ୱର କିମ୍ସ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗତ ୧୮ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଇହଲୀଳା ତ୍ୟାଗ କରିଛନ୍ତି। ସ୍ୱର୍ଗତ ସ୍ନେହଲତା ଜଣେ ଧର୍ମପରାୟଣ, ସ୍ନେହ ବତ୍ସଳ ଓ ପରଉପକାରୀ ମହିଳା ଥିଲେ। ମା' ମେଘାମ୍ବରୀ ମନ୍ଦିର ବିଗ୍ରହ ପ୍ରତିଷ୍ଠା କାଳରେ ସେ ପତି ଦେବେନ୍ଦ୍ର ନାଥ ମାନସିଂହଙ୍କ ସହ ଅନ୍ୟତମ କର୍ତ୍ତା ଭାବେ କାର୍ଯ୍ୟ ସଂପାଦନା କରିଥିଲେ। ତାଙ୍କର ବିୟୋଗରେ ନିଜ ଗ୍ରାମ ବାଣପୁର ବ୍ଲକ ଅଧିନ ଅନ୍ତରକୀଆରୀ ଗ୍ରାମ, ବିଭିନ୍ନ ଅନୁଷ୍ଠାନ ତଥା ସମଗ୍ର ବାଲୁଗାଁ-ବାଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ସ୍ୱର୍ଗତ ସ୍ନେହଲତାଙ୍କ ମର ଶରୀର ନିକଟରେ ସ୍ୱାମୀ ଦେବେନ୍ଦ୍ରନାଥ, ପୁତ୍ର ଦେବାଶିଷ, ପୁତ୍ରବଧୂ ଉପାଲି ଅପରାଜିତା, କନ୍ୟା ମୋନାଲିସା, ସୋନାଲି ଓ ଲୋପାମୁଦ୍ରା, ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ତାଙ୍କର ପୁତ୍ର ମୁଖାଗ୍ନି ଦେଇଥିଲେ।

## ଧାନମଣ୍ଡି ଖୋଲିଲା

ବେଗୁନିଆ,୨୦।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ହୋଇଛି। ଏଥିରେ ଶିକ୍ଷାବିତ ମନ ମୋହନ ସାମନ୍ତରାୟ, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ଉପସଭାପତି ସରୋଜିନୀ ପଣ୍ଡା, ସମ୍ପାଦକ ପ୍ରଭାତ କୁମାର ମହାନ୍ତି, ପୂର୍ବତନ ସମିତି ସଭ୍ୟ ଧନେଶ୍ୱର ସାହୁ ସମାଜସେବୀ ବାଉରୀ ଶ୍ରୀଚନ୍ଦନ, ହରେକୃଷ୍ଣ ପଣ୍ଡା, ନାରାୟଣ ମାଣିକ, ସୂର୍ଯ୍ୟ ନାରାୟଣ ମିଶ୍ର, ହୃଷିକେଶ ଜେନା,ବାମ ଦେବ ମହାପାତ୍ର ସତ୍ୟବାଦୀ ଜେନା ଓ ଆରଏମସି ସୁପରଭାଇଜର ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ସଦସ୍ୟ ହୃଦାନନ୍ଦ ସାହୁ, ନୀଳକଣ୍ଠ ପଣ୍ଡା, ବ୍ରଜବନ୍ଧୁ ନାୟକ, ସୁରେଖ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବଳିୟାର ସିଂହ, ଜୟଦେବ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ରତିକାନ୍ତ ଯୋଗଣିଆ, ଶାନ୍ତିଲତା ସେଠୀ ଓ କାଞ୍ଚନ ବାଳା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ ପୂଜାର୍ଚ୍ଚନା କରିବା ପରେ ୭ ଜଣ ଚାଷୀଙ୍କ ମଧ୍ୟରୁ ପ୍ରଥମ ଚାଷୀ ଭାବେ ମାଗୁଣୀ ଚରଣ ପଣ୍ଡାଙ୍କ ଠାରୁ ୧୯ କ୍ୱିଣ୍ଟାଲ ୫୭ କେଜି ଧାନ କ୍ରୟ କରାଯାଇ ଥିଲା।

## ବାଲୁଗାଁ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୨୦।୧(ସମିସ) : ବାଲୁଗାଁ ମହାବିଦ୍ୟାଳୟର ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ନିର୍ବାଚନ ସାକ୍ଷରତା କ୍ଲବର ସଂଯୋଜିକା ସୁନିତା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ପ୍ରଶାସନିକ ଅଧିକାରୀ ଡ଼ଃ କୈଳାସ ଚନ୍ଦ୍ର ମହାରଣା ଓ ଅଧାପକ ଡ଼ଃ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ




ଗଣତନ୍ତ୍ର ଓ ନିର୍ବାଚନ ଏବଂ ମୋ ଭୋଟ ମୋ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ରଙ୍ଗୋଲି, ପୋଷ୍ଟର ଏବଂ ବାଲାଟ୍ ବିକ୍ସ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଏଥିରେ ଅଧାପିକା କ୍ରିଷ୍ଣା ସେଠୀ, ସୁଶ୍ରୀ ରୋଜାଲିନ୍ ମିଶ୍ରଙ୍କ ସମେତ ଦୀପକ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଅଧାପିକା ତପସ୍ୱିନୀ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମନ୍ଦିର ଦାନ ଅର୍ଥ ଜବତ, ଦୁଇ ଗିରଫ

ନିରାକାରପୁର,୨୦।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମା' ପାଦୁକାଇ ଠାକୁରାଣୀଙ୍କ ହୁଣ୍ଡି ଗତ ୧୮ ତାରିଖ ରାତିରେ ଭାଙ୍ଗି ଦାନ ଅର୍ଥ କିଛି ଦୁର୍ବୃତ୍ତ ଚୋରି କରି ନେଇଥିବା ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଆଜି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ୧୭୦୦ ଟଙ୍କା ଜବତ କରିଛି। ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଏସ ଆଇ ଦିପାଳିଶା ନାୟକ ଗତକାଲି ତଦନ୍ତ କରି ଚୋରି କରିଥିବା ପଦ୍ମପୁର ଗ୍ରାମର ଲକ୍ଷ୍ମୀନାରାୟଣ ତ୍ରିପାଠୀ ଓରଫ ଲିପୁନ ଓ ଖଜୁରୀପଡ଼ା ଗ୍ରାମର ଅର୍ବାଜ ଶାହା ଓରଫ ଅଶୁନୁକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ତାଙ୍କ ଠାରୁ ଉଦ୍ଧାର ୧୭୦୦ ଟଙ୍କା କମିଟି ସଦସ୍ୟଙ୍କୁ ଫେରସ୍ତ କରାଯାଇଛି।

## ନାଚୁଣୀ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଚିଲିକା,୨୦।୧(ସମିସ): ନାଚୁଣୀ ହାଇସ୍କୁଲ ୧୯୮୯ ବ୍ୟାଚର ପୁରାତନ ଛାତ୍ରମାନଙ୍କର ବନ୍ଧୁ ମିଳନ ହାଇସ୍କୁଲ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଗୁରୁପୂଜନ ଉତ୍ସବରେ ତତ୍କାଳୀନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷକ ବିଶ୍ୱନାଥ ସାହୁ, ଶିକ୍ଷକ ପ୍ରକାଶ କୁମାର ପାତ୍ର ଓ ଶିକ୍ଷୟିତ୍ରୀ ଶ୍ରୀମତୀ ସାବିତ୍ରୀ ମାନସିଂହ ପ୍ରମୁଖ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ପଦବନ୍ଦନା କରାଯାଇଥିଲା। ଉକ୍ତ ବନ୍ଧୁମିଳନ ଉତ୍ସବରେ ବାବାଜୀ ଘନଶ୍ୟାମ ଦାସ, ବାବାଜୀ ମିଟୁ ସାହୁ, ବିକ୍ରମ କେଶରୀ ସାହୁ, ଅଶୋକ ଭାରିମଲ୍ଲ, ନଟବର ସେଣ, ପ୍ରମୋଦ ପଲେଇ, ପ୍ରସନ୍ନ ପ୍ରଧାନ, ପଦ୍ମଚରଣ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଶିବାଜୀ ରାଉତ,ଅଜୟ ଖୁଣ୍ଟିଆ, ଭବାନୀ ହରିଚନ୍ଦନ, ମିତୁନା ମହାପାତ୍ର, ମାନଗୋବିନ୍ଦ ହରିଚନ୍ଦନ, ଲଲାଟେନ୍ଦୁ ରାଉତରାୟ, ବିକ୍ରମ ମାଲ୍ଲ ଅଭିମନ୍ୟୁ ପ୍ରଧାନ, ବୃନ୍ଦାବନ ବେହେରା, ଦାମୋଦର ନାୟକ, ଅମୁଲ୍ୟ ପ୍ରଧାନ, ରମେଶ ସେଣ, ବିଶ୍ୱଜିତ୍ ରାଉତରାୟ, ସନାତନ ଘଟୁଆରୀ,ଶେଷ ଦେବ ପାଇକରାୟ ଓ ଯୋଗେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ପୁରାତନ ଛାତ୍ରମାନେ ଅତୀତରେ ଛାତ୍ର ଜୀବନରେ ଘଟିଥିବା ଘଟଣା ବହୁଳର ସ୍ମୃତିଚାରଣ କରିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ବିପିନ୍ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅକ୍ଷୟ ମହାରଣା।

## ବ୍ରାଉନସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା,୨୦।୧(ସମିସ): ବଙ୍ଗିଦା ଖେଳ ପଡିଆ ନିକଟ କାଜୁ ଜଙ୍ଗଲରୁ ସଦର ଥାନା ପୁଲିସ ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବେହେରାସାହିର ସନ୍ତୋଷ ଦାସ (୨୭) ଏବଂ ବାଲିସାହି ହରିଜନବସ୍ତି ର ବିଶ୍ୱଜିତ ନାୟକ (୧୮)। ସେମାନଙ୍କ ଠାରୁ ପୁଲିସ ୨୦.୫୩ଗ୍ରାମ ବ୍ରାଉନସୁଗର, ଦୁଇଟି ମୋବାଇଲ ଫୋନ୍ ଏବଂ ଏକ ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୨ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ଆକଳନ କରିଛି।

## ସମବାୟ ସମିତିର ନୂତନ ଗୃହ ଭିତ୍ତିପ୍ରସ୍ତର

ନିରାକାରପୁର,୨୦।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ସେବା ସମବାୟ ସମିତି ର ୩୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଧାନ ମଣ୍ଡିକୁ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଉଦଘାଟନ କରିଛନ୍ତି। ସମିତି ର ସମ୍ପାଦକ ଦୁଷ୍ମନ୍ତ କୁମାର ମହାପାତ୍ର ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଦିନ ୭ ଜଣ ଚାଷୀଙ୍କ ଠାରୁ ୩୫୮.୯୬ କ୍ୱିଣ୍ଟାଲ ଧାନ ଶ୍ରୀ ଚଣ୍ଡୀ ହରଦେବ ମିଲରଙ୍କ ଦ୍ୱାରା କିଣା ଯାଇଛି। ସଭାରେ ସମିତି ସଭାପତି ସାଗର ବଳିଆରସିଂହ, ଉପ ସଭାପତି ଅହଲ୍ୟା ମଙ୍ଗରାଜ, ବ୍ଲକ୍ ଯୋଗାଣ ନିରୀକ୍ଷକ ଶିବରାମ ବିଶ୍ୱାଳ, ସହକାରୀ ନିବନ୍ଧକ ଖୋର୍ଦ୍ଧା ମଣ୍ଡଳ ସମବାୟ ସମିତି ସମୂହ ଭାଗମତ ମାରାଣ୍ଡି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ୍ ପ୍ରତିନିଧି ରୂପେ ସୁପରଭାଇଜର ଦେବାଶିଷ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ଜେନା, ପଞ୍ଚାୟତ ସମିତି ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମିତାଞ୍ଜଳି ବଳିଆରସିଂହ ଉପସ୍ଥିତ ଥିଲେ।

## ମହିଳା ଆତ୍ମରକ୍ଷା କୌଶଳ ତାଲିମ ଶିବିର

ବାଣପୁର,୨୦।୧(ସମିସ) : ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ଚଳିତ ମାସ ୯ ତାରିଖ ଠାରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ଧରି ଚାଲିଥିବା ମହିଳା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇ ଯାଇଛି। ତାଲିମ ଶିବିରର ସଂଯୋଜିକା ଅଧାପିକା ମିକି ମନସ୍ୱିନୀଙ୍କ ସଂଯୋଜନାରେ ୮ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ପ୍ରଶିକ୍ଷକ ଭାବେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନି ମୁଦୁଲି ଓ ଜି.ସାବିତ୍ରୀ ଆଚାରୀ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଶିବିରର ଉଦଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ସୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା ଯୋଗଦେଇ ଥିଲେ।

## ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ରାସ୍ତାରୋକ

ବେଗୁନିଆ,୨୦।୧ (ସମିସ)

ସିମୋର - ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ମଙ୍ଗଳବାର ଦିନ ପୂର୍ବାହ୍ନ ୭ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଡମପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ଜନ ସାଧାରଣ ମୌଳିକ ସମସ୍ୟାକୁ ନେଇ ସ୍ଥାୟୀ ସମାଧାନ ଦାବି ନେଇ ଧାରଣାର ବସିଥିଲେ। ଯାହା ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲଘୁ ଓ ଭାରୀ ଯାନବାହାନ ସହ ଯାତ୍ରୀବାହି ବସ ଅଟକି ରହିଥିବାରୁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ।

ଜନ ସାଧାରଣଙ୍କ ସୂଚନା ଅନୁଯାୟୀ ୧୯୬୬ ମସିହାରୁ ତୁଳସୀପୁର ପଞ୍ଚାୟତରେ ପୋଖରୀ, ବନ୍ଧ, ଗୋଚର ଜମି ଓ ଶ୍ମଶାନ ଆଦି ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ସଠିକ୍ ରହିଥିବା ବେଳେ ୧୯୯୧ ମସିହାରେ ନରଗାଙ୍ଗକୁ ନୂତନ ଭାବେ ପଞ୍ଚାୟତ ଭାବେ ଗଠନ ହୋଇଥିଲା। ଯାହା ଫଳରେ ସୀମା ନିର୍ଦ୍ଧାରଣରେ ତ୍ରୁଟି ପରିଲକ୍ଷିତ ହୋଇ ତୁଳସୀପୁର ପଂଚାୟତରେ କେବଳ ଘରବାରିମୌଜା, ରଙ୍ଗଣୀସାହି, ସୁନାପାଟଣା, ଓ ତୁଳସୀପୁର ମିଶି ମୋଟ ୫୦.୧୩ଏକର ସୀମିତ ଥିବା ବେଳେ ନରଗାଙ୍ଗ ପଂଚାୟତରେ ବନ୍ଧ,ଗୋଚର ଜମି, ପୋଖରୀ, ଲଙ୍କା ଆମ୍ବ ବଗିଚା ଓ ଶ୍ମଶାନକୁ ମିଶାଇ ମୋଟ ୨୫୧୯ ଏକର ୧୭ ଡିସିମିଲ ଜମି ପ୍ରଶାସନର ଅପାରଗତା ଯୋଗୁ ରେକର୍ଡଭୁକ୍ତ



ହୋଇଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯାହାକି ନରଗାଙ୍ଗ ପଞ୍ଚାୟତଟି ବରମହପୁରା ପଞ୍ଚାୟତର କିଛି ଅଂଶ ସହ ତୁଳସୀପୁର ମଧ୍ୟରେ ପ୍ରବାହିତ ଶାଖା ରଣନଦୀ ପର୍ଯ୍ୟନ୍ତ ସୀମାରେ ରେକର୍ଡଭୁକ୍ତ ହୋଇ ରହିଛି। ଯାହା ଫଳରେ ଭୁଲବଶତଃ ନରଗାଙ୍ଗ ପଞ୍ଚାୟତ ବିସ୍ତୃତ ଅଞ୍ଚଳ ପରିସୀମା ଭିତରେ ରହିଥିବାରୁ ପୁନର୍ବାର ସଂଶୋଧନ କରାଯାଇ ତୁଳସୀପୁର ପଞ୍ଚାୟତର ୧୯୬୬ ମସିହାରେ ରହିଥିବା ସୀମାକୁ ଫେରାଇ ଆଣିବାକୁ ସରପଞ୍ଚ ଶରତ ପ୍ରଧାନ, ସମିତି ସଭ୍ୟ ନାରାୟଣ ଜେନା, ପୂର୍ବତନ ରବିନ୍ଦ୍ର ନାଥ ମଲ୍ଲିକ ଓ ସମିତି ସଭ୍ୟ ଧୋବା ମଲ୍ଲିକଙ୍କ ସମେତ ଜନ ସାଧାରଣ ଧାରଣାରେ ବସି ରହିଥିଲେ। ତେବେ ଘଟଣା ସ୍ଥଳରେ ବାଙ୍କୀ ଉପଖଣ୍ଡର ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଡମପଡ଼ା ବିଡ଼ିଓ ଅଂଶୁମାନ ଦାସ ଓ ତହସିଲଦାର ଆଶିଷ ନାୟକ ଓ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ପ୍ରମୁଖ ଘଟଣା ସ୍ଥଳରେ ପହଁଚି ବୁଝାସୁଝା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ।

# କଟକ ସିଟି



# ବର୍ଷା ଜଳ ନିଷ୍କାସନ ପାଇଁ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ବିଳମ୍ବ

**କଟକ, ୨୦ ।୧(ସମିସ)**

କଟକ ସହରର ଏକ ପ୍ରମୁଖ ସମସ୍ୟା ହେଉଛି ବର୍ଷା ଜଳ ନିଷ୍କାସନ। ବର୍ଷା ଜଳ ସହଜରେ ନିଷ୍କାସନ ହୋଇପାରୁନଥିବାରୁ ଅନେକ ସମୟରେ କେଇ ଘଣ୍ଟା ବର୍ଷାରେ ସହର ଜଳବନ୍ଦୀ ହୋଇପଡ଼ିଥାଏ। କେବଳ ମୋଟର ପମ୍ପ ଲଗାଯାଇ ଅସ୍ଥାୟୀ ବ୍ୟବସ୍ଥା ଦ୍ୱାରା ଏହାର ନିରାକରଣ କେତେକାଂଶରେ କରାଯାଉଥିଲେ ମଧ୍ୟ ଏହି ବ୍ୟବସ୍ଥା ଫଳପ୍ରସୂ ହୋଇପାରୁନି। ଅନ୍ୟପଟରେ କୋଟି କୋଟି ଟଙ୍କା ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି। ତେବେ ବର୍ଷା ଜଳ ନିଷ୍କାସନ ପାଇଁ ଗତ ଦୁଇ ବର୍ଷ ପୂର୍ବରୁ କରାଯାଇଥିବା ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେବା ଦୂର କଥା ଆଜି ପର୍ଯ୍ୟନ୍ତ ଏହାର ଡିପିଆର ପ୍ରସ୍ତୁତ କରାଯାଇନାହିଁ। ହାଇକୋର୍ଟ ଏହି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ସହରର ବର୍ଷା ଜଳ ନିଷ୍କାସନ ପାଇଁ ପ୍ରଥମେ ୩୩୫କୋଟି ୪୨ଲକ୍ଷ ଟଙ୍କାରେ ୫ଗୋଟି ବିଏସଡବ୍ଲୁସି (ବ୍ରାଞ୍ଚ ଷ୍ଟର୍ମ ୱାଟର ଚାନେଲ) ପାଇଁ ଡିପିଆର ପ୍ରସ୍ତୁତ କରାଯିବ ବୋଲି କୁହାଯାଇଥିବା ବେଳେ ଏବେ ପ୍ରାୟ ୫୦୦କୋଟି ଟଙ୍କାରେ ଏହାର ଡିପିଆର ପ୍ରସ୍ତୁତ କରାଯାଉଛି। ୱାଟକୋ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିବାକୁ ଥିବା ବେଳେ ଚୂଡ଼ାନ୍ତ ଡିପିଆର ପ୍ରସ୍ତୁତ କରୁଛି ଆଇଆଇଟି।

**୫୦୦କୋଟିର ପ୍ରକଳ୍ପ ପାଇଁ ଚୂଡ଼ାନ୍ତ ଡିପିଆର ପ୍ରସ୍ତୁତ କରୁଛି ଆଇଆଇଟି**

ଏ ସମ୍ପର୍କରେ ୱାଟକୋ ମହାପ୍ରବନ୍ଧକ (ଡ୍ରେନେଜ)ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଇଆଇଟି ବିଶେଷଜ୍ଞ ଇତିମଧ୍ୟରେ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିଛନ୍ତି। ପୂର୍ବରୁ ଭିଜନଟେକ କନସଲଟାନ୍ସି କରିଥିବା ଡିପିଆରକୁ ଆଇଆଇଟିକୁ ଅଧିକ ଅନୁଧ୍ୟାନ ସହ ଚୂଡ଼ାନ୍ତ କରିବା ପାଇଁ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଚଳିତ ମାସ ଶେଷ ସୁଦ୍ଧା ଦୁଇଟି ପ୍ରକଳ୍ପର ଡିପିଆର ଚୂଡ଼ାନ୍ତ କରି ଆଇଆଇଟି ପଠାଇବ ବୋଲି ସେ କହିଛନ୍ତି। ଆଇଆଇଟି ପକ୍ଷରୁ ଚୂଡ଼ାନ୍ତ ଡିପିଆର ଆସିବା ୱାଟକୋ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉକି ଗତ ୨୦୨୩ ଡିସେମ୍ବର ୭ରେ ଇଆଇସି ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ମାଷ୍ଟରପ୍ଲାନ ସମ୍ପର୍କରେ ସିଏମସି ନିକଟରୁ ଡିପିଆର ଆହ୍ୱାନ କରାଯାଇଥିଲା। ସିଏମସି ପକ୍ଷରୁ ଯେଉଁ ଡିପିଆର ଦିଆଯାଇଥିଲା ସେଥିରେ ତ୍ରୁଟିବିଚ୍ୟୁତି ଥିବା ପରିଲକ୍ଷିତ ହୋଇଥିଲା। ଏହା ଠିକ ଭାବେ ପ୍ରସ୍ତୁତ ହୋଇନଥିବା ତଥା ପ୍ରସ୍ତୁତକାରୀ ଅଧିକାରୀଙ୍କ ନାମ ନଥିବା ନେଇ ଏହାକୁ ବିଭାଗ ଫେରାଇଦେଇଥିଲା। ପରେ ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏହାକୁ ଭୁବନେଶ୍ୱର ଆଇଆଇଟି ଦ୍ୱାରା ଅଧିକ ଅନୁଧ୍ୟାନ ସହ ସିଏମସି ବଦଳରେ ୱାଟକୋକୁ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଦିଆଯାଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ରହିଛି ମେହିନ୍ଦପିର ଠାରୁ ଖଟବିନ ସାହି ୧୩୦୫ମିଟର, ଫ୍ରେଣ୍ଡସଲୋନୀ-ବଜ୍ରକବାଟୀ ରୋଡ ୭୧୬ମିଟର, ଏସପି ଅଫିସରୁ ସେମିନାରୀ ଛକ ରାଉସାପାଟଣା ୨୯୦୦ମିଟର, ପୁରୀଘାଟ ତ୍ରିଶା ହସପିଟାଲରୁ ବଜ୍ରକବାଟୀ ୨୪୨୨ମିଟର ଓ ମାତୃଭବନରୁ ଖାନନଗର ୧୩୦୦ମିଟର ଶାଖା ଡ୍ରେନ ରହିଛି।

# ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ବିଜେଡିର ପରମ୍ପରା: ପ୍ରତାପ



**କଟକ, ୨୦।୧(ସମିସ):** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜନତା ଦଳର ଦୁଇ ପୁରୁଖା ନେତା କଟକ ମ୍ୟୁନସିପାଲିଟି ପୂର୍ବତନ କାଉନସିଲର ପରମାନନ୍ଦ ରାଉତ ଏବଂ ବାରଙ୍ଗ ବ୍ଲକ ପୂର୍ବତନ ଚେୟାରମ୍ୟାନ ଦିଗାମ୍ବର ମହାପାତ୍ରଙ୍କୁ ଆଜି ବ୍ୟକ୍ତିଗତ ଭାବେ ଘରକୁ ଯାଇ ପୂର୍ବତନ ମନ୍ତ୍ରୀ, ରାଜ୍ୟ ବିଜୁ ଜନତା ଦଳ ବରିଷ୍ଠ ଉପସଭାପତି ପ୍ରତାପ ଜେନା ଉପଢୌକନ ଚାଦର ଦେଇ ସମ୍ବର୍ଦ୍ଧିତ କରିବା ସହିତ ସ୍ୱାସ୍ଥ୍ୟାବସ୍ଥା ବୁଝି ଆଲୋଚନା କରିଥିଲେ। ପୂଜ୍ୟ ପୂଜାଙ୍କୁ ସମ୍ମାନିତ କରିବା ଏବଂ ପୁରୁଖା ନେତାଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ଦଳ ପରିଚାଳିତ ହେବା ସହିତ ନୂତନ ଯୁବକଙ୍କ ସାଂଗଠନିକ ଶକ୍ତିକୁ ପାଥେୟ କରି ଦଳ ଆଗକୁ ବଢ଼ିବା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ଓଡ଼ିଶା ଗଠନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟ ଗଠନରେ ବିଜେଡି ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ଜେନା କହିଥିଲେ। କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ରାଜେନ୍ଦ୍ର ରଣା, ମନୋରଞ୍ଜନ ଦାଶ, ଯୁବ ନେତା ସ୍ମୃତି ରଞ୍ଜନ ନାୟକ, ସୁଦର୍ଶନ ଜେନା, ସେକ ରିୟାଜଉଲ୍ଲା, ପ୍ରତାପ ନାୟକ, ମନୋଜ ମିଶ୍ର, ନୀଳମାଧବ ଖୁଣ୍ଟିଆ, ଯୁଧିଷ୍ଠିର ବିଶାଳ ପ୍ରମୁଖ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# କ୍ୟାମ୍ପସରେ ଆରମ୍ଭ ହେଲା 'ରିଲେ ଧାରଣା'

**କଟକ, ୨୦।୧(ସମିସ):** ଓଡ଼ିଶାର ସର୍ବପୁରାତନ ତଥା ଅଗ୍ରଣୀ ମହିଳା ଶିକ୍ଷାନୁଷ୍ଠାନ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି ଏବେ ଏକ ଜନ ଆନ୍ଦୋଳନର ରୂପ ନେଇଛି। ସରକାରଙ୍କ ଦୀର୍ଘଦିନର ଅବହେଳା ଓ ପ୍ରତିଶ୍ରୁତି ପାଳନରେ ବିଫଳତା ବିରୋଧରେ ଆଜିଠାରୁ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ 'ରିଲେ ଧାରଣା' ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବାରମ୍ବାର ସ୍ମାରକପତ୍ର ପ୍ରଦାନ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଛାତ୍ରୀମାନେ ଏହି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜି ସକାଳ ୧୦ଟା ସମୟରେ କଲେଜ କ୍ୟାମ୍ପସରେ ଶହ ଶହ ଛାତ୍ରୀ ଏକଜୁଟ ହୋଇ ନିଜର ହକ୍ ପାଇଁ ନାରାବାଜି କରିଥିଲେ। ଛାତ୍ରୀଙ୍କ ସୂଚନା ଅନୁଯାୟୀ, ଯେ ପର୍ଯ୍ୟନ୍ତ ସରକାର ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ଷ୍ଟାଟସ ପ୍ରଦାନ ନ କରିଛନ୍ତି, ସେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୧୦.୩୦ରୁ ୧୧.୩୦ ପର୍ଯ୍ୟନ୍ତ ଏହି ରିଲେ ଧାରଣା ଜାରି ରହିବ। ଏହି ଧାରଣାରେ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରୀ ମଧ୍ୟ ପ୍ଲାକାର୍ଡ ଧରି ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ଗୋପା ଦାସ କହିଛନ୍ତି ଯେ, ଶୈଳବାଳା ଓଡ଼ିଶାର ନାରୀଶିକ୍ଷାର ପ୍ରତୀକ, ଏହାର ବିକାଶ କ୍ଷେତ୍ରରେ କୌଣସି ପ୍ରକାର ଆପୋଷ ବୁଝାମଣା କରାଯିବ ନାହିଁ। ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା ଏହି ଦାବିକୁ ସମର୍ଥନ କରି କହିଛନ୍ତି ଯେ, ଏହା କେବଳ ଏକ ଶିକ୍ଷାନୁଷ୍ଠାନର ଦାବି ନୁହେଁ ବରଂ ଓଡ଼ିଆ ଅସ୍ମିତା ଓ ଐତିହ୍ୟକୁ ସମ୍ମାନ ଦେବାର ବିଷୟ। ଆଜିର ଏହି ବିକ୍ଷୋଭ ପ୍ରଦର୍ଶନରେ ନାଜିଆ ଅଖତାରୀ, ପ୍ରଭାତୀ ସେଠୀ, ରାଜଲକ୍ଷ୍ମୀ ମହାରଣା, ଦିବ୍ୟାଶ୍ରିତ ବେହେରା, ଅର୍ଚ୍ଚନା ନାୟକ, ବିଜୟିନୀ ମିଶ୍ର, ଯାସୁସି ଦାସ ଅଧିକାରୀ, ପ୍ରିୟମ୍ବଦା ଜାନି, ମୌସୁମୀ ବେହେରା, ଅଭିଷିକ୍ତା ରାଉଳ, ସୁଲଗ୍ନା ସାହୁ, ମାମାଲି ଦେହୁରୀ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସିହ୍ନାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀ ଯୋଗଦେଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଛାତ୍ରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



- ଐତିହ୍ୟ ସମ୍ପନ୍ନ ଅନୁଷ୍ଠାନ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଅସନ୍ତୋଷ
- ଲଢ଼େଇରେ ସାମିଲ ହେଲେ ପୁରାତନ ଛାତ୍ରୀ ସଂଘ

## କଟକରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

# ଅପମିଶ୍ରିତ ଓ ବାସୀ ଖାଦ୍ୟ ଜବତ





**କଟକ, ୨୦।୧(ସମିସ):** କଟକ ସହରର ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅସାଧୁ ରେଷ୍ଟୁରାଣ୍ଟ ମାଲିକଙ୍କ ବିରୋଧରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିଡିଏ ସେକ୍ଟର-୧୩ ଏବଂ ସେକ୍ଟର-୧୦ ଅଞ୍ଚଳରେ ଥିବା ବିଭିନ୍ନ କାଫେ ଓ ରେଷ୍ଟୁରାଣ୍ଟ ଉପରେ ସିଏମସି ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ଅପରିଷ୍କାର ଓ ବାସି ଖାଦ୍ୟ ଜବତ କରିଛନ୍ତି। ସେକ୍ଟର-୧୩ରେ ଥିବା ଏକ କାଫେ ଓ ରେଷ୍ଟୁରାଣ୍ଟରେ ଚଢ଼ଉ ସମୟରେ ଅତ୍ୟନ୍ତ ନିମ୍ନମାନର ପରିମଳ ବ୍ୟବସ୍ଥା ଦେଖିବାକୁ ମିଳିଥିଲା। ରେଷ୍ଟୁରାଣ୍ଟରେ ବହୁ ଦିନର ବାସୀ ଖାଦ୍ୟ ସହ ଏକ୍ସପାରୀ ହୋଇଯାଇଥିବା ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। ଏଥିସହିତ ସମ୍ପୃକ୍ତ ଅନୁଷ୍ଠାନ ପାଖରେ କୌଣସି ବୈଧ ଖାଦ୍ୟ ଲାଇସେନ୍ସ କିମ୍ବା ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରେଷ୍ଟୁରାଣ୍ଟକୁ ତୁରନ୍ତ ସିଲ୍ କରାଯାଇଛି। ଏଥିସହ ଉକ୍ତ ରେଷ୍ଟୁରାଣ୍ଟରୁ ୫ହଜାର ଟଙ୍କା ଜୋରିମାନା ଅଦାୟ କରାଯାଇଛି। ସେହିପରି ସେକ୍ଟର-୧୦ରେ ଥିବା ଏକ ନାମୀ ରେଷ୍ଟୁରାଣ୍ଟରେ ଗଚ୍ଛିତ ଥିବା ବିପୁଳ ପରିମାଣର ବାସୀ ଚିକେନ୍ ଲେଗ୍‌ପିସ୍ ବିରିୟାନୀ ଏବଂ ଅନ୍ୟାନ୍ୟ ଅଖାଦ୍ୟକୁ ସିଏମସି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଜବତ କରିବା ସହ ରାସ୍ତାରେ ଢାଳି ଦେଇଥିଲେ। ପ୍ରାୟ ଦେଢ କୁଇଣ୍ଟାଲ ବାସୀଖାଦ୍ୟ ନଷ୍ଟ କରାଯାଇଛି। ଏହି ଚଢଉରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ନୃପେନ୍ଦ୍ର କୁମାର ଶତପଥୀ, ରଶ୍ମିତା ବେହେରା, ମିଥୁନ୍ ସାହା, ଭଗବାନ୍ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଲୋକଙ୍କୁ ଖାଦ୍ୟ ନାମରେ ବିଷ ଦେଉଥିବା ଏହି ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ଖାଦ୍ୟ ଲାଇସେନ୍ସ ନ ଥାଇ ଖାଦ୍ୟ ବ୍ୟବସାୟ କରିବା ଏବଂ ଅପମିଶ୍ରିତ ଖାଦ୍ୟ ବିକ୍ରି କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ସିଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ପ୍ରମୁଖ ହୋଟେଲ ଓ ଫୁଡ୍ ଜଙ୍କସନ୍ ଉପରେ ମଧ୍ୟ ଏହିପରି ଆକସ୍ମିକ ଚଢ଼ଉ ଜାରି ରହିବ ବୋଲି ଟିମ ଚେତାବନୀ ଦେଇଛି।

# ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ଥିଲେ ତ୍ୟାଗ ଓ ତିତିକ୍ଷାର ବାର୍ତ୍ତାବହ



**କଟକ, ୨୦।୧(ସମିସ):** ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଥିଲେ ତ୍ୟାଗ ଓ ତିତିକ୍ଷାର ବାର୍ତ୍ତାବହ। ସେ ସମଗ୍ର ଜୀବନକୁ ମଣିଷ ସେବାରେ ସମର୍ପଣ କରିଥିଲେ। ଦେଶଭକ୍ତି ଓ ମାନବପ୍ରୀତି ଥିଲା ତାଙ୍କ ଜୀବନର ଆଦର୍ଶ। ସେ ପରିବ୍ରାଜକ ପରି ବିଭିନ୍ନ ସ୍ଥାନ ଭ୍ରମଣ କରି ଯେପରି ଜ୍ଞାନ ବିତରଣ କରୁଥିଲେ ତାର ପଟାନ୍ତର ନାହିଁ ବୋଲି ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୩ ତମ ସ୍ମୃତି ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୩ ତମ ସ୍ମୃତି ଉତ୍ସବ ଶ୍ରୀରାମ ଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉଦଘାଟନ କରିଥିଲେ। କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ମୁଖ୍ୟ ଅତିଥିଭାବେ, ଶୋଭନୀୟ ଶିକ୍ଷା ଆଶ୍ରମର ନିର୍ଦ୍ଦେଶିକା ଅରୁନ୍ଧତୀ ରାଉତରାୟ ସମ୍ମାନିତ ଅତିଥି ଭାବେ ଓ ଛାତ୍ରୀ ରାଜଶ୍ରୀ ସାହୁ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ଉତ୍ସବରେ ଲକ୍ଷ୍ମୀନାରାୟଣ ସାହୁ ମେମୋରିଆଲ ଟ୍ରଷ୍ଟର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଗୌତମ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ରେବାଦେବୀ ଶୋଭନୀୟ ଶିକ୍ଷା ଆଶ୍ରମର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅମିତ ସାହୁ ଧନ୍ୟବାଦ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ଅଜୟ ସାହୁ, ଗାୟତ୍ରୀ ସାହୁ, ମୈତ୍ରୀ ସାହୁ, ମଧୁସ୍ମିତା ସାହୁ, ମୌସମ ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ତହସିଲ କାର୍ଯ୍ୟାଳୟରେ ବିଧାୟିକାଙ୍କ ସମୀକ୍ଷା

# ଖାସମାଲ ଜମି କନଭର୍ସନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**କଟକ, ୨୦।୧(ସମିସ):** କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ ଆଜି କଟକ ସଦର ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ରାଜସ୍ୱ ସେବା ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଧାୟିକା ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ ଓ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ବିଧାୟିକା ଜାଣିବାକୁ ପାଇଥିଲେ ଯେ ତହସିଲରେ ପ୍ରାୟ ୪ ହଜାରରୁ ଅଧିକ ଖାସମାଲ ଜମିର କନଭର୍ସନ ମାମଲା ବର୍ଷ ବର୍ଷ ଧରି ପଡ଼ି ରହିଛି। ଏଥିପାଇଁ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ଏହାକୁ ଏକ ମିଶନ ମୋଡ୍‌ରେ ସାରିବାକୁ କହିଛନ୍ତି। ସେହିପରି ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଏବଂ ଜମି ମାପ ସମ୍ପର୍କିତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ ତହସିଲଦାରଙ୍କୁ ପରାମର୍ଶ ଦେଇଛନ୍ତି। ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ଏକ ନୂତନ ତଥା ଅତ୍ୟାଧୁନିକ ତହସିଲ କାର୍ଯ୍ୟାଳୟ ନିର୍ମାଣ ନେଇ ବିଧାୟିକା ମୁଖ୍ୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ନୂତନ କୋଠାର ଟେଣ୍ଡର ପ୍ରକ୍ରିୟା ଶେଷ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି, ଯାହାଦ୍ୱାରା ଲୋକେ ସମସ୍ତ ସୁବିଧା ଗୋଟିଏ ସ୍ଥାନରେ ପାଇପାରିବେ। କାର୍ଯ୍ୟାଳୟକୁ ଆସୁଥିବା ବରିଷ୍ଠ ନାଗରିକଙ୍କ ପ୍ରତି କର୍ମଚାରୀମାନେ ଅଧିକ ସମ୍ବେଦନଶୀଳ ଓ ସୌଜନ୍ୟମୂଳକ ବ୍ୟବହାର ପ୍ରଦର୍ଶନ କରିବାକୁ ବିଧାୟିକା ବିଶେଷ ନିର୍ଦ୍ଦେଶ ଦେଇଛନ୍ତି। ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକର ସ୍ଥିତି ନିୟମିତ ପରଖିବାକୁ ସେ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ତହସିଲଦାର, କର୍ପୋରେଟର ସନ୍ତୋଷ ଭୋଳ, ସୟଦ ରମଜାନ ଅଲ୍ଲୀ ଏବଂ ବାବାଯାନୀ ପ୍ରମୁଖ ଉପସ୍ଥିତ ଥିଲେ।



# ବିଜୁଳି ଭିତ୍ତିଭୂମି ସୁଧାରିବାକୁ ସ୍ମାରକପତ୍ର




**କଟକ, ୨୦।୧(ସମିସ):** କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତି ତରଫରୁ, ସ୍ଥାନୀୟ ବାଲିକୁଦା ଗୋପାଳପୁର ଟାଟାପାୱାର ଭାରପ୍ରାପ୍ତ ଅଧିକାରୀଙ୍କୁ ଅଞ୍ଚଳର ଅସଜଡ଼ା ବିପଦପୂର୍ଣ୍ଣ ଭିତ୍ତିଭୂମି ସଜାଡିବାକୁ ଦାବିପତ୍ର ଦିଆଯାଇଛି। ବିଭିନ୍ନ ଜାଗାରେ ମୁକୁଳା ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମରକୁ ଆବଦ୍ଧ କରିବା, ଜନବସତି ଅଞ୍ଚଳରୁ ୩୩ କେଭି ଉଠାଇବା ରାସ୍ତା ମଝିରୁ ମୁକୁଳା ପୁରୁଣା ୧୧ କେଭିକୁ ଭୂତଳ କେବୁଲ କରିବା ଭଳି ତିନି ଦଫା ଦାବି ନେଇ ଏକ ସ୍ମାରକ ପତ୍ର ସମିତି ତରଫରୁ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ଖବର ନେବାରୁ ଜଣାଯାଇଛି ଯେ ଅଞ୍ଚଳରେ ୨୦ ବର୍ଷ ପୂର୍ବେ ଯେଉଁ ୧୧ କେଭି ଲାଇନ ଟଣା ଯାଇଥିଲା ତାହା କେବୁଲରେ ନ ବଦଳାଇବା, ଜନବସତି ଅଞ୍ଚଳରୁ ୩୩ କେଭିକୁ ନ ହଟାଇବା କିମ୍ବା ରାସ୍ତା କଡ଼କୁ ଲାଗି ରହିଥିବା ମୁକୁଳା ଟ୍ରାନ୍ସଫର୍ମକୁ ସୁରକ୍ଷା ନ ଦେବା ଭଳି ମୌଳିକ ଭିତ୍ତିଭୂମି ଗୁଡିକୁ ସଜାଡ଼ିବାରେ ବିଭାଗ ଦୀର୍ଘ ଦିନ ଧରି ଅଣଦେଖା କରୁଥିବାରୁ ନାଗରିକଙ୍କ ଭିତରେ ଦୁର୍ଘଟଣା ଘଟିଯିବାର ଭୟର ଆଶଙ୍କା ରହିଛି। ସମିତିର ଆବାହକ ଅକ୍ଷୟ ରାଉଳଙ୍କ ସମେତ ଡ଼ ବ୍ରଜକିଶୋର ନାୟକ, ରଞ୍ଜନ ଲେଙ୍କା, ରାଧାମୋହନ ଦଳବେହେରା, ସୁରେନ୍ଦ୍ର ସାହୁ, ରମାକାନ୍ତ ସାହୁ, ଦୁଷ୍ମନ୍ତ ଦାସ, ଅନ୍ନପୂର୍ଣ୍ଣା ସାହୁ, ପ୍ରଭାତ ମହାଳିକ, ଭାରତ ଚନ୍ଦ୍ର ପ୍ରଧାନ, ରବିନାରାୟଣ ସ୍ୱାଇଁ, ମନୋଜ ସାମଲ, ତ୍ରିବିକ୍ରମ ପାଣି, ଦେବାଶିଷ ମହାରଣା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ



**କଟକ, ୨୦।୧(ସମିସ):** କଟକ କଲେଜ ରେଡ୍‌କ୍ରସ୍ ପକ୍ଷରୁ ସୁଜଳ୍ ସ୍ୱାଇଁ, ରଶ୍ମୀ ରଞ୍ଜନ ମହାପାତ୍ର, ଲିପି କାଣ୍ଡି ଓ ରାଜେଶ୍ୱରୀ ପଣ୍ଡା ପ୍ରମୁଖ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରି ତାଲିମ୍ ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତି ସମସ୍ତ ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ଶାଖା ତରଫରୁ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ସୁର ପ୍ରସାଦ ତ୍ରିପାଠୀ, ରେଡ୍‌କ୍ରସ୍ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର ଓ ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବର୍ତ୍ତମାନ ସମୟରେ ଏହି ତାଲିମ୍ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ କଲେଜରୁ ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ।

## ଦୁଇ ଦିନ ପରେ ନେତାଜୀ ଜୟନ୍ତୀ

# 'ସଜେଇ ହେଲାଣି ଅନ୍ତୁଡ଼ିଶାଳ'

**କଟକ, ୨୦।୧(ସମିସ)**



ଆଉ ଦୁଇଦିନ ପରେ ନେତାଜୀ ଜୟନ୍ତୀ। ଏହା ପୂର୍ବରୁ ମଙ୍ଗଳବାର ଠାରୁ ଆଲୋକ ମାଳାରେ ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟ ସଜେଇ ହୋଇଛି। ଜାନୁୟାରୀ ୨୩ରେ ନେତାଜୀ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନନ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ଆଜି ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ ନେତାଜୀ ସଂଗ୍ରହାଳୟ ଓ ବ୍ୟାଖାନ କେନ୍ଦ୍ର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରୀ ରିଷିକେଷ ଦ୍ୟାନଦେଓ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। କିପରି ଜୟନ୍ତୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ଧୁମ୍‌ଧାମରେ ପାଳନ କରାଯିବ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସଜେଇ ହେଉଛି ନେତାଜୀ ସଂଗ୍ରହାଳୟ ଓ ବାଖ୍ୟାନ କେନ୍ଦ୍ର। ଚଳିତଥର ନେତାଜୀ ଜୟନ୍ତୀ ସମାରୋହ ଧୁମ୍‌ଧାମରେ ପାଳନ କରାଯିବ। ଏହାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ସୋମବାର ସନ୍ଧ୍ୟା ସମୟରେ ଓଡିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟରେ ପହଞ୍ଚି କଟକ ଜିଲ୍ଲାପାଳ ଶ୍ରୀ ସିନ୍ଦେ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ତଥା ନେତାଜୀ ସଂଗ୍ରହାଳୟ ସଚିବ ଦେବଜାନୀ ଭୂୟେଁ ସମୀକ୍ଷା କରିଥିଲେ। କିପରି ଜୟନ୍ତୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ଧୁମ୍‌ଧାମରେ ପାଳନ କରାଯିବ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନେତାଜୀ ଜନ୍ମସ୍ଥଳୀରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ପରିସରରେ ଉପରାଷ୍ଟ୍ରପତିଙ୍କ ପ୍ରବେଶ ସମୟରେ ଏହି ପରିସରରେ ଥିବା ଜଳ ଫୁଆରା ନିକଟରେ ଏନସିସି ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଦେଖାଇ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବେ। ଏହାସହ ବ୍ୟାଖ୍ୟାନ କେନ୍ଦ୍ର ଓ ସଂସ୍କୃତି ଭବନରେ ପରାକ୍ରମ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି। ଅତିଥି ମାନଙ୍କ ସୁରକ୍ଷା ବ୍ୟବସ୍ଥା, ପ୍ରବେଶ, ପ୍ରସ୍ଥାନ ପଥ, ସାଜସଜ୍ଜା ଏବଂ ଜନସାଧାରଣଙ୍କ ପରିଭ୍ରମଣ ଉପରେ ସମୀକ୍ଷା କରାଯାଇଛି। ପ୍ରକାଶଥାଉକି, ପୂର୍ବରୁ ସଂଗ୍ରହାଳୟରେ ୧୨ଟି ଗ୍ୟାଲେରୀ ରହିଥିବାବେଳେ ଆଉ ଏକ ଗ୍ୟାଲେରୀ ଖୋଲଯାଇ ଗ୍ୟାଲେରୀ ସଂଖ୍ୟା ୧୩କୁ ବଢ଼ାଯିବ। ଡାକବିଭାଗ ପକ୍ଷରୁ ଏହି ଗ୍ୟାଲେରୀରେ ନେତାଜୀ ଓ ସ୍ୱାଧୀନ ସଂଗ୍ରାମୀ ମାନଙ୍କ ସମ୍ପର୍କିତ ଡାକଟିକେଟ ଶୋଭା ପାଇବ। ସେହିପରି ପୋର୍ଟ ବ୍ଲେୟାର ଠାରେ ପାଳନ ହେବାକୁ ଥିବା ପରାକ୍ରମ ଦିବସରେ ନେତାଜୀଙ୍କ ସମ୍ପର୍କିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯିବ। ଭାରତ ସରକାର ସଂସ୍କୃତି ବିଭାଗର ମିଳିତକ୍ରମେ ନେତାଜୀଙ୍କ ସାମଗ୍ରୀ ପାଇଁ ଏକ ଚିଠି କରାଯାଇଥିଲା। ପରେ ଏକ ଟିମ୍ ସଂଗ୍ରହାଳୟ ପରିଦର୍ଶନ କରି ଚିଠି ଆଧାରରେ ନେତାଜୀଙ୍କ ଫାଉଣ୍ଟେନ ପେନ୍, ଜୋମେଟ୍ରିକ ବକ୍ସ, ହୋମିଓପାଥୀ ଔଷଧର ସେଟ୍ ଇତ୍ୟାଦି ନେଇଛନ୍ତି। ଏହା ତିନିଦିନ ଧରି ଉକ୍ତ ସ୍ଥାନରେ ପ୍ରଦର୍ଶନ କରାଯିବ ପରେ ୨୮ ତାରିଖରେ ଏହି ସାମଗ୍ରୀ କଟକର ସଂଗ୍ରହାଳୟକୁ ଫେରିବ ବୋଲି ସୂଚନା ମିଳିଛି।

## ଚୌଦ୍ୱାର ପୌରପରିଷଦ ବୈଠକରେ ବିଭ୍ରାଟ

# ମାତ୍ର ୩୦ ମିନିଟରେ ସରିଗଲା ସଭା

### ବୈଠକ ବର୍ଜନ କଲେ ଉପାଧ୍ୟକ୍ଷ

### ସମସ୍ୟା ଜଣାଇବାକୁ ମିଳିଲାନି ସମୟ

ଚୌଦ୍ୱାର,୨୦।୧(ସମିସ)

ଚୌଦ୍ୱାର ପୌରପରିଷଦର କାଉନସିଲ ବୈଠକରେ ମଙ୍ଗଳବାର ଦିନ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ୩ ମାସର ବ୍ୟବଧାନ ପରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ମାତ୍ର ୩୦ ମିନିଟ ମଧ୍ୟରେ ଶେଷ ହୋଇଯିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଅତ୍ୟନ୍ତ ତରବରିଆ ଭାବେ ସାରି ଦିଆଯାଇଥିବାରୁ ବହୁ ପାରିଷଦ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୈଠକଟି ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଆରମ୍ଭ ହେବା ପାଇଁ ସ୍ଥିର ହୋଇଥିଲା। ମାତ୍ର କିଛି ପାରିଷଦ ୧୨ଟା ସୁଦ୍ଧା ସଭାଗୃହରେ ପହଞ୍ଚିବା ବେଳକୁ ବୈଠକ ଶେଷ ହୋଇଯାଇଥିବା ଘୋଷଣା କରାଯାଇଥିଲା। ଦୀର୍ଘ ଦିନ ହେବ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ଯଥା ପରିମଳ, ଡ୍ରେନେଜ୍ ଓ ରାସ୍ତାଘାଟ ସମ୍ପର୍କରେ ଆଲୋଚନା କରିବାକୁ ଆଶା ରଖିଥିବା କାଉନସିଲରମାନଙ୍କୁ କୌଣସି ସୁଯୋଗ ମିଳି ନ ଥିଲା। ପୌରାଧ୍ୟକ୍ଷା କୌଣସି ମତାମତ ନ ଶୁଣି ସମସ୍ୟାଗୁଡ଼ିକୁ ଲିଖିତ ଆକାରରେ ଜଣାଇବାକୁ କହି କକ୍ଷତ୍ୟାଗ କରିଥିଲେ, ଯାହାକୁ ଜଣେ ବରିଷ୍ଠ କାଉନସିଲର "ହାସ୍ୟାସ୍ପଦ' ବୋଲି ଅଭିହିତ କରିଛନ୍ତି। ଅନ୍ୟପଟେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଛି। ସୂଚନା ଅନୁଯାୟୀ, ଉପାଧ୍ୟକ୍ଷଙ୍କ ନିଜ ୱାର୍ଡରେ ବର୍ଜ୍ୟ ଜଳ ନିଷ୍କାସନ ସମସ୍ୟା ଗୁରୁତର ହୋଇଥିଲେ ମଧ୍ୟ ପୌରପାଳିକା ଏହାର ସ୍ଥାୟୀ ସମାଧାନ କରୁନାହିଁ। ଏହାର ପ୍ରତିବାଦ ସ୍ୱରୂପ ସେ ବୈଠକ ବର୍ଜନ କରିଥିବା ଜଣାପଡ଼ିଛି। ଏହି ବୈଠକରେ ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଏବଂ କନିଷ୍ଠ ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଉପସ୍ଥିତ ଥିଲେ। ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବୈଠକ ଉଦ୍ଦିଷ୍ଟ ଥିବା ବେଳେ ଏଭଳି ଉପେକ୍ଷା କରାଯିବା ଚୌଦ୍ୱାରର ବିକାଶ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କଣ୍ଠାପଡ଼ାରେ ଧାନମଣ୍ଡି ଉଦ୍‌ଘାଟିତ



କଣ୍ଠାପଡା,୨୦।୧(ସମିସ): କଣ୍ଠାପଡ଼ା ବ୍ଲକ ନିକଟସ୍ଥ କଣ୍ଠାପଡ଼ା କୃଷି ସମବାୟ ସମିତି ପରିସରରେ ଆଜି ପୂର୍ବାହ୍ନରେ ଧାନ ମଣ୍ଡି ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇ ଓ ସମବାୟ ସମିତି ସଭାପତି ଦ୍ୱାରିକା ନାଥ ଦାଶଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୮୦୦ କୁଇଣ୍ଟାଲ ଧାନ ଚାଷୀମାନେ ଦେଇଥିବା ସଂପାଦକ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ କଣ୍ଠାପଡା ସରପଞ୍ଚ ନିର୍ମଳ ସାହୁ, ସମିତିସଭ୍ୟ ପବିତ୍ର ସ୍ୱାଇଁ, ନିୟନ୍ତ୍ରଣ ବଜାର କମିଟି ସଦସ୍ୟ ବସନ୍ତ ପରିଜା, କ୍ୱାଲିଟୀ ଆନାଲାଇଜର ନେହା ନିକିତା ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସମବାୟ ସମିତି ପରିଚାଳନା କମିଟି ସଭ୍ୟ ଦେବେନ୍ଦ୍ର ସାମନ୍ତରାୟ, ହେମନ୍ତ ସ୍ୱାଇଁ, ପ୍ରସନ୍ନ ସାମନ୍ତରାୟ, ପ୍ରଭାତ ରାଉତରାୟ, ଭବାନୀ ଶଙ୍କର ନନ୍ଦ, ଚନ୍ଦ୍ରମଣୀ ସାହୁ, ଭରତ ପ୍ରଧାନ ଓ କର୍ମଚାରୀ ପ୍ରଭାସିନୀ ରାଉତ ଏବଂ କୈଳାସ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏନ୍‌ଡିଆରଏଫ୍‌ର ପ୍ରତିଷ୍ଠା ଦିବସ



ତ୍ରିଶୂଳିଆ,୨୦।୧(ସମିସ): ବାରଙ୍ଗ ମୁଣ୍ଡଳୀ ସ୍ଥିତ ଏନଡିଆରଏଫ ପରିସରରେ ୨୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ ହୋଇଯାଇଛି। ଏହି ଅବସରରେ ବାଟାଲିୟନ କ୍ୟାମ୍ପସରେ ଇନସ୍ପେକ୍ଟର ଏକ୍କା ବରୁଣ କୁମାରଙ୍କ ନେତୃତ୍ୱରେ ଏକ ପରେଡ୍ ଆୟୋଜନ କରାଯାଇଥିଲା। ଏଥିରେ କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମା ଓ ଧନଞ୍ଜୟ କୁମାର ଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହା ପରେ ଅତିଥିମାନେ ଯବାନମାନଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।୧୯ ଜାନୁଆରୀ ୨୦୦୬ରେ ଏଠାରେ ପ୍ରତିଷ୍ଠା ଲାଭ କରି ୨୦୦୬ ରେ ଓଡ଼ିଶାର ସୁପର ସାଇକ୍ଲୋନ୍ (୧୯୯୯), ଗୁଜରାଟ ଭୂମିକମ୍ପ (୨୦୦୧) ଏବଂ ଭାରତ ମହାସାଗର ସୁନାମୀ (୨୦୦୪) ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଯବାନମାନଙ୍କ ବିଭିନ୍ନ ପଦକ୍ଷେପ, ନିସ୍ୱାର୍ଥପର ସେବା ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଏକ ଭଲ ଖ୍ୟାତି ଅର୍ଜନ କରିପାରିଛି ବୋଲି ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ। ଶେଷରେ କଟକ ଏସସିବି ହସ୍ପିଟାଲ ଡାକ୍ତର ଏବଂ କର୍ମଚାରୀଙ୍କ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ସମାଜସେବୀଙ୍କ ପରଲୋକ



ଭଦ୍ରେଶ୍ୱର,୨୦।୧(ସମିସ): ମାହାଙ୍ଗା ବ୍ଲକ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ଗ୍ରାମର ବିଶିଷ୍ଟ ସମାଜସେବୀ କୁଳମଣୀ ସାହୁଙ୍କର ଆଜି ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ହୋଇଥିଲା। ସ୍ୱର୍ଗତ ସାହୁ ସ୍ଥାନୀୟ ଅଞ୍ଚଳରେ ଜଣେ ବିଶିଷ୍ଟ ବ୍ୟବସାୟୀ ଓ ଧର୍ମପରାୟଣ ବ୍ୟକ୍ତି ହିସାବରେ ପରିଚିତ ଥିଲେ। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ଶିକ୍ଷକ ରାମଚନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ପାଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ତିଗିରିଆ,୨୦।୧(ସମିସ): ତିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ଠାରେ ଶ୍ରୀ ଶ୍ରୀ ବାଳ ମୁକୁନ୍ଦଜୀୟୁ ପାଲା କଳାକାର ପରିଷଦ ପକ୍ଷରୁ ପାଲା ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୧ ତାରିଖରେ କେନ୍ଦ୍ର ପରିସରରେ ପାଲା ସମ୍ମିଳନୀ ଅନୁଷ୍ଠିତ ହେବ। ଅଞ୍ଚଳର ବିଶିଷ୍ଟ ଅତିଥିମାନଙ୍କ ଗହଣରେ ବଛା ବଛା ପାଲା ଗାୟକ ଗାୟିକାମାନେ ସେମାନଙ୍କ ସଂଗୀତ ଓ ସହ ପାଲା ପରିବେଷଣ କରିବେ। ବୈଠକରେ ଉପଦେଷ୍ଟା ସରୋଜ ଦାଶଙ୍କ ସମେତ ବସନ୍ତ ମିଶ୍ର, ଶ୍ୟାମସୁନ୍ଦର ଜେନା, ବିଚିତ୍ର ସାହୁ, ଝିନିରାଣୀ ରାଉତ, ଲକ୍ଷ୍ମୀ ମହାରଣା, ଅଜୟ ଜେନା, ଆଦିତ୍ୟ ଦାସ, ମଞ୍ଜୁବାଳା ସାମଲ, ବିଶ୍ୱନାଥ ସାମଲ, ସଂଯୁକ୍ତା ମହାପାତ୍ର, ଅରୁଣ ଦାସ, ଦୀପକ ସାହୁ, ଦିଲ୍ଲୀପ ସାହୁ, ପ୍ରତାପ ଚନ୍ଦ୍ର ରଣାଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ



ଫୁଲନଖରା,୨୦।୧(ସମିସ): ଶ୍ରୀ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ଫୁଲନଖରା ପକ୍ଷରୁ ଆସନ୍ତା ଫେବୃଆରୀ ୧୫ ତାରିଖରେ ଲକ୍ଷେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବାକୁ ଥିବା ବିରାଟ ଭଜନ ସମାରୋହ ପ୍ରସାଦ ବଣ୍ଟନ ବ୍ୟବସ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ପ୍ରାତଃ ସମୟରୁ ଶ୍ରଦ୍ଧାଳୁଙ୍କ ପାଇଁ ଦହିପଣା, ମଧ୍ୟାହ୍ନରେ ଅନ୍ନପ୍ରସାଦ ଓ ସଂଧ୍ୟା ସମୟରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବା ନିମନ୍ତେ ପରିଷଦର ବରିଷ୍ଠ ସଦସ୍ୟମାନେ ଆଲୋଚନା କରିଥିଲେ। ଜନଗହଳିକୁ ଲକ୍ଷ୍ୟ ରଖି ଶାନ୍ତିଶୃଙ୍ଖଳାରେ ସମସ୍ତ କାର୍ଯ୍ୟ ସମାପନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପାନୀୟ ଜଳଯୋଗାଣ ଠାରୁ ଆରମ୍ଭ କରି ମହାଦେବ ମନ୍ଦିର ଉପରକୁ ମହାଦୀପ ଉଠିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇବା ପାଇଁ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ପରିଷଦର ବରିଷ୍ଠ ସଦସ୍ୟ ବାବାଜି ଚରଣ ସାହୁ ଓ ସୁକାନ୍ତ ସାହୁଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରିଷଦର ଅଧ୍ୟକ୍ଷ ସ୍ୱାଧୀନଚେତା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ପ୍ରସ୍ତୁତି ବୈଠକରେ ଅକ୍ଷୟ ଲେଙ୍କା, ସୁଶିଲ ମହାନ୍ତି, ବିବେକାନନ୍ଦ ଭୋଳ, ନରେଶ ମହାନ୍ତି, ଅମୂଲ୍ୟ ପତି, କୈଳାସ ଚନ୍ଦ୍ର ମୁଦୁଲି, ମନୋରଞ୍ଜନ ମହାନ୍ତି, ଟୁନା ଜେନା, ପ୍ରକାଶ ମହାନ୍ତି, ବିକାଶ ମହାନ୍ତି ଓ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ ସଙ୍ଗ ଉପଯୋଜନା କେନ୍ଦ୍ରର ବ ଭୋଜିଉତ୍ସବ



ତିଗିରିଆ,୨୦।୧(ସମିସ): ତିଗିରିଆ ବ୍ଲକ ଅଧୀନ ଅଚଳକୋଟ ଗ୍ରାମ ସ୍ଥିତ ସତସଙ୍ଗ ଉପଯୋଜନା କେନ୍ଦ୍ରର ବୈଠକ ଓ ବାର୍ଷିକ ବଣଭୋଜି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଋତ୍ୱିକ୍ ପାରେଶ୍ୱର ଜେନା ଓ ମୁଖ୍ୟବକ୍ତା ଭାବେ ବିଜୟ ପରିଡା ଯୋଗଦେଇପ୍ରକୃତି ଏବଂ ପ୍ରକୃତିପୁରୁଷ ଶ୍ରୀଶ୍ରୀଠାକୁରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଗୁରୁଭାଇ ପ୍ରଫୁଲ୍ଲ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଯାଜକ ହରିହର ଦାସ ଧ୍ୱନି ପ୍ରଦାନ କରି କାର୍ଯ୍ୟକ୍ରମକୁ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଗୁରୁଭାଇ ଓ ମା' ମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା



ଆଠଗଡ,୨୦।୧(ସମିସ): ଆଠଗଡ ବ୍ଲକ ଅନ୍ତର୍ଗତ ଭୋଗରା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ କ୍ରୀଡା ପ୍ରତିଯୋଗିତା ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଜିତ ଦାସ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୁବଳ ମହାନ୍ତି, ସିଆରସିସି ନୃସିଂହ ବେହେରା, ଭୋଗରା ଗ୍ରାମ୍ୟ କମିଟିର ଉପଦେଷ୍ଟା ରବୀନ୍ଦ୍ର ମହାରଣା ଯୋଗଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରାମର ଆରାଧ୍ୟା ଦେବୀ ବାଉତୀ ମନ୍ଦିରରୁ ଛାତ୍ରଛାତ୍ରୀମାନେ ମଶାଲ ଯାତ୍ରା ଆରମ୍ଭ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇବା ସହ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଦିପ୍ତୀମୟୀ ପଣ୍ଡା ଓ ଦିପ୍ତୀମୟୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଅଭିଭାବକମାନେ ଏହି ସଭାରେ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ପିଟିଏ ବୈଠକ



ତିଗିରିଆ,୨୦।୧(ସମିସ): ତିଗିରିଆ ବ୍ଲକର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ରୂପେ ପରିଚିତ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟର ଅଧିକାରୀ ଡ. ସୁଚିସ୍ମିତା ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ସୁଶାନ୍ତ ରଣା, ତିଗିରିଆ ସଂସ୍କୃତି ପରିଷଦର ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ, ଅତିଥି ଓ ଅଭିଭାବକମାନେ ସମସ୍ତଙ୍କ ମିଳିତ ଉଦ୍ୟମରେ ବିଦ୍ୟାଳୟର ତଥା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରର ସର୍ବବିଧ ଉନ୍ନତି ସାଧନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଶିକ୍ଷକ ଡ. ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ



ଫୁଲନଖରା,୨୦।୧(ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ଲିଃରେ ସମିତର ସଭାପତି ଗୋଲେଖ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ କଟକ ଜିଲ୍ଲାରେ ବିଳମ୍ବରେ ଧାନମଣ୍ଡିଗୁଡିକ ଖୋଲିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ପଞ୍ଜିକୃତ ହୋଇଥିବା ୭୨୯ ଜଣ ଚାଷୀଙ୍କ ଠାରୁ ୨୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ସମିତି ଲକ୍ଷ୍ୟ ରଖିଛି ବୋଲି ସମିତିର ସଂପାଦକ ପ୍ରଣୟ ଦାଶ ପ୍ରକାଶ କରିଥିଲେ। ମିଲରଙ୍କ ଉପସ୍ଥିତିରେ ପ୍ୟାଡିକ୍ଲିନର, ମିନି ଗ୍ରେଡର ଓ ଅତ୍ୟାଧୁନିକ ଆଦ୍ରତା ମାପକ ଯନ୍ତ୍ର ଦ୍ୱାରା ଚାଷୀମାନଙ୍କ ଧାନର ଏଫ୍‌ଏକ୍ୟୁ ମାନ ପରୀକ୍ଷଣ କରାଇ ବିନା କଟ୍‌ନୀ ଛଟନୀରେ ଧାନ କ୍ରୟ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ପ୍ରଥମ ଦିବସରେ ନାରାୟଣ ଜେନା, ଗିରିଜା ଦାଶ, ପ୍ରତାପ ଦାଶ, ସଦାନନ୍ଦ ପାତ୍ର, ଶୁଭକାନ୍ତ ନାୟକ, କେଦାର ପାତ୍ର, ପ୍ରତାପ ସାହୁ, ଶଙ୍କର ବେହେରା, ବାବାଜି ସାହୁ ପ୍ରମୁଖ ୧୦ଜଣ ଚାଷୀମାନଙ୍କ ଠାରୁ ୪ଶହ କ୍ୱିଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମିତିର ଉପସଭାପତି ସ୍ମିତା ମହାନ୍ତି, ବାବାଜୀ ଚରଣ ମହାନ୍ତି, ଦିବ୍ୟସିଂହ ପାତ୍ର, ମନୋଜ ତରାଇ, ବିଶ୍ୱରଞ୍ଜନ ସାହୁ, ସୁକାନ୍ତ ବେହେରା, ପ୍ରଣମ ପଟ୍ଟନାୟକ, ରାକେଶ ଜେନା, ପ୍ରତିମା ମହାନ୍ତି, ମହମ୍ମଦ ନୁର, ବିଜୟ ଜେନା, ଭରତ ସାମଲ, ଦିଲ୍ଲୀପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଧାକାନ୍ତ ପାତ୍ର, ପ୍ରୀତିକାଜଲ ମହାନ୍ତି, ତୃଷାନ୍ତ ପାତ୍ର ଓ ଦିପ୍ତୀ ମହାପାତ୍ର ପ୍ରମୁଖ କର୍ମଚାରୀମାନେ ପରିଚାଳନା କରିଥିଲେ।

## ସମାଧୀସ୍ଥ ହେଲେ ବ୍ରହ୍ମଅବଧୂତ ବାଞ୍ଛାନିଧି ବାବା



ଟାଙ୍ଗୀ,୨୦।୧(ସମିସ): ସୋମବାର ସନ୍ଧ୍ୟାରେ ଦେହତ୍ୟାଗ କରିଥିବା ମହିମା ଧର୍ମର ପ୍ରଚାରକ ବରିଷ୍ଠ ସାଧୁ ବ୍ରହ୍ମ ଅବଧୂତ ବାଞ୍ଛାନିଧି ବାବାଙ୍କ ମରଶରୀରକୁ ମଙ୍ଗଳବାର ଟାଙ୍ଗୀସ୍ଥିତ ସିଦ୍ଧ ବାଞ୍ଛା ବଟ ଆଶ୍ରମ ତଥା ଅଲେଖ ଟୁଙ୍ଗି ପରିସରରେ ସମାଧୀସ୍ଥ କରାଯାଇଛି। ୯୨ ବର୍ଷ ବୟସରେ ଶେଷନିଶ୍ୱାସ ତ୍ୟାଗ କରିଥିବା ସ୍ୱର୍ଗତଃ ବାବା ଟାଙ୍ଗୀ ଅଞ୍ଚଳର ଘରେ ଘରେ ପରିଚିତ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଓଡ଼ିଶାର ବିଭିନ୍ନ କୋଣରୁ ବହୁ ମହିମା ଧର୍ମର ସାଧୁସନ୍ଥ ଯୋଗଦେଇ ସ୍ୱର୍ଗତଃ ବାବାଙ୍କ ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା, ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା, ବିଜେପି ଜିଲ୍ଲା ଉପସଭାପତି ଡ଼ ହିମାଂଶୁ ମହାନ୍ତି, ଚୌଧୁରୀ ହେମନ୍ତ କୁମାର ସାହୁ ଓ ବାବାଙ୍କ ଆଶ୍ରିତ ତଥା ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଧନେଶ୍ୱର ନାୟକଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ, ଜନପ୍ରତିନିଧି ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ। ପ୍ରକାଶଥାଉ କି, ସ୍ୱର୍ଗତଃ ବାଞ୍ଛା ବାବା କଟକ ଜିଲ୍ଲା ସମେତ କେନ୍ଦୁଝର, ଯାଜପୁର ଓ ଢେଙ୍କାନାଳ ଆଦି ବିଭିନ୍ନ ଜିଲ୍ଲାରେ ମହିମା ଧର୍ମର ପ୍ରଚାରପୂର୍ବକ ଅଲେଖ ଟୁଙ୍ଗି ସ୍ଥାପନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଖଣ୍ଡମଣ୍ଡଳ ମହିମା ଧର୍ମର ସଭାପତି ଅଲେଖ ସାଧୁ ଶୁକଦେବ ବାବାଙ୍କ ପୌରହିତ୍ୟରେ ସମାଧିସ୍ଥଳ ନିର୍ଣ୍ଣୟ ପୂର୍ବକ ଘିଅ ଗୋକୁଳ ସହ ବାବାଙ୍କୁ ଟୁଙ୍ଗି ପରିସରରେ ସମାଧୀସ୍ଥ କରାଯାଇଥିଲା।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ନରସିଂହପୁର,୨୦।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଏକଡାଳ ଗ୍ରାମରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଦଶମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନରସିଂହପୁର ବିଡ଼ିଓ ପ୍ରଳୟାନନ୍ଦ ଶତପଥୀ, ମୁଖ୍ୟବକ୍ତା ଭାବେ କାର୍ତ୍ତିକ ଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥିଭାବେ ନରସିଂହପୁର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ଼ ପ୍ରଫୁଲ୍ଲ ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳକ ସରୋଜ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ମାନସ ପଣ୍ଡା, ସମାଜସେବୀ ସଲିଲ ରଣାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନତା



ତିଗିରିଆ,୨୦।୧(ସମିସ):



ତିଗିରିଆ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସୋମବାର ନିଜିଗଡ଼ ଗୋହିରିଦ୍ୱାର ଛକରେ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ ଓ ସମ୍ପାଦକ ସୁଶୀଲ କୁମାର ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ଉପସ୍ଥିତ ସଦସ୍ୟମାନେ ସମସ୍ତ ଦୁଇ ଚକିଆ ଯାନ ଚାଳକଙ୍କୁ ହେଲମେଟ ବ୍ୟବହାର, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଗାଡି ଚାଳକମାନେ ରାସ୍ତାର ସମସ୍ତ ନିୟମ ମାନିବା ଓ ଗାଡିର ସମସ୍ତ କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ସାଙ୍ଗରେ ସର୍ବଦା ରଖିବା, ମଦ୍ୟପାନ କରି ଗାଡି ନ ଚଳାଇବାକୁ ସଚେତନ କରାଇବା ସହିତ ୪ ଚକିଆ ବା ତଦୁର୍ଦ୍ଧ ଚାଳକଙ୍କୁ ସିଟ ବେଲ୍ଟ ବ୍ୟବହାର ସହ ଅନ୍ୟାନ୍ୟ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସଦସ୍ୟ ଶିକ୍ଷାବିତ ସୁବୋଧ ପଟ୍ଟନାୟକ, ସମାଜସେବୀ ଜୟନ୍ତ ସିଂହ, ସମାଜସେବୀ ଲୁଟୁ ଗୁରୁ, ମନୋଜ ଦାସ, ଶ୍ରୀଧର ପଣ୍ଡାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

### ■ ନରସିଂହପୁର

ନରସିଂହପୁର ଥାନା ତରଫରୁ ନରସିଂହପୁର ମହାବିଦ୍ୟାଳୟ ଠାରେ ଜାତୀୟ ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୁମତ ବିନିମୟ କରାଯିବା ସହିତ ଅଞ୍ଚଳକୁ ବାର୍ତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆଠଗଡ଼ ଏସଡ଼ିପିଓ ବିଶ୍ୱଜିତ ମହାନ୍ତି, ନରସିଂହପୁର ଭାରପ୍ରାପ୍ତ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏନସିସି କ୍ୟାପଟେନ ପ୍ରଶାନ୍ତ କୁମାର ବେହେରା ଏବଂ କ୍ୟାଡେଟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥଲେ। ନରସିଂହପୁର ଏଏସଆଇ ଶ୍ରୀକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



### ■ କଣ୍ଠାପଡା

ଓଲଟପୁର ପୁଲିସ ଓ କଟକ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ଓ ସଚେତନତା ମାସ ଅବସରରେ ସଡକ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ଫୁଲନଖରା-ନିଆଳୀ ରାଜ୍ୟ ରାଜପଥର ସୁନ୍ଦରଗ୍ରାମ ଠାରୁ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଛାତ୍ରଛାତ୍ରୀମାନେ ସଡକ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ହାତରେ ଧରି ସ୍ଲୋଗାନ ଦେଇ ସଡକ ସୁରକ୍ଷା ଓ ସଚେତନତା ଉପରେ ଗାଡି ଚାଳକ ଓ ରାସ୍ତା ବ୍ୟବହାରକାରୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ଓଲଟପୁର ଆଇଆଇସି କାଦମ୍ବିନୀ ପରିଡା, ଜିଲ୍ଲା ଅତିରିକ୍ତ ପରିବହନ ଅଧିକାରୀ ଆଦ୍ୟାଶା ପରିଡା, ମୋଟର ଯାନ ନିରୀକ୍ଷକ ରଞ୍ଜନ ଦୋରା, ବାଗଲପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଓ ଶିକ୍ଷାବିତମାନେ ଯୋଗଦେଇ ଦୁଇଚକିଆ ଯାନ ଆରୋହୀଙ୍କୁ ହେଲମେଟ ପିନ୍ଧିବା ଓ ୪ଚକିଆ ଯାନ ଆରୋହୀଙ୍କୁ ସିଟ୍ ବେଲ୍ଟ ବ୍ୟବହାର କରିବା ପାଇଁ ସଚେତନ କରିଥିଲେ।



ଏକନମ୍ବର ହାଟ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

# ବାରମ୍ବାର ଜଳୁଛି; ଏଥର ୨ କୋଟି ସ୍ୱାହା

ଭୁବନେଶ୍ୱର, ୨୦।୧(ସମିସ): ୟୁନିଟ୍-୧ ମାର୍କେଟ୍‌ରେ ଅଗ୍ନିକାଣ୍ଡ ୫୦ରୁ ଉର୍ଦ୍ଧ୍ୱ ଦୋକାନ ଛାରଖାର ହୋଇଗଲା। ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିପୋଡି ପାଉଁଶ ହୋଇଯାଇଛି। ବହୁ ସଂଖ୍ୟାରେ ଦୋକାନୀ ନିଜର ବ୍ୟବସାୟ ହାରାଇ ଋଣ ଗ୍ରସ୍ତ ହୋଇଗଲେ। ନିଜ ଦୋକାନ ପାଉଁଶ ହେଉଥିବା ଦେଖି ଭେଁ ଭେଁ ହୋଇ କାନ୍ଦୁଥିଲେ। ଯଦିଓ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିଲା ତେବେ ଅଳିଆ ଜାଳିବା, ଧୂପକାଠି ନଚେତ୍ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନିଶମ ବିଭାଗ ଅନୁମାନ କରୁଛି। ଅନ୍ୟପକ୍ଷରେ ଏହି ନିଆଁ ଲାଗି ନାହିଁ କେହି ନିଆଁ ଲଗାଇ ଦେଇଛନ୍ତି ବୋଲି କିଛି ବ୍ୟବସାୟୀ କହିଛନ୍ତି।

ୟୁନିଟ୍-୧ ମାର୍କେଟର ସ୍ଥିତି ସୁଧୁରିବା ନାଁ ଧରୁ ନାହିଁ। ବାରମ୍ବାର ଏଠାରେ ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଅତିତରେ ଏହାକୁ ରୋକିବାକୁ ବହୁ ଯୋଜନା ପ୍ରସ୍ତୁତ ହୋଇଛି। ହୋଲସେଲ୍‌ ପରିବା ମାର୍କେଟ ଭଗବାନପୁରକୁ ଉଠିଯିବ। ପୁଣି କେତେବେଳେ ଏଠାରେ ବହୁତଳ ବିଲ୍ଡିଂ ନିର୍ମାଣ ହେବ। ଅଗ୍ନିକାଣ୍ଡର ପୁନରାବୃତି ନ ହେବା ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହେବ। ବିଏମ୍‌ସି ବର୍ଷ ବର୍ଷ ଧରି ଏଭଳି ଶବ୍ଦ ବ୍ୟବହାର କରି ବୟାନବାଜି କରି ଆସୁଛି। ହେଲେ ଧରାତଳରେ କିଛି ବି କାର୍ଯ୍ୟକାରୀ ହେଉ ନାହିଁ। ନିଆଁ ଲିଭିବାର ଗୋଟିଏ ଦିନ ପରେ ପୁଣି ପରିସ୍ଥିତି ଯାହାକୁ ସେଇଆ। ମାର୍କେଟ ଭିତରେ ଆଉ ବାହାରେ ଜବରଦଖଲ ବଢୁଛି। ମନଇଚ୍ଛା ଦୋକାନ ହଟା ଯାଉଛି ଆଉ ବସା ଯାଉଛି। ଯାହାଫଳରେ ମାର୍କେଟରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି। ଏପରିକି ନିଆଁ ଲାଗିଲେ ଦମକଳ ଗାଡି ମାର୍କେଟ ଭିତରକୁ ପ୍ରବେଶ କରି ପାରୁ ନାହିଁ।

**ବୟାନବାଜିରେ ସୀମିତ ମାର୍କେଟ ସ୍ଥାନାନ୍ତର**

ସୋମବାର ଦିନ ମାର୍କେଟ୍ ଖୋଲିଥିଲା। ସକାଳୁ ସଞ୍ଜ ଯାଏ ମାର୍କେଟ ପରିସରରେ ଖଚାଖଚ୍ ଲୋକଙ୍କ ଭିଡ ହୋଇଥିଲା। ରାତିରେ ଅଗ୍ନକାଣ୍ଡ ଘଟିବାରୁ ସୌଭାଗ୍ୟବଶତଃ ମାର୍କେଟ୍ ପରିସରରେ କେହି ଲୋକ ନଥିଲେ। ଯଦି ଏଭଳତି ଅଗ୍ନିକାଣ୍ଡ ଦିନରେ କିମ୍ବା ସନ୍ଧ୍ୟା ସମୟରେ ଘଟିଥାନ୍ତା ତେବେ ବହୁ ଜନଜୀବନ ହୋଇଥାନ୍ତା। ମାର୍କେଟ୍‌ରେ ଏଭଳି ଅଗ୍ନିକାଣ୍ଡ ଯୋଗୁଁ ହାହାକାର ହୋଇ ଯାଇ ଥାନ୍ତା। ଦଳାଚକଟା କିମ୍ବା ଅଣନିଶ୍ୱାସୀ ହୋଇ ଲୋକଙ୍କ ମୃତ୍ୟୁ ହୋଇଯାଇ ଥାନ୍ତା ବୋଲି ସ୍ଥାନୀୟ ଜଣେ ବ୍ୟବସାୟୀ କହିଛନ୍ତି। ଏହି ମାର୍କେଟକୁ ବ୍ୟବସ୍ଥିତ କରାଯାଉ ନାହିଁ। ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନାହିଁ କିମ୍ବା କଙ୍କ୍ରିଟ୍ ନିର୍ମାଣ କରାଯାଉ ନାହିଁ। କେବଳ ବୟାନବାଜି ଓ ରାଜନୀତିରେ ଧନଜୀବନ ବାଜି ଲାଗୁଛି।



## ନିଆଁ ଲାଗିଲା ନା ଲଗାଇଦେଲେ

ଭୁବନେଶ୍ୱର, ୨୦।୧(ସମିସ): ୟୁନିଟ୍-୧ ଅଗ୍ନକାଣ୍ଡ ପରେ ବିଭିନ୍ନ କଥା ଏବେ ସାମ୍ନାକୁ ଆସିଛି। ଅଗ୍ନିକାଣ୍ଡ ପଛରେ ବଡ଼ ଷଡ଼ଯନ୍ତ୍ର ରହିଥିବା କୁହାଯାଉଛି। ଏଠାରେ ନିଆଁ ଲାଗି ନାହିଁ ବରଂ ଏହାକୁ କେହି ସ୍ୱାର୍ଥ ସାଧନ ପାଇଁ ଲଗାଇ ଦେଇଛି ବୋଲି ବହୁ ସଂଖ୍ୟାରେ ବ୍ୟବସାୟୀ ଚର୍ଚ୍ଚା କରୁଛନ୍ତି। ଏଥିରେ ରାଜନେତା, ପ୍ରଶାସକ ଏବଂ ବହୁ ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ହାତ ରହିଛି ବୋଲି ଚର୍ଚ୍ଚା ହେଉଛି। ଏମାନେ ଏଠାରେ କୌଣସି ପ୍ରକାର ଦୋକାନକୁ ହଟାଇ ପାରୁ ନଥିଲେ। ଏଭଳି ଅଗ୍ନିକାଣ୍ଡ ଘଟିଲେ ଏଠାରେ ବ୍ୟବସାୟ କରୁଥିବା ଦୋକାନୀମାନେ ହଟିଯିବେ। ଏମାନେ ବ୍ୟବସାୟ କରୁଥିବା ସ୍ଥାନମକୁ ନିଆଁ ଲଗାଇଥିବା ଲୋକେ ଆସି ମାଡ଼ି ବସିବେ। ଏଭଳି ଆଲୋଚନା ଏବେ ୟୁନିଟ୍-୧ ମାର୍କେଟର ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟିଛି।

ବିଏମ୍‌ସି ପ୍ରଶାସନ ଦୀର୍ଘଦିନ ହେବ ଜରି ପାଲ ଦୋକାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲା। କିମ୍ବା ଏଠାକାର ଦୋକାନୀଙ୍କୁ ହାତ ବି ମାରୁ ନଥିଲା। ନିଆଁ ଲାଗିବା ମାତ୍ରେ ବିଏମ୍‌ସି ଅଚାନକ ହାଇପର ଆକ୍ଟିଭ୍ ହୋଇଗଲା। ପ୍ରଶାସନ ବି ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ତୁରନ୍ତ ଲଗିଗଲା। ଏପରିକି କିଛି ଲୋକ କହିଛନ୍ତି ଯେ ଏହି ଉଚ୍ଛେଦ ଲୋକ ଦେଖାଣିଆ। ଯଦି ଏଠାରେ ଆଉ ଜବରଦଖଲ ହେବ ନାହିଁ ତେବେ ପ୍ରଶାସନ ଭଲ ମନରେ ଉଚ୍ଛେଦ କରିଛି ବୋଲି ଆମେ ମାନିବୁ। ନ ହେଲେ କିଛି ଲୋକଙ୍କୁ ଥଇଥାନ ପାଇଁ ଏଭଳି ଉଚ୍ଛେଦ କରାଯାଇଛି ବୋଲି ଧରାଯିବ। ଅନ୍ୟପକ୍ଷରେ ନିଆଁ କିଭଳି ଲାଗିଲା ଏହାକୁ ନେଇ କ୍ୟାପିଟାଲ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରିଛି। ହେଲେ ତଦନ୍ତରେ ଏପର୍ଯ୍ୟନ୍ତ ସେଭଳି କିଛି ସ୍ପଷ୍ଟ ହୋଇ ପାରି ନାହିଁ।

### ୩ ମାସରେ ୨ ଥର ଅଗ୍ନିକାଣ୍ଡ

୧ ନମ୍ବର ହାଟରେ ନିଆଁ ଲାଗିବା ଘଟଣା ଆଜି ନୁଆ ନୁହେଁ। ପୂର୍ବରୁ ବହୁବାର ଏଠାରେ ନିଆଁ ଲାଗିଥିବାବେଳେ ଗତ ୩ ମାସରେ ୧ ନମ୍ବର ହାଟରେ ୨ଥର ନିଆଁ ଲାଗିଛି। ଏହା ପୂର୍ବରୁ ୨୦୨୫ ଅକ୍ଟୋବର ୨୨ରେ ୧ ନମ୍ବର ହାଟର ପରିବା ମାର୍କେଟରେ ନିଆଁ ଲାଗିଥିଲା। ସେତେବେଳେ ୧୫ରୁ ୨୦ ଦୋକାନ ଜଳି ଯାଇଥିଲା। ଏବେ ପୁଣି ସେହି ୧ ନମ୍ବର ହାଟରେ ନିଆଁ ଲାଗି ୫୦ରୁ ଉର୍ଦ୍ଧ୍ୱରୁ ଦୋକାନ ଜଳି ଯାଇଛି। ୩ମାସ ଭିତରେ ଦୁଇ ଦୁଇଥର ଅଗ୍ନିକାଣ୍ଡ ବିଏମସି ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଆଉ କେତେଥର ନିଆଁ ଲାଗିଲେ ବିଏମସି ବଡ଼ ପଦକ୍ଷେପ ନେବ ବୋଲି ପ୍ରଶ୍ନ ଉଠୁଛି।

### ଥାନା ଏସି ପୋଡ଼ିଗଲା

୧ ହାଟରେ ଲାଗିଥଲବା ନିଆଁରୁ କ୍ୟାପିଟାଲ ଥାନା ବର୍ତ୍ତିନାହିଁ। କ୍ୟାପିଟାଲ ଥାନା ପାଚେରିକୁ ଲାଗି ଥିବା ଏକ ମୂର୍ତ୍ତି ଦୋକାନରୁ ନିଆଁ ବ୍ୟାପିଥିବା ପ୍ରାଥମିକ ଆକଳନରୁ ସ୍ପଷ୍ଟ ହୋଇଥିବାବେଳେ ପରେ ଏକ ସ୍କୁଟି ଫାଟିଥିଲା। ଏହି ଅଗ୍ନିକାଣ୍ଡରେ ଥାନାରେ ଲାଗିଥିବା ଏସି କମ୍ପ୍ରେସର ମଧ ଜଳିଯାଇଥିଲା। ଖାଲି ଏସି ନୁହେଁ, ଥାନାର କିଛି କମ୍ପ୍ୟୁଟର ମଧ କ୍ଷତିଗ୍ରସ୍ତ ହୋଇଛି। ଥାନାର ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ନିଆଁ ଲିଭା କାମରେ ନିୟୋଜିତ ହୋଇଥିବା ଜଣାପଡ଼ିଛି। ଅସ୍ଥାୟୀ ଭାବେ ୧ ନମ୍ବର ମାର୍କେଟରେ ନିଆଁ ଲାଗିବା ପରେ ବିଏମସିର ଚେତା ପଶିଛି। ଏକ ନମ୍ବର ହାଟକୁ ଦିନକ ପାଇଁ ବନ୍ଦ ରଖାଯାଇ ବିଏମସି ପୋଡ଼ିଯାଇଥଲବା ଦୋକାନକୁ ଭାଙ୍ଗିବା ସହ ମଇଳା ସଫା କରିଛି। ଯଦି ଆବଶ୍ୟକ ପଡେ, ତେବେ ବନ୍ଦ ଅବଧୀକୁ ବୃଦ୍ଧି କରାଯିବ ବୋଲି ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି। ୧ ନମ୍ବର ହାଟରେ ସ୍ଥିତି ଅନୁଧ୍ୟାନ କରାଯାଇଛି। କିଛି ଦୋକାନୀ ନିୟମ ମାନୁନାହାନ୍ତି। ପ୍ଲାଷ୍ଟିକ୍ ଓ ଦହନଶୀଳ ସାମଗ୍ରୀ ଯୋଗୁଁ ନିଆଁ ଜୋରରେ ଲାଗିଥିଲା। ଦୋକାନୀ ଏସଓପି ପାଳନ କରୁନଥିବା ସାମ୍ନାକୁ ଆସିଛି।

### ୨ ଜଣ ବର୍ତ୍ତିଗଲେ

ହାଟରେ ଅଗ୍ନିକାଣ୍ଡ ଘଟିବା ବେଳେ ୨ ଜଣ ଶ୍ରମିକ ଦୋକାନ ଭିତରେ ଥିଲେ। ଅଗ୍ନିକାଣ୍ଡ କଥା ଜାଣି ସେମାନେ ସଙ୍ଗେ ସଙ୍ଗେ ବାହାରକୁ ଆସିବା ସହ ପ୍ରଥମେ ଦୋକାନ ମାଲିକଙ୍କୁ ଏନେଇ ଅବଗତ କରିବା ସହ ଥାନା ଓ ଅଗ୍ନିଶମ ବାହିନୀଙ୍କୁ ଏନେଇ ଅବଗତ କରିଥିଲେ। ଠିକ୍ ସମୟରେ ସେମାନେ ଦୋକାନରୁ ବାହାରିଯାଇଥଲବା କାରଣରୁ ବର୍ତ୍ତି ଯାଇଥିଲେ। କିନ୍ତୁ ଏକ ନମ୍ବର ହାଟ ପାର୍କିରେ ଥିବା ବହୁ ୨ ଚକିଆ ଜଳିଯାଇଥିବା କହିଥିଲେ।

# ପାଉଁଶ ଭିତରୁ ଜୀବିକା ଖୋଜା

ରାତିରେ ସବୁ ଠିକ୍‌ଠାକ ଥିଲା। ସାରାଦିନର ଚଳଚଞ୍ଚଳ ପରେ ବିଳମ୍ବିତ ରାତିରେ ନିଶବ୍ଦ ହୋଇପଡ଼ିଥିଲା ଏକ ନମ୍ବର ହାଟର ପରିବେଶ। କିନ୍ତୁ ହଠାତ୍ କ'ଣ ହେଲା କେଜାଣି ରାତି ଅଧରେ ହୁତହୁତ ହୋଇ ଜଳିଉଠିଲା ଶହଶହ ଲୋକଙ୍କ ଜୀବନ ଜୀବିକାର ଆଧାର କୁହାଯାଉଥିବା ଭୁବନେଶ୍ୱରର ସର୍ବପୁରାତନ ହାଟ ଏକ ନମ୍ବର ଦୈନିକ ହାଟ। ରାତିର ଅନ୍ଧାର ଭିତରେ ଅନେକ ଦୋକାନ ପୋଡ଼ି ପାଉଁଶ ହୋଇଗଲା। ହେଲେ ସକାଳୁ ସକାଳୁ ଶୁଭିଲା ଦୋକାନୀଙ୍କ ଜୀବନ ଜୀବିକାର ଆର୍ତ୍ତ ଚିତ୍କାର ଆଉ କୋହଭରା ଲୁହ।

### ଆଖି ଆଗରେ ଜଳିଗଲା ଲକ୍ଷ୍ମୀ

ଘରର ଲକ୍ଷ୍ମୀ ଯେଉଁଠି ଜଳି ପୋଡ଼ି ପାଉଁଶ ହୋଇଯାଇଛି ସେଠି ଆଉ ପରିବାର ଆଉ କୁଆଡୁ ଆସିବ। ଆଖି ଆଗରେ ଦୋକାନ ହୁତୁହୁତୁ ହୋଇ ଜଳିଗଲା। କିଛି ବି କରିପାରିଲିନି। ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି ବୋଲି କୋହଭରା କଣ୍ଠରେ ୟୁନିଟ୍ ୧ ମାର୍କେଟ୍‌ରେ ଦୋକାନ ପୋଡ଼ି ଯାଇଥିବା ଜଣେ ଦୋକାନୀ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯାହାକୁ ବିକ୍ରି କରି ଆମେ ପରିବାର ପ୍ରତିପୋଷଣ କରୁଥିଲୁ ଏବେ ଚଳିବୁ କେମିତି ବୋଲି ସେ କହିଛନ୍ତି।

### କାଲିର ଡାକ, ଆଜିର ଲୁହ

ଯେଉଁ ମାର୍କେଟ୍‌ରେ ଦିନେ ଫଳ କିଲୋକୁ ୧ଶହେ, ଫୁଲ ଶହେ ଗ୍ରାମକୁ ୨୦ କୋଡ଼ିଏ ଟଙ୍କା ଏମିତି କିଛି ଡ଼ାକ ଦୋକାନୀଙ୍କ ଠାରୁ ଶୁଣିବାକୁ ମିଳୁଥିଲା ସେହି ସ୍ଥାନରେ ଆଜି ଦୋକାନୀଙ୍କର କାନ୍ଦଣାର ସ୍ୱର ଶୁଣିବାକୁ ମିଳୁଛି। ଉପକଣ୍ଠର ଦେଶୀ ପରିବା ହେଉ ଅବା ବିଦେଶର ବିଭିନ୍ନ ଫୁଲ ଫଳ ସବୁ ଗୋଟିଏ ସ୍ଥାନରେ ମିଳୁଥିଲା ସେଠି ଏବେ ପୋଡ଼ା ଅଙ୍ଗାର ପଡ଼ିଛି। ଯେଉଁ ଦୋକାନରୁ ଲୋକମାନେ ପରିବା, ଫଳ ଆଦି କିଣି ନେଉଥିଲେ ସେହି ଦୋକାନୀଙ୍କୁ ଏବେ ଲୋକମାନେ ସାନ୍ତ୍ୱନା ଦେଇ ଚାଲିଯାଉଛନ୍ତି। ସୋମବାର ରାତିରେ ୟୁନିଟ୍ ୧ ମାର୍କେଟ୍‌ରେ ନିଆଁ ଲାଗି ୫୦ରୁ ଅଧିକ ଦୋକାନ ପୋଡ଼ିଯାଇଛି। ଫଳରେ ଦୋକାନୀଙ୍କ ମୁଣ୍ଡରେ ସେମାନଙ୍କ ପରିବାର ପ୍ରତିପୋଷଣ କରିବା ପାଇଁ ଚଡ଼କ ପଡ଼ିଛି।

### କରଜ ଶୁଝିବି କେମିତି ?

ସରସ୍ୱତୀ ପୂଜାକୁ ଦେଖି ଫଳ ସହିତ ୩ ଲକ୍ଷ ଟଙ୍କାର ମୂର୍ତ୍ତିକୁ କରଜ କରି ଟଙ୍କା ଆଣି ଜିନିଷ ସବୁ ଆଣିଥିଲି ହେଲେ କିଛି ନାହିଁ ସବୁ ପୋଡ଼ିଯାଇଛି। ଏବେ ଏ କରଜ କେମିତି ଶୁଝାହେବ କିଛି ବି ଦେଖାଯାଉନାହିଁ ବୋଲି ଜଣେ ମୂର୍ତ୍ତି ଦୋକାନୀ କହିଛନ୍ତି।

### ପାଉଁଶ ଭିତରୁ ସାମଗ୍ରୀ ଖୋଜା

ଦୋକାନ ପୋଡ଼ି ଯାଇଛି ହେଲେ ଦୋକାନରୁ କିଛି କେଉଁଠି ରହିଯାଇଥିବ ଦେଖି ମଞ୍ଜୁଲତା ନାମକ ଜଣେ ମହିଳା ପାଉଁଶ ଭିତରୁ ଭଲ ସାମଗ୍ରୀ ଖୋଜିବାରେ ଲାଗି ପଡ଼ିଥିଲେ। ଗୋଟେ ହାତରେ ଲୁହକୁ ପୋଛିଥିବା ବେଳେ ଆଉ ଗୋଟେ ହାତରେ ସାମଗ୍ରୀ ଖୋଜିଥିଲେ। ଯଦି କିଛି ବି ପାଉଥିଲେ ତାହାକୁ ଅଖାରେ ଭର୍ତ୍ତି କରୁଥିଲେ। ଏହି ଦୃଶ୍ୟ ଦେଖି ଦେଖଣାହାରୀଙ୍କ ଆଖିରେ ବି କୋହ ଆସିଯାଉଥିଲା।

### ଯେତେକି ଅଛି ସେତିକ ହେଲେ ଥାଉ

ପୋଡ଼ି ଯାଇଥିବା ଦୋକାନ ପାଖାପାଖି ଆଉ ଯାହା ଦୋକାନ ରହିଯାଇଛି ସେତିକିକୁ ବିଏମ୍‌ସି ପକ୍ଷରୁ ଉଠାଇ ଦିଆଯାଉଛି। ଏନେଇ ମାର୍କେଟ୍‌ରେ ଉମାକାନ୍ତ ଦାସ ନାମକ ଜଣେ ଲୋକ କୁହନ୍ତି ଯେତେକି ଦୋକାନ ରହିଯାଇଛି ସେତିକ ଭଲରେ ରହୁ। ହେଲେ ବର୍ତ୍ତମାନ ଦୋକାନ ବନ୍ଦ ହୋଇଗଲା ଆମ ଦୋକାନୀ ଭାଇମାନେ ଚଳିବା କଷ୍ଟ ହୋଇପଡ଼ିବ। ଯେତେ ଶୀଘ୍ର ହେବ ଆମ ଦୋକାନୀଙ୍କ ପାଇଁ ସରକରଙ୍କ ପକ୍ଷରୁ କିଛି ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି।





● ଚୋରଗଲା ପରେ ଚେତିଲା ବିଏମ୍‌ସି

# ଜବରଦଖଲ ଉଚ୍ଛେଦ, ହୋଟେଲ ମନା

ଭୁବନେଶ୍ୱର, ୨୦।୧(ସମିସ): ୧ ନମ୍ବର ହାଟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମେୟର ସୁଲୋଚନା ଦାସ ଓ କମିସନର ଚଞ୍ଚଳ ରାଣା। ମଙ୍ଗଳବାର ଭୋରୁ ଭୋରୁ ମେୟର ଓ କମିଶର ଘଟଣାସ୍ଥଳ ପରିଦର୍ଶନ କରିବା ସହ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଦୋକାନୀମାନେ ନିଜ ନିଜ ଦୋକାନ ଆଗକୁ ଜବରଦଖଲ କରିବା, ପଲିଥିନ ପାଲ ଟାଣିବା, ଦୋକାନରେ ବିକ୍ରି ପାଇଁ ପଲିଥିନି ରଖିଥିବା ହେତୁ ଅଗ୍ନିକାଣ୍ଡକୁ ଆୟତ୍ତ କରିହେଲା ନାହିଁ। ଏକ ନମ୍ବର ହାଟକୁ ବ୍ୟବସ୍ଥିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏବେ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ। ଏକ ନମ୍ବର ହାଟରେ ଆଉ କୌଣସି ଦୋକାନୀ ପଲିଥିନ୍ ରଖିବେ ନାହିଁ କିମ୍ବା ଦୋକାନ ଆଗରେ ଟାଣିବେ ନାହିଁ। ମାର୍କେଟ ମଧ୍ୟରେ କୌଣସି ହୋଟେଲ ରହିବ ନାହିଁ। ଗତକାଲି ପ୍ରାୟ ୫୦ଟି ଉଠାଦୋକାନ ପୋଡିଯାଇଛି। କ୍ୟାପିଟାଲ ଥାନାର ମଧ କିଛି ଅଂଶ କ୍ଷତି ହୋଇଛି। ଏହି ଘଟଣା ପରେ ସଂଯୁକ୍ତ ବିଭାଗ ସହଯୋଗରେ ବିଏମ୍‌ସି ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଉଚ୍ଛେଦ କାର୍ଯ୍ୟକ୍ରମରେ ମେୟର, କମିସନର, ଅତିରିକ୍ତ କମିସନର, ସ୍ଥାନୀୟ କର୍ପୋରେଟର, କ୍ୟାପିଟାଲ ଥାନା ଅଧିକାରୀ ଓ କର୍ମଚାରୀ, ବିଏମ୍‌ସି ଏନଫୋର୍ସମେଣ୍ଟ ଓ ସାଇନ୍ ଟିମ୍, ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ସାମିଲ ହୋଇଛନ୍ତି। ଜବର ଦଖଲରେ ଥିବା କ୍ୟାପିଟାଲ ଥାନା ପଛପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଫଳରେ ମାର୍କେଟକୁ ଯିବା ପାଇଁ ୨୫ ଫୁଟର ଏକ ରାସ୍ତା ବାହାରି ପାରିଛି। ଯାହାଦ୍ୱାରା ମାର୍କେଟ ଭିତରକୁ ସାଧାରଣ ଲୋକେ ଯିବା ଆସିବା ପାଇଁ ଏବେ ସହଜ ହୋଇପାରିଛି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ବିଦ୍ୟୁତ୍ ଉପବିଭାଗ, ପରିମଳ, ଯାନବାହନ, ପରିବେଶ ଉପବିଭାଗର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଏହି କାର୍ଯ୍ୟରେ ସହାୟତା କରିଥିଲେ। ଉଚ୍ଛେଦ କାର୍ଯ୍ୟରେ ୮ଟି ଜେସିବି, ୧୫ଟି ହାଇୱା, ୮ଟି ଟ୍ରାକ୍ଟର ଦିନ ତମାମ ଲାଗିଥିଲା। ସଂଗେ ସଂଗେ ବର୍ଜ୍ୟଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି। ପୋଡିଯାଇଥିବା ବଡ ଗଛଟିର ଡାଳଗୁଡିକୁ ମଧ କାଟି ଦିଆଯାଇଛି।

■ ପଲିଥିନ ଟାଣିବା କିମ୍ବା ବିକ୍ରି କରିବାରେ କଡ଼ା କାର୍ଯ୍ୟାନୁଷ୍ଠାନ
■ ନିୟମିତ ହେବ ଫାୟାର ଅଡିଟ୍

ସେହିପରି ମାର୍କେଟ ଭିତରେ ଯେଉଁମାନେ ରାସ୍ତାକୁ ଜବର ଦଖଲ କରିଛନ୍ତି କିମ୍ବା ନିଜ ଦୋକାନ ଆଗକୁ ମଡାଇ ଦେଇଛନ୍ତି, ସେ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ। ଏଣିକି କୌଣସି ଦୋକାନୀ ଦୋକାନ ଆଗରେ ପଲିଥିନି ଟାଣି ପାରିବେ ନାହିଁ କିମ୍ବା ବିକ୍ରି କରିପାରିବେ ନାହିଁ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଙ୍କ ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ। ମାର୍କେଟ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରାଯିବ। ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ମାର୍କେଟ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ତାହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିସନର। ମାର୍କେଟ ଭିତରେ ଜବରଦଖଲ ଉଚ୍ଛେଦ କରାଗଲେ, ସାଧାରଣ ଲୋକଙ୍କ ଯାତାୟାତ ଏବଂ କୌଣସି ଦୁର୍ଘଟଣା ସମୟରେ ଗାଡି ପ୍ରବେଶ ପାଇଁ ସହଜ ହୋଇପାରିବ। ଏକ ନମ୍ବର ମାର୍କେଟର ଦୋକାନୀ ଓ ସର୍ବସାଧାରଣଙ୍କ ଧନ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ଏହି ସବୁ ପଦକ୍ଷେପ ନିଆଯାଉଛି।

## ଜମି ଠକେଇ; ଗୟାଧରକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୨୦।୧(ସମିସ): ଜମି ଠକେଇ ମାମଲାରେ ବିଲଡର୍ସ ଗୟାଧର ଜେନାକୁ ଭୁବନେଶ୍ୱର ଜେଏମଏଫ୍‌ସି (ଚତୁର୍ଥ)ଙ୍କ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଗୟାଧରକୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୫ମାସ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ ପାଇଛି। ଶିରିଶ ଚନ୍ଦ୍ର ଜଗଦେବଙ୍କ ଅଭିଯୋଗ ମୁତାବକ ଗୟାଧର ନିଜକୁ ସରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳକ ନିର୍ଦ୍ଦେଶକ ବୋଲି ପରିଚୟ ଦେଇ ଝାରପଡ଼ାରେ ଜମି ଦେବାକୁ କହିଥିଲା। କୌଶଳ କ୍ରମେ ଶିରିଶଙ୍କ ଠାରୁ ୭ଲକ୍ଷ ୫୯ହଜାର ଟଙ୍କା ନେଇଯାଇଥିଲା। ପରେ ଯାଞ୍ଚ କରିବା ପରେ ଉକ୍ତ ଜମିକୁ ପୂର୍ବରୁ ସେ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିବା ଜଣାପଡ଼ିଥିଲା। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ପରେ ଗୟାଧରକୁ ଗିରଫ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

## ପ୍ରେମିକାକୁ ଅପହରଣ କରି ମୁଣ୍ଡ ଜାମିନ୍

■ ୧୪ ଦିନ ଧରି ଗୃହ ବନ୍ଦୀ କରି ରଖିଥିଲା
■ ୨୫ ଲକ୍ଷ ଟଙ୍କା ମାଗୁଥିଲା
■ ଅଟୋ ଚାଳକକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର, ୨୦।୧(ସମିସ): ପ୍ରେମ ଜାଲରେ ଫସାଇ ଯୁବତୀଙ୍କୁ ଅପହରଣ କରି ନେଲା। ଗୃହବନ୍ଦୀ କରି ପରିବାର ଲୋକଙ୍କୁ ୨୫ ଲକ୍ଷ ଟଙ୍କା ମାଗିଲା। ଟଙ୍କା ନ ଦେଲେ ଜୀବନରେ ମାରିଦେବ ବୋଲି ଧମକ ବି ଦେଲା। ଏଭଳି କାଣ୍ଡ ଭିଆଇଥିବା ପ୍ରେମିକ ତଥା ଅଟୋ ଚାଳକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖଣ୍ଡଗିରି ରମାମଣି ପେଟ୍ରୋଲ ପମ୍ପ ନିକଟରେ ରହୁଥିବା ନୟାଗଡ଼



କେଶରପୁରର ରମେଶ ନାୟକ (୩୧)। ପୁଲିସ ସୂଚନାନୁସାରେ, ଗଙ୍ଗନଗର ଅଞ୍ଚଳର ମାମାଲି ଦଳାଇଙ୍କର ୮ ମାସ ପୂର୍ବେ ରମେଶ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମାମାଲି ଗତ ୭ ତାରିଖ ଦିନ ୟୁନିଟ୍ ୩ ପଞ୍ଜାବୀ କଲୋନୀରେ ଥିବା ତାଙ୍କ ମାଉସୀ ଘରକୁ ଯାଇଥିଲେ। ସେହି ସମୟରେ ରମେଶ ତାଙ୍କୁ ଅଟୋରେ ଅପହରଣ କରି ନେଇଥିଲା। ଚନ୍ଦ୍ରଶେଖରପୁରସ୍ଥିତ ବିଡିଏ କଲୋନୀରେ ଥିବା ଏକ ଘରେ ନେଇ ଗୃହ ବନ୍ଦୀ କରି ରଖିଥିଲା। ଏପଟେ ଝିଅର ଖୋଜଖବର ନ ମିଳିବାରୁ ସେ ନିଖୋଜ ହୋଇଥିବା ନେଇ ମାଆ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍ଏମ୍ଆର) ପଞ୍ଜିକରଣ କରି ତଦନ୍ତ କରୁଥିଲା।

ରମେଶ ଗତ ୧୭ ତାରିଖ ଦିନ ମାମାଲିଙ୍କ ମାଆଙ୍କୁ ଫୋନ୍ କରି ତାଙ୍କ ଝିଅକୁ ଅପହରଣ କରିଥିବା କହିଥିଲା। ଏଥିସହିତ ଝିଅର ମୁକ୍ତି ପାଇଁ ପ୍ରଥମେ ୫ ଲକ୍ଷ ଟଙ୍କା ମାଗିଥିଲା। ଦାବି ପୂରଣ ନ ହେଲେ ପୀଡ଼ିତାଙ୍କୁ ରାଜ୍ୟ ବାହାରେ ବିକ୍ରି କରିଦେବ ବୋଲି ଧମକ ଦେଇଥିଲା। କେବଳ ମାଆଙ୍କୁ ନୁହଁ, ପରବର୍ତ୍ତୀ ସମୟରେ ମାମାଲିଙ୍କ ବିଭିନ୍ନ ସମ୍ପର୍କୀୟଙ୍କୁ ଫୋନ୍ କରି ୨୫ ଲକ୍ଷ ଟଙ୍କା ମାଗିଥିଲା। ମାମାଲିଙ୍କ ମାଆ ଏନେଇ ଖାରବେଳ ନଗର ଥାନାରେ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ଅପହରଣ ମାମଲା ରୁଜୁ କରିଥିଲା। ମଙ୍ଗଳବାର ସକାଳେ ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରମେଶକୁ ଗିରଫ କରିଥିଲା। ତା' ଠାରୁ ଅପରାଧରେ ବ୍ୟବହୃତ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା।





ଖଣ୍ଡଗିରି ଯାତ୍ରାକୁ ୬ ଦିନ

# ବଢୁଛି ଉତ୍କଣ୍ଠା; ଉତ୍ସାହିତ ଯାତ୍ରା ପ୍ରେମୀ

ଭୁବନେଶ୍ୱର, ୨୦।୧ (ସମିସ): ଆଉ ମାତ୍ର ୬ ଦିନ ପରେ ଆରମ୍ଭ ହେବ ଖଣ୍ଡଗିରି ଯାତ୍ରା। ୨୫ ତାରିଖରୁ ମେଳା ହେବାକୁ ଥିବାବେଳେ ୨୭ ତାରିଖରୁ ରଙ୍ଗିନ୍ ଆଲୁଅରେ ଚମକିବ ପାହାଡ଼ ପାଦଦେଶ। ମେଳା ଓ ଯାତ୍ରାକୁ ନେଇ ଉତ୍କଣ୍ଠା ବଢୁଥିବା ବେଳେ ନାଟକ ପ୍ରେମୀମାନେ ବେଶ୍ ଉତ୍ସାହିତ ଅଛନ୍ତି। ଏଥର ୭ଟି ପେଣ୍ଡାଲରେ ଓଡ଼ିଶାର ୧୫ଟି ନାମୀଦାମୀ ଅପେରା ପାର୍ଟି ଅଂଶଗ୍ରହଣ କରିବେ। ପ୍ରଥମ ପର୍ଯ୍ୟାୟରେ ଅଶୋକ ସମ୍ରାଟ, କୋଣାର୍କ ଗଣନାଟ୍ୟ, ସିଂହବାହିନୀ ସ୍ୱର୍ଣ୍ଣମହଲ, ଅପେରା ଶ୍ରୀମନ୍ଦିର, ଧଉଳି ଗଣନାଟ୍ୟ ଓ ଯାତ୍ରା ଇନ୍ଦ୍ରଭୁବନ ଅଘୋଷିତ ଯାତ୍ରା ପ୍ରତିଯୋଗିତାରେ ଭାଗନେବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ତୁଳସୀ ଗଣନାଟ୍ୟ, ଅପେରା ସୂର୍ଯ୍ୟମନ୍ଦିର, ଶିବାନୀ ଗଣନାଟ୍ୟ, ରଙ୍ଗ ମହଲ, ଯାତ୍ରା ବିଶ୍ୱ ଦରବାର, ଅପେରା ରାଜ ଦରବାର, ନାଟ୍ୟ ମଣ୍ଡପ ଓ କଳିଙ୍ଗ ଗଣନାଟ୍ୟ ନାଟକ ପରିବେଷଣ କରିବେ। କେତେକ ପେଣ୍ଡାଲରେସବାଉଁଶ ଫ୍ରେମ୍ କାମ ସରିଥିବା ବେଳେ ଆଉ କେତକରେ ଜୋରଦାର ପ୍ରସ୍ତୁତି ଚାଲିଛି।

ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ପେଣ୍ଡାଲର ଅଶୋକ ସମ୍ରାଟ 'ଅଧା ରହିଗଲା ପ୍ରେମ କାହାଣୀ' ଏବଂ ତୁଳସୀ ଗଣନାଟ୍ୟ 'ଏଇ ବୋଧେ ଶେଷ ଦେଖା ମଞ୍ଚସ୍ଥ କରିବ। ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲ ମାଧ୍ୟମରେ ଯାତ୍ରା ରାଣୀ ସିଂହବାହିନୀରେ ଚର୍ଚ୍ଚିତ ଅଭିନେତା ପୀୟୁଷ ତ୍ରିପାଠୀଙ୍କୁ ଦେଖିବାକୁ ପାଇବେ ଦର୍ଶକ। 'ତୁ ମୋ ବଜରଙ୍ଗୀ' ନାଟକ ମାଧ୍ୟମରେ ପୀୟୁଷ ଖଣ୍ଡଗିରି ଯାତ୍ରାରେ ପାଦ ରଖିବେ। ସେହି ପେଣ୍ଡାଲରେ ଶିବାନୀ ଗଣନାଟ୍ୟ 'ରଜ ସୁନ୍ଦରୀକୁ ସଜ ସିନ୍ଦୁର' ନାଟକ ପରିବେଷଣ କରିବେ। ନାୟକ ଗୌର ଦାସ, ନାୟିକା କାବେରୀ ଓ କମେଡିରେ ବ୍ରଜ ପାଣିଙ୍କୁ ଦେଖିବାକୁ ମିଳିବ।

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ମଞ୍ଚରେ କୋଣାର୍କ ଗଣନାଟ୍ୟର 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଓ 'ଶ୍ରୀକୃଷ୍ଣ ଆଖିରେ ସୁଦାମା ଲୁହ' ଏବଂ ଅପେରା ସୂର୍ଯ୍ୟମନ୍ଦିରର 'ହାଇଦର' ଓ 'ଅଭାଗିନୀ ଅଞ୍ଜଳି' ନାଟକ ଅନୁଷ୍ଠିତ ହେବ। ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ସ୍ୱର୍ଣ୍ଣମହଲ 'ଗୁହାରୀ ଶୁଣ ଦିନବନ୍ଧୁ' ଓ ରଙ୍ଗମହଲ 'କଟି କଟି ଡବଲ କଟି' ନାଟକ ଦର୍ଶକଙ୍କୁ ଭେଟିଦେବ।

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ଶ୍ରୀମନ୍ଦିର 'ଜାନଓ୍ୱର୍', 'କଳା କାହ୍ନୁ ଖେଳେ ଯଶୋଦା କୋଳେ' ଓ 'କହଇ ଦାସ ଜଗନ୍ନାଥ' ଅନୁଷ୍ଠିତ କରିବାକୁ ଥିବାବେଳେ ବିଶ୍ୱ ଦରବାର 'ସମ୍ପର୍କର ଶେଷ ନାହିଁ' ଓ 'ବଦନାମ ଗଳିର ବାଦଶାହା' ନାଟକ ପରିବେଷଣ କରିବ। ଅନନ୍ତ କେଶରୀ ଦେବ ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ଧଉଳି ଗଣନାଟ୍ୟ 'ଚଣ୍ଡାଶୋକ' ଏବଂ ରାଜ ଦରବାର 'ଆଖି ପଲକରେ ଖୋଜୁଛି ତତେ', ନାଟ୍ୟ ମଣ୍ଡପ 'ଲେଡି ଗ୍ୟାଙ୍ଗଷ୍ଟର୍' ନାଟକ ନେଇ ମଇଦାନକୁ ଓହ୍ଲାଇବେ। ସେହିଭଳି କଳିଙ୍ଗ ଯୁବ ପରିଷଦ ମଞ୍ଚ ମାଧ୍ୟମରେ ଅପେରା ଇନ୍ଦ୍ରଭୁବନ 'ନ ଅଙ୍କ ଦୁର୍ଭିକ୍ଷ' ଏବଂ କଳିଙ୍ଗ ଗଣନାଟ୍ୟ 'ରାଜଧାନୀର ରାଜା ଆଚାର୍ଯ୍ୟ' ନାଟକ ମଞ୍ଚସ୍ଥ କରିବ।

### ଅଶ୍ଳୀଳତା ପ୍ରଦର୍ଶନ କଲେ ଏନ୍ଓସି ରଦ୍ଦ

ଆସନ୍ତା ୨୭ ତାରିଖରୁ ଯାତ୍ରା ମହାସମର ଆରମ୍ଭ ହେବାକୁ ଥିବା ବେଳେ କମିଟି ପକ୍ଷରୁ ଯାତ୍ରା ପଡ଼ିଆରେ ପେଣ୍ଡାଲ ବନ୍ଧା କାମ ଓ ଟେଣ୍ଟ କାମ ଆରମ୍ଭ ହୋଇଛି। ତେବେ ଚଳିତ ବର୍ଷ ଖଣ୍ଡଗିରିରେ ପରିବେଷଣ ହେବାକୁ ଯାଉଥିବା ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ପ୍ରଶୟ ଦିଆଯିବ ନାହିଁ। ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ହେଲେ ରଦ୍ଦ ହେବ ଯାତ୍ରା କମିଟିର ପରିବେଷଣ ଅନୁମତି ବା ଏନଓସି। ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଆଧାର କରି ଯାତ୍ରା କରିବା ପାଇଁ ବିଏମସି ଏସଓପି ଆଣିଛି। ସେହି ଆଧାରରେ ଭୁବନେଶ୍ୱର ମହାନଗର ନିଗମ ଏନଓସି ଦେଉଥିବା ବେଳେ ନିୟମ ନମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଜି ଦକ୍ଷିଣ ପୂର୍ବ ଜୋନ୍ କାର୍ଯ୍ୟାଳୟରେ ସବୁ ଯାତ୍ରା କମିଟି ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି।

# ଆସିଲେଣି ସାଧୁସନ୍ଥ; ଚଳଚଞ୍ଚଳ ଖଣ୍ଡଗିରି

ଭୁବନେଶ୍ୱର, ୨୦।୧(ସମିସ): ଆଉ ଦିନ କେତୋଟି ପରେ ମାଘ ସପ୍ତମୀ। ଚଳିତ ଜାନୁଆରୀ ୨୫ ତାରିଖରୁ ଖଣ୍ଡଗିରି ପାଦଦେଶରେ ଆରମ୍ଭ ହେବ କୁମ୍ଭମେଳା। ଏହାକୁ ଦୃଷ୍ଟିରେ ରଖି ଚଳଚଞ୍ଚଳ ହୋଇଉଠିଲାଣି ଖଣ୍ଡଗିରି ପାଦଦେଶ। ବିଭିନ୍ନ ଅଞ୍ଚଳରୁ ସାଧୁସନ୍ଥମାନେ ଏବେ ଜଣଙ୍କ ପରେ ଜଣେ ଆସି ଖଣ୍ଡଗିରି ପାଦଦେଶରେ ପହଞ୍ଚିଲେଣି।

ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଆସିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବେ। ସେହିପରି ଓଡ଼ିଶା, ହରିଦ୍ୱାର, ଗୁଜୁରାଟ ଏବଂ ଝାନ୍ସୀରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ନାଗା ବାବାଙ୍କ ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ, ବ୍ରହ୍ମପୁର ଆଦି ସ୍ଥାନରୁ ବାବାମାନେ ଯୋଗଦେବେ। ତେବେ ଆସନ୍ତା ୨୫ ତାରିଖ ମାଘ ସପ୍ତମୀ ଏବଂ ଚନ୍ଦ୍ରଭାଗା ବୁଡ଼। ଏହିଦିନ ଠାରୁ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭ ମେଳା ଆରମ୍ଭ ହୋଇଥାଏ। ମାଘ ସପ୍ତମୀରେ ଠାକୁର ଶ୍ରୀଶ୍ରୀ ଅନନ୍ତ କେଶରୀ ଦେବଙ୍କୁ ଜାଗମରା ନାଗା ମଠରୁ ଶୋଭା ଯାତ୍ରାରେ ଉଦୟଗିରି ମୁଣ୍ଡିଆରେ ଥିବା ରାଣୀହଂସପୁରକୁ ନିଆଯିବ। ସେଠାରେ ଠାକୁରଙ୍କ ମାଘସ୍ନାନ ପରେ ସେହି ରାତିରେ ପୁଣି ଠାକୁରଙ୍କୁ ନାଗା ମଠକୁ ଫେରାଇ ଅଣାଯିବ। ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବାରଭୁଜାଙ୍କ ନିକଟରେ ଅଖଣ୍ଡ ଦୀପ ଲାଗିବା ସହ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞ ଆରମ୍ଭ ହେବ। ମାଘ ପୂର୍ଣ୍ଣିମାରେ ଯଜ୍ଞରେ ପୂର୍ଣ୍ଣାହୁତି ସହ ମେଳା ସମାପ୍ତ ହେବ। ବାରଭୁଜାଙ୍କ ପୀଠରେ ନବରାତ୍ର କୁମ୍ଭମେଳା ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ, ସାଧୁ ସମ୍ମେଳନ ଓ ବିଶ୍ୱଶାନ୍ତି ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ।

**ଏଥର ୫୦୦ ସାଧୁସନ୍ଥଙ୍କ ମହା ସମାଗମ**

### ବଡ଼ଦୋଳିକୁ ଅନୁମତି ନାହିଁ

ଅଘଟଣର ପୁନରାବୃତ୍ତି ନହେବା ପାଇଁ ବଡ଼ ଦୋଳିକୁ ଅନୁମତି ଦିଆ ନ ଯିବାକୁ ଡିସିପି କୁମ୍ଭମେଳା ପ୍ରସ୍ତୁତ ବୈଠକରେ ପ୍ରସ୍ତାବ ଦେଇଛନ୍ତି। ତେବେ ପୂର୍ବରୁ ଡ୍ୟାନସିଂ ଦୋଳି ଓ ରାମଦୋଳି ମେଳାର ଆକର୍ଷଣ ବୃଦ୍ଧି କରୁଥିବା ବେଳେ ଏହା ପିଲାମାନଙ୍କ ପାଇଁ ଯେଭଳି ବିପଦ ସୃଷ୍ଟି ନକରେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।

### ଯଜ୍ଞସ୍ଥଳରେ କାଞ୍ଚି ଅଭିଯାନ

କୁମ୍ଭମେଳା ପାଇଁ ଚଳିତ ବର୍ଷ ଖଣ୍ଡଗିରି କୁମ୍ଭ ମେଳାର ଯଜ୍ଞସ୍ଥଳକୁ ଆହୁରି ସରସ ସୁନ୍ଦର ଓ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ନିମନ୍ତେ ହରିଓଁ ଟ୍ରଷ୍ଟ ପକ୍ଷରୁ ବିଷ୍ଣୁଙ୍କ ବିଶ୍ୱରୂପ ମୂର୍ତ୍ତି ଓ କାଞ୍ଚି ଅଭିଯାନ ସମୟର କଳା ଘୋଡ଼ା ଓ ଧଳା ଘୋଡ଼ାରେ ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ଚଢିଥିବା ମୂର୍ତ୍ତି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଗଜପତି ଜିଲ୍ଲା ମୋହନା ବ୍ଲକ ପତି



(ଫାଇଲ ଫଟୋ)

ଗୋବିନ୍ଦପୁରର ଦୁର୍ଯ୍ୟୋଧନ ଜାନିଙ୍କ ନେତୃତ୍ୱରେ ୬ ଜଣ କାରିଗର କାମରେ ଲାଗିଛନ୍ତି। ମୂର୍ତ୍ତିଗଢ଼ା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରଙ୍ଗ କାମ ୨୪ ତାରିଖ ସୁଦ୍ଧା ଶେଷ ହେବ ବୋଲି କାରିଗରମାନେ କହିଛନ୍ତି। ସେହିପରି ବିଏମସି ପକ୍ଷରୁ ମଧ୍ୟ ସଜବାଜ ଆରମ୍ଭ ହୋଇଛି। ଖଣ୍ଡଗିରି ପାଦଦେଶରୁ ଟ୍ରଫିକ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଫେବର ବ୍ଲକ ମରାମତି କାମ ସାଙ୍ଗକୁ ଯଜ୍ଞସ୍ଥଳ, ଯାତ୍ରା ପଡ଼ିଆ ସଫା କାର୍ଯ୍ୟ, ପାଣି ଓ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇସାରିଛି। ବୁଲା ବିକାଳିଙ୍କୁ ଖଣ୍ଡଗିରି କୁମ୍ଭ ମେଳାରେ ବ୍ୟବସାୟ କରିବା ପାଇଁ ବାରଣ କରାଯିବା ସହ ବିଭିନ୍ନ ଅଞ୍ଚଳରୁ ଆସୁଥିବା ପାଟରାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ଥାନ ସଂରକ୍ଷଣ କରାଯାଇଛି।

### ମାଘମେଳାକୁ ରାଜ୍ୟ ସରକାର ନିଜସ୍ୱ ପରିଚାଳନାରେ ରଖନ୍ତୁ

ଖଣ୍ଡଗିରି ମାଘମେଳାକୁ ରାଜ୍ୟ ସରକାର ନିଜସ୍ୱ ପରିଚାଳନାରେ ରଖି ସାଧୁମାନଙ୍କ ଆବଶ୍ୟକତା ଯୋଗାଇବା ସହିତ ଏହାକୁ ଅଧିକ ଲୋକପ୍ରିୟ କରିବାକୁ ଉଦ୍ୟମ କରନ୍ତୁ। ଏହାସହ ଏହି ବିଶ୍ୱପ୍ରସିଦ୍ଧ ମେଳାକୁ ଓଡ଼ିଶା ଓ ଓଡ଼ିଶା ବାହାରୁ ଆସୁଥିବା ସାଧୁ-ସନ୍ଥମାନଙ୍କ ନିମନ୍ତେ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ, ଧୂନିକୁଣ୍ଡ ପାଇଁ ସମିଧ, ଘୃତ, ନୈବିଦ୍ୟ ସମେତ ସେମାନଙ୍କ ରହିବା ଓ ବିଶ୍ରାମ ନିମନ୍ତେ ବ୍ୟବସ୍ଥା କରିବାକୁ ଆଦି ଦାବି କରିଛନ୍ତି ଉତ୍କଳୀୟ ପଞ୍ଚସଖା ଭଗବତ ଆଖଡ଼ା ମହାନିତ୍ୟ ପଦ୍ମଦଳ ଓ ହରିଓଁ ବାବା ମଠ ଟ୍ରଷ୍ଟ। ମଙ୍ଗଳବାର ପୁରୁଣା ଭୁବନେଶ୍ୱର ମାଉସୀ ମା' ରାମେଶ୍ୱର ମନ୍ଦିର ନିକଟ ନିଗମାନନ୍ଦ ସରସ୍ୱତୀ ଆଶ୍ରମରେ ଆୟୋଜିତ ସାମ୍ପ୍ରାଦିକ ସମ୍ମିଳନୀରେ ଅଣାକ୍ଷର କ୍ରିୟାଯୋଗୀ ସ୍ୱାମୀ ଆନନ୍ଦରାଜା, ହରିଓଁ ବାବା ଏହି ଦାବି କରିଛନ୍ତି।

ସାମ୍ପ୍ରାଦିକ ସମ୍ମିଳନୀରେ ଉତ୍ତର ପ୍ରଦେଶ ହରିଦ୍ୱାର ଋଷିକେଶ ପଞ୍ଚଦଶନାମ ଧୂନୀ ଆଖଡ଼ାର ଥାନାପତି ମହନ୍ତ ପ୍ରଶାନ୍ତ ଗିରି ମହାରାଜ, ଋଷିକେଶ ପଞ୍ଚଦଶନାମ ଧୂନୀ ଆଖଡାର ଥାନାପତି ମହନ୍ତ ସାବନ ଗିରି ମହାରାଜ, ତାନେଶ୍ୱରୀ ପୀଠର ପୀଠାଧୀଶ ସ୍ୱାମୀ ଆଦିତ୍ୟାନନ୍ଦ ମହାରାଜ, ସ୍ୱାମୀ ଆନନ୍ଦସଙ୍କର, ସ୍ୱାମୀ ଆନନ୍ଦ ସାଗର, ନାଗାସାଧୁ ସନ୍ତୋଷ ଗିରି ମହାରାଜ, ଶ୍ରଦ୍ଧାନନ୍ଦ ମହାରାଜ ଓ ଟ୍ରଷ୍ଟର ଉପ ସଭାପତି ପ୍ରଶାନ୍ତ ପାଢ଼ୀ, ସମ୍ପାଦକ ପ୍ରଭାତ ବାବା ଯୋଗ ଦେଇଥିଲେ।

## ଇନସ୍ୟୁରାନ୍ସ ଟଙ୍କା ହଡ଼ପ ମାମଲାରେ ଆଇନଜୀବୀଙ୍କୁ ଜେଲ

ଭୁବନେଶ୍ୱର, ୨୦।୧(ସମିସ): ଠକେଇ ମାମଲାରେ ଆଇନଜୀବୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର ସିବିଆଇ କୋର୍ଟ। ଆଇନଜୀବୀ ଜ୍ୟୋତିନ୍ଦ୍ରିୟ ମହାନ୍ତିଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ମାମଲା ଅନୁସାରେ ଏକାଧିକ ବେନାମୀ ଲୋକଙ୍କ ନାମରେ ଇନସ୍ୟୁରାନ୍ସ ବାବଦ କ୍ଷତିପୂରଣ ନେଇ ଜାଲ କାଗଜପତ୍ର ମାଧ୍ୟମରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ ଠାରୁ ପାଖାପାଖି ଏକ ଲକ୍ଷ ୫୯ ହଜାର ୯୧୫ ଟଙ୍କା ଠକେଇ କରି ନେଇଥିଲେ। ଏପରିକି ଜାଲ ଆକାଉଣ୍ଟ୍ ମାଧ୍ୟମରେ ଅଭିଯୁକ୍ତ ମାନେ ଏହି ଟଙ୍କାକୁ ହଡ଼ପ କରିଥିବା ଜଣାପଡ଼ିଥିଲା। ଏନେଇ ଓରିଏଣ୍ଟାଲ ଇନସ୍ୟୁରାନ୍ସ ପକ୍ଷରୁ ଭୁବନେଶ୍ୱର ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା। ସିବିଆଇ ପକ୍ଷରୁ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ତଥ୍ୟ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହି ମାମଲାରେ ଜ୍ୟୋତିନ୍ଦ୍ରିୟଙ୍କ ସମେତ ଆଉ ୩ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିଲା। ୧୯୯୯ ମସିହାରୁ ୨୦୦୦ ମସିହା ମଧ୍ୟରେ ଠକେଇ ହୋଇଥିଲା। ୨୦୦୪ ମସିହାରେ ଏତଲା ଦିଆଯାଇଥିଲା। ୨୦୦୫ ମସିହାରେ ଚର୍ଜସିଟ୍ ଦାଖଲ ହୋଇଥିଲା।

## ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚ୍ପିସି ଖେଳାଳିଙ୍କ ସଫଳତା

ଭୁବନେଶ୍ୱର,୨୦।୧(ସମିସ): ୫୮ତମ ବରିଷ୍ଠ ଜାତୀୟ ଖୋ ଖୋ ଚମ୍ପିଆନ୍ଶିପ୍ରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫରମାନ୍ସ ସେଣ୍ଟର (ଏଚ୍ପିସି) ର ଖେଳାଳିମାନେ ବଡ଼ ସଫଳତା ହାସଲ କରିଛନ୍ତି। ଚଳିତମାସ ୧୧ରୁ ୧୫ ଯାଏ ତେଲେଙ୍ଗାନାର କାଜିପେଟ୍ ରେଳବାଇ ଷ୍ଟାଡିୟମ୍ରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ମହିଳା ଖୋ ଖୋ ଟିମ୍ ରନର୍ସଅପ୍ ହୋଇଥିବାବେଳେ ପୁରୁଷ ଟିମ୍ ଯୁଗ୍ମ ଭାବେ କୋହ୍ଲାପୁର ଟିମ୍ ସହ ତୃତୀୟ ସ୍ଥାନ ଅର୍ଜନ କରିଛି। ଓଡ଼ିଶା ମହିଳା ଟିମ୍ରେ ଅର୍ଚ୍ଚନା ମାଝୀ, ଶୁଭଶ୍ରୀ ସିଂହ, ମାଗାଇ ମାଝୀ, ଅର୍ଚ୍ଚନା ପ୍ରଧାନ, ହରପ୍ରିୟା ଭୂୟାଁ ,ସବିତା ମୁର୍ମୁ,ଲିସା ରାଣୀ ରାଇତା ଏବଂ କାଦମ୍ବିନୀ ମାଝୀ ରହିଥିବାବେଳେ ପୁରୁଷ ଟିମ୍ରେ ଅର୍ଜ୍ଜୁନ୍ ସିଂହ,ଦୀପକ୍ କୁମାର ସାହୁ, ପବନୀ ଶବର, ପପୁ ମାରାଣ୍ଡି, ସୁନୀଲ ପାତ୍ର, ବିଶାଳ ଓରାମ୍, ଟି ଶଙ୍କର ଏବଂ ଶିବ ଗୁଣ୍ଟା ପ୍ରମୁଖ ରହିଛନ୍ତି।



## ବିଜେଇଏମ୍ ସ୍କୁଲରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର, ୨୦।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶନୀ ବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ଦାଶ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ଏପରି କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ପ୍ରଦାନ ସହ ନିଜର ପିଲାଦିନର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା ପିଲାମାନଙ୍କର ସୃଜନଶୀଳତା ଓ କଳ୍ପନାପ୍ରବଣ ଗୁଣର ବିକାଶ ନିମନ୍ତେ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ପିଲାମାନଙ୍କର ସହଯୋଗ, ଦକ୍ଷତା ପ୍ରଦର୍ଶନ ଓ ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପଦ୍ମାଳୟା ପଲ୍, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ତୃତୀୟରୁ ନବମ ଶ୍ରେଣୀର ୨୯୨ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଷୟ ଯଥା ଶକ୍ତି ସଞ୍ଚୟ ଏବଂ ସବୁଜ ଶକ୍ତି (ପରିବେଶ ବିଜ୍ଞାନ), ଆମ ଗ୍ରହ ଆମ କାହାଣୀ (ସାମାଜିକ ବିଜ୍ଞାନ), କଳ୍ପନା ଏବଂ ସୃଜନଶୀଳତା (ଭାଷା ଓ ସାହିତ୍ୟ) ଏବଂ ବ୍ୟବହାରିକ ଏବଂ ବାସ୍ତବ ପ୍ରୟୋଗ (ଗଣିତ) ଉପରେ ୧୦୭ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ।



## ରମାଦେବୀରେ ରେଡ୍କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୨୦।୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା-ତଥା-ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦଘାଟନ କରିଛନ୍ତି। ରେଡକ୍ରସ୍ର ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ ରାଜ୍ୟପାଳ। ଏହି ତାଲିମ ଶିବିର ମାଧ୍ୟମରେ ଛାତ୍ରଛାତ୍ରୀମାନେ ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପ୍ରସ୍ତୁତି, ସଡ଼କ ସୁରକ୍ଷା ଓ ସମାଜ ସେବା ସମ୍ପର୍କିତ ଜୀବନରକ୍ଷାକାରୀ କୌଶଳ ଅଧିଗ୍ରହଣ କରିବେ ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଉପକୁଳପତି ଚଣ୍ଡୀଚରଣ ରଥ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

**ବ୍ୟବସାୟୀ ବଳରାମ ସାହାଣି ଅପହରଣ ମାମଲା**

# ଜେଲ୍ ଗଲେ ବାନ୍ଧବୀ

- ଆଉ ଥରେ ରିମାଣ୍ଡରେ ଆଣିବାକୁ ଯୋଜନା

ଭୁବନେଶ୍ୱର, ୨୦।୧(ସମିସ): ଅପହୃତ ବ୍ୟବସାୟୀ ବଳରାମ ସାହାଣୀଙ୍କ ଅପରହଣ ମାମଲାରେ ଅଭିଯୁକ୍ତ ତଥା ବଳରାମଙ୍କ ଗାର୍ଲଫ୍ରେଣ୍ଡ ରଶ୍ମିତା ସ୍ୱାଇଁଙ୍କ ରିମାଣ୍ଡ ଶେଷ ହୋଇଛି। ଏହା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇ ଜେଲ୍ ପଠାଇ ଦିଆଯାଇଛି। ଦୁଇ ଦିନର ମାରାଥନ ଜେରା ପରେ ଚନ୍ଦକା ଥାନା ପୁଲିସ ହାତ ସମ୍ପୂର୍ଣ୍ଣ ଭାବେ ଖାଲି। ବଳରାମ୍ଙ୍କ ସମ୍ପର୍କରେ ପତ୍ତା ଲଗାଇବାକୁ ପୁଲିସ ତାଙ୍କୁ ରିମାଣ୍ଡରେ ଆଣିଥିଲା। ହେଲେ ବଳରାମ୍ କେଉଁଠି ଅଛନ୍ତି। କାହା ପାଖରେ ଅଛନ୍ତି। ସେ ଜୀବିତ ନା ଆ ମୃତ ସେନେଇ କିଛି ବି ପତ୍ତା ଲଗାଇ ପାରୁ ନାହିଁ। ଏଣୁ ପୁଲିସ ତାଙ୍କୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ମାମଲାକୁ ନେଇ ପୁଲିସର ମୁଣ୍ଡ ବିନ୍ଧା ଆରମ୍ଭ ହେଲାଣି। ବ୍ୟବସାୟୀ ଜୀବିତ କିମ୍ବା ମୃତ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିଲା ନାହିଁ।

ଗାଲ୍ଫ୍ରେଣ୍ଡ ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୁଲିସ ଝାରପଡ଼ା ଜେଲରୁ ରବିବାର ୨ଦିନିଆ ରିମାଣ୍ଡରେ ନେଇ ପଚରା ଉଚରା କରିଥିଲା। ରଶ୍ମିତାଙ୍କୁ ମାରାଥନ ଜେରା ଏବଂ ଏକାଧିକ ପ୍ରଶ୍ନ ପଚରା ଯାଇଥିଲେ ମଧ୍ୟ ପୁଲିସକୁ ସନ୍ତୋଷଜନକ ଉତ୍ତର ମିଳି ପାରି ନଥିବା ଜଣାପଡ଼ିଛି। ୨୦୧୯ ମସିହାରେ ବଳରାମଙ୍କୁ ଅପହରଣ କରାଯାଇଥିଲା। ୭ ବର୍ଷ ହେବ ତଦନ୍ତ ଚାଲିଥିଲେ ମଧ୍ୟ ପୁଲିସ ବଳରାମ୍ଙ୍କ ସମ୍ପର୍କରେ ସାମାନ୍ୟତମ ଖବର ଯୋଗଡ଼ କରି ପାରି ନାହିଁ।

ସୂଚନା ମୁତାବକ, ୨୦୧୯ରେ ବଳରାମଙ୍କ ଅପହରଣ ପରିବାର ଲୋକେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ୭ ବର୍ଷ ବିତିଗଲା ପରେ ମଧ୍ୟ ତାଙ୍କର କିଛି ପତ୍ତା ନମିଳିବାରୁ ଉକ୍ତ ମାମଲାରେ ଦିଗ ବଦଳିଥିଲା। ରଶ୍ମିତା ଓ ବଳରାମଙ୍କର ନିବିଡ଼ ପ୍ରେମ ସମ୍ପର୍କ ଥିବା କଥା ସାମ୍ନାକୁ ଆସିବା ପରେ ରଶ୍ମିତାକୁ ପୁଲିସ୍ ଗିରଫ କରିଥିଲା। ପ୍ରେମରେ ପ୍ରତାରଣା ଯୋଗୁଁ ଏହି ଅପହରଣ ହୋଇପାରି ଥାଏ ବୋଲି ପୁଲିସ ସନ୍ଦେହ କରୁଛି।

# ଝିଅର ସାଙ୍ଗକୁ ଅସଦାଚରଣ; ଦୋଷୀକୁ ୧୦ ବର୍ଷ ଜେଲ୍



ଭୁବନେଶ୍ୱର, ୨୦।୧ (ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅସଦାଚରଣ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଆଡ୍ହକ୍ ଆଡିସନାଲ ସେସନ୍ସ ଜଜ୍ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ)ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ଆସାମୀ ମହେଶ୍ୱର ଭୋଇ ଓରଫ୍ ମଇନାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ମହେଶ୍ୱରର ଝିଅ ଓ ୧୪ ବର୍ଷୀୟା ପୀଡ଼ିତା ଗୋଟିଏ ଡ୍ୟାନ୍ସ କ୍ଲାସକୁ ଯାଆନ୍ତି। ମହେଶ୍ୱର ଅନେକ ସମୟରେ ଝିଅ ଓ ପୀଡ଼ିତା ନାବାଳିକାଙ୍କୁ ଏକାଠି ନେବା ଆଣିବା କରୁଥିଲା। ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ୍ ଆଣିଲେ ଟଙ୍କା ମିଳିବ ବୋଲି ନିଜ ଝିଅ ମାଧ୍ୟମରେ ପୀଡ଼ିତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲା। ଗତବର୍ଷ ଏପ୍ରିଲ ୨୮ ତାରିଖ ଦିନ ପୀଡ଼ିତା ନିଜର ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ୍ ନେଇ ମହେଶ୍ୱର ଘରକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ମହେଶ୍ୱ ନାବାଳିକାଙ୍କୁ ଅସଦାଚରଣ କରିଥିଲା। ସେହି ସମୟରେ ନାବାଳିକାଙ୍କର କିଛି ଅଶ୍ଳୀଳ ଫଟୋ ଉଠାଇଥିଲା। ପରବର୍ତ୍ତୀ ସମୟରେ ମହେଶ୍ୱର ଫଟୋକୁ ଫେସବୁକରେ ଭାଇରାଲ କରି ଦେଇଥିଲା। ନାବାଳିକାଙ୍କ ମାଆ ଏନେଇ ଅଭିଯୋଗ କରିବା ପରେ ବାଲିପାଟଣା ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ବାଲିପାଟଣା ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ମାମଲାର ତଦନ୍ତ କରି ମହେଶ୍ୱରକୁ ଗିରଫ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ମାମଲାର ବିଚାର କରି ମହେଶ୍ୱରକୁ ୨ଟି ଦଫାରେ ଯଥାକ୍ରମେ ୧୦ ବର୍ଷ ଓ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ସହିତ ୩୫ ହଜାର ଟଙ୍କା ଜୋରିମାନା ଦେବାକୁ ଆଦେଶ ଦେଇଛନ୍ତି। ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଚାଲିବ ବୋଲି ମାନ୍ୟବର ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ଏହି ମାମଲାକୁ ପରିଚାଳନା କରିଥିଲେ।

## ଚନ୍ଦନ ହଜୁରୀଙ୍କ ସ୍ମୃତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୨୦।୧(ସମିସ): ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆଙ୍କ ସ୍ମୃତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚନ୍ଦନ ହଜୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୂଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହ ଚନ୍ଦନ ହଜୁରୀଙ୍କ ଦେଶପ୍ରେମ, ଆତ୍ମବଳିଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ।

# ରାମ ମନ୍ଦିର ତାଲା ଭାଙ୍ଗି ସୁରକ୍ଷାକର୍ମୀଙ୍କୁ ହତ୍ୟାଧମକ

ଭୁବନେଶ୍ୱର, ୨୦।୧(ସମିସ): ଖାରବେଳ ନଗରସ୍ଥିତ ଶ୍ରୀରାମ ମନ୍ଦିରରେ ପୂଜକଙ୍କ ବିଶୃଙ୍ଖଳା ବଢ଼ିବାରେ ଲାଗିଛି। ମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ଆୟୁକ୍ତଙ୍କ ନିର୍ଦ୍ଦେଶ ନମାନି ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରିବା ସହ ମନ୍ଦିରରେ ଭଙ୍ଗାରୁଜା କରିବା ସହ ପ୍ରଶାସନର କର୍ମଚାରୀଙ୍କୁ ହତ୍ୟାଧମକ ଦିଆଯାଉଛି। ମଙ୍ଗଳବାର ଏଭଳି କାର୍ଯ୍ୟକୁ ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ପାଣି ଖାରବେଳନଗର ଥାନାରେ ଦୁଇ ପୂଜକଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପାଇ ଘଟଣାର ଅନୁସନ୍ଧାନ ଚଳାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ୟୁନିଟ-୩ସ୍ଥିତ ଶ୍ରୀମରାମନ୍ଦିର ୨୦୧୯ରେ ଦେବୋତ୍ତର ବିଭାଗ ଅଧୀନକୁ ଆସିବା ପରଠୁ ଦେବୋତ୍ତର ଆୟୁକ୍ତ ମନ୍ଦିରର ନୀତିକାନ୍ତି, ଯାନିଯାତ୍ରା ସାଙ୍ଗକୁ ମନ୍ଦିରର ବିକାଶମୂଳକ କାର୍ଯ୍ୟ କରିବା ଲାଗି ଜଣେ ଓଆର୍ଏସ୍ ଅଧିକାରୀଙ୍କୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦେବା ସହ ଟ୍ରଷ୍ଟବୋର୍ଡ ଗଠନ ହୋଇଥିଲା। ଟ୍ରଷ୍ଟବୋର୍ଡ ସଦସ୍ୟ ଗତ ଦୁଇବର୍ଷ ଭିତରେ ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ ହାତକୁ ନେଉଛନ୍ତି ସେଥିରେ ଶ୍ରୀରାମ ମନ୍ଦିର ପୂଜକ ମହାରୁଦ୍ର ଝା(ରାମ ପୂଜାରୀ) ବିଭ୍ରାଟ ସୃଷ୍ଟି କରିବା ସହ ସେମାନଙ୍କ ଆଦେଶକୁ ମାନୁ ନ ଥିବା ସହ ମନ୍ଦିର ଦାନହୁଣ୍ଡି ନିକଟରେ ଥାଳି ବସାଇ ଭକ୍ତଙ୍କୁ ଦାନ ଅର୍ଥ ହୁଣ୍ଡିରେ ନ ପକାଇ ଥାଳିରେ ପକାଇବାକୁ ପ୍ରବର୍ତ୍ତାଉଥିବା ଅଭିଯୋଗ ହୋଇଛି। ଏପରିକି ମନ୍ଦିର ପ୍ରଶାସନର ଅନୁମତି ନ ନେଇ ବାହାର ପୂଜକଙ୍କୁ ଆଣି ମନ୍ଦିରରେ ବସାଇ ମୋଟା ଅଙ୍କର ଅର୍ଥ ଉପାର୍ଜନ ସହ ମନ୍ଦିରରେ ଅନ୍ୟପୂଜକଙ୍କୁ ଏକାଠି କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚୁଥିବା ଅଭିଯୋଗ ହୋଇଛି। ଗତକିଛି ଦିନ ହେବ ଦିଅଁଙ୍କ ରୋଷଘର ରାସ୍ତା ଦେଇ ଅବାଧ ଯାତାୟତକୁ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିବା ବେଳେ ମନ୍ଦିର କାର୍ଯ୍ୟନିର୍ବାହୀ ରୋଷଘର ରାସ୍ତା ଫାଟକରେ ତାଲା ପକାଇଥିଲେ। ମଙ୍ଗଳବାର ସକାଳେ ପୂଜାରୀ ଶ୍ରୀ ଝା ତାଲା ଖୋଲିବାକୁ ସୁରକ୍ଷାକର୍ମୀଙ୍କୁ କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଗ ବୁହା ସମୟରେ ତାଲା ଖୋଲିବାକୁ କହିବାରୁ ଏଥିରେ ଶ୍ରୀ ଝା ଉତ୍କ୍ଷିପ୍ତ ହୋଇଯାଇ ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କୁ ଗାଳିଗୁଲଜ ସହ ହତ୍ୟାଧମକ ଦେଇ ରାଧାକୃଷ୍ଣ ମନ୍ଦିର ପୂଜକ ଶିବ ଚରଣ ମିଶ୍ରଙ୍କ ସହଯୋଗରେ ଜୋରଜବରଦସ୍ତ ମନ୍ଦିରର ତାଲା ଭାଙ୍ଗି ଦେଇଥିଲେ। ଏପରିକି ସହକାରୀ ଦେବୋତ୍ତର ଆୟୁକ୍ତ ଏବଂ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ ମାନିବେ ନାହିଁ ବୋଲି ଖୋଲାଖୋଲି କହିଥିଲେ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ମନ୍ଦିର କର୍ମଚାରୀ ବ୍ରଜ ସୁନ୍ଦର ବେହେରା ଓ ସୁରକ୍ଷାକର୍ମୀ ନନ୍ଦ ପ୍ରଧାନଙ୍କ ଅଭିଯୋଗ ଅନୁସାରେ ଖାରବେଳନଗର ଥାନାରେ ଦୁଇ ପୂଜକଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିବା ବେଳେ ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ସମ୍ପୃକ୍ତ ଦୁଇ ପୂଜକଙ୍କ ନାଁରେ ଅଭିଯୋଗ ଆସିଛି। ଏହାକୁ ଅନୁସନ୍ଧାନ କରାଯାଉଛି।

**ଦୁଇ ପୂଜକଙ୍କ ନାଁରେ ଥାନାରେ ଏତଲା**

## ନୂଆପଡ଼ା ବିଧାନସଭା ବିକାଶ ସମିତି ବୈଠକ

# ସମର୍ପିତ ସେବା କରିବାକୁ ଅଧିକାରୀଙ୍କୁ ଆହ୍ୱାନ

ନୂଆପଡ଼ା, ୨୦।୧(ସମିସ)



ନୂଆପଡ଼ା ବିଧାନସଭା କ୍ଷେତ୍ର ବିକାଶ ସମିତି ବୈଠକ ସ୍ଥାନୀୟ ସଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ନୂଆପଡ଼ା ଜୟ ଢୋଲକିଆ ଅଧ୍ୟକ୍ଷତା କରି ସମର୍ପିତ ଭାବରେ ଜନ ସାଧାରଣଙ୍କୁ ସେବା ଯୋଗାଇ ଦେବାପାଇଁ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ବିଧାୟକ ନୂଆପଡ଼ା ବିଧାନସଭା କ୍ଷେତ୍ରରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ କୋଠାବାଡ଼ି ବିଭାଗ, ଗ୍ରାମ୍ୟ ବିକାଶ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଉଠା ଜଳସେଚନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ ଇତ୍ୟାଦି ବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ବିଧାୟକ ଓ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପନିର୍ଦ୍ଦେଶକ ପରିସଂଖ୍ୟାନ ଡିଲେଶ୍ୱର ଧରୁଆ ବିଭିନ୍ନ ବିଭାଗର ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ। ଗୋଟି ଗୋଟି କରି ସମସ୍ତ ବିଭାଗୀୟ ଅଧିକାରୀମାନେ ଗୃହକୁ ନିଜ ନିଜ ବିଭାଗର ସଫଳତା ଓ ଭବିଷ୍ୟତ କାର୍ଯ୍ୟଖସଡ଼ା ସମ୍ବନ୍ଧରେ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବିଧାନସଭା କ୍ଷେତ୍ରରେ ୨୦ କୋଟି ୫୦ ଲକ୍ଷ ବ୍ୟୟରେ ୩୧୧ ଟି ପ୍ରକଳ୍ପ ଅନୁମୋଦିତ ହୋଇଥିବା ବେଳେ ଏଥିରୁ ୭୦ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବିଧାୟକଙ୍କ ଅନୁଦାନରେ ୨୩୦ ଟି ପ୍ରକଳ୍ପ ପାଇଁ ୭ କୋଟି ଟଙ୍କା ବ୍ୟୟ ଅଟକଳରୁ ୧୬୧କାମ ସମ୍ପୂର୍ଣ୍ଣ ହୋଇଛି। କେବିକେ ବିକାଶ ଯୋଜନାରେ ୨ କୋଟି ଟଙ୍କାର ୫୪ ଟି ପ୍ରକଳ୍ପରୁ ୨୨କାମ ସମ୍ପୂର୍ଣ୍ଣ ହୋଇଛି। ୩୬ ଲକ୍ଷ ଟଙ୍କାରେ ଅନୁମୋଦିତ ୧୮ ଟି ଅଙ୍ଗନବାଡ଼ି କେନ୍ଦ୍ରରୁ ୮ ଟି ସମ୍ପୂର୍ଣ୍ଣ ହୋଇଛି। ୪୮ ଟି ବନ ସୁରକ୍ଷା କୋଠାରୁ ୧୩ ଟି ନିର୍ମିତ ହୋଇଛି। ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୬ ଟି ଅତିରିକ୍ତ ଶ୍ରେଣୀ ଗୃହ ମଧ୍ୟରୁ ୭ ଟି ସମ୍ପୂର୍ଣ୍ଣ ହୋଇଛି। ୧୪ କୋଟି ଟଙ୍କା ବ୍ୟୟରେ ଜିଲ୍ଲା ସଂସ୍କୃତି ଭବନ କାମ ଆରମ୍ଭ ହୋଇଛି। ନୂଆପଡ଼ା ଟାଉନ ହଲ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବିଧାୟକ ପତୋରା ଡେମରୁ ସ୍ଥାନୀୟ ସିଲଦା ରିଜର୍ଭ କଲୋନୀକୁ ପାନୀୟ ଜଳ ଯୋଗାଣ, ବିଭିନ୍ନ ଗ୍ରାମରେ ଅଧିକ ସଂଖ୍ୟାରେ ନଳକୂପ ଖନନ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଗ୍ରାମମାନଙ୍କରେ ମୋବାଇଲ ସିଗନାଲ ନାହିଁ, ସେଠାରେ ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ଓ କୋମନା ବିଡିଓ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ। ଶେଷରେ ଏପିଡି କ୍ଷମାନିଧି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କଳାହାଣ୍ଡି ଉତ୍ସବ 'ଘୁମୁରା'

# ଆର୍ମି, ଏୟାର ଫୋର୍ସ ଓ ନାଭାଲ କ୍ୟାଡେଟ୍ସଙ୍କ ସେବା ଅତୁଳନୀୟ

**ଭବାନୀପାଟଣା, ୨୦।୧(ସମିସ):** ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିବର୍ଷ ଏସ୍‌ସିସି କ୍ୟାଡଟସମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଯେତେ ପ୍ରଶଂସା କଲେ ମଧ



କମ ହେବ। କାରଣ ଦିନତମାମ ଏବଂ ରାତିର ସମସ୍ତ ଉତ୍ସବ କାର୍ଯ୍ୟକ୍ରମ ସରିବା ଯାଏଁ ନିଜ ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ କରି ଆସିଥାନ୍ତି। ଜିଲ୍ଲା ଓ ଜିଲ୍ଲା ବାହାରୁ ଆସୁଥିବା କଳାକାରଙ୍କୁ ଠିକ ରୂପେ ମଞ୍ଚରେ ପହଞ୍ଚାଇବା, ନିମନ୍ତ୍ରିତ ଅତିଥିଙ୍କ ସ୍ୱାଗତ କରିବା ସର୍ବୋପରି ବିପୁଳ ସଂଖ୍ୟାରେ ପୁଲିସ ବ୍ୟବସ୍ଥା ସତ୍ତ୍ୱେ ଏହି ୭୫ଜଣ କ୍ୟାଡଟସ ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ କାର୍ଯ୍ୟ କରିଥିବା ଲକ୍ଷ୍ୟ କରାଯାଇଥିଲା। ଏ କ୍ଷେତ୍ରରେ ଗଠନ ହୋଇଥିବା କମିଟିର ଅଧକ୍ଷ ଜୟଦେବ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ ସଂଯୋଜକ ଦାୟିତ୍ୱ ତୁଲାଇଥିବା ସଂଗେ ସଂଗେ ଉପାଧକ୍ଷ ରବି ପ୍ରସାଦ କାନୁନଗୋ, ଆବାହକ ଗଙ୍ଗାଧର ନନ୍ଦ ଏବଂ ନଳିନୀ କାନ୍ତ ରଣା, ସୃଚିତ ମୁଣ୍ଡଲୀ ଓ ସୁଶାନ୍ତ କୁମାର ଦାସ ପ୍ରମୁଖ ମାର୍ଗ ଦର୍ଶକଥିଲେ। ଉତ୍ସବ ଆରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଉତ୍ସବର ସଫଳତା ଦିଗରେ ସମସ୍ତେ ଚେଷ୍ଟା ଜାରୀ କାର୍ଯ୍ୟ କରୁଥିଲେ।

# ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ

**ଧର୍ମଗଡ଼, ୨୦।୧(ସମିସ):** ଧର୍ମଗଡ଼ ବ୍ଲକବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ପରିସର ଏବଂ ମେରଘରାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ସରପଞ୍ଚ ମନୋଜ କୁମାର ନାଏକ, ରାଜସ୍ୱ ନିରୀକ୍ଷକ ରଞ୍ଜିତା ପ୍ରଧାନ, କାଙ୍କେରି ରାଜସ୍ୱ ନିରୀକ୍ଷକ ପ୍ରେମା ବାଣୁଆ, ରାଜସ୍ୱ ପରିଦର୍ଶକ ଚତୁର୍ଭୁଜ ନାଏକ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଥିଲେ। ମେରଘରା ଗ୍ରାମର ୨୨ଜଣ ଓ ବ୍ରାହ୍ମଣଛେଣ୍ଡିଆ ର ୧୦ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ସରକାର ବସୁନ୍ଧରା ଯୋଜନାରେ ଭୂମିହୀନ ହିତାଧିକାରୀଙ୍କୁ ଚିହ୍ନଟ କରି ଜମି ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ଯାହା ରାଜସ୍ୱ ରଥ ମାଧ୍ୟମରେ ଗାଁ ଗାଁ ଯାଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି। ତେବେ ପ୍ରଥମ ପର୍ଯ୍ୟାୟରେ ୩୨ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅନେକ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇ ଜମି ଓ ପଟ୍ଟା ଦେବା ବ୍ୟବସ୍ଥା କରାଯିବ ବୋଲି ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ତହସିଲର ଚନ୍ଦ୍ରକାନ୍ତ ଦୁରିଆ ଏବଂ ଶଶାଙ୍କ ଶେଖର ବିହାରୀ ସହଯୋଗ କରିଥିଲେ।

# ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୦।୧(ସମିସ):** ସ୍ଥାନୀୟ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ସାହୁ, ପ୍ରତିଭା ସାହୁ ଓ ସସ୍ମିତା ପଧାନ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ଅଚାରୀ ଏବଂ ଗୀତାଞ୍ଜଳି ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କର କରକମଳରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶର୍ବାଣୀ' ଉନ୍ମୋଚନ ହୋଇଥିଲା, ଯାହାକି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ଦାଶ, ତମସା ମହାପାତ୍ର, ମିନତୀ ଦାଶ, ଆଶୁତୋଷ ଦୁବେ, ଜଗମୋହନ ବିଶ୍ୱାଳ, ଉଦିତ ପ୍ରତାପ ସିଂ, ହୃଦୟ ରଞ୍ଜନ ଜଗଦଲା, ଶିକ୍ଷୟିତ୍ରୀ ପ୍ରଗତି ସେଠ, ଗୀତାଞ୍ଜଳି ନାଏକ, ସୂଦୀପ୍ତା ଦାଶ, ଆନନ୍ଦିନୀ



ଜାନୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଶ୍ରୀ କଲ୍ୟାଣୀ ଦାସ ଏବଂ ମୁଖ୍ୟବକ୍ତା ରୂପେ ନାଟ୍ୟଶ୍ରୀ ମନୋଜ ରଥ ଯୋଗ ଦେଇଥିଲେ।ବିଦ୍ୟାଳୟର ଛାତ୍ରୀମାନେ ସୁମଧୁର କଣ୍ଠରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରଧାନ ବିଦ୍ୟାଳୟର ଚଳିତ ବର୍ଷର ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜେତା ହୋଇଥିବା ଛାତ୍ରଛାତ୍ରୀ ସମ୍ମାନିତ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ରାଜୁ କୁମାର ଠାକୁର, ତିଳେଓତ୍ତମା ବାରିକ, ସୋଫିକା ପ୍ରଧାନ, ଆକାଂକ୍ଷା ସାହୁ, ଶୁଭଶ୍ରୀ ମହାନ୍ତି, ସୁଦେଷ୍ଣା ନାୟକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ, ସ୍ୱପ୍ନା ପ୍ରଧାନ, ହେମା ସାଥୁଆ, ଲୋକନାଥ ନାଏକ, ପୁଷ୍ପାଞ୍ଜଳି ବେହେରା ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋକୁଳ ଚନ୍ଦ୍ର ସାହୁ, ଧବଳେଶ୍ୱର ସିଂ, ସଞ୍ଜୀବ ଗୌଡ଼, ନରେଶ ମାଝୀ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ରାଜୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳମାଧବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼, ୨୦।୧(ସମିସ):** ଜୁନାଗଡ଼ ବ୍ଲକ ଚିଲିଗୁଡା ନୀଳ ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସତନାମୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି କୁନ୍ତଳା ରାଉତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଜୁନାଗଡ଼ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜୁନାଗଡ଼ ନୋଡାଲ ହାଇ ସ୍କୁଲର ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସବିତା ମେହେର, ସରପଞ୍ଚ ତାରା ଶଙ୍କର ରାୟଗୁରୁ, ଶିକ୍ଷାବିତ ସୁଧାଂଶୁ ଶେଖର ନେଗି, ଶଶିସେନ ଯୋଶୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସାମ୍ବାଦିକ ସୁନ୍ଦର୍ ମୋହନ ଛତ୍ରୀଆ, ପଦ୍ମନାଭ ନାଗ, ବ୍ରଜମୋହନ ପାତ୍ର, କବି ପ୍ରମୋଦ ଛତ୍ରିଆ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଶରତ ମଙ୍ଗରାଜ, ଅମୂଲ୍ୟ ମେହେର, ପ୍ରଭାତୀ ଛତ୍ରିଆ, ବିବେକାନନ୍ଦ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।ପୁରସ୍କାର ବିତରଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ନାଟିକ। ରେବତୀ ମଞ୍ଚସ୍ଥ କରାଯାଇଥିଲା। ଯାହାକି ଅନେକ ଲୋକଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଗିରିଧାରୀ ତାଣ୍ଡି, ସନ୍ତୋଷ ନାଏକ, ସ୍ୱନ୍ଦିତା ବେନିଆ, ବିଭାସ ରଞ୍ଜନ ସାହୁ, ଦେବେନ୍ଦ୍ର ଯାନୀ ଦାୟିତ୍ୱ ନେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳକଣ୍ଠ ନାଏକ ମଞ୍ଚ ପରିଚାଳନ। କରିଥିବା ବେଳେ ବିବେକାନନ୍ଦ ସୁନାନୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ନ୍ୟାସନାଲ କଲେଜର ବାର୍ଷିକ ଖେଳକୁଦ ଉଦ୍‌ଯାପିତ

**ନୂଆପଡ଼ା, ୨୦।୧ (ସମିସ):** ନୂଆପଡ଼ା ନ୍ୟାସନାଲ କଲେଜରେ ୧୯ ଏବଂ ୨୦ ଜାନୁୟାରୀ ୨୦୨୬, ଦୁଇ ଦିନ ଧରି ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଚାଲିଥିଲା। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ହିତେଶ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବରିଷ୍ଠ ଅଧ୍ୟାପକ ବିଧାନ ଚରଣ ମିଶ୍ର, ମମତା ପଟ୍ଟନାୟକ, ନନ୍ଦିନି ମଞ୍ଜରୀ ହୋତା, କପିଳଦେବ ପାଣିଗ୍ରାହୀ, ପ୍ରମୋଦ ରାଉତ, ଶୁକଦେବ ଭିଲ, ଗୋପିଗୋପାଲ ସୁନା, ବୈକୁଣ୍ଠ ବେହେରା, ଗୀତା ସେଠ, ମୀନାକ୍ଷୀ ଦାସ, ନମ୍ରତା ତ୍ରିପାଠୀ, ବିଶ୍ୱଜିତ କଲ୍ଟା, ହେମାଲ ସା, ହିମାଞ୍ଚଳ ନାୟକ ତଥା ସମସ୍ତ ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମକୁ ଆରମ୍ଭ ହେଲା ବୋଲି ଘୋଷଣା କରିଥିଲେ। ଖେଳକୁଦରେ ବିଭିନ୍ନ ବିଭାଗରେ ପ୍ରତିଯୋଗୀତା ଉଭୟ ବାଳକ ଓ





ବାଳିକା ବିଭାଗରେ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି କଲେଜ ଆଲିମୁନି ସଭାପତି ସରୋଜ କୁମାର ସାହୁ ଓ ସମ୍ମାନୀତ ଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କ୍ରୀଡ଼ା ଅଧ୍ୟାପକ ପ୍ରକାଶ କୁମାର ସାହୁ।

# ଲାଞ୍ଜିଗଡ଼ ବ୍ଲକ୍ କଂଗ୍ରେସ ନୂଆ ସଭାପତିଙ୍କୁ ସ୍ୱାଗତ

**ଲାଞ୍ଜିଗଡ଼, ୨୦।୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ନେତୃତ୍ୱ ନେବା ପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି



ଭାବେ ବରିଷ୍ଠ ନେତା ଗୋବିନ୍ଦ ପ୍ରଧାନୀଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅନୁମୋଦନ କ୍ରମେ ଲାଞ୍ଜିଗଡ଼ ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ବ୍ଲକ କଂଗ୍ରେସର କର୍ମକର୍ତ୍ତା ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ତାଙ୍କୁ ଲାଞ୍ଜିଗଡ଼ ବ୍ଲକର ଦାୟିତ୍ୱ ଦେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।







# ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ







ଭବାନୀପାଟଣା, ୨୦।୧(ସମିସ)

ବଙ୍କିମ ଚନ୍ଦ୍ରଙ୍କ ରଚିତ 'ବନ୍ଦେ ମାତରଂ'କୁ ୧୫୦ ବର୍ଷ ପୂର୍ତ୍ତି ହୋଇ ଥିବାରୁ ସାରା ଦେଶରେ ପାଳିତ ହେଉଛି ଉତ୍ସବ। ବିଭିନ୍ନ ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ପାଳିତ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରିସରରେ ବିଡିଓ ବିପିନ ବିହାରୀ ଦୀପଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି ବନ୍ଦେ ମାତରଂ ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ। ନର୍ଲା ଯୁକ୍ତ ଦୁଇ କଲେଜ, ନର୍ଲା ଡିଗ୍ରୀ କଲେଜ, ନର୍ଲା ପଞ୍ଚାୟତ ସମିତି ହାଇସ୍କୁଲ, ନର୍ଲାରୋଡ ଜୟଦୁର୍ଗା

**ନର୍ଲା ବ୍ଲକ୍**

ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାଉଣ୍ଟେନ କିଡ୍ସ ଇଂଲିଶ ମିଡିୟମ ସ୍କୁଲ ଓ କଲେଜ, ଜବାହାର ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ପ୍ରଭୃତିର ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ପ୍ରଥମେ ମଞ୍ଚରେ ଭାରତ ମାତାଙ୍କୁ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଅତିଥି ବୃନ୍ଦ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକଙ୍କ ନେତୃତ୍ୱରେ ଦେବରାଜ ଗୌଡ, ଜୟଦେବ ପୋଢ ଓ ଗୁରୁମାମାନେ ଭାରତ ମାତା ପୂଜନରେ ସହଯୋଗ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ଠିକ ୧୧ଘଣ୍ଟା ସମୟରେ ସାମୁହିକ ବନ୍ଦେମାତରଂ ଗାନ ଅନୁଷ୍ଠିତ ହୋଇଥିଲା। ନର୍ଲାରୋଡ ଜୟଦୁର୍ଗା ହାଇସ୍କୁଲର ଶାରିରୀକ ଶିକ୍ଷକ ନାରାୟଣ ପଧାନ କମାଣ୍ଡ କରିଥିଲେ। ନର୍ଲା ଯୁକ୍ତଦୁଇ କଲେଜର ପିଇଟି ସୁମନ୍ତ ପୁଝାରୀ, ଡିଗ୍ରୀ କଲେଜର ପିଇଟି କ୍ଷିତିଶ ଚନ୍ଦ୍ର ବର୍ଗତି ସହଯୋଗ କରିଥିଲେ। ଅନେକ ଯୋଶ ଓ ଉତ୍ସାହରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରଂ ଗାନ କରିଥିଲେ।ଏବିଇଓ ଗୋବର୍ଦ୍ଧନ ମାଝୀ ମଧ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ଅତିରିକ୍ତ ବିଡିଓ ଦେବେନ୍ଦ୍ର ସାମଲ, ଜିଲ୍ଲା ପରିଷଦ ହରି ଶଙ୍କର ମାଝୀ, କନିଷ୍ଠ ଯନ୍ତ୍ରୀ ଆଲୋକ ନାଏକ, ବିଚିତ୍ରାନନ୍ଦ ନାଏକ, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ମହାଲି, ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ବାସନ୍ତୀ ସାହୁ, ଜିପିଡିଓ ପ୍ରମୁଖ ଉପସ୍ଥିତ ଥିଲେ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ବେହେରା ଓ ଭୋଳାନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନର୍ଲା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଗୋଲାମୁଣ୍ଡା:** ରାଷ୍ଟ୍ରଗୀତ'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଅବସରରେ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଅବସରରେ ଗୋଲାମୁଣ୍ଡା ବ୍ଲକ ସ୍ଥିତ



ଶିବାଜୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନା କରିଥିଲେ। ଏହି ଗୀତ ଗାଇ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ହସି ହସି ଜେଲ୍ ଚାଲିଯାଉଥିଲେ, ତ କିଏ ନିଜର ପାଠପଢ଼ା ଓ ଚାକିରି ଆଦି ଛାଡି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେଉଥିଲେ, କିଏ ହସି ହସି ବିଟ୍ରିଶ ସରକାରଙ୍କ ଗୁଳିର ସମ୍ମୁଖୀନ ହେଉଥିଲେ ତ ଆଉ କିଏ ଫାଶୀ ଖୁଣ୍ଟରେ ଝୁଲି ଶହୀଦ ହୋଇଯାଉଥିଲେ। ଏହି ରାଷ୍ଟ୍ରଗୀତ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣାର ଗୀତ ଥିଲା। ତେବେ ଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ସମାଜ ସେବି ଶ୍ୟାମ ସୁନ୍ଦର ଅଗ୍ରୱାଲ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ରାଷ୍ଟ୍ରଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଉତ୍ସବ ଅବସରରେ ସାମୂହିକ ଶପଥ ଗ୍ରହଣ ଓ ବନ୍ଦେ ମତରମ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ବିଡ଼ିଓ ଶରତ ଚନ୍ଦ୍ର ସେଠୀ, ବିଧାୟିକା ପ୍ରତିନିଧି ସତ୍ୟ ନାରାୟଣ ସାହୁ, ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ଦୁର୍ଗା ମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଆଚାରୀ, ଅତିରିକ୍ତ ତହସିଲଦାର ମଞ୍ଚାସୀନ ହୋଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ମିଶି ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ଗୀତରେ ନାଚିଥିଲେ। ତା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କର୍ମଚାରୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀ, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ସାମିଲ ଥିଲେ।

**କୋକସରା:** କୋକସରା ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହା ବିଦ୍ୟାଳୟରରେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ର ୧୫୦ତମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ସାମୂହିକ ରାଷ୍ଟ୍ରଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋକସରା ବିଡିଓ ଡ଼ଃ ହିମାଞ୍ଚଳ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଏବିଓ ତୋଫାନ ମାଝୀ, ଡିଗ୍ରୀ



କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା, ତ୍ରିନାଥ ଶବର, ସାଂସଦ ପ୍ରତିନିଧି ଭାବେ ଦୁର୍ଗା ପ୍ରସାଦ ପ୍ରଧାନୀ, ଟେମେରା ସରପଞ୍ଚ କ୍ଷିତୀରାମ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜବାହର ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରିଥିଲେ। ଶିକ୍ଷକ ସଞ୍ଜିବ ପାଢ଼ୀ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ନିଳାମ୍ବର ଦାସ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଜିପିଡିଓ ମିଳୁ ପ୍ରଧାନୀ, ଅଧ୍ୟାପକ ଅଶ୍ୱିନ ପଟ୍ଟନାୟକ, ଖେଳ ଶିକ୍ଷକ ଅମିତ ମହାନ୍ତି ଓ ପ୍ରତାପ ବିଶି, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ନାଏକ, ଯୁକ୍ତ +୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ଯୁଗଲ କିଶୋର ବାଗ, ସ୍ୱାଧିନ ପୁଝାରୀ, ରାମକୃଷ୍ଣ ଚୌଧୁରୀ, ସୁଜୀତ କୁମାର ପଣ୍ଡା, ମହୋନ କୁମାର ବାଗ, ଗିରିଧାରୀ ବିଶି, ଜ୍ୟୋତିର୍ମୟୀ ପାଣିଗ୍ରାହୀ, ଲିପ୍ସା ଦାସ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

**ଧର୍ମଗଡ଼:** ବନ୍ଦେ ମାତରମ ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଜାତୀୟତା ଓ ଦେଶାତ୍ମବୋଧକକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ବନ୍ଦେ ମାତରମ ଗୀତକୁ ସାମୂହିକ ଭାବେ ଦେଶବାସୀ ସମ୍ମାନ ଜଣାଇ ଗାନ କରିଛନ୍ତି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ ଏହି ସଙ୍ଗୀତକୁ ୧୯୫୦ ମସିହା ଗଣତନ୍ତ୍ର ଦିବସରେ ଜାତୀୟ ସଙ୍ଗୀତ ଭାବେ ମାନ୍ୟତା ପ୍ରଦାନ ମିଳିଥିଲା। ଆଜି ଧର୍ମଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ସଙ୍ଗୀତ ବନ୍ଦେ ମାତରମକୁ ସାମୂହିକ ଭାବେ ଗାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀ, ଡେପୁଟି କଲେକ୍ଟର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନି ମାଝୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁପାନନ୍ଦ ଭୋଇ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ଲକର ସମସ୍ତ କର୍ମଚାରୀ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମସ୍ତ ସିଆରସିସି ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରି ତାର ମହତ୍ୱ ଉପରେ ଆଲୋପାତ କରିଥିଲେ।

## ଲାଞ୍ଚ ମାମଲାରୁ ପୁଲିସ ଏଏସ୍ଆଇ ଖଲାସ

**ଭବାନୀପାଟଣା, ୨୦।୧(ସମିସ):** ଭବାନୀପାଟଣା ସଦର ଥାନାର ପୂର୍ବତନ ପୁଲିସ ଏଏସ୍ଆଇ ସୁବାଷ ଚନ୍ଦ୍ର ଗୁରୁ ପ୍ରମାଣ ଅଭାବରୁ ଲାଞ୍ଚ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ପ୍ରକାଶ ଯେ, ଗତ ୨୦୧୪ ମସିହାରେ ସଦର ଥାନା ଅଧିନସ୍ଥ ମନୋହରପୁର ଗ୍ରାମର ସୁଦର୍ଶନ ସାଙ୍କ ଠାରୁ ଏକ ମାମଲା ରଫା ଦଫା କମ କରିବା ଓ ଜେଲକୁ ନ ପଠାଇବା ପାଇଁ ପୁଲିସ ଏଏସ୍ଆଇ ଶ୍ରୀ ଗୁରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭବାନୀପାଟଣା ଭିଜିଲାନ୍ସ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲେ । ପରେ କୋରାପୁଟ ଭିଜିଲାନ୍ସ ବିଭାଗ ଏକ ମାମଲା ନଂ (୨୪/୧୪) ରୁଜୁ କରି ତାରିଖ ୭.୭.୨୦୧୪ ରେ ପୁଲିସ ଏଏସ୍ଆଇ ଶ୍ରୀ ଗୁରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ପୁଲିସ ଏଏସଆଇ ଶ୍ରୀ ଗୁରୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ପରିଚାଳନା କରିଥିଲେ ।

## ବାବା ଅଲ୍ଲୀ ଖାଁ କଳାହାଣ୍ଡି ଡିସିସି ସମ୍ପାଦକ



**ଭବାନୀପାଟଣା, ୨୦।୧(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟିର ନୂତନ ସମ୍ପାଦକ ଭାବେ ବାବା ଅଲ୍ଲୀ ଖାଁକୁ ମନୋନୀତ କରାଯାଇଛି । ଏ ନେଇ ଶ୍ରୀ ଖାଁ ତାଙ୍କର ଜୀବନ କାଳ ଭିତରେ ସେ ଛାତ୍ର ନେତାରୁ ରାଜନୀତିକୁ ଆସି କଂଗ୍ରେସର ନୀତି ଆଦର୍ଶକୁ ଅନୁଶରଣ କରି ଦଳ ଯାହା ଦାୟିତ୍ୱ ଦେଇଛନ୍ତି ସବୁ କାର୍ଯ୍ୟକୁ ସୁରୁ ଖୁରୁ ଭାବରେ ତୁଲାଇ ଆସିଛନ୍ତି ବୋଲି କହିଛନ୍ତି । ତାଙ୍କୁ ପୁନର୍ବାର ଜିଲ୍ଲା ସମ୍ପାଦକ ଚୟନ କରାଯାଇଥିବାରୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ର ସଭାପତି ଭକ୍ତ ଚରଣ ଦାସ, ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### କଳାହାଣ୍ଡି ଜିଲ୍ଲାରେ ଧାନ କିଣା ନୀତି ବାଟବଣା

# ୮୫ ହଜାର ଚାଷୀ ବିକିଛନ୍ତି ୪୦ଲକ୍ଷ ୨୯ ହଜାର କୁଇଣ୍ଟାଲ ଧାନ

**ଭବାନୀପାଟଣା, ୨୦।୧(ସମିସ)**

କଳାହାଣ୍ଡି ଜିଲ୍ଲାରେ ଗତ ୧୪ତାରିଖରୁ ୧୭ତାରିଖ ଯାଏଁ କଳାହାଣ୍ଡି ଉତ୍ସବ 'ଘୁମୁରା' ପ୍ରତିବର୍ଷ ପାଳନ କରାଯାଏ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ତାରିଖ ଅନୁସାରେ ଆଉ ଗୋଟିଏ ଦିନ ଅର୍ଥାତ ୧୮ ତାରିଖକୁ ଉତ୍ସବ ସହିତ ଯୋଡି ଦିଆ ଯାଇଥିଲା। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ରେଣ୍ଡୋମାଝୀ ମଞ୍ଚରେ ପହଞ୍ଚି ଥିଲେ। ମଞ୍ଚରେ ଉପସ୍ଥିତ ଅତିଥିଗଣ ନିଜ ଅଭିଭାଷଣ ରଖିଥିଲେ। ଯେତେବେଳେ ନର୍ଲାର ବିଜେଡ଼ି ବିଧାୟକ ମନୋରମ ମହାନ୍ତିଙ୍କ ପାଳି ପଡ଼ିଲା ସେ ନିଜ ବକ୍ତ୍ୟବ ଆରମ୍ଭ କଲେ। ମନୋରମାଙ୍କ ଭାଷଣ ଉପସ୍ଥିତ ଦର୍ଶକ କଳାପ୍ରେମୀଙ୍କୁ ଛୁଇଁବା ସହିତ ଚାଷୀ ପାଇଁ ଯେଉଁ ଦୁଃଖ ଜଣାଇଲେ ତାହା ସମ୍ପୂର୍ଣ୍ଣ ନିଆରା ଥିଲା। ସେ କହିଥିଲେ କଳାହାଣ୍ଡି ଉତ୍ସବର ମାଟି ସଂସ୍କୃତିର ମାଟି। ଏହି ଜିଲ୍ଲାକୁ ଯିଏ ବି ଆସିଲେ ଅତିଥି ସତ୍କାରରେ କେବେ ଊଣା କରାଯାଏ ନାହିଁ। ମୁଖ୍ୟମନ୍ତ୍ରୀ ଆସିଛନ୍ତି ମାଁ ମାଣିକେଶ୍ୱରୀ ତାଙ୍କୁ ଘଣ୍ଟ ଘୋଡେଇ ରଖନ୍ତୁ। ଯେ ହେତୁ ସେ ଅତିଥି କିଛି ନ ହେଲେ ନାହିଁ ବାସୀ ପଖାଳ ଟିକେ-ଟମାଟ ଚିପଜା ସଂଗେ ପୁଡା ମାଛ କି ସାରୁ ବେସର ଖାଇ କି ଯିବେ ତେଣୁ ଆଉ ଗୋଟେ ଦିନ ଆମ ଜିଲ୍ଲାରେ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ଆମ ପାଇଁ ଜିଲ୍ଲାରେ କୁଣିଆ ହୋଇ ଆସିଛନ୍ତି ସେଥି ପାଇଁ ପଦେ ଦିପଦ ସୁଖ ଦୁଃଖ ହେବା ନିହାତି ଜରୁରୀ। ତେବେ ଆଜି ମୋ ମନର ଦୁଃଖ କହୁଛି ରେଣ୍ଡୋ ମାଝୀ ମଞ୍ଚରେ ଆମେ ସମସ୍ତେ କିନ୍ତୁ ଏଭଳି ହାଡ଼ ଭଙ୍ଗା ଶୀତରେ ଚାଷୀ ଜଗିଛି ମଣ୍ଡିରେ। ତା ଆଖିରେ ନିଦ ନାହିଁ। ଉତ୍ସବ ଜନ ସମୁଦ୍ର ପାଲଟିଛି ସତ ହେଲେ ଚାଷୀ ଭାଇମାନେ ଆସିଥିଲେ ଆଉ ଟିକେ ଭିଡ଼ ଜମିଥାନ୍ତା ମଜା ବି ଲାଗନ୍ତା। ମୁଖ୍ୟମନ୍ତ୍ରୀଙ୍କୁ କହିବି ଚାଷୀ ମନର ଦୁଃଖ ଦୂର କରନ୍ତୁ। କଳାହାଣ୍ଡି ମାଟି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାରେ ଊଣା କରିନି। ଆପଣ ଆସିଛନ୍ତି

### ମନୋରମାଙ୍କ ଭାଷଣରେ ଗୁଗଲି ବୋଲିଂ

### ମଞ୍ଚରେ ମୁଖ୍ୟମନ୍ତ୍ରୀ- ଚାଷୀ ମଣ୍ଡିରେ

ଚାଷୀ କଥା ବୁଝନ୍ତୁ। ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଏହି ସଂକ୍ଷିପ୍ତ ଅଭିଭାଷଣ ଯେମିତି ଗୁଗୁଲି ବଲ ଭଳି ଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ବଲକୁ ସାମ୍ନା ନକରି ବ୍ୟାଟ ଅନ୍ୟପଟେ ଘୁରାଇ ଚତୁରତାର ସହ ଜିଲ୍ଲାରୁ ଚାଲି ଯାଇଥିଲେ। ଚାଷୀ ସମସ୍ୟାର ଅନ୍ତଃ ଘଟୁନି। ମଣ୍ଡିରୁ ଧାନ କିଣା ଯେମିତି ବାଟବଣା ହୋଇଯାଇଛି। ପୂର୍ବରୁ ବିରୋଧୀ ଦଳ ଚାଷୀ ସମସ୍ୟାକୁନେଇ ସାମ୍ବାଦିକ ସମ୍ମିଳନୀ କରିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ବିଜେଡି ଓ କଂଗ୍ରେସର ଯୁବ ନେତାଙ୍କୁ ପୁଲିସ ଆଗୁଆ ଉଠାଇ ନେଇଥିଲା। ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଏତେ ଡର କୁଆଡୁ ଆସିଲା ସେ ପ୍ରଶ୍ନ ଏବେ ଚାରିଆଡେ ପଚାରୁଛନ୍ତି। ପଦେ ମଧ ମଣ୍ଡି କଥା କହି ଚାଷୀଙ୍କୁ ଆଶ୍ୱାସନାର ଦୁଇ ଶବ୍ଦ ଉଚ୍ଚାରଣ ନକରି ଫେରିଯିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ବର୍ତ୍ତମାନ ଜିଲ୍ଲାର ଖରିଫ ଧାନ ସଂଗ୍ରହ କଥା କହିଲେ "ଖରିଫ୍ ଧାନବିକ୍ରି ବ୍ୟବସ୍ଥା ବାଟବଣା ହୋଇ ପଡ଼ିଛି। ଜିଲ୍ଲାରେ ଟୋକନ କଟକଣା, ଧାନ ଉଠାଣରେ ମନ୍ଥରତା,



କଟ୍ନୀଛଟ୍ନୀ ଆଦି ସମସ୍ୟା ଯୋଗୁଁ ଅନେକ ଚାଷୀ ଏ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ, ରବି ଚାଷ ପାଇଁ ଗତ ୭ ତାରିଖରୁ କେନାଲ ପାଣି ଆସିଥିବାବେଳେ ଚାଷୀ ଏ ଯାଏଁ ଖରିଫ ଧାନ ବିକ୍ରି କରିପାରି ନ ଥିବା ଯୋଗୁଁ ରବି ଚାଷକାର୍ଯ୍ୟ ସମୟ ଗଡୁଥିବାରୁ ଚାଷୀ ପ୍ରମାଦ ଗଣୁଛି। ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଜିଲ୍ଲାରେ ଦିନକୁ ଦେଢ଼ ଲକ୍ଷ କୁଇଣ୍ଟାଲ ଧାନ ଉଠାଣ କରାଯାଉଥିବା ସତ୍ତ୍ୱେ ମଧ ଗତ ବର୍ଷ ଖରିଫ ଧାନ କିଣା ଠାରୁ ପଛରେ ଚାଲିଛି।

ମିଳିଥିବା ସୂଚନା, ଅନୁଯାୟୀ ଗତ ବର୍ଷ ଖରିଫରେ ଜିଲାର ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ପୁନଶ୍ଚ ଉକ୍ତ ବର୍ଷ ୧ ଲକ୍ଷ ୧୪ ହଜାର ୫୮୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ତେବେ ଚଳିତ ବର୍ଷ ଖରିଫରେ ୧ ଲକ୍ଷ ୨୧ ହଜାର ୧୮୧ ଜଣ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଯାହାକି ଗତ ବର୍ଷ ଠାରୁ ୬୫୬୯ ଜଣ ଚାଷୀ ଅଧିକ ରହିଛନ୍ତି। ଯାହାଫଳରେ ଗତ ଖରିଫରେ ୬୦ ଲକ୍ଷ ୯୬ ହଜାର ୮୦୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଏଥର ପ୍ରାୟ ୬୪ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହେବ ବୋଲି ଅନୁମାନ କରାଯାଉଛି। ଜିଲ୍ଲାରେ ସୋମବାର ସୁଦ୍ଧା ୮୫ ହଜାର ୩୦ ଜଣ ଚାଷୀ ୪୦ଲକ୍ଷ ୨୯ ହଜାର ୫୧୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଗତ ବର୍ଷ ଏହି ଦିନରେ ୮୫ ହଜାର ୯୬୧ ଜଣ ଚାଷୀ ୪୩ ଲକ୍ଷ ୫୨ ହଜାର ୮୩୯ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ବର୍ତ୍ତମାନ ଜିଲ୍ଲାର ହଜାର ହଜାର ଚାଷୀ ଧାନ ବିକ୍ରି ଆଶାରେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି।ଅନେକ ଚାଷୀଙ୍କ ଟୋକନ ଅବଧି ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀମାନେ ଏବେ ଅଡୁଆରେ ପଡ଼ିଛନ୍ତି। ଅନ୍ୟପକ୍ଷରେ। ଜିଲା ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ଉଦ୍‌ଯାପନୀ ସଂଧ୍ୟାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କେବଳ ଏତିକି କହିଥିଲେ ଯେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅଧର୍ଯ୍ୟ ନହୁଅନ୍ତୁ। ସମସ୍ତଙ୍କ ଧାନ କିଣାଯିବା କେବେ ଦୂରହେବ ଚାଷୀ ସମସ୍ୟା। ଚାଷୀ ଘାଣ୍ଟି ହେଉଛନ୍ତି ମଣ୍ଡିରେ ଅଜବ ଧାନ କିଣା ପ୍ରକ୍ରିୟାକୁ ଦେଖି। କେଉଁ ମଣ୍ଡିରେ ଆବଶ୍ୟକ ମୁତାବକ ଟ୍ରକ୍ ପହଞ୍ଚୁ ନାହିଁ। ଧାନ ଶହ ଶହ କୁଇଣ୍ଟାଲ ଥିବା ମଣ୍ଡିରେ ଗାଡିର ଅଭାବ ଯୋଗୁଁ ଧାନ ଉଠୁନାହିଁ। ପ୍ରଥମ ଟୋକନର ଏମଏସପି ପାଇଥିବା ବେଳେ ଦ୍ୱିତୀୟ ଟୋକାନର ଇନପୁଟ ସହାୟତା ବୋନସ ଟଙ୍କା ପାଇନାହିଁ। ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର କେତକ ମଣ୍ଡି ପରିଦର୍ଶନ କରି ଏକାଧିକ ସମସ୍ୟାରେ ଚାଷୀ ସଢୁଥିବା ପ୍ରକାଶ କରିଛନ୍ତି। ଧାନ କିଣାନେଇ ପ୍ରଶାସନ ତତ୍ପରତାର ସହିତ କାର୍ଯ୍ୟକରିବାକୁ ଦାବି ହୋଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋକସରା, ୨୦।୧(ସମିସ):** କୋକସରା ବ୍ଲକ ମୁଷାପାଲି ଯମୁନାଦେବୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ଘିଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲେଖ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ଏସ୍ଏମସି ସଭାପତି ହୀରିଲାଲା ରାଉତ, ଲକ୍ଷ୍ମଣ ଗୋପାଳ, ପ୍ରଧାନ ଶିକ୍ଷକ ବିରଞ୍ଚି ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଘିଙ୍କୁ ଉପଢ୍ଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଲେଖ ଚନ୍ଦ୍ର ଗୋପାଳ ସଂଯୋଜନା କରିଥିଲେ। ଦିଗାମ୍ବର ନାଗ, ରୋହିତ ଗୋପାଳ, ଭିକାରୀ ଦୁର୍ଗା, ଜଗ ମୋହନ ଚନ୍ଦନ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଉପସ୍ଥିତି ଥିଲେ।




## ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୋକସରା, ୨୦।୧(ସମିସ):** ଛାତ୍ରଛାତ୍ରୀମାନେ ଯଦି ନିଷ୍ଠାର ସହିତ ପାଠ ପଢ଼ିବେ ନିଶ୍ଚିତ ସଫଳ ହେବ, କଠିନ ପରିଶ୍ରମ ନିଷ୍ଠା, ସାଧାନା ଓ ଅଧବସାୟ ଅସାଧାରଣ ସଫଳତା ଆଣିଦିଏ ବୋଲି ମଙ୍ଗଳବାର କୋକସରା ବ୍ଲକ ଆମପାଣି ସରକାରୀ ଏସ୍ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ମତ ରଖିଛନ୍ତି। ସରକାରୀ ଏସ୍ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଜୟ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ପଞ୍ଚାୟତ ସମିତି କଲେଜ ର ଅଧ୍ୟାପକ ଦେବେନ୍ଦ୍ର ମେହେର ମୁଖ୍ୟବକ୍ତା, ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ଆମପାଣି ସରକାରୀ ଏସ୍ଏସଡି ସ୍କୁଲ ର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାରୀ ନେତ୍ରୀ ତିଳୋତ୍ତମା ନାଏକ, ଏମ୍ଏମ୍ସି ସଭାପତି ରୁଷିମଣି ମାଝୀ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ଜିତେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହୋଇଥିବା ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଥବିରାମ ଦୀପ ମଞ୍ଚ ପରିଚାଳନା କରିଥିବାବେଳେ ଅଧାପିକା ମାନୀନି ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପୁଲସ୍ତି ମହାନନ୍ଦ, ପ୍ରେମାନନ୍ଦ ବେଶ୍ରା, ସୁଭଲକ୍ଷ୍ମୀ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

### ଅବକାରୀ ବିଭାଗ କାର୍ଯ୍ୟର ସମୀକ୍ଷା

## ଅପରେସନ ସଂସ୍କାର କାର୍ଯ୍ୟକ୍ରମ ଜାରି ରହିବ

**ନୂଆପଡ଼ା, ୨୦।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବକାରୀ ବିଭାଗର ରାଜସ୍ୱ ଆଦାୟ, ପ୍ରବର୍ତ୍ତନ କାର୍ଯ୍ୟକଳାପ ଏବଂ ଅବକାରୀ ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ, ଜନବସତି, ରାସ୍ତା କଡ ଇତ୍ୟାଦି ଅଞ୍ଚଳରେ ଦୃଢ଼ ହସ୍ତରେ ଚୋରା ମଦ ବିକ୍ରୟ କେନ୍ଦ୍ର ସବୁ ତୁରନ୍ତ ବନ୍ଦ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ 'ଅପରେସନ ସଂସ୍କାର'କାର୍ଯ୍ୟକ୍ରମ ଜାରି ରହିବ ଏବଂ ଆଗାମୀ ଦିନରେ ଅବକାରୀ କାର୍ଯ୍ୟକଳାପ କେମିତି ଆହୁରି ସୁଦୃଢ ହୋଇ ଜିଲ୍ଲାରେ ଅବୈଧ ଚୋରା ମଦ, ଗଞ୍ଜେଇ, ନିଶା କାରବାର ଉପରେ ରୋକ୍ ଲାଗିପାରିବ ତଥା ଜନ ସଚେତନତା ସୃଷ୍ଟି ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଗତବର୍ଷ ଭଳି ଏବର୍ଷ ମଧ୍ୟ ମହୁଲ ଫୁଲ ସଂଗ୍ରହକାରୀଙ୍କୁ ମହୁଲର ଉପଯୁକ୍ତ ମୂଲ୍ୟ ମିଳିବ ବୋଲି ଜିଲ୍ଲାପାଳ ଆଶ୍ୱସନା ଦେଇଥିଲେ। ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ ବିଭାଗର କାର୍ଯ୍ୟାବଳୀର ଖସଡ଼ା ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣା ପଡ଼ିଲା ଯେ, ଜିଲ୍ଲାରେ ୯୯ଟି ସରକାରୀ ମାନ୍ୟତାପ୍ରାପ୍ତ ଅବକାରୀ ଦୋକାନ ଅଛି। ୨୦୨୫ ବର୍ଷ ଶେଷ ସୁଦ୍ଧା ୧୫୧୯ ଗୋଟି ମାମଲା ଅନୁସନ୍ଧାନ କରାଯାଇ ୯୨୮ ଜଣଙ୍କୁ ଗିରଫ କରାଯାଇଛି। ୫୭୭ ଜଣଙ୍କ ବିରୋଧରେ ଅବକାରୀ କେଶ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।ସେହିପରି ବିଗତ ବର୍ଷରେ ୨୮୧୬୧ ଲିଟର ଦେଶୀମଦ, ୮୬୯୧ ଲିଟର ବାହାର ଭାଟି ମଦ, ୭୪୫୪୪୦ ଲିଟର ମହୁଲ ପୋଚ, ୨୩୦ କୁଇଣ୍ଟାଲ ମହୁଲ ଫୁଲ, ଅବୈଧ ଅବକାରୀ ପରିବହନ ରେ ଲିପ୍ତ ୪୪ ଟି ଦୁଇ ଚକିଆ ଗାଡ଼ି, ୬ ଟି ଚାରି ଚକିଆ ଗାଡ଼ି ଜବତ ହୋଇଛି। ସମର୍ପିତ ଭାବରେ ଜିଲ୍ଲାରୁ ଅବୈଧ ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।



## ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍

**ଲାଞ୍ଜିଗଡ଼, ୨୦।୧(ସମିସ):** ବନ୍ଦେ ମାତରଂର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ତରଫରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ଖେଳ ପଡ଼ିଆରେ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର, ସରପଞ୍ଚ ସଂଘ ସଭାପତି କାନ୍ଧରୁ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଳ, ସମାଜସେବୀ ହରିଶଙ୍କର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଯୋଗଦେଇ ସାମୂହିକ ବନ୍ଦେ ମାତରଂ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଂଯୋଜନା କରିଥିଲେ। ଏଥିରେ ବିଏସଏଓ ଅରବିନ୍ଦ ମହାପାତ୍ରଙ୍କ ସମେତ ସିଆରସିସି ଓ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ବିଦ୍ୟା ଶ୍ରୀ ନିକେତନ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧର୍ମଗଡ଼, ୨୦।୧(ସମିସ):** ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରାସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତୃତୀୟ ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବ ଏବଂ ବିଦ୍ୟାର୍ଥୀ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ତଥା ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ମୁଖ୍ୟବକ୍ତା ଭାବରେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କଳାହାଣ୍ଡି, ଭବାନୀପାଟଣା ପ୍ରକଳ୍ପ ପରିଚାଳକ ସମାଜସେବା ବିଭାଗର ପିତବାସ ବେହେରା, ସ୍ୱତନ୍ତ୍ର ଅତିଥି ଭାବରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଗଣକବି ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବରେ ଉକ୍ତ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ସତପଥି, ହିସାବ ରକ୍ଷକ ଓ ବୈଷୟିକ ପରିଚାଳକ ମହାସଂଘ ଓଡ଼ିଶା ସଭାପତି ପ୍ରଭାତ ତିୱାରୀ, ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବେହେରା ରାଜନୀତି ବିଜ୍ଞାନ ଅଧ୍ୟାପକ ମୋହନ ଚରଣ ବିଶି, ବେହେରା ସରକାରୀ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ, ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ଭକ୍ତ ଚରଣ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ।ଦେବୀ ଦନ୍ତେଶ୍ୱରୀଙ୍କ ପୂଜାର୍ଚ୍ଚନା କଲା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ଅଞ୍ଚଳରେ ଏପରି ଏକ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଏବଂ ଶିକ୍ଷା କ୍ଷେତ୍ରରେ ସମସ୍ତେ ଆଗକୁ ବଢ଼ିବା ଉପରେ ଉପସ୍ଥିତ ସମସ୍ତ ଅତିଥି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଯୁବ ରେଡକ୍ରସ୍ ୟୁନିଟ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ତାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିବା ବେଳେ, ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଏବଂ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।ଶେଷରେ ଛାତ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ସଂଯୋଜନା କରିଥିବା ବେଳେ ରାଜନୀତି ଅଧ୍ୟାପକ ଭୁଜବଳ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଭାଗ୍ୟବାନ ଦାସ, ଦେବେନ୍ଦ୍ର ରଣା, ରିଙ୍କୁ ଖମାରୀ, ଦିଲୀପ ବିଶି, ତୁଷାର ମେହେର ଅଧ୍ୟାପିକା ମଞ୍ଜରୀ ମାଝି, ପ୍ରତିଭା ବାଗ, ଦିପ୍ତିମୟୀ ବାଗ, ବବିତା ନାଏକ, ପିଅନ ଭାସ୍କର ଗୋପାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ନୂଆପଡ଼ା ବିଡିଓଙ୍କୁ ଆକ୍ରମଣ ମାମଲା

## ନିନ୍ଦା କଲା ଜିଲ୍ଲା ଓଏଏସ୍, ଓଆର୍ଏସ୍ ସଂଘ

**ନୂଆପଡ଼ା, ୨୦।୧(ସମିସ)**

ନୂଆପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇଙ୍କ ଉପରେ ଘଟିଥିବା ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିଛି ଜିଲ୍ଲାର ଓଏଏସ ଏବଂ ଓଆର୍ଏସ ସଂଘ। ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରି ଏହି ବର୍ବର ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛି ସଂଘ। ଏହା ସହିତ ସମସ୍ତ ଅଭିଯୁକ୍ତ ଗିରଫ ନହେବାଯାଏ ସମସ୍ତ ସଦସ୍ୟ କଳାବ୍ୟାଜ୍ ପରିଧାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସଂଘ ଦାବିପତ୍ରରେ ଜଣାଇଛି ଯେ, ନୂଆପଡ଼ା ବିଡ଼ିଓ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ଯାଉଥିବା ସମୟରେ ତାଙ୍କ ଉପରେ ଘଟିଥିବା ଶାରୀରିକ ଆକ୍ରମଣ, ଆପରାଧିକ ଧମକ ଏବଂ କର୍ତ୍ତବ୍ୟରେ ବାଧା ସୃଷ୍ଟି କରାଯାଇଥିବା ଦୁଃଖଦ ଓ ଅତ୍ୟନ୍ତ ନିନ୍ଦନୀୟ ଘଟଣାକୁ ସଂଘ ଦୃଢ଼ ଭାବେ ନିନ୍ଦା କରୁଛି।କାର୍ଯ୍ୟରତ ଅବସ୍ଥାରେ ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ଏକ ଘୃଣିତ ଅପରାଧ ଏବଂ କୌଣସି ପରିସ୍ଥିତିରେ ଏହା ସହ୍ୟ କରାଯିବ ନାହିଁ। ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନ ଅନୁଯାୟୀ ତତ୍କାଳ, କଠୋର ଓ ଉଦାହରଣମୂଳକ କାନୁନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ଼ ଦାବି କରୁଛି। ଏହାସହିତ, ସମସ୍ତ ପ୍ରଶାସନିକ ଅଧିକାରୀମାନେ ଯେପରି ଭୟମୁକ୍ତ ଓ ସ୍ୱାଧୀନ ଭାବେ ନିଜ କର୍ତ୍ତବ୍ୟ ପାଳନ କରିପାରିବେ, ସେଥିପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନଙ୍କୁ ଅନୁରୋଧ କରୁଛି। ଜିଲ୍ଲା ପ୍ରଶାସନ ନ୍ୟାୟର ସ୍ୱାର୍ଥରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରୀ ସେବାର ମର୍ଯ୍ୟାଦା ଅତୁଟ ରଖିବେ ଏବଂ ସମସ୍ତ ଦୋଷୀଙ୍କୁ ତତ୍କାଳ ଗିରଫ କରିବେ। ଏହା ନ ହେଲେ ସଂଘ ୨୭ ତାରିଖରୁ 'ପେନ୍ ଡାଉନ୍' ଆନ୍ଦୋଳନରେ ଯିବ ଏବଂ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଂଘର ସଦସ୍ୟମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ। ଜିଲ୍ଲାପାଳ ଅଧିକାରୀଙ୍କୁ ଆଶ୍ୱସନା ଦେଇ ଆକ୍ରମଣ ଘଟଣାର କିଛି ଅପରାଧୀ ଗିରଫ ହୋଇଛନ୍ତି ଏବଂ ସମସ୍ତଙ୍କୁ ତତ୍କାଳ ଗିରଫ କରିବା ପାଇଁ ପୁଲିସ୍ ପ୍ରଶାସନକୁ ଅନୁରୋଧ କରାଯାଇଛି। ଅଧିକାରୀ ମାନେ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ହୋଇ ନିଜନିଜ କର୍ତ୍ତବ୍ୟ ନିର୍ବାହ କରନ୍ତୁ। ସମସ୍ୟାର ଶୀଘ୍ର ସମାଧାନ ନିଶ୍ଚିତ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି।



### ସମସ୍ତ ଅଭିଯୁକ୍ତ ଗିରଫ ନହେବା ଯାଏ କଳା ବ୍ୟାଜ୍ ପରିଧାନ

## ଶୀଘ୍ର ଜମିପଟ୍ଟା ଯୋଗାଣ ପାଇଁ ଦାବି



**ଜୟପାଟଣା, ୨୦।୧ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ତହସିଲ ଧନସୁଲିପଞ୍ଚାୟତ ସାସ୍ତୁଗୁଡା ଗାଁର ଦୁଇଟି ହାମଲେଟପଡ଼ା ବଙ୍ଗଟିସାଦ ୧୮ ଟି, ଭାଟିପାସରେ ୩୭ ଟି ସହ ସାସ୍ତୁଗୁଡା ୨୧, ସୁନାମାଲରେ ୭ଚଞ୍ଚରାମାଲ ଆଦିରେ କିଛି ପରିବାରକୁ ନେଇ ୧୦୧ ଆଦିବାସୀ ପରିବାର ଦୀର୍ଘ ବର୍ଷରୁ ବସବାସ କରୁଥିବା ବେଳେ ସରକାରୀ ସର୍ଭେ ହୋଇନଥିଲା। ବାରମ୍ବାର ସେମାନେ ଜମି ପଟ୍ଟା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇଁ ଦାବି କରି ଆସୁଥିଲେ।ଆଦିବାସୀଙ୍କ ବର୍ଷବର୍ଷର ଦାବି କ୍ରମେ ଜୟପାଟଣା ତହସିଲଦାର ନିର୍ଦ୍ଦେଶରେ ଏକ ଏନଜିଓ, ଆରଆଇ ଓ ଜଙ୍ଗଲ ବିଭାଗକୁ ନେଇ ମିଳିତ ସର୍ଭେ କରି ବସବାସ କରୁଥିବା ଆଦିବାସୀଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବା ସହ ବାଙ୍ଗଟିସାଡକୁ ନୂତନ ଗାଁ ମାନ୍ୟତା ଦେବା ସହ ଭାଟିପାସକୁ ସାସ୍ତୁଗୁଡା ଗାଁରେ ମିଶ୍ରଣ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଯଥାଶୀଘ୍ର ସର୍ଭେ ସାରି ଆଦିବାସୀଙ୍କୁ ଜମିପଟ୍ଟା ଦେବା ସହ ଅଞ୍ଚଳରେ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପଟେ କାମ ପାଇଁ ଅର୍ଥ ଆଦାୟ ହୋଇଥିବା ଅଭିଯୋଗ ହୋଇଥିଲା ଯାହାକୁ ଖଣ୍ଡନ କରିଛନ୍ତି ଗାଁ ଲୋକେ ଓ ସ୍ଥାନୀୟ ସରପଞ୍ଚ। ସର୍ଭେ ସମୟରେ ନିଜ ନିଜ ଭିତରେ ଖାଦ୍ୟପେୟ ବ୍ୟବସ୍ଥା ପାଇଁ କିଛି ଅର୍ଥ ସ୍ୱଇଛା ଲୋକେ ଦେଇଥିଲେ କିନ୍ତୁ କାହାକୁ ଦେବାପାଇଁ କିଛି ଟଙ୍କା ଆଦାୟ ହୋଇନାହିଁ ବୋଲି ଗାଁର ଭଦ୍ରବ୍ୟକ୍ତିମାନେ ମତ ଦେଇଛନ୍ତି। କିନ୍ତୁ ଏପରି କାର୍ଯ୍ୟରେ କିଛି ଅସାଧୁ ବ୍ୟକ୍ତି ଅର୍ଥ ଆଦାୟ ପାଇଁ ମଧ୍ୟ ଯୋଜନା କରିପାରନ୍ତି ତେବେ ଏ ଦିଗରେ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ସାଇକଲରୁ ପଡ଼ି ଶିକ୍ଷକ ମୃତ



ଆନନ୍ଦପୁର,୨୦ା୧(ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ନିବାସୀ ତଥା ବାଉଁଶଗଡ଼-ବାଲିଯୋଡ଼ି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦାମୋଦର ସାହୁଙ୍କର ଆଜି ଅକାଳ ବିୟୋଗ ହୋଇଛି। ସେ ପ୍ରତିଦିନ ପରି ଆଜି ବିଦ୍ୟାଳୟକୁ ସାଇକଲ ଯୋଗେ ଯିବା ରାସ୍ତାରେ ଜଙ୍ଘାର ବାଉଁଶଗଡ଼ ମଧ୍ୟରେ ଥିବା ନାଗା ଗଡ଼ିଆ ପାଖରେ ଖସି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଛାତ୍ରଛାତ୍ରୀ ଶୋକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ବିୟୋଗରେ ଆନନ୍ଦପୁର ଶିକ୍ଷାଧିକାରୀ ହରିହର ଦଳେଇ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ




ଚମ୍ପୁଆ,୨୦ା୧(ସମିସ): ଚମ୍ପୁଆ ବ୍ଲକ୍ ସୌଜନ୍ୟରୁ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଆଜି ଧରଣୀଧର ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ପାଟଣା ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ବ୍ଲକ୍ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ, ଏବିଓ ଚୁନୁ ହାଁସଦା, ସହକାରୀ ଶିକ୍ଷା ଅଧିକାରୀ ସୁମିତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୂର୍ବରୁ ୨୦୩ ଗୋଟି ବିଦ୍ୟାଳୟ ଅଧୀନ ୧୨ଟି କ୍ଲଷ୍ଟରର ୩୪୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ବିଏସ୍ଏସ୍ଓ ଶ୍ରାବଣୀ ଜେନା ଓ ଏସିପି ଗାଜାଲା ସୁଲତାନା ପରିଚାଳନା କରିଥିଲେ।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



ହାଟଡ଼ିହୀ,୨୦ା୧(ସମିସ): ଆଞ୍ଚଳିକ ମହାବିଦ୍ୟାଳୟ ହାଟଡିହୀରେ ଯୁକ୍ତ ତିନି ପ୍ରଥମବର୍ଷ ବାଳିକାମାନଙ୍କର ଗତ ୮ ଦିନ ଧରି ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ପୌରୋହିତ୍ୟ ଏବଂ ଆତ୍ମରକ୍ଷା ତାଲିମ୍ ଶିବିରର ସଂଯୋଜିକା ନିଲମ ସ୍ୱୟାନ ସହ ଅଧ୍ୟାପିକା ସ୍ୱାଗତିକା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ତାଲିମ ପାଇଥିବା ବାଳିକାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ପ୍ରଶିକ୍ଷିକା ସୀମନ୍ତିନୀ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ବାଳିକାମାନଙ୍କୁ ମାନପତ୍ର ପ୍ରଦାନ କରି ଏହି ତାଲିମ ସେମାନଙ୍କ ଭବିଷ୍ୟତ ସୁରକ୍ଷା ଦିଗରେ କିପରି ଉପାଦେୟ ହୋଇପାରିବ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ସନାତନ ଖୁଣ୍ଟିଆ, ରବୀନ୍ଦ୍ର ନାଥ ଜେନା, ଅଧ୍ୟାପିକା ମିନତୀ ବେହୁରିଆ, ଲିପ୍‌ସା ପ୍ରିୟଦର୍ଶିନୀ ବେହେରା, ପ୍ରିୟଙ୍କା ମହାନ୍ତି, ସରିତା ପଣ୍ଡା, ଚୁମୁକିରାଣୀ ନାୟକଙ୍କ ସହ ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ରହି ବାଳିକାମାନଙ୍କ ଆତ୍ମରକ୍ଷା ତାଲିମ କୌଶଳ ଶିକ୍ଷାର ବ୍ୟବହାର ସମ୍ପର୍କରେ ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପିକା ନିଲମ୍ ସ୍ୱୟାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇଁକୁଲରେ ଗୋ ସେବକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୨୦ା୧(ସମିସ): ଘସିପୁରା ବ୍ଲକ ସାଇଁକୁଳ ବଜାରରେ ପଦଯାତ୍ରାରେ ଯାଉଥିବା ୨ ଗୋ ସେବକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୁଇ ଯୁବକ ହେଲେ ଚନ୍ଦନ ଓ ଶୁଭମ୍। ମା' ତାରିଣୀଙ୍କ ପାଖରୁ କୃପାଲାଭ କରି ପାଦରେ ଚାଲି ଚାଲି ପୁରୀ ଯାଉଥିବା ଏବଂ ଗୋମାତା ବଞ୍ଚାଅର ବାର୍ତ୍ତା ବାଣ୍ଟିବା ଉଦ୍ଦେଶ୍ୟରେ ସେମାନେ ଅଭିଯାନ ଆରମ୍ଭ କରିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

କେନ୍ଦୁଝର,୨୦ା୧(ସମିସ)



ସମସ୍ତ ବିଭାଗରେ ଚାଲୁଥିବା କାର୍ଯ୍ୟରେ ସର୍ବୋଚ୍ଚ ଗୁଣବତ୍ତା ଓ ପାରଦର୍ଶିତା ବଜାୟ ରଖିବା ସହ କୌଣସି ଅବହେଳା ପ୍ରତି ରାଜ୍ୟ ସରକାର "ଶୂନ୍ୟ ସହନଶୀଳତା' ନୀତି ଆପଣେଇବେ ବୋଲି ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ଦୁଇ ବିଭାଗର ଉନ୍ନୟନ କାର୍ଯ୍ୟଗୁଡ଼ିକ ସମୀକ୍ଷା କରିବା ଅବସରରେ ଶ୍ରୀ ନାଏକ ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ନାଏକ ରାଇକଳା ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତି ରାଜ ବିଭାଗ ଅଧୀନରେ କାର୍ଯ୍ୟାନ୍ୱିତ ବିଭିନ୍ନ କାର୍ଯ୍ୟ ଓ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ। ସେ ଯୋଡା ବ୍ଲକ ଅନ୍ତର୍ଗତ ବସୁଦେବପୁରର କାନୁପୁର ସେଚନ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ପରେ ଶ୍ରୀ ନାଏକ ଦରବାର ହଲ୍‌ରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉନ୍ନୟନ କାର୍ଯ୍ୟଗୁଡ଼ିକ ସମୀକ୍ଷା କରି ଜିଲ୍ଲାର ଦ୍ରୁତ ବିକାଶ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ଧନରାଶିକୁ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରୀ ଯୋଜନା ସହିତ ସଫଳ ଭାବେ ସମନ୍ୱୟ (Convergence) କରି ଦୀର୍ଘସ୍ଥାୟୀ ଓ ଦୃଶ୍ୟମାନ ଭିତ୍ତିଭୂମି ସୃଷ୍ଟି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଃଖଦାୟକ ପ୍ରବାସ ରୋକିବା ପାଇଁ ସମସ୍ତ ବିଡିଓଙ୍କୁ ଘରକୁ ଘର ସର୍ଭେ କରି ସମ୍ବେଦନଶୀଳ ପରିବାରମାନଙ୍କୁ ଚିହ୍ନଟ କରି ସମ୍ପର୍କିତ ସରକାରୀ କଲ୍ୟାଣ ଯୋଜନା ସହିତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ଯୁବକମାନଙ୍କୁ କୌଶଳ ବିକାଶ ଓ କ୍ଷମତା ଗଠନ ମାଧ୍ୟମରେ ସ୍ଥାନୀୟ ରୋଜଗାର ଓ ଉଦ୍ୟମ ସୃଷ୍ଟି କରି ପ୍ରବାସ କମାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଯୋଗାଯୋଗ ନ ଥିବା ବସତିଗୁଡ଼ିକୁ ସଡ଼କ ଓ ଯାତାୟାତ ସଂଯୋଗ ଯୋଗାଇବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗକୁ ପ୍ରତ୍ୟେକ ଗାଁରେ ନିୟମିତ ଓ ସୁରକ୍ଷିତ ପାନୀୟଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଜଳ ଅଭାବ ଥିବା ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କୃଷି ସହିତ ଉଦ୍ୟାନଚାଷ ଓ ମାଛଚାଷକୁ ପ୍ରୋତ୍ସାହନ ଦେଇ ଜୀବିକାର ବିବିଧିକରଣ କରିବାକୁ ସେ ମତ ଦେଇଥିଲେ। ବୈଠକରେ କୁମାର ନାଗଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ-କମ୍-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାରମ୍ଭିକ ଉଦବୋଧନ ଦେଇଥିଲେ ଜିଲ୍ଲାପାଳ ବିଶାଳ ସିଂହ। ଡିଏସ୍ ଶୁଭଦର୍ଶୀ ଜୋଶୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, କେନ୍ଦୁଝର ଧନ୍ୟବାଦ ଜ୍ଞାପନ କରିଥିଲେ।

## କେନ୍ଦୁଝର ନର୍ସିଂ କଲେଜରେ ସ୍ୱାଗତ ସମାରୋହ



କେନ୍ଦୁଝର,୨୦ା୧ (ସମିସ): ସଦର ବ୍ଲକ୍ ଡିମ୍ବୋସ୍ଥିତ କେନ୍ଦୁଝର ନର୍ସିଂ କଲେଜରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦାନୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ରୋଟାରିୟାନ୍ ଇଂ ବସନ୍ତ କୁମାର ଦାନୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। କେଏସ୍‌ଇ ପ୍ରିନ୍ସିପାଲ ଇଂ ଅରୁଣ ପ୍ରକାଶ କାନୁନ୍‌ଗୋ, ନର୍ସିଂ ଆଡମିନିଷ୍ଟ୍ରେଟର ବିଭୂତି ଭୂଷଣ ସାହୁ, କେଏନ୍ସି ପ୍ରିନ୍ସିପାଲ ଋତୁପର୍ଣ୍ଣା ପ୍ରିୟଦର୍ଶିନୀ, କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ବରିଷ୍ଠ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତାଙ୍କ ଉଦ୍‌ବୋଧନରେ ଛାତ୍ରଛାତ୍ରୀଙ୍କୁ ନର୍ସିଂ ପେସାର ଗୁରୁତ୍ୱ ଓ ସେବା ଭାବର ମୂଲ୍ୟ ବିଷୟରେ ଉପଦେଶ ଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଶୃଙ୍ଖଳା ଓ କଠିନ ପରିଶ୍ରମ ସହ ଶିକ୍ଷା ଗ୍ରହଣ କରି ଆଗାମୀ ଦିନରେ ସମାଜ ସେବାରେ ନିଜକୁ ନିଯୁକ୍ତ କରିବାକୁ ଆହ୍ୱାନ କରିଥିଲେ। ଏହି ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରେରଣାମୂଳକ ଭାଷଣ ସହ କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହୋଇଥିଲା। ଶେଷରେ ନୂତନ ପିଲାଙ୍କ ମଧ୍ୟରୁ ମିଷ୍ଟର ଫ୍ରେସର ଓ ମିସ୍ ଫ୍ରେସର ଭାବରେ ଘୋଷଣା କରାଯାଇ କେଏନ୍ସି ପ୍ରିନ୍ସିପାଲଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଧକୋଠା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆନନ୍ଦପୁର,୨୦ା୧ (ସମିସ): ଆନନ୍ଦପୁର ବ୍ଲକ୍ ଧକୋଠା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ବିଜୟ କୁମାର ଷେଣ୍ଢଙ୍କ ସଂଯୋଜନାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ମୁଖ୍ୟଅତିଥି, ଧକୋଠା ଯୁବକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ହୃଦାନନ୍ଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୌଜନ୍ୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ହାଇସ୍କୁଲସ୍ତରରେ ଯୁଧିଷ୍ଠିର କିସ୍କୁ, ସୁଲୋଚନା ମହାକୁଡ଼, ଯୁକ୍ତ ୨ରେ କୌଶଲ୍ୟା ମହାକୁଡ଼, ସୀତାଂଶୁ ଶେଖର ଖିଲାର ଚାମ୍ପିଅନ୍ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ, ରାକେଶ କୁମାର ନାୟକ, ନୀଳମଣି ରାଉଳ, ଶୁଭଶ୍ରୀ ମହାନ୍ତ, ଅର୍ପିତା ଦାଶ, ଶିକ୍ଷୟିତ୍ରୀ ନିବେଦିତା ସାହୁ, ବିଶ୍ୱବନ୍ଦିତା ସାହୁ, ଅନିତା ପରିଡ଼ା, ସୁଜାତା ଦଳେଇ, ଅଶୋକ କୁମାର ଗୋଛାୟତ, ଦୀପ୍ତିମୟୀ ଜେନା, ଲକିସ୍ମିତା ସେଠୀ, କର୍ମଚାରୀ ଭାଗୀରଥି ବାରିକ, ଅକ୍ଷୟ ଦେହୁରୀ ସହଯୋଗ କରିଥିଲେ।

## ଟିପିଏନ୍ଓଡିଏଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



ଚମ୍ପୁଆ,୨୦ା୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଆରମ୍ଭ ହୋଇଯାଇଥିବା ବେଳେ ଦିନକୁଦିନ ଘଟୁଥିବା ସଡ଼କ ଦୁର୍ଘଟଣାକୁ ପ୍ରଶମିତ କରିବା ପାଇଁ ସଚେତନ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଥିବାବେଳେ ଆଜି ବିଏନ୍‌କେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କାଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟଠାରେ ଟିପିଏନ୍ଓଡିଏଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ନିୟମ ମାନି ଯାନ ଚଳାଇବା ସମୟରେ ଆବଶ୍ୟକ ସୁରକ୍ଷା ଗ୍ରହଣ କରିବା, ହେଲମେଟ ଓ ସିଟ ବେଲ୍ଟ ଆଦି ବ୍ୟବହାର କରିବା, ନୋ ପାର୍କିଂରେ ଗାଡ଼ି ଛିଡ଼ା ନ କରିବା, ଟ୍ରାଫିକ୍ ନିୟମ ମାନିବା, ଜେବ୍ରା କ୍ରୋସିଂ ବ୍ୟବହାର କରି ରାସ୍ତା ପାରି ହେବା ସହିତ ୨୦୩୦ ସୁଦ୍ଧା ୫୦ ପ୍ରତିଶତ ଶଡ଼କ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁହାରକୁ କମାଇବା ଆଦି ସଚେତନତା କରାଯାଇଥିଲା। ଟିପିଏନ୍ଓଡିଏଲ୍ ଚମ୍ପୁଆର ଏସ୍‌ଡିଓ ଦିବ୍ୟରଞ୍ଜନ ସାହୁ, ସୁରକ୍ଷା ଅଧିକାରୀ ଦିଲୁ ରାଉତ, ଏଏମ୍‌ସି ସୁରକ୍ଷା ଅଧିକାରୀ ସୌମେନ୍ଦ୍ର ଭୂୟାଁ, ଲାଇନ୍ ମ୍ୟାନ ସୁନୀଲ ଦଳାଇ, ପ୍ରିୟରଞ୍ଜନ ବେଉରିଆ, ଅନନ୍ତ ଗୋପାଳ ଚନ୍ଦ, ପ୍ରଧାନ ଶିକ୍ଷକ ନୀଳମାଧବ ପୃଷ୍ଟି, ଶିବସୁନ୍ଦର ରାଉତ ପ୍ରମୁଖ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଆନନ୍ଦପୁରରେ ପକ୍ଷୀ ଗଣନା ଶେଷ

## ଚଳିତବର୍ଷ ଆସିଛନ୍ତି ୫୯ ପ୍ରଜାତିର ୬୦୮୧ ପକ୍ଷୀ



ଆନନ୍ଦପୁର,୨୦ା୧(ସମିସ): ଆନନ୍ଦପୁର ବନଖଣ୍ଡର ୪ଟି ରେଞ୍ଜରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ୫୯ ପ୍ରଜାତିର ୬୦୮୧ ପକ୍ଷୀ ଆସିଥିବା ଆକଳନ ହୋଇଛି। ଆନନ୍ଦପୁର, ହଦଗଡ଼, ଦେଓଗାଁ, ବ୍ରାହ୍ମଣୀପାଳ ରେଞ୍ଜରେ ବନ କର୍ମଚାରୀମାନେ ୧୮ଟି ଦଳରେ ଭାଗ ହୋଇ ବିଭିନ୍ନ ଜଳାଶୟ, ନଦୀକୂଳ, ଜଳସେଚନ ପ୍ରକଳ୍ପ ନିକଟରେ ପକ୍ଷୀ ଗଣନା କରିଥିଲେ। ଆନନ୍ଦପୁର ରେଞ୍ଜର ନବକିଶୋର ନାୟକଙ୍କ ନେତୃତ୍ୱରେ ଧନେଇ ପୀଠ, ମଦନପୁର ଡ୍ୟାମ୍, କୋଡ଼ପଡ଼ା ନିକଟରେ ପକ୍ଷୀ ଗଣନା କରାଯାଇଥିଲା। ହଦଗଡ଼ ରେଞ୍ଜ ପକ୍ଷରୁ ରେଞ୍ଜର ମାର୍ଶାଲ କିନ୍ଦୁ ଫରେଷ୍ଟର ମଳୟ ସାହୁଙ୍କ ନେତୃତ୍ୱରେ ହଦଗଡ଼ ଡ୍ୟାମ୍ ଓ ଆଖପାଖ ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଥିଲା ବୋଲି ଡିଏଫ୍ଓ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ୪୨ଟି ପ୍ରଜାତିର ୮ ହଜାରରୁ ଅଧିକ ପକ୍ଷୀ ବିଭିନ୍ନ ସ୍ଥାନକୁ ଆସିଥିଲେ। ଚଳିତବର୍ଷ ଏହି ସଂଖ୍ୟା ଅଧିକ ହେବ ବୋଲି କୁହାଯାଉଛି।

## ଗ୍ରାମ୍ୟ ଜଙ୍ଗଲ ରେ ଅଗ୍ନିକାଣ୍ଡ



ତୁରୁମୁଙ୍ଗା,୨୦ା୧(ସମିସ): ଖରାଦିନ ଆରମ୍ଭ ନ ହେଉଣୁ ଜଳିଲାଣି ଗ୍ରାମ୍ୟ ଜଙ୍ଗଲ। ମଙ୍ଗଳବାର କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ବିଭିନ୍ନ ସ୍ଥାନରେ ରେ ଥିବା ଗ୍ରାମ୍ୟ ଜଙ୍ଗଲ ରେ ନିଆଁ ଲାଗି ଅନେକ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। ପାଟଣା ରେଞ୍ଜ ଖିରେଇ ଟାଙ୍ଗିରୀ ସେକ୍ସନ ଅଙ୍ଗିକଳା ଉଚ୍ଚ ବିଦ୍ୟାଳୟ ପଛ ପଟରେ ଥିବା ଆକାଶିଆ ଓ ୟୁକାଲିପଟାସ ଜଙ୍ଗଲ ରେ ଅଗ୍ନିକାଣ୍ଡ ଘଟିଥିବା ବେଳେ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ନିଆଁ ଲାଗି ଅନେକ ଗଛ ଜଳିପଡି ନଷ୍ଟ ହୋଇଯାଉଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ବନ କର୍ମଚାରୀ ପହଞ୍ଚି ନିଆଁ କୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲ ରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

### ଘସିପୁରା କପ୍ କ୍ରିକେଟ୍

## ଫାଇନାଲରେ ରାଉଲକେଲା



ଆନନ୍ଦପୁର,୨୦ା୧(ସମିସ)

ଘସିପୁରା ମା'ମଙ୍ଗଳା କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଘସିପୁରା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମ୍ୟାଚରେ ରାଉଲକେଲାର ଆର୍‌ଏସ୍‌ଏ କ୍ରିକେଟ କ୍ଲବ୍ ୮୦ ରନରେ ଝାଡ଼ଖଣ୍ଡର ୟୁନିଟ୍ କ୍ରିକେଟ୍ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରାଉଲକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ୱିକେଟ୍ ହରାଇ ୨୫୫ରନ୍ କରିଥିଲା। ରାଉଲକେଲାର ଅମନ ଯାଦବ ୬୧ ଓ ସାର୍ଥକ ସ୍ୱୟମ ପ୍ରକାଶ ୫୨ରନ୍ କରିଥିଲେ। ଏହାର ଜବାବରେ ଝାଡ଼ଖଣ୍ଡ ଦଳ ୨୨. ୩ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ରାଉଲକେଲାର ବୋଲର ରାଜ ଯାଦବ ୬ଗୋଟି ୱିକେଟ୍ ନେଇଥିଲେ। ରାଜ ଯାଦବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅମ୍ପାୟାର ରମେଶ ମହାରଣା, ଦୁର୍ଗା ପ୍ରସାଦ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର, ସମ୍ବିତ କୁମାର ଜେନା ସ୍କୋର୍‌ର ଦାୟିତ୍ୱରେ ଥିଲେ। ବୁବୁ ସିହ୍ନା, ମାନସ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ପ୍ରସନ୍ନଜିତ୍ ପଟ୍ଟନାୟକଙ୍କ ସଂଯୋଜନାରେ ବିଜେପି ନେତା ଦିଲ୍ଲୀପ କୁମାର ପଣ୍ଡା, ଟ୍ରକ ମାଲିକ ସଂଘ ଉପସଭାପତି ଦେବଦତ୍ତ ନାୟକ, ପୂର୍ବତନ ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ, ଇବି ମେମ୍ବର ମନୋରଞ୍ଜନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ ଅଫ ଦ ମ୍ୟାଚ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବ୍‌ର ସମ୍ପାଦକ ନାରାୟଣ ସାହୁ, ସଦସ୍ୟ ସୁରେଶ ସାହୁ, ରମେଶ ସାହୁ, ଦାମୋଦର ସାହୁ, ତୋଫାନ୍ ସାହୁ, ସୌମିତ୍ର ସାହୁ, ଜ୍ୟୋତିର୍ମୟ ଦାଶ, ଆଶିଷ ବେହେରା, ଶିବାନନ୍ଦ ମହାରଣା, ମଙ୍ଗଳ ନାୟକ, ମାନସ ସାହୁ, ସୁନୀଲ ସ୍ୱାଇଁ, ପୌଲସ୍ତ୍ୟ ସାହୁ, ମୃତ୍ୟୁଞ୍ଜୟ ସାହୁ, ଧବଳେଶ୍?ର ସାହୁ, ଚିନ୍ମୟ ନାୟକ, ବସନ୍ତ ଜେନା, ରାଜେଶ ପଣ୍ଡିତ, ଉଜ୍ଜ୍ୱଳ ସେନାପତି, ସତ୍ୟଜିତ୍ ଜେନା, ରାଜମଙ୍ଗଳ ନାୟକ, ସାହିଦ୍ ନାୟକ, ରାଜକିଶୋର ପେରେଇ, ସାଇଶୁଭଙ୍କର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟାଙ୍କ ୟୁନିଅନ ମିଳିତ ଫୋରମ୍‌ର ବିକ୍ଷୋଭ

କେନ୍ଦୁଝର,୨୦ା୧(ସମିସ): ମିଳିତ ବ୍ୟାଙ୍କ ୟୁନିଅନ୍ ଫୋରମ ଡାକରାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଷ୍ଟାଫ୍ ଆସୋସିଏସନ ଏବଂ ଅଫିସର ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ଆଜି କେନ୍ଦୁଝରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ୬ ଦିନ କାର୍ଯ୍ୟ ଦିବସ ଥିବାବେଳେ ତାହାକୁ ୫ ଦିନ କରିବାକୁ ମିଳିତ ବ୍ୟାଙ୍କ ୟୁନିଅନ ଫୋରମ ପକ୍ଷରୁ କେନ୍ଦ୍ର ସରକାର ଏବଂ ଇଣ୍ଡିଆନ ବ୍ୟାଙ୍କର ଆସୋସିଏସନ୍ ନିକଟରେ ଦାବୀ କରି ଆସୁଛି। କାର୍ଯ୍ୟ ଚାପ ଏବଂ ବ୍ୟାଙ୍କର ଅନ୍ୟାନ୍ୟ କାର୍ଯ୍ୟ ଯୋଗୁଁ ଅଧିକାରୀ ଓ କର୍ମଚାରୀ ଚାପଗ୍ରସ୍ତ ହୋଇ କାମ କରୁଛନ୍ତି। ୨୦୨୩ ମସିହାରେ ମିଳିତ ବ୍ୟାଙ୍କ ୟୁନିଅନ ଫୋରମ ପକ୍ଷରୁ ଆନ୍ଦୋଳନ ପରେ ଇଣ୍ଡିଆନ ବ୍ୟାଙ୍କର ଆସୋସିଏସନ(ଆଇବିଏ) ଗୋଟିଏ ଦିନ କାର୍ଯ୍ୟ ଦିବସ ହ୍ରାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ବ୍ୟାଙ୍କ ୟୁନିଅନ ଫୋରମ ପକ୍ଷରୁ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ମଧ୍ୟ କେନ୍ଦ୍ର ସରକାର ଏବଂ ଆଇବିଏ ସଂଘ କର୍ଣ୍ଣପାତ କରୁନାହିଁ। ଆଇବିଏ ଦାବି ପୂରଣ ନ କଲେ ଆଗାମୀ ଜାନୁୟାରୀ ୨୭ ତାରିଖରେ ମିଳିତ ବ୍ୟାଙ୍କ ୟୁନିଅନ ଫୋରମ୍ ଅଧୀନରେ ଥିବା ସମସ୍ତ ବ୍ୟାଙ୍କ ୟୁନିଅନ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜିର ବିକ୍ଷୋଭରେ ଏସ୍‌ବିଆଇ ଷ୍ଟାଫ୍ ଆସୋସିଏସନ କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ସମ୍ପାଦକ ଉମାକାନ୍ତ ହାଁସଦା, ସହ ସମ୍ପାଦକ ତୁଷାରକାନ୍ତ ବେହେରା, ଏସ୍‌ବିଆଇ ଅଫିସର ଆସୋସିଏସନର ଉପ ସଭାପତି ବିଶ୍ୱରଞ୍ଜନ ପୃଷ୍ଟି, ଆଞ୍ଚଳିକ ସମ୍ପାଦକ ବିବେକାନନ୍ଦ ନାୟକ, ସଦସ୍ୟ ଆବ୍ରାହାମ କେରକେଟା, ନିତ୍ୟାନନ୍ଦ ସେଠୀ, ଦିଲ୍ଲୀପ ନାୟକ, ପୂଜାରାଣୀ ବେହେରା, ସସ୍ମିତା ପ୍ରଧାନ, ଚାନ୍ଦିନୀ ସରକାରଙ୍କ ଏସ୍‌ବିଆଇର ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।



## ଗୋରୁ ବୋଝେଇ ଗାଡ଼ିର ହେଲପର ହତ୍ୟା ଘଟଣା

# ପରିବାର ଲୋକଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ବାଲେଶ୍ୱର,୨୦ ।୧(ସମିସ)

ଗତ ୧୪ତାରିଖ ଭୋର ସମୟରେ ବାଲେଶ୍ୱର ସଦର ଥାନା ଅର୍ନ୍ତଗତ ସାରଗାଁ ଇଶାଣୀ ରାସ୍ତା ଠାରେ ଏକ ଗୋରୁ ବୋଝେଇ ପିକଅପ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗାଡ଼ିର ହେଲପର ସଦର ଥାନା ଅର୍ନ୍ତଗତ ଅସ୍ତିଆ ଗ୍ରାମର ଶେଖ ମକାରନ୍ଦ ମହମ୍ମଦଙ୍କୁ କେତେକ ପିଟି ପିଟି ମାରି ଦେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବିଜେଡି ପକ୍ଷରୁ ଦୁଇଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟା ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ବିଜେଡି ସଂଖ୍ୟାଲଘୁ ସେଲ୍‌ର ସଭାପତି ରିଜୱାନା ବେଗମଙ୍କ ନେତୃତ୍ୱରେ ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଭଦ୍ରକ ପୌରପରିଷଦ ଅଧ୍ୟକ୍ଷା ଗୁଲମୁଖି ହବିବ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗରିଶଚନ୍ଦ୍ର ଦାଶ ପ୍ରମୁଖଙ୍କ ସହ ଅନ୍ୟ ନେତାମାନେ ଆଜି ମୃତକଙ୍କ ଘରକୁ ଯାଇ ତାଙ୍କୁ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଘଟଣାର ତଥ୍ୟ ଅନୁସନ୍ଧାନ କରିଛନ୍ତି । ଏଥିସହ ଟିମ ସେଠାରୁ ଫେରି ଡିଆଇଜି ପିନାକ ମିଶ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।








ବିଜେଡିର ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଜି ଅପରାହଣ ୪ଟାରେ ମୃତକଙ୍କ ଘରକୁ ଯାଇଥିଲା । ସେଠାରେ ସେମାନେ ମୃତକଙ୍କ ପତ୍ନୀଙ୍କ ଏବଂ ସ୍ଥାନୀୟ ଲୋକମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ମୃତକଙ୍କ ପତ୍ନୀ ତାଙ୍କ ଜୀବନପ୍ରତି ବର୍ତ୍ତମାନ ବିପଦ ରହିଛି ବୋଲି କହିଥିଲେ । ଏପରିକି ପରିବାର ପକ୍ଷରୁ ଦିଆଯାଇଥିବା ଏତଲାକୁ ନ ଉଠାଇଲେ ତାଙ୍କ ସାନ ଭାଇଙ୍କୁ ମାରିଦିଆଯିବ ବୋଲି ଧମକ ମଧ୍ୟ ଦିଆଯାଉଛି । ଏହାବ୍ୟତିତ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ପରେ ତାଙ୍କର ତିନି ପିଲାଙ୍କ ସମେତ ପରିବାର ଚଳାଇବା କଷ୍ଟକର ହୋଇପଡିଛି । ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ପିଲାମାନେ ଏବେ ଦୁର୍ଦ୍ଦିନରେ ଗତି କରୁଛନ୍ତି ବୋଲି ମହିଳାଜଣକ ଟିମ୍ ସମ୍ମୁଖରେ କହିଥିଲେ । ଏଣୁ ତାଙ୍କ ପରିବାରକୁ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯିବା ସହ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ । ନବୀନ ପଟ୍ଟନାୟକଙ୍କ ସରକାର ଥିବା ବେଳେ ଏଭଳି ଘଟଣା ଘଟୁନଥିବା ବେଳେ ବର୍ତ୍ତମାନର ସରକାରଙ୍କ ସମୟରେ ଏଭଳି ଘଟଣା ଘଟୁଛି ବୋଲି ମୃତକଙ୍କ ପତ୍ନୀ ଏହି ଟିମ୍ ସମ୍ମୁଖରେ କହିଥିଲେ । ଏହି ଟିମ ତାଙ୍କ ପରିବାରକୁ ଆଶ୍ୱାସନା ଦେବା ସହ ତାଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ଗୁରୁତ୍ୱପ୍ରଦାନ କରିବେ ବୋଲି କହିଥିଲେ । ପରେ ଟିମ ସେଠାରୁ ଆସି ଡିଆଇଜିଙ୍କ ସହ ଆଲୋଚନା କରିବା ସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ ।

- ଡିଆଇଜିଙ୍କୁ ଭେଟି ଦାବିପତ୍ର ପ୍ରଦାନ
- ବିଜେଡି ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ବିଶେଷ କରି ଏହି ଟିମ ପୁଲିସ ସମ୍ମୁଖରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ବିଗତ ସରକାର ସମୟରେ ଏଭଳି ଘଟଣା ଘଟୁନଥିଲା । ହେଲେ ଏବେ ଲୋକମାନଙ୍କୁ ବାଡେଇ ମାରିଦିଆଯାଉଛି ବୋଲି ଡିଆଇଜିଙ୍କୁ କୁହାଯାଇଥିଲା । ଏବେ ଗୋରକ୍ଷକ ନାମରେ ଅରାଜକତା ଚାଲୁଛି । ଗୋ ରକ୍ଷକ ନାଁରେ ଟଙ୍କା ନେଉଛନ୍ତି । ଏହାଛଡା ଗୋଶାଳା ନାମରେ ଗୋରୁ ଚୋରା ଚାଲାଣ କରାଯାଉଛି ବୋଲି ଅଭିଯୋଗ କରାଯାଇଥିଲା । ଏଣୁ ଏହି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଶିଘ୍ର ଗିରଫ କରାଯିବା ସହ ପୁଲିସ ସ୍ୱଚ୍ଛତାର ସହ ଏହି ଘଟଣାର ତଦନ୍ତ କରୁ ବୋଲି ଦାବି କରିଛି । ଏହାଛଡା ସାମ୍ପ୍ରଦାୟିକ ଗୋଷ୍ଠୀ କନ୍ଦଳକୁ ପୁଲିସ ବନ୍ଦ କରିବା ଉଚିତ ଏବଂ ମୃତକଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବା ନେଇ ତାଙ୍କ ଘର ନିକଟରେ ଜଣେ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଉ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓକୁ ନେଇ ପୁଲିସ ସଠିକ ଭାବେ ତଦନ୍ତ କରିବା ସହ ଘଟଣା ପଛରେ ଥିବା ମାଷ୍ଟରମାଇଣ୍ଡକୁ ତୁରନ୍ତ ଗିରଫ କରାଯାଉ ଏବଂ ତାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି ।

ଏ ନେଇ ଟିମ୍‌ର ସଦସ୍ୟା ତଥା ରାଜ୍ୟସଭା ସାଂସଦ ଶ୍ରୀମତି ଦେଓ କହିଛନ୍ତି ଯେ,ଏହି ଘଟଣା ଅତ୍ୟନ୍ତ ଦୁଃଖ ପୂର୍ଣ୍ଣ । ଯାହାଙ୍କର ମୃତ୍ୟୁ ଘଟିଛି ତାଙ୍କ ବାପା ପକ୍ଷାଘାତ ରୋଗରେ ମଧ୍ୟ ପୀଡିତ । ଏପରିକି ତାଙ୍କର ୫ମାସର ଗୋଟେ ଛୋଟ ଛୁଆ ରହିଛି । ଓଡ଼ିଶାରେ ଏଭଳି ଘଟଣା କେବେ ଦେଖିବାକୁ ମିଳିନଥିଲା । ବିଚ ରାସ୍ତାରେ ଲୋକଙ୍କୁ ଗୋଡେଇ ମାରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ପୂର୍ବତନ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଏହି ଘଟଣାର ଅନୁସନ୍ଧାନ କରିବାକୁ ପଠାଇଛନ୍ତି । ସେ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ଶ୍ରୀମତି ଦେଓ କହିଛନ୍ତି । ଏହି ଘଟଣାରେ ଡିଆଜି ଶ୍ରୀ ମିଶ୍ର କହିଛନ୍ତି ଯେ, ଏହି ଘଟଣାରେ ନିରପେକ୍ଷ ତଦନ୍ତ କରାଯାଉଛି । ଏବେ ସୁଦ୍ଧା ୬ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପଟେ ବିଜେଡି ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମିଡିଆ ସେଲର ରୀତାଞ୍ଜଳୀ ପ୍ରଧାନଙ୍କ ସହ ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ, ଶୁଭେନ୍ଦୁ ମଙ୍ଗରାଜ, ଧୀରେନ ନାୟକ, କାଉନସିଲର ମୀତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ସେକ ଆୟୁବ, ମୀରାଜ ବାନୋ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ହିନ୍ଦୁସ୍ତାନ ଡେଭଲପମେଣ୍ଟ ଫାଉଣ୍ଡେସନର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୦।୧(ସମିସ): ହିନ୍ଦୁସ୍ତାନ ଡେଭଲପମେଣ୍ଟ ଫାଉଣ୍ଡେସନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ଚେୟାରମେନ ଗୁଲ୍ଲାକି ହବିବ, ସମ୍ମାନିତ ଅତିଥି ସାୟାଦ ସଲିମ୍ ରାଜା, ମୁଖ୍ୟବକ୍ତା ଇଞ୍ଜିନିୟର ଭରତ ସାହୁ, ପରିଖି ପଞ୍ଚାୟତ ସରପଞ୍ଚ କାର୍ତ୍ତିକ ରାଉତ୍ ଫାଉଣ୍ଡେସନର ପ୍ରଶଂସା କରିଥିଲେ । ଅତିଥି ମିନାଜୁଲ ମଲ୍ଲିକ ପୌରୋହିତ୍ୟ କରିବା ସହ ଅନ୍ୟାନ୍ୟ ସମ୍ମାନିତ ଅତିଥି ରୋହିତ ଅଲି, ବିଜୟ ସ୍ୱାଇଁ, କମ୍ମୁଲ ଅଲି, ବିଶ୍ୱଜିତ୍ ଜେନା, ସରୋଜ ପରିଡ଼ା, ବିମଲ୍ ପାତ୍ର ଏବଂ ୱାର୍ଡ ମେମ୍ବର ତାହେରା ବିବି ଉପସ୍ଥିତ ଥିଲେ । ଫାଉଣ୍ଡେସନ ସଭାପତି ହମିଦ୍ ରାଜା ଖାଁନ୍ ବକ୍ତବ୍ୟ ରଖିଥିଲେ । ଏଥିରେ ୧୫୦ ରୁ ଅଧିକ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ଏକ୍ସ ଆର୍ମି ନୁର ହୋସେନ୍, ସମାଜ ସେବୀ ଶେଖ୍ ଆର୍ୟନ୍, ଶେଖ୍ ନୁରୁଦ୍ଦିନ, ଆଶା କର୍ମୀ ଶକୁନ୍ତଳା ଜେନା, ଉତ୍ତମ ଶିକ୍ଷୟିତ୍ରୀ ସୀତା ସିଟ୍ ଏବଂ ଉତ୍ତମ ୱାର୍ଡ ମେମ୍ବର ମମନୀ ହାତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଉଣ୍ଡେସନ କର୍ମକର୍ତ୍ତା ଶେଖ୍ ହବିବ, ସଲାମତ ଖାଁନ୍, ଜବେଦା ବିବି, ରହେମତ ଖାଁନ୍, ତବସୁମ୍ ରହେମନ୍ ଆକିଦା ବିବି, ନାଜିମ୍ ଖାଁନ୍, ଶେଖ୍ ୱାଜିଦ୍ ସହଯୋଗ କରିଥିଲେ । ଫାଉଣ୍ଡେସନ ମୁଖ୍ୟ ନିର୍ଦ୍ଦେଶକ ହାସନ୍ ରାଜା ଧନ୍ୟବାଦ ଦେଇଥିଲେ ।

## ବିଦ୍ୟୁତ୍ ଚୋରି ସଚ୍ଚୋଟ ଉପଭୋକ୍ତାଙ୍କୁ ବିଶେଷ ପ୍ରଭାବିତ କରେ

ବାଲେଶ୍ୱର, ୨୦।୧(ସମିସ) : ବିଦ୍ୟୁତ ଚୋରିକୁ ରୋକିବା ପାଇଁ ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ବିଶେଷ ଗୁରୁତ୍ୱ ଦେଉଥିବାର ନଜରରେ ଆସିଛି ଓ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ ଦିଗରେ କମ୍ପାନୀ ବିଭିନ୍ନ ହିତକର ପଦକ୍ଷେପ ହାତକୁ ନେଇଥିବାବେଳେ ବିଦ୍ୟୁତ ଚୋରି ଏଦିଗରେ ଏକ ବଡ ପ୍ରତିବନ୍ଧକ ଭାବେ ଉଭାହୋଇଛି । ଏହି ସଂକ୍ରାନ୍ତରେ ବିଶେଷ କାର୍ଯ୍ୟକ୍ରମ ଦ୍ୱାରା ଟିପିଏନଓଡିଏଲ ଏଯାବତ୍ ପ୍ରାୟ ୫ଶହ ମେଗାୱାଟ ବିଜୁଳି ଚୋରି ରୋକିବାରେ ସଫଳ ହୋଇଛି । କେବଳ ୨୦୨୫ ମସିହାରେ ୧୩୨ ମେଗାୱାଟ ବିଜୁଳି ଚୋରି ରୋକାଯାଇଥିବାବେଳେ ବାଲେଶ୍ୱର ବୈଦ୍ୟୁତିକ ମଣ୍ଡଳରେ ୫୪.୪୦ ମେଗାୱାଟ ବିଜୁଳି ଚୋରି ରୋକାଯିବା ସହ ଏନେଇ ୯,୪୧୮ ମାମଲା ମଧ୍ୟ ପଞ୍ଜୀକୃତ ହୋଇଛି । ବାରିପଦା ମଣ୍ଡଳରେ ୨୦ ମେଗାୱାଟ, ଭଦ୍ରକରେ ୨୪, ଯାଜପୁରରେ ୨୧ ଓ କେନ୍ଦୁଝର ମଣ୍ଡଳରେ ୧୩ ମେଗାୱାଟ ବିଜୁଳି ଚୋରି ରୋକାଯାଇଥିବା ବେଳେ ଅସାଧୁଙ୍କ ବିରୋଧରେ ୨୯ ହଜାରରୁ ଅଧିକ ମାମଲା ରୁଜୁ ହୋଇଛି । ସେହିପରି ଟିପିଏନଓ?ଏଲ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୭୩.୨୩ ମେଗାୱାଟ ବିଦ୍ୟୁତ ଚୋରି ରୋକାଯାଇଥିବାବେଳେ ୨୦୨୨-୨୩ରେ ୧୦୧.୧୨ ମେଗାୱାଟ, ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଟିପିଏନଓଡିଏଲ ପକ୍ଷରୁ ପ୍ରାୟ ୨ଶହ ମେଗାୱାଟ ବିଦ୍ୟୁତ ଚୋରି ରୋକାଯାଇପାରିଛି । ବିଦ୍ୟୁତ ଚୋରିକୁ ରୋକିବା ପାଇଁ ପ୍ରତି ସେକ୍ସନ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବୈଦ୍ୟୁତିକ ମଣ୍ଡଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶେଷ ଦୃଷ୍ଟି ଦିଆଯାଉଛି ଓ ଜିଲ୍ଲା ପ୍ରଶାସନ ତଥା ପୋଲିସର ସହାୟତା ନେଇ ମହିଳା ଅଧିକାରୀଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ ଏ ସମ୍ପର୍କିତ ଯାଞ୍ଚ ବ୍ୟବସ୍ଥାକୁ ଆହୁରି କଡାକଡି କରିବା ସହ ବିଦ୍ୟୁତ ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଭିମୁଖ୍ୟ ମଧ୍ୟ ଗ୍ରହଣ କରୁଛନ୍ତି । ନିଜ ଅଞ୍ଚଳରେ କେହି ବିଦ୍ୟୁତ ଚୋରି କରୁଥିବାର ନଜର ଆସିଲେ ଉପଭୋକ୍ତାମାନେ ୯୪୩୮୯-୦୬୦୦୨ ନମ୍ବର ଯୋଗେ ସୂଚନା ଦାଖଲ କରିପାରିବେ । ଫଳସ୍ୱରୂପ ଅସାଧୁ ଉପାୟରେ ବିଜୁଳି ବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ଟିପିଏନଓଡିଏଲ ପକ୍ଷରୁ ଦର୍ଶାଯାଇଛି । ଆସନ୍ତା ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ବିଦ୍ୟୁତ ଚୋରି ପ୍ରତି ଟିପିଏନଓଡିଏଲର ଏତାଦୃଶ ପଦକ୍ଷେପ ଅସାଧୁଙ୍କ ବିରୁଦ୍ଧରେ ବିଶେଷ ଫଳପ୍ରଦ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

**ଟିପିଏନ୍‌ଓଡିଏଲର ଶୂନ୍ୟ ସହନଶୀଳ ନୀତି**

## ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ସଚେତନ ନାଗରିକ



ବାଲେଶ୍ୱର,୨୦।୧(ସମିସ): ମୃତ ପିକଅପ୍ ହେଲପର ପରିବାରକୁ ନ୍ୟାୟ, କ୍ଷତିପୂରଣ ଏବଂ ସହାୟତା ପାଇଁ ଦାବି କରି ସହରର କିଛି ସଚେତନ ନାଗରିକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷକରି ଉପଯୁକ୍ତ ସରକାରୀ ଯୋଜନା ଅନୁଯାୟୀ ଶୋକସନ୍ତପ୍ତ ପରିବାରକୁ ତୁରନ୍ତ କ୍ଷତିପୂରଣ, ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କ ବଞ୍ଚିବା ପାଇଁ ନିଯୁକ୍ତି କିମ୍ବା ଜୀବିକା ସହାୟତା, ଗୁଜବ ଏବଂ ମିଥ୍ୟା ଅଭିଯୋଗ ବ୍ୟତୀତ ଉପଯୁକ୍ତ ଯାଞ୍ଚ ପରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ଗିରଫ, ମୃତକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଦୋଷୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ଏଭଳି ଘଟଣା ନଘଟୁ ସେଥିପାଇଁ ପୁଲିସ ତତ୍ପରତା ପ୍ରକାଶ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ, ନିମିକି ସଡ଼କରେ ପିକଅପ ହେଲପର ସଦର ଥାନା ଅନ୍ତର୍ଗତ ଅସ୍ତିଆ ଗ୍ରାମର ଶେଖ ମକାରନ୍ଦ ମହମ୍ମଦଙ୍କୁ ପିଟି ପିଟି ମାରି ଦିଆଯିବା ଘଟଣାରେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସଚେତନ ନାଗରିକମାନେ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ ମହମ୍ମଦ ସାହିରୁଲ ହକ୍, ସାମ୍ବାଦିକ ହାଇଦର ଖାନ, ସମାଜସେବୀ ଇନ୍ତେକାବ ଅଲ୍ଲି ଖାନ, ଶେଖ ବେଲାଉଦ୍ଦିନ, ତାରିକ ମହମ୍ମଦ, ଶେଖ ଜମାଲ ମହମ୍ମଦ, ଶେଖ ସାକିର ମହମ୍ମଦ, ଶେଖ ଜସନ ଅଲ୍ଲି, କାଉନସିଲର ଶେଖ ଆୟୁବ, ସାମ୍ବାଦିକ ସେଖ ନଜିମ, ସେଖ ରାଜ୍ଜ? ଅଲ୍ଲି, ମୋକିମ ଖାନ, ସେଖ ଭଲା, ସେଖ ଭାନୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁଡୁପାହିରେ ଗଙ୍ଗାମାତା ଗ୍ରାମୀଣ ମେଳା

ବାଲେଶ୍ୱର,୨୦।୧(ସମିସ): ଗୁଡୁପାହିରେ ଗଙ୍ଗାମାତା ଗ୍ରାମୀଣ ମେଳା କମିଟି ଏବଂ ଆରଡିଏଲ କ୍ଲବର ମିଳିତ ସହଯୋଗରେ ଆୟୋଜିତ ହେଉଛି । ଏହି ଅବସରରେ ମେଳାରେ ଗଙ୍ଗାମାତା ପୂଜା ସହ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହାର ଉଦଘାଟନୀ ଉତ୍ସବରେ ସମ୍ପାଦକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ସମ୍ମାନିତ ଅତିଥି ସୁଶୀଲ କୁମାର ପଟ୍ଟନାୟକ, ମାମୁନି ଜେନା ଯୋଗ ଦେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ସଭାପତିତ୍ୱ କରିଥିଲେ 'ଆମ ପରମ୍ପରା' ଟ୍ରଷ୍ଟ ସଭାପତି ମୁରଲୀଧର ନାୟକ । ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମୁଖ୍ୟବକ୍ତା ରେମୁଣା ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ପ୍ରତିନିଧି ଲମ୍ବୋଦର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଭୋଲାନାଥ ପାତ୍ର, ଅଶୋକ ପଣ୍ଡା, ସିଦ୍ଧେଶ୍ୱର ଦାସ, ଗୁରୁପଦ ବର୍ମନ ଯୋଗ ଦେଇଥିଲେ । ଶ୍ୱେତା ପଣ୍ଡା ମଞ୍ଚା ଆହ୍ୱାନ ସହ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ମୁଖ୍ୟ ସଂଯୋଜକ ତପନ ବର୍ମନ, କମିଟି ସମ୍ପାଦକ ମାଣିକଲାଲ ମଣ୍ଡଳ ଯଥାକ୍ରମେ ଅତିଥି ପରିଚୟ ଓ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ ଦୀପଙ୍କର ବର୍ମନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଚିତ୍ତରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

### 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ

## ନାଟକ 'ଏକ ନଷ୍ଟ ନାଟକର ନାଟ୍ୟକାର' ମଞ୍ଚସ୍ଥ

ବାଲେଶ୍ୱର,୨୦।୧(ସମିସ): ଅଗ୍ରଣୀ ଅନୁଷ୍ଠାନ 'ନାଟ୍ୟପ୍ରଭା'ର ୨୨ ତମ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟ ଉତ୍ସବର ଦ୍ୱିତୀୟସନ୍ଧ୍ୟା ତଥା ବୁଢାବଳଙ୍ଗ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଏହି ସନ୍ଧ୍ୟାରେ 'ଏକ ନଷ୍ଟ ନାଟକର ନାଟ୍ୟକାର' ନାଟକ ମଞ୍ଚସ୍ଥ ହୋଇଥିଲା । ବାଲେଶ୍ୱର ଗାନ୍ଧିସ୍ମୃତି ଭାବନରେ ନାଟ୍ୟପ୍ରଭା ତରଫରୁ ୨୨ତମ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ହେମେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକଟି ଦର୍ଶକଙ୍କୁ ବେଶ ମନୋରଞ୍ଜନର ଖୋରାକ ଯୋଗାଇଥିଲା । ଡ. କୁମାର ଗୋପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସଙ୍ଗୀତ ନାଟକ ଏକାଡେମି ପୁରସ୍କାରପ୍ରାପ୍ତ ବିଶିଷ୍ଟ ନାଟ୍ୟକାର ଡ. ମେଜର ପ୍ରଦୀପ ଭୌମିକ, କବି ଶ୍ରୀଦେବ, ସମାଜସେବୀ ବିକ୍ରମ ପଣ୍ଡା, ଓ ପର୍ଶୁରାମ ପ୍ରଧାନ ପ୍ରମୁଖ ଯୋଗଦେଇ ନାଟକ ସମାଜର ବାର୍ତ୍ତା ବହନ କରେ, ଏବେ ଡିଜିଟାଲ ଯୁଗରେ ନାଟକର ଗୁରୁତ୍ୱ କମି କମି ଯାଉଥିବା ବେଳେ ଆମକୁ ଅଧିକରୁ ଅଧିକ ଦର୍ଶକ ତିଆରି କରିବାକୁ ପଡିବ ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ବିଶିଷ୍ଟ ଅଭିନେତା ରତିକାନ୍ତ ବେହେରାଙ୍କୁ ଙ ଆରୁଣୀ କୁମାର ରକ୍ଷିତ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା ।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀଙ୍କ ଆତ୍ମହତ୍ୟା

ବାଲେଶ୍ୱର,୨୦ ।୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି । ସଦର ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଁଚି ମୃତ ଦେହକୁ ଉଦ୍ଧାର କରିବା ସହ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ମୃତକ ଜଣକ ହେଉଛନ୍ତି ସଦର ଥାନା ଅର୍ନ୍ତଗତ ଆଲୁପୁର ଅଞ୍ଚଳର ସମରଜିତ ପ୍ରଧାନ (୩୧) । ସମରଜିତଙ୍କ ମା'ଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ସେ ଦୀର୍ଘ ୩ବର୍ଷରୁ ଅଧିକ ହେବ ଅଫିସ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । କୌଣସି କାରଣ ବଶତଃ ସେ ଗତକାଲି ବିଳମ୍ବିତ ରାତିରେ ନିଜ ଶୋଇବା ଘରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି । ଆଜି ସକାଳେ ପରିବାର ଲୋକେ ତାଙ୍କୁ ଡାକିବାରୁ ସେ ଶୁଣିନଥିଲେ । ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଉଦ୍ଧାର କରିବା ତାଙ୍କର ବ୍ୟବଛେଦ ପାଇଁ ମେଡିକାଲକୁ ପଠାଇଥିଲେ । ଅନ୍ୟପଟେ ପାରିବାରିକ କଳହ ପାଇଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଆଲୋଚନା ହେଉଛି ।

## ଐତିହାସିକ ଗୋଲୋକ ଚନ୍ଦ୍ର ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ



ବାଲେଶ୍ୱର,୨୦।୧(ସମିସ): ଗୋଲୋକ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ଐତିହାସିକ, ଗବେଷକ ଓ ପ୍ରାବନ୍ଧିକ ସ୍ୱର୍ଗତ ଗୋଲୋକ ଚନ୍ଦ୍ର ମହାପାତ୍ରଙ୍କ ୧୨୪ ତମ ଜୟନ୍ତୀ ଉତ୍ସବ ତାଙ୍କ ବାସଭବନ ବୈରାମ ନଗରରେ ପାଳିତ ହୋଇଯାଇଛି । ଗୋଲୋକ ଚନ୍ଦ୍ର ମହାପାତ୍ରଙ୍କ ଦୁର୍ଲଭ ରଚନା 'ଯୁଗେ ଯୁଗେ ବାଲେଶ୍ୱର', 'ସେନାପତି ଫକୀରମୋହନ' ପୁସ୍ତକରୁ ବାଲେଶ୍ୱରର ବହୁ ଅବଲୁପ୍ତ ତଥା ପ୍ରାଚୀନ ତଥ୍ୟ ଓ ଫକୀରମୋହନ ସମ୍ବନ୍ଧୀୟ ବହୁ ନୂତନ ତଥ୍ୟ ମିଳିଥାଏ । ବିଶିଷ୍ଟ ଗବେଷକ ତଥା କମିଟି ସଭାପତି ଡକ୍ଟର ଅରବିନ୍ଦ ଗିରି ଏହି ଉତ୍ସବରେ ପୌରହିତ୍ୟ କରିଥିଲେ । ଏହି ଉତ୍ସବରେ କବି ଅଭୟ ଦାସ, ଜୟନ୍ତ କୁମାର ରଣା, ସୁରେନ୍ଦ୍ର ନାଥ ପଣ୍ଡା, ନୃସିଂହ ଚରଣ ନାୟକ, ପ୍ରଦ୍ୟୁମ୍ନ କୁମାର ନାୟକ, କବି ସୁଧୀର କୁମାର ମହାନ୍ତି, ଶାରଦା ନନ୍ଦନ ପାଲିତ ଏବଂ ଗୋଲୋକ ମହାପାତ୍ରଙ୍କ ସୁପୁତ୍ର ଲେଖକ ଆନନ୍ଦ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଗୋଲୋକ ମହାପାତ୍ରଙ୍କ ସାରସ୍ୱତ ସାଧନା, ତାଙ୍କ ରଚିତ ପୁସ୍ତକ, ତାଙ୍କର ଗବେଷଣା ନିଷ୍ଠା ତଥା ବ୍ୟକ୍ତିଗତ ଜୀବନୀ ବିଷୟରେ ନୂଆ ନୂଆ କଥା ବାବଦରେ ଆଲୋଚନା ହୋଇଥିଲା । ଗୋଲୋକ ମହାପାତ୍ରଙ୍କ ରଚିତ 'ଯୁଗେ ଯୁଗେ ବାଲେଶ୍ୱର' ଓ 'ସେନାପତି ଫକୀରମୋହନ' ପୁସ୍ତକର ପୁନଃ ମୁଦ୍ରଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ପ୍ରାବନ୍ଧିକ ଗୋଲୋକ ଚନ୍ଦ୍ର ମହାପାତ୍ରଙ୍କ ସାରସ୍ୱତ ସାଧନାକୁ ଆଧାର କରି 'ଗୋଲୋକ ସ୍ମୃତି ସମ୍ଭାର' ପୁସ୍ତକଟି ମଧ୍ୟ ପ୍ରକାଶ ପାଇଛି । ଏତଦ୍ ଭିନ୍ନ ତାଙ୍କର ବହୁ ଅନୁବାଦ ସାହିତ୍ୟ ଅପ୍ରକାଶିତ ପାଣ୍ଡୁଲିପି ଆକାରରେ ରହିଛି । ସେସବୁ ପ୍ରକାଶ ପାଇଲେ ତାଙ୍କ ସାରସ୍ୱତ କର୍ମ ଓ ଜୀବନ ବିଷୟରେ ଅନେକ ନୂତନ ତଥ୍ୟ ଜଣାପଡିବ ବୋଲି ମତପ୍ରକାଶ ପାଇଛି । ବାଲେଶ୍ୱର ସହରର ଅର୍ଥନୈତିକ ଉନ୍ନତି ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଗଡଗଡିଆ ଠାରେ ନିର୍ମାଣ ଖୁବ୍ ଶୀଘ୍ର କରାଯିବା ସମ୍?ନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା । ଏଥିସହ ଓଡ଼ିଆ ଭାଷାର ବିକାଶ ଏବଂ ଓଡ଼ିଆ ପୁସ୍ତକ ପତ୍ରିକାକୁ ଲୋକପ୍ରିୟ କରିବା ପାଇଁ ଅନ୍ୟାନ୍ୟ ଦିଗଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା । କୋଷ୍ଟ କେନାଲ ନବୀକରଣ, କୋଷ୍ଟାଲ ହାଇୱେ ସମାପ୍ତି, ଶିଳ୍ପାୟନ ଏବଂ ବାଲେଶ୍ୱରରେ ଏକ ବାଣିଜ୍ୟିକ ବନ୍ଦର ଭଳି ଅନେକ ଆର୍ଥିକ ଦିଗ ବିଷୟରେ ଆଲୋଚନା କରାଯାଇଥିଲା । ଗୋଲୋକ ମହାପାତ୍ରଙ୍କ ଅନ୍ତରଙ୍ଗ ଗୁଣଗ୍ରାହୀ ବ୍ରଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଯୁବ କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର,୨୦ ।୧(ସମିସ)



ରାଜ୍ୟରେ ବିଜେପି ସରକାର ଆସିବା ଠାରୁ ଓଡ଼ିଶାରେ ବିଶୃଙ୍ଖଳା ସୃଷ୍ଟି ହେବାରେ ଲାଗିଛି । ବ୍ରିଟିଶ ଶାସନ ସମୟରେ ଯେପରି ଲୋକମାନଙ୍କ ଠାରୁ କର ଆଦାୟ ହେଉଥିଲା ଏବେ ଠିକ ସେହିପରି ପ୍ରଦୂଷଣ ରୋକିବା ନାମରେ ଲୋକମାନଙ୍କଠାରୁ ମନଇଚ୍ଛା ଫାଇନ ଆଦାୟ କରାଯାଉଛି । ଏ ନେଇ ଆଜି ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କଂଗ୍ରେସ ସମୟରେ ଜାତୀୟ କରଣ କରାଯାଇଥିବା ସଂସ୍ଥାକୁ ବିଜେପି ସରକାର ଚତୁରତାର ସହ ଘରୋଇ କରଣ କରାଯାଉଛି । ଏହାଛଡା ସ୍ମାର୍ଟ ମିଟର ନାମରେ ଲୋକମାନଙ୍କୁ ଶୋଷଣ ବନ୍ଦ କରିବା, ନିର୍ବାଚନ ପୂର୍ବରୁ ୩ଶହ ୟୁନିଟ ମାଗଣା ବିଦ୍ୟୁତ୍ ପ୍ରଦାନ କରିବାକୁ ବିଜେପି ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ଦାବି ହୋଇଛି । ଏପର୍ଯ୍ୟନ୍ତ ଧାନ କିଣା ସଠିକ ଭାବେ ହୋଇନଥିବା ବେଳେ ତୁରନ୍ତ ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା । ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ରଣଜିତ ପାତ୍ର, ରାଜ୍ୟ ସମ୍ପାଦକ ଅଭିଜିତ ଜେନା, ସାଧାରଣ ସମ୍ପାଦକ ସ୍ୱାଗତ କର, ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଯୁବ ନେତା ସରୋଜ କୁମାର ଲେଙ୍କା, ପ୍ରଶାନ୍ତ କୁମାର ବୁଗୁଡାଇ, ତୁଷାର କାନ୍ତ ତପସୀ, ସୁଧାଂଶୁ ଜେନା, କମଳ ଲୋଚନ ରାଉତ, ଅଜଗର ଅଲ୍ଲୀ, ଛାତ୍ର ନେତା ଜଗନ୍ନାଥ ମହାପାତ୍ର, ଉପେନ୍ଦ୍ର ବେହେରା, ଦେବୁଦତ ଦାସ, ଆଶିଷ ପଟ୍ଟନାୟକ, ବିଦ୍ୟାଧର ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ । ଭୋଗରାଇ ନିର୍ବାଚନ ମଣ୍ଡଳୀର ସଭାପତି ଜୟଦେବ ଦାସ ଧନ୍ୟବାଦ ଦେଇଥିଲେ ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

**ନାଲ୍କୋରେ ଚାକିରି ଦେବାକୁ କହି ୫-୫ଲକ୍ଷ ଠକେଇ**

# ଝାରପଡ଼ା ଜେଲ୍‌ରୁ ରିମାଣ୍ଡରେ ଗଲେ ଦମ୍ପତି

ବ୍ରହ୍ମପୁର,୨୦।୧(ସମିସ):

ନାଲ୍‌କୋରେ ଚାକିରି କରାଇଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ୫-୫ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ଜଣେ ଦମ୍ପତିଙ୍କୁଝାରପଡ଼ା ଜେଲ୍‌ରୁ ରିମାଣ୍ଡରେ ନେଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ବେଣାଗାଡ଼ିଆ ଗ୍ରାମର ସନ୍ତୋଷ କୁମାର ବରାଡ଼ ଓ ସ୍ତ୍ରୀ ଗୀତାଞ୍ଜଳି ବରାଡ଼ (୪୧)। ଅଭିଯୁକ୍ତ ଦମ୍ପତି ଏକାଧିକ ଲୋକଙ୍କୁ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲରେ ଥିଲେ। ବ୍ରହ୍ମପୁର ସାଇବର ଥାନା ପୁଲିସ ସୂଚନା ପାଇ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଝାରପଡ଼ା ଜେଲରୁ ଦମ୍ପତିଙ୍କୁ ମଙ୍ଗଳବାର ରିମାଣ୍ଡରେ ଆଣି ବ୍ରହ୍ମପୁର କୋର୍ଟରେ ହାଜର କରିଛନ୍ତି। ସୂଚନାଯୋଗ୍ୟ ଯେ, ଗେଟ୍‌ବଜାର ବର୍ମା କଲୋନୀ ନିବାସୀ ସନ୍ତୋଷ କୁମାର ପାଢୀଙ୍କ ପୁଅ ଚାକିରି ପାଇଁ ଭୁବନେଶ୍ୱର ସହିଦନଗରଠାରେ ଥିବା ଆରୋଶ୍ରୀ ସ୍କିଲ





ଡେଭଲପମେଣ୍ଟ ସେଣ୍ଟର ପ୍ରାଇଭେଟ ଲିମିଟେଡ଼ର ଡାଇରେକ୍ଟର ସନ୍ତୋଷ କୁମାର ବରାଡ଼ ଓ ସ୍ତ୍ରୀ ଗୀତାଞ୍ଜଳି ବରାଡ଼ଙ୍କ ସହ ୨୦୨୫ରେ କଥା ହୋଇଥିଲେ। ଉଭୟ ଦମ୍ପତି ସନ୍ତୋଷଙ୍କ ପୁଅକୁ ନାଲକୋରେ ମ୍ୟାନେଜର ପୋଷ୍ଟରେ ଚାକିରି ଦେବାକୁ କହି ଲେଟର ଦେଇଥିଲେ। ୨୦୨୫ ମାର୍ଚ୍ଚ ୧୧ରୁ ୧୩ ତାରିଖ ମଧ୍ୟରେ ସେ ୧୮ ଲକ୍ଷ ଟଙ୍କା ଆକାଉଣ୍ଟକୁ ପଠାଇଥିଲେ। ଏହାପରେ ସେମାନେ ଆଇକାର୍ଡ ଦେଇଥିଲେ। ସେପଟେ ସନ୍ତୋଷଙ୍କ ସ୍ତ୍ରୀଙ୍କ ନାଁରେ ଇଲେକ୍ଟ୍ରି ଦୋକାନ ରହିଛି। ତାଙ୍କ ଦୋକାନର ଇଲେକ୍ଟ୍ରି ସାମଗ୍ରୀ ବଡ଼ କମ୍ପାନୀମାନଙ୍କୁ ବିକ୍ରି କରି ଅଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇଥିଲେ। ଇତିମଧ୍ୟରେ ବ୍ୟବସାୟୀଙ୍କ ପୁଅକୁ ନାଲ୍‌କୋ ପ୍ଲାଣ୍ଟରେ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ମାର୍ଚ୍ଚ ମାସ ଠାରୁ ଜୁଲାଇ ମାସ ମଧ୍ୟରେ ପୁଣି ୩୭ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ବ୍ୟବସାୟ କି ଚାକିରି କିଛି ମଧ୍ୟ ହୋଇନଥିଲା। ସେମାନେ ପର୍ଯ୍ୟାୟକ୍ରମେ ୫-୫ଲକ୍ଷ ଟଙ୍କା ନେଇଥିଲେ।

ପରେ ସମ୍ପୃକ୍ତ ଦମ୍ପତିଙ୍କୁ ଏକ ଠକେଇ ମାମଲାରେ ଭୁବନେଶ୍ୱର ସାଇବର୍ ଥାନା ପୁଲିସ ସୁରାଟରୁ ଗିରଫ କରି ଆଣିଥିବା ସନ୍ତୋଷ ଜାଣିବାକୁ ପାଇଥିଲେ। ପରେ ସେ ମଧ୍ୟ ବ୍ରହ୍ମପୁର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା (ନଂ.୧୦୦/୨୫) ରୁଜୁ କରି ବ୍ରହ୍ମପୁର ସାଇବର ପୁଲିସ ଭୁବନେଶ୍ୱର ଝାରପଡ଼ା ଜେଲରୁ ଠକ ଦମ୍ପତିଙ୍କୁ ରିମାଣ୍ଡରେ ଆଣିଥିବା ଜଣାପଡ଼ିଛି।

■ ଶିକ୍ଷୟିତ୍ରୀଙ୍କ ଠାରୁ ୭୦ହଜାର ଟଙ୍କା ଠକେଇ ମାମଲା

## ବାଲେଶ୍ୱରରୁ ଅଭିଯୁକ୍ତକୁ ଗିରଫ କଲା ବ୍ରହ୍ମପୁର ପୁଲିସ

ବ୍ରହ୍ମପୁର,୨୦।୧(ସମିସ): ଆନ୍ତର୍ଜାତୀୟ ବଜାରରେ ଅଶ୍ଳୀଳ ଫଟୋ ବିକ୍ରି ହେଉଛି ବୋଲି କହି ବ୍ରହ୍ମପୁରରେ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କଠାରୁ ୭୦ହଜାର ଟଙ୍କା ଠକେଇ ହୋଇଥିଲା। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ବାଲେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ବଳିଆପାଲ୍ ପ୍ରତାପପୁର ଅଞ୍ଚଳର ଚନ୍ଦନ କୁମାର ଜେନା(୩୫)। ସୂଚନାଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲାର ଜଣେ ୨୫ ବର୍ଷୀୟ ଯୁବତୀ ବ୍ରହ୍ମପୁର ଗେଟବଜାର ଅଞ୍ଚଳରେ ରହୁଛନ୍ତି। ସେ ବ୍ରହ୍ମପୁରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଭାବେ ପାଠ ପଢ଼ାନ୍ତି। ଗତ ଡିସେମ୍ବର ୩୧ରେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ଯୁବତୀଙ୍କ ଅଶ୍ଳୀଳ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଲୁଥିବା କହିଥିଲା। ଏହି ଫଟୋ ଟୁଇଟର ଭଳି ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ସହ ବିକ୍ରି ହେଉଥିବା ଜଣାଇଥିଲେ। ଆଉ ସେହି



ଅଶ୍ଳୀଳ ଫଟୋ ଡିଲିଟ କରିବା ସହ ବିକ୍ରି ହୋଇଥିବାରୁ ଜରିମାନା ବାବଦକୁ ୭୨ହଜାର ଟଙ୍କା ଜମା କରିବାକୁ ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲା। ଏପରିକି ଇଣ୍ଟରନେଟରୁ ଉକ୍ତ ଅଶ୍ଳୀଳ ଫଟୋ ହଟାଇବାକୁ ହେଲେ ଭିଡ଼ିଓ କଲରେ ଉଲଗ୍ନ ହେବାକୁ କହିଥିଲା। ଏହା ଶୁଣି ଯୁବତୀ ଜଣଙ୍କ ଚିନ୍ତାରେ ପଡ଼ିଯାଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ଯୁବତୀ ଜଣଙ୍କ ତାଙ୍କ କଥାରେ ପଡ଼ି ୭୦ହଜାର ଟଙ୍କା ପଠାଇବା ସହ ଭିଡିଓ କଲରେ ଯୋଗ ଦେଇଥିଲେ। ହେଲେ କିଛିଦିନ ପରେ ଯୁବତୀଙ୍କୁ ଅନ୍ୟ ମୋବାଇଲ ନମ୍ବରରୁ ମଧ୍ୟ କଲ ଆସିବା ଆରମ୍ଭ ହୋଇଥିଲା। ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ (ନଂ.୩/୨୬)ରେ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ଅଭିଯୁକ୍ତ ଜଣକ ବାଲେଶ୍ୱରର ବୋଲି ଜଣାପଡ଼ିଥିଲା। ସେହିକ୍ରମରେ ଥାନା ଅଧିକାରୀ ଶଙ୍କର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ବାଲେଶ୍ୱର ଯାଇ ସମ୍ପୃକ୍ତ ଅଭିଯୁକ୍ତ ଚନ୍ଦନକୁ ଗିରଫ କରି ବ୍ରହ୍ମପୁର ଆଣିବା ପରେ ଆଜି କୋର୍ଟଚାଲାଣ କରିଛି।

● କିଆବାଡ଼ ଭାଗବଣ୍ଟାକୁ ନେଇ ହତ୍ୟା ମାମଲା

## ବାପ-ପୁଅକୁ ଆଜୀବନ ଜେଲ୍

ବ୍ରହ୍ମପୁର,୨୦।୧(ସମିସ): କିଆବାଡ଼ ଭାଗବଣ୍ଟାକୁ ନେଇ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଗଞ୍ଜାମ ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାଶ ୨ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ କଇଠା ଓଡିଆର୍‌ପି କଲୋନୀର ସୁରେନ୍ଦ୍ର ବେହେରା(୬୨) ଓ ତାଙ୍କ ପୁଅ ମୋହନ ବେହେରା(୩୫)। ଆଜୀବନ କାରାଦଣ୍ଡ ସହ ଏହି ବାପା-ପୁଅଙ୍କୁ ୧୦ହଜାର ଲେଖାଏଁ ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ଓଡିଆରପି କଲୋନୀର ଭୀମ ବେହେରା(୫୫)ଙ୍କ ପରିବାର ଓ ତାଙ୍କ ବଡଭାଇ ସୁରେନ୍ଦ୍ର ବେହେରାଙ୍କ ପରିବାର ମଧ୍ୟରେ କିଆବାଡ଼ ଭାଗବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା। ୨୦୨୪ମସିହା ଫେବୃଆରୀ ୪ରେ ଭୀମ ତାଙ୍କ ଘର ଆଗରେ ଛିଡ଼ା ହୋଇଥିବା ବେଳେ ତାଙ୍କ ବଡ଼ଭାଇ ତଥା ଅଭିଯୁକ୍ତ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନ କାତି ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଭୀମଙ୍କ ପତ୍ନୀ ରାଧା ବେହେରା ସ୍ୱାମୀକୁ ବଞ୍ଚାଇବାକୁ ଆସିଥିବାବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟ ଗୁରୁତର ହୋଇ ପଡ଼ିଯିବା ପରେ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଭୀମ ଓ ତାଙ୍କ ପତ୍ନୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଭୀମଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଗୋଳନ୍ଥରା ଥାନାରେ (୫୪/୨୪) ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ଉଭୟ ବାପା ପୁଅ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ମାମଲାର ବିଚାରଣ ବେଳେ ମୋଟ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଆଜି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ବାପା-ପୁଅଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ। ତତ୍‌କାଳୀନ ଏସଆଇ ଦୀପ୍ତିରଞ୍ଜନ ପ୍ରଧାନ ଓ ବିଭୂତି ଭୂଷଣ ସେଠୀ ମାମଲାର ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲେ।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର



ବ୍ରହ୍ମପୁର,୨୦।୧(ସମିସ): ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପି. ରାମଚନ୍ଦ୍ରପୁର ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏସ. ଗୋପାଳପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଆରସିସି ଦିଲ୍ଲୀପ କୁମାର ପ୍ରଧାନ ଓ ଅନ୍ୟତମ ଅତିଥି ଭାବେ ପି. ରାମଚନ୍ଦ୍ରପୁର ପୋଷ୍ଟମାଷ୍ଟର ସରୋଜ କୁମାର ବେହେରା, ଯୋଗୁଡି ବଳଭଦ୍ରପୁର ପୋଷ୍ଟମାଷ୍ଟର ଶାନ୍ତନୁ ମହାପାତ୍ର ଓ ୱାର୍ଡ ମେମ୍ବର ସୁଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ। ଶିବିରରେ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଉପକାରିତା, ସାଇବର୍ ଠକେଇ ସମ୍ପର୍କୀତ ଆଲୋଚନା କରି ସଚେତନତା କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା।

## ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ବ୍ରହ୍ମପୁର,୨୦।୧(ସମିସ): ଗୋଳନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନଓ ମୁଖ୍ୟ ଡ଼. ସୁକାନ୍ତ କିଶୋର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆର୍ମି ଆଡ଼ ଡିଫେନ୍ସ କଲେଜର କମାଣ୍ଡାଣ୍ଟ ଲେଫ୍ଟ ଜେନେରାଲ୍ ଆର୍ ସି ଶ୍ରୀକାନ୍ତ, ମୁଖ୍ୟ ବକ୍ତା ଭାବେ ହାଇଦ୍ରାବାଦ୍‌ସ୍ଥିତ ଟି ୱାର୍କସ୍ କମ୍ପାନୀର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ସହଜ ସାନ୍ଧୁ, ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ମଧ୍ୟ ମଞ୍ଚାସୀନ ଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଭାରତର ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଯୁବଶକ୍ତିକୁ କିପରି ବ୍ୟବହାର କରାଯାଇପାରିବ ତାହା ସେ ବ୍ୟାଖ୍ୟା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁଙ୍କର ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବଓଦ୍ ଅର୍ପଣ କରିଥିଲେ। ସେହିପରି ଅନୁଷ୍ଠାନର ଲକ୍ଷ୍ୟ ଏବଂ ଆଦର୍ଶକୁ ନେଇ ବିଭିନ୍ନ ସେମିନାର ହୋଇଥିଲା। ସନ୍ଧ୍ୟାରେ ୪୩ଜଣ ଅଧ୍ୟାପକ, ଅଣ-ଅଧ୍ୟାପକଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବ୍ରହ୍ମପୁରରେ ଆଞ୍ଚଳିକ ପଲିଫେଷ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୨୦।୧(ସମିସ): ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ତିନିଦିନିଆ ଆଞ୍ଚଳିକ ପଲିଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଦକ୍ଷିଣ ଓଡିଶାର ପଲିଟେକ୍‌ନିକ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡାଭାବନା, ସଂସ୍କୃତିକ ଆଦାନ-ପ୍ରଦାନ, ଏକତା ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶକୁ ପ୍ରୋତ୍ସାହନ ଦେବା ପଲିଫେଷ୍ଟ ମୁଖ୍ୟ ଉଦ୍ଦେଶ୍ୟ। ଉଦଘାଟନୀ ସମାରୋହରେ ୟୁସିପି ଇଞ୍ଜିନିୟରିଂ ସ୍କୁଲର ଅଧ୍ୟକ୍ଷ ଏସଏସ. ରାଜ, ସରକାରୀ ପଲିଟେକ୍ନିକ୍ ଅଧ୍ୟକ୍ଷ ତନୁଜା ଦାଶ, ରୁପାଲି ଦାଶ, ଓଏସଇ ସଚିବ ରୁପାଲି ଦାଶ ଓ କଲାମ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ କାହ୍ନୁ ଚରଣ ଚୌଧୁରୀ ଯୋଗ ଦେଇ ପଲିଫେଷ୍ଟକୁ ଉଦ୍‌ଘାଟନ କରିଥିଲେ। ଦକ୍ଷିଣ ଓଡିଶାର ୧୮ଟି ପଲିଟେକ୍‌ନିକ୍ ସଂସ୍ଥାରୁ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଚଳିତ ମାସ ୨୨ତାରିଖରେ ଆଞ୍ଚଳିକ ପଲିଫେଷ୍ଟ ଉଦଯାପିତି ହେବାର କାର୍ଯ୍ୟକ୍ରମ ରହିଛି।

## ଟେଣ୍ଟ ହାଉସ୍‌ରୁ ଚୋରି; ଦୁଇ ଗିରଫ

ବ୍ରହ୍ମପୁର,୨୦।୧(ସମିସ): ଏକ ଟେଣ୍ଟ ହାଉସରୁ ସାମଗ୍ରୀ ଚୋରି ଘଟଣାରେ ଗୋଷାଣୀନୂଆଗାଁ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସଚିନ ରେଡ୍ଡୀ(୨୪) ଓ ଭଗବାନ ନାୟକ(୩୮)। ଭଗବାନ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଗିରଫ ହୋଇଥିବା ଜଣାପଡ଼ିଛି। ପୁଲିସ ଏକ ଏମ୍ପ୍ଲିଫାୟାର ଜବତ କରିଛି। ମାମଲା ନଂ.୨୪/୨୬ରେ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗତ ୧୪ତାରିଖରେ ଗୁଡ୍‌ସସେଡ଼ ରୋଡରେ ଥିବା ଏକ ଟେଣ୍ଟହାଉସ୍ ଭିତରେ ଥିବା ଏକ ଏମ୍ପ୍ଲିଫାୟାର ଓ କାରର ବ୍ୟାଟେରି ଚୋରି ହୋଇଥିଲା। ଏନେଇ ଟେଣ୍ଟହାଉସ ମାଲିକ ସୁଶାନ୍ତ କୁମାର ପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ଘରେ ପଶି ଆକ୍ରମଣ; ଯୁବକ ଗିରଫ

ବ୍ରହ୍ମପୁର,୨୦।୧(ସମିସ): ଉଦୟସେଠୀ ନାମକ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାରେ ନିମଖଣ୍ଡି ଥାନା ପୁଲିସ ଅଭିଯୁକ୍ତ ଲକ୍ଷ୍ମଣ ସେଠୀ(୨୩)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୮ ଜାନୁଆରୀ ରାତି ପ୍ରାୟ ସାଢ଼େ ୯ଟାରେ ଲକ୍ଷ୍ମଣ ବଳପୂର୍ବକ ଉଦୟ ସେଠୀଙ୍କ ଘରେ ପଶି ଗାଳିଗୁଲଜ ସହ ଧମକ ଦେଇଥିଲେ। ଉଦୟ ପ୍ରତିବାଦ କରିବାରୁ ତାଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଲକ୍ଷ୍ମଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି। ପୂର୍ବବିବାଦକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ପୁଲିସ କହିଛି।

## ଗଞ୍ଜାମର ଜୁନିଅର ହ୍ୟାଣ୍ଡବଲ୍ ଦଳ ଚାମ୍ପିଅନ୍





ବ୍ରହ୍ମପୁର,୨୦।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକରେ ଚାଲିଥିବା ୩୧ତମ ଜୁନିୟର ଆନ୍ତଃଜିଲ୍ଲା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଗଞ୍ଜାମର ବାଳକ ଓ ବାଳିକା ଦଳ ଚାମ୍ପିଅନ୍ ହୋଇଛନ୍ତି। ବାଳିକା ଦଳ କ୍ରମାଗତ ଭାବେ ଚତୁର୍ଥ ଥର ଚାମ୍ପିଅନ୍ ହୋଇ ରେକର୍ଡ କରିଛି।

ବାଳିକା ଦୋଳ ସେମିଫାଇନାଲରେ କେନ୍ଦୁଝରକୁ(୧୨-୮)ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଜଗତସିଂପୁରକୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ (୧୬-୧୫)ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ସେହିପରି ବାଳକ ଦଳ ସେମିଫାଇନାଲରେ ପ୍ରତିପକ୍ଷ କେନ୍ଦୁଝରକୁ (୧୬-୧୨) ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବାବେଳେ ଫାଇନାଲରେ ପୁରୀକୁ(୧୯-୧୪) ଗୋଲ୍‌ରେ ପରାସ୍ତ କରିଛି। ଚାମ୍ପିଅନ ଗଞ୍ଜାମ ବାଳିକା ଦଳର ସସ୍ମିତା ଦାସ ଚମତ୍କାର ଖେଳ ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉଭୟ ଦଳର ଖେଳାଳୀଙ୍କ ଏହି ସଫଳତଓ ପାଇଁ ଗଞ୍ଜାମ ଜିଲ୍ଲା ସଂଘର କାର୍ଯ୍ୟକାରି ସଭାପତି ଆଶୋକ କୁମାର ଶୁକ୍ଳ, ଉପ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ସଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡ଼ା ମନୋଜ କୁମାର ପାତ୍ର, ଏନଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥଙ୍କ ସହ ଜିଲ୍ଲାର ସବୁ ଖେଳାଳି ଓ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ବ୍ରହ୍ମପୁର,୨୦।୧(ସମିସ): ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୟନ୍ତ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷାବିଭାଗ ବ୍ରହ୍ମପରୁର ଆଞ୍ଚଳିକ ନିର୍ଦ୍ଦେଶକ ନାରାୟଣ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ଳେଳେ କାର୍ଯ୍ୟକ୍ରମର ସଂଯୋଜିକା ଡ. ମିନତୀ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ





୨୦୨୫ଶିକ୍ଷାବର୍ଷରେ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିପରି ରାଜ୍ୟବାହାରେ ଜାତୀୟସ୍ତରରେ ଏନସିସି, ଏନ୍‌ଏସଏସ, କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ଗୌରବ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଶିକ୍ଷା ବିଭାଗର ଅଧ୍ୟାପକ ଡ.ଅଜୟ କୁମାର ପେଣ୍ଡୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଲର ହାତରେ ବନ୍ଧା ପଡ଼ିଛି ମଣ୍ଡି; ଯୋଗାଣ ବିଭାଗ ଚୁପ୍

ବ୍ରହ୍ମପୁର,୨୦।୧(ସମିସ)

ଗଞ୍ଜାମ ଜିଲ୍ଲାରେ ବିଳମ୍ବରେ ଧାନମଣ୍ଡି ଖୋଲିଥିବାରୁ କିଛି ଚାଷୀ ଆନ୍ଧ୍ର ବେପାରୀ ହାତରେ ଧାନ ଟେକି ଦେଇଥିବା ବେଳେ ଏବେ ମଣ୍ଡିରେ ବିକ୍ରୀ କରୁଥିବା ଚାଷୀ ଟୋକନ ସମସ୍ୟା, କଟ୍‌ନୀ ଛଟ୍‌ନୀରେ ଘାଣ୍ଟି ହେଉଛନ୍ତି। ଯାହାକୁ ନେଇ ଚାଷୀକୂଳ ମଧ୍ୟରେ ଅସନ୍ତୋଷ ତେଜୁଛି। ଏପଟେ ଗଞ୍ଜାମ ଜିଲ୍ଲାରେ ମଣ୍ଡି ମିଲରଙ୍କ ହାତରେ ବନ୍ଧା ପଡ଼ିଛି ବୋଲି ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଅଭିଯୋଗ

● ଗଞ୍ଜାମ ଜିଲ୍ଲାରେ ଧାନ କିଣା ଦୁର୍ନୀତିର ତଦନ୍ତ ଦାବି

● ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀ ସଂଗଠନର ଚେତାବନୀ

କରିଛନ୍ତି। ଅନ୍ୟପଟେ ଆଗାମୀ ଦିନରେ ଧାନକିଣା ଦୁର୍ନୀତିର ତଦନ୍ତ ନ ହେଲେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି।

ଏନେଇ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ଶ୍ରୀ ନାହାକ କହିଛନ୍ତି ଯେ, ଜିଲ୍ଲାରେ ୫ଲକ୍ଷ ୨୦ହଜାର ଚାଷୀ ଧାନ ଚାଷ କରୁଥିବା ବେଳେ ପ୍ରାୟ ୨.୫ ଲକ୍ଷ ଭାଗଚାଷୀ ଚାଷ କରିଥାନ୍ତି। ପ୍ରତିବର୍ଷ ମାତ୍ର ୪୦ଭାଗ ଚାଷୀଙ୍କ ଧାନ କିଣାଯାଇଥାଏ। ଭାଗଚାଷୀ, ଛୋଟଚାଷୀ ଓ ନାମମାତ୍ର ଚାଷୀ ପଞ୍ଜୀକରଣରେ ସମସ୍ୟା ଥିବାରୁ



ଦଲାଲଙ୍କୁ କମ୍ ଦାମ୍‌ରେ ଧାନ ବିକି ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହୁଛନ୍ତି। ଏକର ପିଛା ୨୫ରୁ ୩୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ହେଉଥିବା ବେଳେ ସରକାର ଅଣ ଜଳସେଚିତ ଜମି ପାଇଁ ୧୩ କ୍ୱିଣ୍ଟାଲ ଏବଂ ଜଳସେଚିତ ଜମି ପାଇଁ ୧୯କ୍ୱିଣ୍ଟାଲ ଧାନ ବିକିବା ପାଇଁ ଧାର୍ଯ୍ୟ କରିଛନ୍ତି। ଫଳରେ ଚାଷୀଙ୍କ ଆଦାୟ ଧାନ ମଧ୍ୟ ବଳକା ରହୁଛି। ଯେହେତୁ ଅଧିକାଂଶ ଚାଷୀ ରାସନ୍ କାଡର୍‌ରେ ଚାଉଳ ପାଇଥାନ୍ତି। ଫଳରେ ଏହି ବଳକା ଧାନ ମଧ୍ୟ ଚାଷୀମାନେ ମଧ୍ୟସ୍ଥି ବେପାରୀମାନଙ୍କୁ ବିକି କ୍ଷତି ସହୁଛନ୍ତି। କେନ୍ଦ୍ର ସରକାର ଚଳିତବର୍ଷ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୬୯ଟଙ୍କା କରିଥିବା ବେଳେ ରାଜ୍ୟ ସରକାରଙ୍କ ବୋନସ ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ବେପାରୀମାନେ ଧାନ କିଣିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ଏମଏସପି ଦରଠାରୁ କମ୍ ଦରରେ କୌଣସି ଚାଷୀ ଧାନ ବିକନ୍ତି ନାହିଁ। ସେହି ସରକାର ଚାଷୀଙ୍କ ଧାନ ସଠିକ୍ ଦରରେ ବିକିବା ପାଇଁ ଚାହିଦା ସୃଷ୍ଟି କରିଛନ୍ତି। ଆନ୍ଧ୍ର ପ୍ରଦେଶରେ ମଣ୍ଡିରେ ଅକସନ୍ ଜରିଆରେ ଧାନ କିଣାଯାଉ ଥିବାରୁ ଚାଷୀ ଭଲ ଧାନ ଏମଏସପି ଠାରୁ ଅଧିକ ଦରରେ ବିକୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ଚାଷୀମାନେ ସରକାରୀ ଦରରେ ଧାନ ବିକୁଛନ୍ତି। ଏଣୁ ଓଡ଼ିଶା ସରକାର ମଧ୍ୟ ଉକ୍ତ ପଦ୍ଧତି ଆପଣାଇବବା ଦରକାର ବୋଲି ଶ୍ରୀ ନାହାକ ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଗୋଟିଏ କ୍ୱିଣ୍ଟାଲ ଧାନରେ ଅତି କମରେ ୧୦କେଜି ପର୍ଯ୍ୟନ୍ତ ଅଗାଡ଼ି, ଗୋଡ଼ି ଏବଂ ଖରାପ ଧାନ ଥିଲେ ସୁଦ୍ଧା ତାହା ଏଫଏକ୍ୟୁ ମାନର ଅଟେ। ମାତ୍ର ଏଫଏକ୍ୟୁ ମାନ ନାମରେ ଚାଷୀଙ୍କୁ ଡ଼ରେଇ କ୍ୱିଣ୍ଟାଲ ପିଛା ୫ରୁ ୬ କେଜି ପର୍ଯ୍ୟନ୍ତ ଧାନ ମଣ୍ଡିରେ ଅଧିକା ନେଇ ଚାଷୀଙ୍କୁ ଠକାଯାଉଛି ବୋଲି ସେ ଅଭିଯୋଗ କରିଛି।

ଅନ୍ୟପକ୍ଷରେ ଅଧିକାଂଶ ଜାଗାରେ ନାମକୁ ମାତ୍ର ଛାମୁଣ୍ଡିଆ କରି ମଣ୍ଡି ଖୋଲାଯାଇଛି। ତାହା ସୁରକ୍ଷିତ ନୁହେଁ। ତେବେ ଧାନକିଣାରେ ଜିଲ୍ଲାରେ ପ୍ରତିବର୍ଷ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିରେ ମିଲ ମାଲିକ ଓ ଯୋଗାଣ ବିଭାଗ, ସମବାୟ ବିଭାଗର ମଧୁଚନ୍ଦ୍ରିକାରେ ସାମିଲ ଅଛନ୍ତି ବୋଲି ଶ୍ରୀ ନାହାକ ଅଭିଯୋଗ କରିଛନ୍ତି। ସେହିଭଳି ପଞ୍ଜୀକୃତ ଅଧାରୁ ଅଧିକ ଚାଷୀଙ୍କୁ ଅଖା ଟଙ୍କା ଓ ଗାଡ଼ି ଭଡ଼ା ଟଙ୍କା ମିଳୁନି। ଚଳିତବର୍ଷ ୪୦ ହଜାର ଚାଷୀଙ୍କ ଟୋକେନ୍ ଏବେ ସୁଦ୍ଧା ଆସିନି। ଅଧିକା ଜମି ଥିବା ଚାଷୀଙ୍କର କମ୍ ପରିମାଣ ଧାନ ବିକିବା ପାଇଁ ଆସିଥିବାରୁ ଚାଷୀମାନେ ତାଙ୍କ ବଳକା ଧାନ କେମିତି ବିକିବେ ଚିନ୍ତାରେ। ଏବେ ସୁଦ୍ଧା ପ୍ରାୟ ୯୦ଭାଗ ଚାଷୀଙ୍କ ଧାନ ଅମଳ ହୋଇଥିଲେ ସୁଦ୍ଧା ମିଲରମାନେ ଠିକ୍ ସମୟରେ ଧାନ ଉଠାଉନଥିବାରୁ ଧାନ ପଡ଼ିରହିଛି। ଚାଷୀମାନେ ହଇରାଣ ହେଉଛନ୍ତି। ଜିଲ୍ଲା ପ୍ରଶାସନ ସବୁ ଜାଣି ନୀରବ। ଏଣୁ ଧାନ କିଣାରେ ହେଉଥିବା ଦୁର୍ନୀତିର ତଦନ୍ତ ପାଇଁ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ, ମା' ରତନେଇ କୃଷକ ସଂଘର ନାରାୟଣ ପ୍ରଧାନ, ବଳଦେବ କୃଷକ ସଂଘର ବାଉରୀବନ୍ଧୁ ସ୍ୱାଇଁ ବାହୁଦା କୃଷକ ସଂଘର ହୃଷୀକେଶ ନାୟକ, ସର୍ବେଶ୍ୱର କୃଷକ ସଂଘର ରମେଶ ଗୌଡ଼ ଏବଂ ଋଷିକୁଲ୍ୟା ରୟତ ମହାସଭାର ସୀମାଞ୍ଚଳ ନାହାକ ଏହି ମହାଦୁର୍ନୀତିର ତଦନ୍ତ କରି ଚାଷୀଙ୍କୁ ନ୍ୟାୟ ଦେବେ ବୋଲି ସରକାରଙ୍କ ଠାରେ ଚାଷୀ ସଂଗଠନ ମାନେ ଦାବି କରିଛନ୍ତି। କଟନି ଛଟନି ବନ୍ଦ କରି ସରକାରୀ ଦରରେ ଧାନ ନ କିଣିଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସଂଗଠନ ମାନେ ଚେତାବନୀ ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ

# ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉପରେ ଗୁରୁତ୍ୱ

ପଟ୍ଟାମୁଣ୍ଡାଇ,୨୦।୧(ସମିସ)



ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ଜନସାଧାରଣ ନିକଟରେ ସୁଫଳ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଧାନମଣ୍ଡିକୁ ଦଲାଲ ମୁକ୍ତ କରି ଚାଷୀଙ୍କୁ ନିର୍ଦ୍ଧାରିତ ସରକାରୀ ଦରରେ ଧାନ ବିକିବା ପାଇଁ ୪ ଜଣ ସରପଞ୍ଚ, ୪ ସମିତି ସଭ୍ୟ, ୨ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ନେଇ କମିଟି ଗଠନ ଓ ସମସ୍ତ ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ ତଦାରଖ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଆଗାମୀ ଗ୍ରୀଷ୍ମଋତୁ ପୂର୍ବରୁ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବିଭାଗୀୟ ଯନ୍ତ୍ରୀଙ୍କଠାରୁ କୈଫିୟତ ମାଗିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ପଟ୍ଟାମୁଣ୍ଡାଇ ବ୍ଲକରେ ୧୯୪ ନୂତନ ନଳକୂପ ଖନନ ପାଇଁ ସ୍ଥିର କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ଓ ଆସନ୍ତା ଏପ୍ରିଲ ମାସରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ୨୦ଟି ପଞ୍ଚାୟତର ପାନୀୟଜଳ ସମସ୍ୟା ଦୂର ହେବ ବୋଲି ସୂଚନା ଦେଇଥିଲେ।

ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ରାଜନଗର ମେଗା ପାନୀୟଜଳ ପ୍ରକଳ୍ପ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୯ଟି ପଞ୍ଚାୟତ ଓ ଆଳି ମେଗା ପାନୀୟଜଳ ପ୍ରକଳ୍ପ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୭ଟି ପଞ୍ଚାୟତବାସୀଙ୍କୁ ତୁରନ୍ତ ପାନୀୟଜଳ ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳଙ୍କୁ ପତ୍ର ଲେଖିବାକୁ ସମିତି ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା। ପାନୀୟଜଳ ଓ ମହିଳା ଶିଶୁ ବିକାଶ ବିଭାଗ ସମସ୍ୟା ସମାଧାନ ପାଇଁ ଆସନ୍ତା ୩୧ ତାରିଖରେ ପାନୀୟଜଳ ଓ ଫେବୃଆରୀ ୪ ତାରିଖରେ ମହିଳା ଶିଶୁ ବିକାଶ ବିଭାଗର ସ୍ୱତନ୍ତ୍ର ବୈଠକ କରାଯିବାକୁ ସ୍ଥିର କରାଯାଇଥିଲା। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପଞ୍ଚାୟତ ପାନୀୟଜଳ ରାସ୍ତାଘାଟ ଉନ୍ନତି, ଏଏନଏମ ସେଣ୍ଟର ପ୍ରତିଷ୍ଠା, ଅଲେଖପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଆଦି ସମସ୍ୟା ଉତ୍ଥାପନ କରିଥିଲେ। ବନ୍ୟା ବିପନ୍ନ ଧୋଇପାଳଙ୍କୁ ୧୮ ଆମ୍ବୁଲାନ୍ସ ଯୋଗାଇବାକୁ ତଡ଼ିପାଳ ସମିତିସଭ୍ୟ ନିରଞ୍ଜନ ବାରିକ ଓ ୯ଟି ପଞ୍ଚାୟତରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ରାସ୍ତା ନଷ୍ଟ ହେଉଥିବା ଚନ୍ଦନନଗର ସରପଞ୍ଚ ବଳୋଜ ସେଠୀ ଓ ସମିତି ସଭ୍ୟ ମାନସ ମଲ୍ଲିକ ଅଭିଯୋଗ କରିଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ, ସାଂସଦ ପ୍ରତିନିଧି ସୁନାକର ବେହେରା, କେନ୍ଦ୍ରାପଡ଼ା ବିଧାୟକ ପ୍ରତିନିଧି କୈଳାସ ସେଠୀ, ବିଡିଓ ଶୀତଳ ଅଗ୍ରୱାଲ, ମେଡିକାଲ ଅଫିସର ଡା ନିରାକାର ପରିଡା, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜର ନାଟ୍ୟ ଉତ୍ସବ

ପଟ୍ଟାମୁଣ୍ଡାଇ,୨୦।୧(ସମିସ): ପଟ୍ଟାମୁଣ୍ଡାଇ କଲେଜର ୫୫ତମ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ନାଟ୍ୟକାର ଗଣେଶ ରାଉତ ମୁଖ୍ୟଅତିଥି, ଚଳଚ୍ଚିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ଦେବ ପାତ୍ର ମୁଖ୍ୟବକ୍ତା ଓ ଯାତ୍ରା କଳାକାର ମୁନୁ ପଣ୍ଡା ଓ ଜୀବନ ଜ୍ୟୋତି ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନରେ ନାଟକର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଓ ନାଟ୍ୟ ସଂସଦ ଉପସଭାପତି ପ୍ରାଧ୍ୟାପକ ଅମାୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସଂସଦ ଉପସଭାପତି ଅଧ୍ୟାପକ ଶ୍ରୀମନ୍ତ ଜେନା ନାଟକ ସଂଳାପ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରୋହିତ ବର୍ଗୀ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ମଣିଷ ଖେଳୁଛି କଣ୍ଢେଇ ଖେଳ ନାଟକ ମଞ୍ଚସ୍ଥ କରାଯାଇଥିଲା।

## ପ୍ରଫେସର ନିର୍ମଳ ବଳଙ୍କ ସ୍ମୃତିରେ ଶିକ୍ଷାବୃତ୍ତି ପ୍ରଦାନ

ରାଜନଗର,୨୦।୧(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଦିବଂଗତ ଅଧ୍ୟାପକ ନିର୍ମଳ ବଳଙ୍କ ସ୍ମୃତିରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଟ୍ୟାଲେଣ୍ଟ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ଅଧ୍ୟାପିକା ଅନୁସୂୟା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ପୂର୍ବତନ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ଯୋଗଦେଇ ସ୍ୱର୍ଗତ ବଳଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଅଦ୍ୟମ ପ୍ରଚେଷ୍ଟାରେ କଲେଜରେ ବିଜ୍ଞାନ ବିଭାଗର ପ୍ରତିଷ୍ଠିତ ହୋଇଥିଲା ବୋଲି କହିଥିଲେ। ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ଏହି ଟ୍ୟାଲେଣ୍ଟ ଶିକ୍ଷାବୃତ୍ତିକୁ ତାଙ୍କର ପତ୍ନୀ ଅଧ୍ୟାପିକା ବେହେରା ଆରମ୍ଭ କରିଛନ୍ତି। ଏହି ଶିକ୍ଷାବୃତ୍ତି ବିଜ୍ଞାନ ବିଭାଗର ସୁଭସ୍ମିତା ରାଉତ, ଧୀରେନ୍ଦ୍ର ସାମନ୍ତରାୟ, ଶୁଭେନ୍ଦୁ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଣୟ ବେହେରା, ଅଭିମନ୍ୟୁ ରାଉତ, ସନ୍ଦୀପ ମହାପାତ୍ର, ବିଚିତ୍ର ନନ୍ଦ ପାଣି, ପୁଷ୍ପରଞ୍ଜନ ରାଉତ, ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## କଟକ-କେନ୍ଦ୍ରାପଡ଼ା ମଧ୍ୟରେ ସରକାରୀ ବସ୍ ବୃଦ୍ଧି ଦାବି

କେନ୍ଦ୍ରାପଡ଼ା,୨୦।୧(ସମିସ): କଟକରୁ କେନ୍ଦ୍ରାପଡ଼ାକୁ ପ୍ରତିଦିନ ଯାତାୟାତ କରୁଥିବା ସାଧାରଣ ଲୋକ ବସ୍ ଅଭାବ ଯୋଗୁଁ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠିଛି। ଏନେଇ କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ-କେନ୍ଦ୍ରାପଡ଼ା ରାସ୍ତାରେ ପର୍ଯ୍ୟାପ୍ତ ସରକାରୀ ବସ୍ ସେବା ନ ଥିବାରୁ ଛାତ୍ରଛାତ୍ରୀ, କର୍ମଚାରୀ, ରୋଗୀ ଓ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଅଭାବରୁ ଲୋକେ ବାଇକ୍, କାର୍ ଭଳି ବେସରକାରୀ ଯାନ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ରାସ୍ତାରେ ଭିଡ଼ ବଢ଼ିବା ସହ ଦୁର୍ଘଟଣା ନିୟମିତ ଘଟୁଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କଟକରୁ କେନ୍ଦ୍ରାପଡ଼ାକୁ ପ୍ରତିଦିନ ଅତି କମ୍‌ରେ ୨୦ଟି ସରକାରୀ ବସ୍ "ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା' ଅଧୀନରେ ଚଳାଚଳ କରାଯିବାକୁ ଦାବି କରାଯାଇଛି। ଏଥିସହ କେନ୍ଦ୍ରାପଡ଼ା ଜିଲ୍ଲାକୁ ଅର୍ବାନ ଟ୍ରାନ୍ସପୋର୍ଟ ତାଲିକାରେ ସାମିଲ କରି ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି।

## ବରିଷ୍ଠ ଅଧିକାରୀଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୦।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା ସହ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ରାଜ୍ୟ ସାମ୍ବାଦିକ ସଙ୍ଘ, କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ାର ଜଣେ ଅଧିକାରୀ ନୀତି ନିୟମକୁ ଅଣଦେଖା କରି ବେଖାତିର ଓ ବେପ୍ରଫିକର ଭାବେ ଆଚରଣ କରୁଛନ୍ତି। ସେ ଜଣେ ସରକାରୀ ଅଧିକାରୀ ଭାବେ ନିଜ ଦାୟିତ୍ୱ ଓ ମର୍ଯ୍ୟାଦାକୁ ଅବହେଳା କରୁଥିବା ଅଭିଯୋଗ ସଙ୍ଘ ପକ୍ଷରୁ କରାଯାଇଛି। ଦିନକୁ ଦିନ ତାଙ୍କ ଔଦ୍ଧତ୍ୟପୂର୍ଣ୍ଣ ବ୍ୟବହାର ବଢ଼ିଚାଲିଛି। ନିଜ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତାଙ୍କୁ ସେ ଅସଭ୍ୟ ଭାଷାରେ ଗାଳି କରୁଥିବା ସହ ସାମ୍ବାଦିକଙ୍କ ପ୍ରତି ମଧ୍ୟ ଅପମାନଜନକ ବ୍ୟବହାର, ଗାଳି କରୁଥିବା ଅଭିଯୋଗ ଉଠିଛି। ପଲ୍ଲୀଶ୍ରୀ ମେଳା ଚାଲିଥିବାବେଳେ ଓଡ଼ିଶାର ଜଣେ ସୁନାମଧନ୍ୟ କଳାକାରଙ୍କୁ ଗ୍ୟାଲେରୀରୁ ବାହାରିଯିବାକୁ କହିଥିବା ଘଟଣା ନେଇ ମଧ୍ୟ ସଙ୍ଘ ଗଭୀର ଆପତ୍ତି ଜଣାଇଛି। ଉକ୍ତ କଳାକାରଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏପରି ବ୍ୟବହାର ସମଗ୍ର ରାଜ୍ୟରେ ଲଜ୍ଜାଜନକ ବୋଲି ସଙ୍ଘ ମତ ପ୍ରକାଶ କରିଛି। ତାଙ୍କୁ ତୁରନ୍ତ ବଦଳି କରି ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଘ ଦାବି କରିଛି। ଯଦି ଶୀଘ୍ର କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବୋଲି ରାଜ୍ୟ ସାମ୍ବାଦିକ ସଂଘ ସଭାପତି ଦୈତାରୀ ଜେନା ଚେତାବନୀ ଦେଇଛନ୍ତି। ଏ ଅବସରରେ ସଙ୍ଘର ସମ୍ପାଦକ ଅସିତ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ପ୍ରଫୁଲ ମଲ୍ଲ, ପ୍ରଭାତ ଲେଙ୍କା, ମୃତ୍ୟୁଞ୍ଜୟ ପରିଡା, ସୈଫୁଲ୍ଲା ଖାନ, ଅମର ବିଶ୍ୱାଳ, ସନ୍ତୋଷ ପୋଥାଳ, ନଗେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ କଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ

ମହାକାଳପଡ଼ା,୨୦।୧(ସମିସ): ଖୁରୁଷିଆ ପାଟୁଲିପଙ୍କସ୍ଥ ଶିକ୍ଷକ ଭବନ କାର୍ଯ୍ୟାଳୟରେ ଶିକ୍ଷକ କଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ତଥା ପରିଷଦର ସଭାପତି ରାଜକିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ ମୁଖ୍ୟଅତିଥି ଓ ସମାଜସେବୀ କୁମରକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୮୪ରେ ଜଣେ ଶିକ୍ଷକଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପରେ ଶିକ୍ଷକ ସମାଜର କଲ୍ୟାଣ ନିମନ୍ତେ ସ୍ୱର୍ଗତ ସର୍ବେଶ୍ୱର ମହାପାତ୍ର, ସ୍ୱର୍ଗତ କ୍ଷେତ୍ରବାସୀ ଭୂୟାଁ ଓ ସ୍ୱର୍ଗତ ବିଜୟ ମହାପାତ୍ର ପ୍ରମୁଖଙ୍କ ପ୍ରଚେଷ୍ଟାରେ ସ୍ଥାପିତ ଏହି ଶିକ୍ଷକ କଲ୍ୟାଣ ପରିଷଦର ଲୋକପ୍ରିୟତା ବୃଦ୍ଧି ପାଇବା ପରେ ଏହାର କଳେବର ଓ ପରିସୀମା ବୃଦ୍ଧି କରିବା ପାଇଁ ଅଞ୍ଚଳର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଅନୁରୋଧ କରିଛନ୍ତି। ଏ ଅବସରରେ ସେବା ନିବୃତ୍ତ ପରିଷଦର ସଦସ୍ୟ ତପନ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ଅମେଇପାଳ ଓ ତିଖିରୀ ପଞ୍ଚାୟତର ଦୁଇ ଶିକ୍ଷକ ଶିକ୍ଷୟିତ୍ରୀ ସୋମନାଥ ମହାପାତ୍ର ଓ ଅରୁଣୀମା ସାମନ୍ତରାୟଙ୍କୁ ପରିଷଦରେ ସାମିଲ କରାଯାଇଥିଲା। ଟିକରପଙ୍ଗା ପୋଲଠାରୁ କୋରଟପଙ୍ଗା ପୋଲ ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶିକ୍ଷାବିତ ପ୍ରସନ୍ନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦେବୀପ୍ରସନ୍ନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ନାୟକ, ଖୁରୁଷିଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ପାଟୁଲିପଙ୍କ ସମିତି ସଭ୍ୟ ଗଣେଶ ପୃଷ୍ଟି, ସରପଞ୍ଚଙ୍କ ପ୍ରତିନିଧି ନିର୍ମଳ ମଲ୍ଲିକ ପ୍ରମୁଖ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଦୀପ୍ତିମୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ରାଜନଗର, ୨୦।୧(ସମିସ): ସ୍ଥାନୀୟ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ପରାମର୍ଶଦାତା ଇଂ. ସୌମେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ବିଶିଷ୍ଟ ସନ୍ଥ ସ୍ୱାମୀ ଭକ୍ତିବିଳାସ ପର୍ଯ୍ୟଟକ ମହାରାଜ ଯୋଗଦେଇ ଆଧ୍ୟାତ୍ମ ଓ ଆଧ୍ୟାତ୍ମିକତା କିପରି ଛାତ୍ରଛାତ୍ରୀଙ୍କ ବିକାଶ, ପ୍ରଜ୍ଞା, ଧୈର୍ଯ୍ୟ, ଚରିତ୍ର, ଆଚାର ଗଠନରେ ସହାୟକ ହେବ ବୋଲି କହିଥିଲେ। ଶିକ୍ଷାବିତ୍ ଶ୍ରୀକାନ୍ତ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଲୋକପ୍ରିୟ ଲେଖକ ସରୋଜ ମହାନ୍ତି, ସୁବେଦାର ଅଚ୍ୟୁତାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶୁକଦେବ ପରିଡ଼ା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଚେୟାରମ୍ୟାନ ଦୁର୍ଗାଚରଣ ପ୍ରଧାନ, ମ୍ୟାନେଜିଂ ଟ୍ରଷ୍ଟି କବିତା ପ୍ରଧାନ, ଉପାଧ୍ୟକ୍ଷ ଲକ୍ଷ୍ମୀଧର ସ୍ୱାଇଁ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଲକ୍ଷ୍ମୀଧର ସ୍ୱାଇଁ ଓ ଶିକ୍ଷୟିତ୍ରୀ ଅମ୍ରିତା ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋପାମୁଦ୍ରା ସିଂହ, ଅମିତା ନାୟକ, ଅନୁସୂୟା କର, ସୋନାଲି ବାଇ, ରୋଜାଲିନ ସ୍ୱାଇଁ, ଅନ୍ନପୂର୍ଣ୍ଣା ମଲ୍ଲିକ, ସୁନୀତା ଦାସ, ପ୍ରକାଶ ଦାସ, ରୂପଶ୍ରୀ ମଣ୍ଡଳ, ଚନ୍ଦ୍ରିକା ମହାନ୍ତି , ପ୍ରିୟା ପ୍ରିୟଦର୍ଶିନୀ ଜେନା, ପରମେଶ୍ୱର ସାହୁ, ଜୟଶ୍ରୀ ରାଉତ, ସୁଭାଶ୍ରୀ ପ୍ରିୟଦର୍ଶିନୀ ଲେଙ୍କା, ନିବେଦିତା ଦାସ, ସୁଚିସ୍ମିତା ସାହୁ, ଗୀତାଞ୍ଜଳି ସିଅ, ସଙ୍ଗୀତା ପଣ୍ଡା , ସୁକଲ୍ୟାଣୀ ବେହୁରା, କମଳାକାନ୍ତ ବାରିକ, ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସାନମୂଳବସନ୍ତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୨୦।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନମୂଳବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩ତମ ବାର୍ଷିକ କ୍ରୀଡ଼ା ନିତାଇ ଚୈତନ୍ୟ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସମ୍ପାଦକ ସଂଗ୍ରାମ ସ୍ୱାଇଁ ଓ କୋଷାଧ୍ୟକ୍ଷା ମନସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ବଡମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିକ୍ରମଜିତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଝରଣା ସେଠୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ସମାଜସେବୀ ସଂଗ୍ରାମ ସ୍ୱାଇଁ ମୁଖ୍ୟଅତିଥି, ପରିଚାଳନା ସମିତି ସଭାପତି ବାବୁରାମ ସାହୁ, ସଦସ୍ୟା ସୁମିତ୍ରା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଗୁରୁମା ସବିତା ପ୍ରଧାନ ସ୍ୱାଗତ ଭାଷଣ ଓ ସୁଚିସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ। ଝରଣା ସେଠୀ, ଦୀପ୍ତିମୟୀ ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ବେହେରା, ସୁଶ୍ରୀ ସ୍ୱାଗତିକା ଜେନା, ଭାଗ୍ୟଶ୍ରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲକ୍ଷ୍ମଣ ଦାଶଙ୍କୁ ମଧୁଶ୍ରୀ ସମ୍ମାନ

ଡେରାବିଶ, ୨୦।୧(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସାହିତ୍ୟିକ ଡଃ ଲକ୍ଷ୍ମଣ ଦାଶଙ୍କୁ ମଧୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସାଲେପୁରସ୍ଥ ସରସ୍ୱତୀ ଶିଶୁମନ୍ଦିରରେ ମଧୁମାଟି ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଯୋଗଦେଇ ଶ୍ରୀ ଦାଶଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଭାବେ ଡଃ ଗୌତମ ମହାରଣା, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବ୍ରଜକିଶୋର ଦାଶ, ବିଭୁପ୍ରସାଦ ବିଶ୍ୱାଳ, ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ଡଃ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଦେସାହିରେ ବୃକ୍ଷରୋପଣ, କବିତା ପାଠୋତ୍ସବ

ଗୋବିନ୍ଦପୁର,୨୦।୧(ସମିସ): ଦେସାହି ଗ୍ରାମର ସମାଜସେବୀ ସନ୍ତୋଷ ବେହୁରିଆଙ୍କ ଜନ୍ମଦିନରେ ବୃକ୍ଷରୋପଣ, କବିତା ପାଠୋତ୍ସବ, ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି। ଦଧିବାମନଜୀଉ ବିଦ୍ୟାପୀଠରେ ବୃକ୍ଷରୋପଣ କରାଯାଇଥିଲା। କବି ପ୍ରଭାତ ମଲ୍ଲିକଙ୍କ ସଂଯୋଜନାରେ କବି ରମାକାନ୍ତ ନାୟକ, ଅମ୍ବିକା ସାମଲ, ଭାରତ ଭୂଷଣ ମଲ୍ଲିକ, ଖଗେଶ୍ୱର ସାହୁଙ୍କ ସମେତ ୩୦ରୁ ଅଧିକ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମଧ୍ୟାହ୍ନରେ ଶିକ୍ଷାବିତ୍ ଗଦାଧର ପଢ଼ିହାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦାମୋଦର ବେହେରା, ମୁଖ୍ୟବକ୍ତା ଖରସ୍ରୋତା ପୁସ୍ତକ ମେଳା ସଭାପତି ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଡକ୍ଟର ଗିରିଶ ମିଶ୍ର, ବରେଣ୍ୟ ବକ୍ତା ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି କନକଲତା ବେହେରା, ସରପଞ୍ଚ ମୋନାଲିସା ଦାସ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଶ୍ରୀ ବେହୁରିଆଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସନ୍ତୋଷ ବେହୁରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୨୦।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ଓ ଓଳାଭର କଲେଜ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଡେମନଷ୍ଟ୍ରେଟିଂ ଡେମୋକ୍ରେସୀ, ଅପରଚ୍ୟୁନିଟିଜ ଆଣ୍ଡ ଚ୍ୟାଲେଞ୍ଜେସ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ଡ. ଆଲୋକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ରାଜନୀତି ବିଜ୍ଞାନ ଡ. ପ୍ରକାଶ ଷଡଙ୍ଗୀ ମୁଖ୍ୟଅତିଥି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ମାନସ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତନ୍ତ୍ରକୁ ଲୋକାଭିମୁଖୀ କରିବା, ସାଧାରଣ ନାଗରିକଙ୍କ ଶାସନ ତନ୍ତ୍ରରେ ଅଂଶଗ୍ରହଣ, ପାରଦର୍ଶିତା, ଦାୟିତ୍ୱବୋଧ ଓ ଡିଜିଟାଲ ମାଧ୍ୟମରେ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିବା ସହିତ ଅଶିକ୍ଷା, ଭୁଲ ସୂଚନା, ସାମାଜିକ ଅସମାନତା ଦୂର କରି ସମତୁଳନ କରିପାରିଲେ ଗଣତନ୍ତ୍ର ଅଧିକ ସକ୍ରିୟ ଓ କ୍ରିୟାଶୀଳ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ଼ ସର୍ବେଶ୍ୱର ସାହୁ ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିବାବେଳେ ଅଧ୍ୟାପିକା ନିବେଦିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଆଲୋକ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ପଟ୍ଟାମୁଣ୍ଡାଇ, ଓଳାଭର କଲେଜ ସମେତ ବିଭିନ୍ନ କଲେଜର ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ।

### ● ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା

## ଭକ୍ତି ସଙ୍ଗୀତ ଓ ନୃତ୍ୟଗୀତରେ ବିଭୋର ଦର୍ଶକ

ଡେରାବିଶ, ୨୦।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ଶୈବ ପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ତ୍ରିବେଣୀ ମେଳାର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ମଞ୍ଚରେ କେନ୍ଦ୍ରାପଡ଼ା ନୂପୁର ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ ଓ ଭକ୍ତି ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ସୋମବାର ଥିବାରୁ ଆର୍ତ୍ତେଶ୍ୱରଙ୍କ ଦର୍ଶନ ପାଇଁ ଭିଡ଼ ଲାଗିଥିବାବେଳେ ମେଳା ପଡ଼ିଆରେ ପଡ଼ିଥିବା ଅସ୍ଥାୟୀ ବଜାରରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏଥିସହିତ ମନ୍ଦିର ବେଢ଼ାରେ ଆରମ୍ଭ ହୋଇଥିବା ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ମଣ୍ଡପରେ ପଣ୍ଡିତଙ୍କ ମନ୍ତ୍ର ମନ୍ଦିର ବେଢ଼ା ଓ ମେଳା ପଡ଼ିଆକୁ ଭକ୍ତିମୟ କରିଥିଲା। ଜିଲ୍ଲାରେ ଏହି ମେଳାଟି ପ୍ରସିଦ୍ଧିଲାଭ କରିଥିବାରୁ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆମ ଗୋବରୀ ସେବା ସଂଗଠନ ପକ୍ଷରୁ ସେବା ଶିବିର ପଡ଼ିଥିଲା। ଶିବିରକୁ ବରିଷ୍ଠ ବିଜେଡି ନେତା ରବି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ମାହାଙ୍ଗା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂ, ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସ୍ୱର୍ଣ୍ଣପ୍ରଭା ପଲାଇ, ସମ୍ପାଦକ କଳ୍ପତରୁ ମହାରଣାଙ୍କ ନେତୃତ୍ୱରେ ପ୍ରହ୍ଲାଦ ପଲେଇ, ପାର୍ବତୀ ମଲ୍ଲିକ, ଅମୀୟ ପଲାଇ, ସଦାଶିବ ପଣ୍ଡିତରା, ଅଲେଖ ଚନ୍ଦ୍ର ପାତ୍ରଙ୍କ ସମେତି ବହୁ ସ୍ୱେଚ୍ଛାସେବୀ ଭିଡ଼କୁ ନିୟନ୍ତ୍ରଣ କରିବା ସହ ସେବା ଯୋଗାଇ ଦେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆସନ୍ତା ଗୁରୁବାର ଶେଷ ହେବାକୁ ଥିବା ଏହି ମେଳାରେ ଘରକରଣା ସାମଗ୍ରୀ ସହ ବିଭିନ୍ନ ଫାଷ୍ଟଫୁଡ୍ ଷ୍ଟଲରେ ମହିଳାଙ୍କ ସଂଖ୍ୟା ଅଧିକ ଥିବାବେଳେ ପ୍ରଦର୍ଶିତ ଅପେରାରେ ଭିଡ଼ ଦେଖିବାକୁ ମିଳୁଛି। କମିଟିର ସଭାପତି ଅକ୍ଷୟ ଦାସ, ସମ୍ପାଦକ ନାରାୟଣ ଲେଙ୍କା, କର୍ମକର୍ତ୍ତା ପ୍ରଭାକରୀ ସାମଲ, କୃତ୍ତିବାସ ସେଠୀ, ସୁବ୍ରତ ବରାଳ, ବୀରବର ସାହୁ, ପ୍ରଦୀପ ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ନିକିରାଇ ପୁଲିସ୍ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ଜିଲ୍ଲାପାଳଙ୍କୁ ଭେଟିଲା କୃଷକ ସଭା

ରାଜକନିକା,୨୦।୧(ସମିସ): ସୋମବାର ଦିନ ରାଜକନିକା ବ୍ଲକ ପରିସରରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଓଡ଼ିଶା କୃଷକ ସଭା ରାଜକନିକା ବ୍ଲକ କମିଟି ପକ୍ଷରୁ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ବିଭିନ୍ନ କୃଷି ସମସ୍ୟା ସମ୍ବଳିତ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦୁଇ ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ପ୍ରଦାନ କରି ଦୁଇ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଗୁଣ୍ଡଳ ଓ ଡାଳିକାଏନ୍ଦାଠାରେ ନିର୍ମିତ ତ୍ରୁଟିପୂର୍ଣ୍ଣ ସ୍ଲୁଇସ ଗେଟ ଯୋଗୁ ଜଳସେଚନ ଓ ଜଳ ନିଷ୍କାସନ କ୍ଷମତା କମୁଛି। ଏହାର ସମ୍ପ୍ରସାରଣ ଦରକାର। ଏଥିସହିତ ଯୋର, ନାଳରେ ପଙ୍କ ଉଦ୍ଧାର ସାଙ୍ଗକୁ ଜଳସେଚନ, ଜଳ ନିଷ୍କାସନ ଓ ଦଳ ସଫା ପାଇଁ ସଂଗଠନ ଦାବି କରିଛି। ନଦୀ ଗ୍ରାସରୁ ଗାଁକୁ ରକ୍ଷା କରିବା ପାଇଁ ସ୍ପର ନିର୍ମାଣ ସହିତ ପୁରୁଣା ସ୍ପର ମରାମତି କରିବା ଓ ବନ୍ୟାବନ୍ଧ ମରାମତି ସହିତ ଲୁଣା ଘେରି ସମ୍ପ୍ରସାରଣ ପାଇଁ ଦାବି କରାଯାଇଛି। କୁମ୍ଭୀର ଓ ବାର୍‌ହା ଆକ୍ରମଣରୁ ଧନ ଜୀବନ ରକ୍ଷା କରିବା ଓ କ୍ଷତିପୂରଣ ଦେବା, ସମବାୟ ଦୁର୍ନୀତି ରୋକିବା, ବନ୍ୟା ଓ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ଼ କରିବା ଆଦି ଦାବି କରାଯାଇଛି। ଜିଲ୍ଲା ସଭାପତି କାଳୀପ୍ରସାଦ ନାୟକ, ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବ୍ଲକ ସଭାପତି ଧନେଶ୍ୱର ରାଉତ, ବ୍ଲକ ସମ୍ପାଦକ ନବକିଶୋର ସୂତାର, ବରିଷ୍ଠ ନେତା କିଶୋର ସାହୁ, ଦାମୋଦର ଧଳ, ରମାକାନ୍ତ ନାୟକ, କୃପାସିନ୍ଧୁ ପଣ୍ଡା, ପ୍ୟାରୀମୋହନ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଡାକ୍ତର ପ୍ରମୋଦ ପ୍ରହରାଜଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୨୦।୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପୂର୍ବତନ ଅତିରିକ୍ତ ଜିଲ୍ଲା ମେଡିକାଲ ଅଫିସର (ଏଡିଏମଓ) ଡା. ପ୍ରମୋଦ କୁମାର ପ୍ରହରାଜଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡା. ପ୍ରହରାଜ ୨୦୨୨ ଜୁନ ୩୦ ତାରିଖରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଏଡିଏମଓ ଦାୟିତ୍ୱ ସଫଳତାର ସହିତ ପାଳନ କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଏଥିସହିତ ସେ ୯ ମାସ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଓ ଜିଲ୍ଲା ମିଶନ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ର ଦୁଇଥର ଇକୋ ଫ୍ରେଣ୍ଡଲି ହସ୍ପିଟାଲ ଓ କାୟାକଳ୍ପ ସମ୍ମାନରେ ସମ୍ମାନିତ ହେବା ସହ ଲକ୍ଷ୍ୟ ଓ ବେବୀ ଫ୍ରେଣ୍ଡଲି ହସ୍ପିଟାଲ ମାନ୍ୟତା ଲାଭ କରିଥିଲା। ବର୍ତ୍ତମାନ ଡା. ପ୍ରହରାଜ ଭଦ୍ରକ ଜିଲ୍ଲାକୁ ସିଡିଏମଓ ଭାବେ ବଦଳି ହୋଇଥିବାରୁ କେନ୍ଦ୍ରାପଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହ ସମ୍ବର୍ଦ୍ଧନା ମାଧ୍ୟମରେ ସମ୍ମାନ ଜଣାଯାଇଛି। ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ଗୌରାଙ୍ଗ ଗିରି, ଡା. ଶ୍ୟାମସୁନ୍ଦର ଟୁଡୁ, ଡା. ପ୍ରଦୀପ ଦାସ, ନୂତନ ଏଡିଏମଓ ଡା. କିଶୋର ମିଶ୍ର, ବିଭିନ୍ନ ସ୍ପେସାଲିଷ୍ଟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଆର୍ଥିକ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଡ. ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡା. ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠର ବାର୍ଷିକ ଉତ୍ସବ

# 'ଉତ୍ତମ ଶିକ୍ଷା ଜୀବନକୁ ଆଲୋକିତ ଓ ସଫଳ କରେ'

ପଟ୍ଟାମୁଣ୍ଡାଇ,୨୦।୧(ସମିସ)



ଶିକ୍ଷା ମଣିଷ ଜୀବନକୁ ଆଲୋକିତ ଓ ସଫଳ କରିଥାଏ । ଅଜ୍ଞାନତାକୁ ବିନାଶ କରି ଜ୍ଞାନର ଆଲୋକ ବିତରଣ କରି ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢି ତୋଳିବାରେ ସହାୟକ ହୋଇଥାଏ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ୍ ଚନ୍ଦନନଗର ପଦ୍ମଲୋଚନ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ପ୍ରକାଶ କରିଛନ୍ତି।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନୋଜିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଶିଷ୍ଟ କବି, ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ପ୍ରାକ୍ତନ ଅଧିକାରୀ ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ହିଁ ସାମର୍ଥ୍ୟ ଗଢିବାର ଚାବିକାଠି ହୋଇଥିବାରୁ ପ୍ରଗତିର ମାର୍ଗକୁ ଆଲୋକିତ କରିଥାଏ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ପଞ୍ଚାନନ ଧଳ, ପ୍ରାକ୍ତନ ଯୁଗ୍ମ ଶାସନ ସଚିବ ଅଶୋକ ଦାସ, ଚନ୍ଦନନଗର ପଞ୍ଚାୟତ ସମିତି ସଭ୍ୟ ମାନସ ମଲ୍ଲିକ ଓ ସାମ୍ବାଦିକ ଭାସ୍କର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ବାରିକ ସ୍ୱାଗତ ଭାଷଣ, ପ୍ରଜ୍ଞା ପାରମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ସଂଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଦ୍ୟାପୀଠର ମୁଖପତ୍ର "ଚନ୍ଦନ' ଉନ୍ମୋଚିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ କବି ନିରାକାର ଦାସଙ୍କ ପୌରୋହିତ୍ୟରେ ପ୍ରଥମ ଅଧିବେଶନରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ମୁଖ୍ୟଅତିଥି, କବି ସଚିତ୍ର ବେହୁରା ମୁଖ୍ୟବକ୍ତା, ଗାଳ୍ପିକା ଅବନ୍ତୀ ବେହେରା, କବୟିତ୍ରୀ ଚାରୁଲତା ଭୂୟାଁ, ନଳିନୀପ୍ରଭା ଦାସ ଓ ସରୋଜିନୀ ଦାଶ, ଶିକ୍ଷାବିତ ସୁରେଶ ଜେନା, କବି ଅଶୋକ ପରିଡା ଓ ନିମାଇଁ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ବାରିକ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷୟିତ୍ରୀ ବନୋଜିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଜ୍ଞାପରମିତା ସାହୁ ଧନ୍ୟବାଦ ଦେଇଥିଲେ। ଏ ଅବସରରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶରତ ସାହୁ, ଦୀପ୍ତିଶଙ୍କର ରାଉଳ, ଦୁର୍ଗାପ୍ରସାଦ ପରିଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଗଜପତି ଜିଲ୍ଲାରେ ୨ ଚକିଆ ଗାଡ଼ି ଚାଳକଙ୍କୁ ଖୋଲାଖୋଲି ଲୁଟ୍

- ଅଟକାଉଛି ପୁଲିସ; ଷ୍ଟିକର ଲଗାଇ ଦିଲ୍ଲୀର ସଂସ୍ଥା ନେଉଛି ୫୦ଟଙ୍କା
- ଚାଳକଙ୍କ ମଧ୍ୟରେ ଭାଳେଣି, ଏସ୍‌ପି କହିଲେ ୨୦ରୁ ୩୦ଟଙ୍କା ନେବା କଥା



ପାରଳାଖେମୁଣ୍ଡି,୨୦ା୧(ସମିସ)

ବର୍ତ୍ତମାନ ରାସ୍ତାରେ ଗାଡ଼ି ଚଳାଇବାକୁ ଡରିଲେଣି ଚାଳକ। ଘରୁ ଗାଡ଼ି ଧରି ବାହାରିଲେ କେତେବେଳେ କେଉଁଠି ଫାଇନ୍ କଟିବ କହିହେଉନି। କେତେବେଳେ ପଲ୍ୟୁସନ୍ ତ ଆଉ କେତେବେଳେ ଦ୍ରୁତ ଚାଳନା ନେଇ ଫାଇନ୍ କଟୁଛି। ସଙ୍ଗେ ସଙ୍ଗେ ଗାଡ଼ି ଚାଳକଙ୍କୁ ମୋବାଇଲ୍‌ରେ ମେସେଜ ଆସିଯାଉଥିବାରୁ ଭୟଭୀତ ହୋଇ ପଡୁଛନ୍ତି ଚାଳକ। ଏବେ ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ଉପଲଡ଼ା ଲିଙ୍ଗିପୁର ଛକରେ। ମଙ୍ଗଳବାର ଉକ୍ତ ଛକ ଦେଇ ଯାଉଥିବା ଗାଡ଼ି ଚାଳକଙ୍କୁ ଗୁରାଣ୍ଡି ପୁଲିସ ଅଟକାଉଥିବାବେଳେ ଦିଲ୍ଲୀର ଏକ ଏଜେନ୍ସିରୁ ଆସିଥିବା ଜଣେ ମହିଳା ଓ ଜଣେ ପୁରୁଷ ୨ ଚକିଆ ଯାନ ଆଗ ଓ ପଛରେ ଷ୍ଟିକର ଲଗାଇ ଜୋରଜବରଦସ୍ତ ୫୦ଟଙ୍କା ଆଦାୟ କରୁଥିଲେ। ଏହା ଖୋଲାଖୋଲି ଲୁଟ୍ ବୋଲି କହିଛନ୍ତି ଗାଡ଼ି ଚାଳକ। ସବୁଠାରୁ ବଡ଼କଥା ହେଲା ପୁଲିସ ଅଟକାଉଥିବାବେଳେ ଏହି ସଂସ୍ଥା ଷ୍ଟିକର ମାରୁଛି ଓ ଭିଡ଼ିଓ କିମ୍ବା ଫଟୋ ଉତ୍ତୋଳନ କରିବାକୁ ବାରଣ କରୁଥିବାରୁ ଚାଳକଙ୍କ ମଧ୍ୟରେ ସନ୍ଦେହ ବଢୁଛି।

ସରକାରଙ୍କ ଏପରି ବିନା ଘୋଷଣାରେ ଷ୍ଟିକର ଲଗାଇ ଟଙ୍କା ନେବାକୁ ନେଇ ଚାଳକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିଛି ଚାଳକ ସଡ଼କ ସୁରକ୍ଷା ନାମରେ ଯଦିଓ ଏହି ଷ୍ଟିକର ଲଗାଯାଉଛି। ହେଲେ ସରକାର ଏସମ୍ପର୍କରେ କୌଣସି ଘୋଷଣା କରିନାହାନ୍ତି। ଅଧାବାଟରେ ହଠାତ ଅଟକାଇ ଖଣ୍ଡିଏ ଷ୍ଟିକର ଲଗାଇ ୫୦ଟଙ୍କା ମାଗିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି। ଯେଉଁ ଷ୍ଟିକର ଲଗାଉଛନ୍ତି ତାର ମୂଲ୍ୟ ୧୦ ଟଙ୍କା ହେବ ବୋଲି କହିଛନ୍ତି ଚାଳକ। ଏପରି ଷ୍ଟିକର ଖଣ୍ଡିକ ଲଗାଇବାକୁ ସରକାରଙ୍କ ନିର୍ଦ୍ଦେଶନାମା ରହିଛି କି ନାହିଁ ଓ ଏନେଇ କୋ÷ଣସି ନିର୍ଦ୍ଦେଶନାମା ସମ୍ପର୍କରେ ଚାଳକ ଜାଣିନାହାନ୍ତି। ଏପରି କରିବା ପୂର୍ବରୁ ସଚେତନତା କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ଷ୍ଟିକର ମାରିବା ସମୟରେ ଜଣେ ମହିଳା ନିଜକୁ ଦିଲ୍ଲୀରୁ ଆସିଥିବା କହିଥିବା ବେଳେ ଫଟୋ ଭିଡିଓ କରିବାକୁ ମନା କରିଦେଇଥିଲେ।

ଏନେଇ ଜଣେ ଗାଡ଼ି ଚାଳକ କହିଛନ୍ତି, ସେ ଡାକ୍ତରଖାନା ଯାଇ ଫେରୁଥିଲେ। ପୁଲିସ ଅଟକାଇବା ପରେ ଷ୍ଟିକର ମରାଯାଇଥିଲା। ତୁରନ୍ତ ୫୦ଟଙ୍କା ଦିଅବୋଲି କୁହାଯାଇଥିଲା। ଟଙ୍କା ନଥିବାରୁ ସେ ଅନ୍‌ଲାଇନରେ ପେମେଣ୍ଟ କରିଥିଲେ। ଯେଉଁମାନେ ଅନଲାଇନ୍‌ରେ ଟଙ୍କା ଦେଉଛନ୍ତି ସେମାନଙ୍କୁ ଖଣ୍ଡେ ଖଣ୍ଡେ ରସିଦ ଦିଆଯାଉଥିବା ନ୍ୟାସନାଲ ହାଇୱେ ରିଫ୍ଲେକ୍ଟର ସର୍ଭିସେସ୍ ବୋଲି ଲେଖା ରହିଛି। ଜାତୀୟ ରାଜପଥ ବିଭାଗ ତରଫରୁ ଯଦି ଏପରି କରାଯାଉଛି ତାହାହେଲେ ଲୋକଙ୍କୁ ସଚେତନତା କରିବା ଉଚିତ ବୋଲି କୁହାଯାଇଛି। ଏନେଇ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ କେହି ଷ୍ଟିକର ବାବଦକୁ ଟଙ୍କା ଦିଅନ୍ତି ତେବେ ୨୦ରୁ ୩୦ ଟଙ୍କା ନେବାକୁ



ବେଳେ ଯେଉଁମାନେ ନଗଦ ଟଙ୍କା ଦେଉଛନ୍ତି କୌଣସି ରସିଦ ଦିଆଯାଉନାହିଁ। ରସିଦରେ ସରକାରୀ ଭାବେ କୌଣସି ସିଲ୍ ନଥିବା ବେଳେ ଟ୍ରାଫିକ୍ କଣ୍ଟ୍ରୋଲ କ୍ୟାମ୍ପ, ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ନ ଦିଅନ୍ତି ତେବେ କୌଣସି ବାରଣ ନଥିବା କହିଛନ୍ତି। ମାତ୍ର ୫୦ଟଙ୍କା କାହା ସ୍ୱାର୍ଥରେ ଆଦାୟ କରାଯାଉଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ମୋହନା, ୨୦ା୧(ସମିସ): ବାଇକ ଧକ୍କାରେ ଆର.ଉଦୟଗିରି ଥାନା ନିସଙ୍ଗପୁର ଗ୍ରାମର ସାରଥୀ ବେହେର୍ଦ୍ଦଳାଇ(୭୦)ଙ୍କ ମୃତ୍ୟୁ ଘଟିଛି।। ମକାପଦା ଗ୍ରାମ ନିକଟରେ ଘଟିଛି ଏହି ଦୁର୍ଘଟଣା। ଅନ୍ତର୍ଲି ଗ୍ରାମର ବାଇକ ଚାଳକ ମନୋଜ ରଇତ ୩ ଜଣକୁ ବାଇକ୍‌ରେ ବସାଇ ମହେନ୍ଦ୍ରଗଡ଼ ପଟରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଅତ୍ୟଧିକ ଦ୍ରୁତ ଗତି ଯୋଗୁ ଭାରସାମ୍ୟ ହରାଇ ବୃଦ୍ଧଙ୍କୁ ଧକ୍କା ଦେଇଥିଲେ। ଆର୍.ଉଦୟଗିରି ଥାନା ପୁଲିସ ପହଞ୍ଚି ବାଇକ୍ ଚାଳକକୁ କାବୁ କରି ତଦନ୍ତ ଚଳାଇଛି। ବାରମ୍ବାର ଏହି ସ୍ଥାନରେ ଏପରି ଦୁର୍ଘଟଣା ଘଟିବା ଓ ବାଇକ୍‌ରେ ବିନା ହେଲମେଟରେ ଯାତ୍ରା କରିବା ଏହି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି।

## ଅସହାୟଙ୍କୁ କମ୍ବଳ ବଣ୍ଟନ



ଫିରିଙ୍ଗିଆ,୨୦ା୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାହାଡ଼ ତରଫରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ଗାଁରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବ୍ଲକର ଡାଙ୍ଗେଡ଼ିକିଆ, ଫୁଲବାଣୀ ବ୍ଲକର ଡୁମୁରି ଗୁଡା, ରାଇକିଆ ବ୍ଲକ, ଝାଜୁରୀପଡ଼ା ଭଳି ବିଭିନ୍ନ ଅଞ୍ଚଳରେ କମ୍ବଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଟିମ ଲିଡର ବିଭୁ ପ୍ରସାଦ ପ୍ରଧାନ, ଡିଓ ଦଣ୍ଡପାଣି କହଁର, ଡୁମୁରିଗୁଡା ବନ ସୁରକ୍ଷା ସମିତି ସଭାପତି ଚରଣ ଦିଗାଲ ଏବଂ ଗ୍ରାମ୍ୟ ବନ ସହାୟକ ସୁବ୍ରତ କହଁର ସହଯୋଗ କରିଥିଲେ। ଶହେରୁ ଅଧିକ କମ୍ବଳ ବଣ୍ଟନ କରାଯାଇଥିଲା।

## ଧାନ ମଣ୍ଡି ଉଦ୍‌ଘାଟିତ



ଜି.ଉଦୟଗିରି,୨୦ା୧(ସମିସ): ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ ପଞ୍ଚାୟତରେ ବୃହଦାକାର ବହୁମୁଖୀ ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲ୍ଲା ସମବାୟ ସମିତି ସମୂହର ଉପନିବନ୍ଧକ ସନ୍ତୋଷ କୁମାର ଦାସ ଉପସ୍ଥିତ ରହି ସମବାୟ ପ୍ରଣାଳୀର ଗୁରୁତ୍ୱ ଓ କୃଷକଙ୍କ ଆର୍ଥିକ ସଶକ୍ତି କରଣରେ ଏହାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଫୁଲବାଣୀ ସହକାରୀ ନିବନ୍ଧକ ଲଳିତ ମାଝୀ, ସମିତିର ସଭାପତି ଅବଲାକର ପ୍ରଧାନ ଓ ପରିଚାଳନା ନିର୍ଦ୍ଦେଶକ ଦଧିବାମନ ବେହେରା ଯୋଗ ଦେଇଥିଲେ। ଏହା ସହିତ ମାର୍କେଟିଂ ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ, ଆରଏମ୍‌ସି କର୍ମକର୍ତ୍ତା, ପରିଚାଳନା କର୍ମକର୍ତ୍ତା, ସମବାୟ ସମିତିର ସଦସ୍ୟ ଓ ବହୁ ସଂଖ୍ୟାରେ ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ। ନୂତନ ଧାନ ମଣ୍ଡି ଓ ବୃହଦାକାର ବହୁମୁଖି ସମବାୟ ସମିତି ଆରମ୍ଭ ହେବା ଫଳରେ ଲିଙ୍ଗାଗଡ ଓ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଲାଭବାନ ହେବେ ବୋଲି କୁହାଯାଇଛି।

## ସାମୂହିକ ବନ୍ଦେ ମାତରମ ଗାନ ଓ ଏକତା ପଦଯାତ୍ରା

ନୂଆଗଡ,୨୦ା୧(ସମିସ): ନୂଆଗଡ଼ ବ୍ଲକ ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ବନ୍ଦେ ମାତରମର ୧୫୦ତମ ବାର୍ଷିକୀରେ ସାମୂହିକ ଗାନ କାର୍ଯ୍ୟକ୍ରମ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ, ବ୍ଲକ କର୍ମଚାରୀ ଏବଂ ଜନପ୍ରତିନିଧି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ ପତକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଇଇ ପ୍ରଦ୍ୟୁମ୍ନ କୁମାର ଦାସ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ମହାନ୍ତି, ସାଂସଦ ପ୍ରତିନିଧି ସୁବାସ ପାଇକ, ବଡ଼ପଦା ପଞ୍ଚାୟତ ସମିତିସଭ୍ୟା ମାନୁଏଲ ଛିଞ୍ଚାଣୀ, ପରିମଳ ପଞ୍ଚାୟତ ସମିତିସଭ୍ୟା ସବିତା ରଇତ ମଞ୍ଚାସୀନ ଥିଲେ।

## କସବସାରେ ନୂତନ ବିଶପ୍‌ଙ୍କୁ ସମ୍ବର୍ଦ୍ଧନା



ବ୍ରାହ୍ମଣୀଗାଁ,୨୦ା୧(ସମିସ): ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ କସବସା ଗ୍ରାମରେ ଖ୍ରୀଷ୍ଟୀୟଧର୍ମାବଲମ୍ବୀଙ୍କ ଧନ୍ୟବାଦ୍ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖରେ ଦାରିଙ୍ଗବାଡ଼ିରେ ରେଭ ଡ. ରବୀନ୍ଦ୍ର କୁମାର ରଣସିଂଙ୍କ ବିଶପ ଅଭିଷେକ ହୋଇଥିଲା। ତାଙ୍କୁ ଆଜି ମରାମାହା ଛକ ଠାରୁ ବାଇକ୍ ଶୋଭାଯାତ୍ରାରେ କସବସା ଅଣାଯାଇଥିଲା। ସେଠାରେ ଧନ୍ୟବାଦ ଯଜ୍ଞ ହୋଇଥିଲା। ଏହାକୁ ରେଭ ଅଶ୍ୱିନୀ ପରିଚାଳନା କରିଥିବା ସ୍ଥଳେ ବିଶପ ଶରତ ନାୟକ ପୌରହିତ୍ୟ କରିଥିଲେ। ୧୦୦ ଜଣ ଯାଜକ ଓ ୧୦୦ ଜଣ ସେବା ଭଗ୍ନୀ ଓ ୩୦୦୦ ଖ୍ରୀଷ୍ଟ ବିଶ୍ୱାସୀ ଯୋଗ ଦେଇଥିଲେ। ବ୍ରାହ୍ମଣୀଗାଁ ମଣ୍ଡଳୀର ଯାଜକ ବିମଳ ଚନ୍ଦ୍ର ନାୟକ ତଥା ଗାଁ କମିଟି ସହାୟତା କରିଥିଲେ। ଶେଷରେ ବିଶପ ରବୀନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ ପଶି ଭଙ୍ଗାରୁଜା ମାମଲା; ୨ ଗିରଫ



ଫିରିଙ୍ଗିଆ,୨୦ା୧(ସମିସ): ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ବବଡଙ୍ଗିଆ ଗାଁରେ ଗତ ୩୦ ତାରିଖ ଦିନ ପ୍ରଶାନ୍ତ ପ୍ରଧାନଙ୍କ ଘର ଭଙ୍ଗା ମାମଲାରେ ପୁଲିସ ଗାଁର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିନୋଦ ପ୍ରଧାନ ଓ ସିଦ୍ଧାନ୍ତ ପ୍ରଧାନ। ସୂଚନା ଅନୁସାରେ ଗତ ୩୦ ତାରିଖ ସନ୍ଧ୍ୟାରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗାଁର କିଛି ଲୋକ ପ୍ରଶାନ୍ତଙ୍କ ଘରର ବିଭିନ୍ନ ଆସବାବ ସହ ଘର ଭାଙ୍ଗି ଦେଇଥିଲେ। ଜୀବନ ବିକଳରେ ପ୍ରଶାନ୍ତ ସ୍ତ୍ରୀ ଓ ପିଲାଙ୍କୁ ଧରି ରାତିରେ ଥାନାର ଦ୍ୱାରସ୍ଥ ହୋଇଥଲେ। ଏତଲା ପରେ ପୁଲିସ ଟିମ ତଦନ୍ତ ପାଇଁ ଗାଁକୁ ଯାଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ପୁଲିସ ଓ ସାଙ୍ଗରେ ଥିବା ଅଭିଯୋଗକାରୀ ପ୍ରଶାନ୍ତକୁ ଆକ୍ରମଣ ଉଦ୍ୟମ କରିଥିଲେ। ଏଥିରେ ପୁଲିସ ଲାଠି ମାଡ଼ କରିଥିଲା। ଲାଠିମାଡରେ ସେହି ଗାଁର ଜଣେ ଅଟୋ ଡ୍ରାଇଭର ଆହତ ହୋଇଥିଲେ। ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଗିରଫ ଭୟରେ ଫେରାର ହୋଇଯାଇଥିଲେ। ଏବେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

## ପଞ୍ଚାୟତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଫିରିଙ୍ଗିଆ,୨୦ା୧(ସମିସ): ଫିରିଙ୍ଗିଆରେ ଥିବା ପଞ୍ଚାୟତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ବେହେରାଙ୍କ ପତ୍ନୀ ବିଷ୍ଣୁପ୍ରିୟା ବେହେରା, ଆଦର୍ଶ ଶିକ୍ଷକ ସ୍ୱର୍ଗତ ବିଦ୍ୟାଧର ପାଣିଗ୍ରାହୀଙ୍କ ପତ୍ନୀ ପ୍ରମିଳା ପାଣିଗ୍ରାହୀ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନ ଷ୍ଟେଟ ବ୍ୟାଙ୍କ ଜିଏମ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ରାଇକିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ନାୟକ, ମହାବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧ୍ୟାପକ ଡମ୍ବରୁଧର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ତିନି ଅଧ୍ୟକ୍ଷ ନବଘନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଣିଗ୍ରାହୀ ପରିବାର ତରଫରୁ ମହାବିଦ୍ୟାଳୟର କିଛି କୃତି ଛାତ୍ରଛାତ୍ରୀଙ୍କୁ ଗୁରୁଶ୍ରୀ ସ୍ୱର୍ଗତ ବିଦ୍ୟାଧର ପାଣିଗ୍ରାହୀ ଶିକ୍ଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟରେ ଚାକିରି କରି ଅବସର ଗ୍ରହଣ କରିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ବିରାଟ ସାହାଣୀ, ଡ଼ଙ୍ଗର କହଁର, ବିଶ୍ୱାମିତ୍ର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଆ ଅଧ୍ୟାପିକା ହରପ୍ରିୟା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୃଷ୍ଣଚନ୍ଦ୍ରପୁର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୁମ୍ମା,୨୦ା୧(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କୃଷ୍ଣଚନ୍ଦ୍ରପୁର ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଏବଂ ସମ୍ମାନୀୟ ଅତିଥି ଭାବେ ରାୟଗଡ ଜୋନ ସର୍କଲ ଇନ୍ସପେକ୍ଟର ଶ୍ୟାମଘନ ଭୂୟାଁ, ଜିଲ୍ଲା କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସୋଲୋମନ ରାଇକା, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା, ଏସଏସଡି ବିଦ୍ୟାଳୟ ନିରୀକ୍ଷକ ରମେଶ ଚନ୍ଦ୍ର ଦାସ, ଲାଞ୍ଜିଆ ସଉରା ଉନ୍ନୟନ ପରିଷଦ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଆକାଶ କୁମାର ଦିଗାଲ, ଗୁମ୍ମା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ସାହୁ, ଗୁମ୍ମା ସମିତି ସଭ୍ୟା ସ୍ନିଗ୍ଧାରାଣୀ ପାଣି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫିଲିମନ ଭୂୟାଁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସାଗ୍ନିକା ସାମନ୍ତ, ବଡ କଳାକୋଟ ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଉଡ଼ି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶୈଳେଶ ଚନ୍ଦ୍ର ମିଶ୍ର ସ୍ୱଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସାଇ ପ୍ରସାଦ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା।

## ଗୋଛାପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଫିରିଙ୍ଗିଆ,୨୦ା୧(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡାସ୍ଥିତ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିବାଳା ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ, ଗୋଛାପଡା ସରପଞ୍ଚ ଯୁଗାନ୍ତ କହଁର, ପୂର୍ବତନ ସରପଞ୍ଚ ନବ କିଶୋର କହଁର, କୁଇ ସମାଜ ଶାଖା ସଭାପତି କୃଷ୍ଣ ଚନ୍ଦ୍ର କହଁର, ସ୍କୁଲ ପରିଚାଳନା କମିଟି ସଭାପତି ଗୋକୁଳ କହଁର, ଉପ ସଭାପତି କିରିଙ୍ଗେ କହଁର ଓ ଆଲୋକ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ବାର୍ଷିକ ବିବରଣୀ ପାଠ ଓ ସହକାରୀ ଶିକ୍ଷକ ତପନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ବ୍ରାହ୍ମଣୀଗାଁ,୨୦ା୧(ସମିସ): ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ସିଂ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଉଲିପଦର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ମଦନ ମୋହନ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ରଣସିଂ, ସମ୍ମାନିତ ଅତିଥି ଭାବେ ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ହରିହର ବେହେରା, ଝିଞ୍ଜିରିଗୁଡା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ବିଷୋୟୀ, ସରପଞ୍ଚ ସଂଯୁକ୍ତା ମଲିକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ବଡ଼ମାଝୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରେ ବିଦ୍ୟାଳୟରେ ବିଭିନ୍ନ ପ୍ରତି ଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସୁଭାଶିଷ ପାଲ ଓ ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ ସଂଯୋଜନା କରିଥଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ।

## ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ଫିରିଙ୍ଗିଆ,୨୦ା୧(ସମିସ): ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ଜନରାଜ୍ୟ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ଥାନାର ନୂତନ ଥାନା ଅଧିକାରୀ ମୁରଲୀଧର ସାହୁ, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା, ଏପିଓ ସୁମନ୍ତ ଉଠାଣ ସିଂ, ଜୀବିକା ମିଶନ ସଂଯୋଜକ ସଂଗ୍ରାମ କେଶରୀ ସାହୁଙ୍କ ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ବ୍ଲକ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ଇପ୍ସିତା ଜେନା, ଅଗ୍ନିଶମ ବାହିନୀ କର୍ମଚାରୀ, ଶିକ୍ଷା ବିଭାଗ କର୍ମଚାରୀଙ୍କ ସହ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀ ପରିଚାଳନା କରିଥିବା ବେଳେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପତାକା ଉତ୍ତୋଳନ କରିବେ ଓ ଫିରିଙ୍ଗିଆ ମିନି ଷ୍ଟାଡିୟମରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କୁହାଯାଇଥିଲା।

### ଟିକାବାଲି ଡିଆଇଇଟିରେ ଜିଲ୍ଲାସ୍ତରୀୟ ପାଠଚକ୍ର

## ବହୁଭାଷୀ ଶିକ୍ଷଣ ଓ ସହନଶୀଳତା ଉପରେ ଗୁରୁତ୍ୱ

ଟିକାବାଲି,୨୦ା୧(ସମିସ)




ଟିକାବାଲିସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲ୍ଲାସ୍ତରୀୟ ପାଠଚକ୍ର ଭିତ୍ତିକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାଦାନ କ୍ଷେତ୍ରରେ ବହୁଭାଷୀ ଶିକ୍ଷଣ ଏବଂ ଶିକ୍ଷକଙ୍କ ମଧ୍ୟରେ ଦୃଢ ମନୋଭାବ ଓ ସହନଶୀଳତା ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତିଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ପ୍ରଶିକ୍ଷିକା ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଶୁଭଶ୍ରୀ ଦାସ, ରଶ୍ମିତା ଗିରି, ସ୍ମୃତି ସନ୍ଧ୍ୟା, ଶୁଭଶ୍ରୀ ବେହେରା ଓ ବାଣିରୂପା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଦୁଇ ଜଣ ଲେଖାଏଁ ଗବେଷଣାରତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇ ମତାମତ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ସ୍ତରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ କେଉଁ କେଉଁ ଅଭିନବ ପଦ୍ଧତି ଓ ପ୍ରକ୍ରିୟା ଆପଣା ଯାଇପାରିବ, ସେ ନେଇ ଚର୍ଚ୍ଚା କରାଯାଇଥିଲା। ଏହି ପାଠଚକ୍ରରେ ବିଭିନ୍ନ ବ୍ଲକରୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଅରବିନ୍ଦ ମହାପାତ୍ର, ଶୀତୁ ପ୍ରକାଶ ରଥ, ପ୍ରଭାସ ହୋତା, ସୁକାନ୍ତ କୁମାର ଦତ୍ତରାୟ, ଦିଲୀପ କୁମାର ପାଣିଗ୍ରାହୀ, ଅମରେନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ତ୍ରିପାଠୀ ଓ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ ଯୋଗ ଦେଇଥିଲେ।

## ଧାମନଗର-ଆନନ୍ଦପୁର ରୁଟ୍‌ରେ 'ଲକ୍ଷ୍ମୀ' ଯୋଜନା ବାଟବଣା

# ଲକ୍ଷ ଲକ୍ଷ ଟଙ୍କାର ବସ୍‌ଷ୍ଟପ୍ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଦୋବଲ,୨୦।୧(ସମିସ)



ରାଜ୍ୟ ସରକାର ଗ୍ରାମାଞ୍ଚଳର ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ 'ଲକ୍ଷ୍ମୀ' (ଏଲ୍ଏସିସିଏମ୍ଆଇ) ବସ୍ ଯୋଜନା ଆରମ୍ଭ କରିଥିଲେ ହେଁ, ଧାମନଗର ବ୍ଲକ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହା କେବଳ ପ୍ରହସନ ପାଲଟିଛି। ବିଶେଷ କରି ଧାମନଗରରୁ ଆନନ୍ଦପୁର ପଞ୍ଚାୟତକୁ ସଂଯୋଗ କରୁଥିବା ରୁଟ୍‌ରେ ବସ୍ ଚଳାଚଳ କରୁ ନ ଥିବାରୁ ହଜାର ହଜାର ଜନସାଧାରଣ ସେବାରୁ ବଞ୍ଚିତ ହେବା ସହ ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ଘଟୁଛି। ଯୋଜନାର ପ୍ରାରମ୍ଭିକ ସମୟରେ ଆନନ୍ଦପୁର ପଞ୍ଚାୟତକୁ ବସ୍ ଆସିବାକୁ ତାଲିକା ହୋଇଥିଲା। ରୁଟ୍ ନିର୍ଦ୍ଧାରଣ ମଧ୍ୟ ସରିଥିଲା। ଧାମନଗର ବ୍ଲକ୍ ମୁଖ୍ୟାଳୟରୁ ଗୋଟିଏ ବସ୍ ଆନନ୍ଦପୁର ଯାଇଥା'ନ୍ତା। ସେଠାରୁ ସୋହଡ଼ା ପଞ୍ଚାୟତର କ୍ଷେତ୍ରପୁର ହୋଇ ଖଡ଼ିପଦା ଛକ ଦେଇ ଧାମନଗରରେ ପହଞ୍ଚିଥାନ୍ତା। ଏଥିଲାଗି ଖଡ଼ିପଦା ପଞ୍ଚାୟତ ଅଫିସ ସାମ୍ନା ଓ ଆନନ୍ଦପୁରର ହାତିଡିଅଠାରେ ଏକ ବସ୍‌ଷ୍ଟପ୍ ନିର୍ମାଣ କରାଯାଇଥିଲା। ଏଥିପାଇଁ ପ୍ରତ୍ୟେକ ବସ୍‌ଷ୍ଟପ ଲାଗି ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ମଞ୍ଜୁର ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏହି ରୁଟ୍‌ରେ ବସ୍ ଚକା ଗଡ଼ିଲା ନାହିଁ। ଫଳରେ ହାତିଡିଅରେ ନିର୍ମିତ ବସ୍‌ଷ୍ଟପ୍‌ଟି କୌଣସି କାମରେ ନ ଲାଗି ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସନ୍ଧ୍ୟା ହେଲେ ଏଠାରେ ନିଶାଖୋରଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି।

ହାତିଡିଅ ଅଞ୍ଚଳଟି ଧାମନଗରରୁ ଯାଜପୁରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ପ୍ରବେଶ ଦ୍ୱାର। ଏଠାରେ ସପ୍ତାହକୁ ୨ଦିନ ହାଟ ବସିବା ସହ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବସ୍ ସେବା ଅଭାବରୁ ଆନନ୍ଦପୁର ସମେତ ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତେଇପୁର ଗାଁର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ଆନନ୍ଦପୁର ନୁହେଁ, ପଡ଼ୋଶୀ ଖଡ଼ିପଦା ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଯଥା- ମୁଥାନଗର, ଦକ୍ଷିଣ କୁରୁଆ ଓ ଦକ୍ଷିଣ କାଞ୍ଚିଆପାଳ ଗାଁର ଲୋକେ ମଧ୍ୟ 'ଲକ୍ଷ୍ମୀ' ସେବାରୁ ବଞ୍ଚିତ। ଖଡ଼ିପଦା ପଞ୍ଚାୟତ ଅଫିସ୍ ସାମ୍ନାରେ ନିର୍ମିତ ହୋଇଥିବା ବସ୍‌ଷ୍ଟପ୍‌ଟି ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଦୁର୍ବୃତ୍ତମାନେ ଏହାର ହୋଡିଂ ଭାଙ୍ଗି ଦେଇଥିବାବେଳେ ଏହା ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଖଡ଼ିପଦା ହାଇସ୍କୁଲ ଓ ପଞ୍ଚାୟତ ଅଫିସକୁ ଆସୁଥିବା ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ପରିବହନ ସୁବିଧା ନ ଥାଇ ବହୁ ହଇରାଣ ହେଉଛନ୍ତି। ଧାମନଗରର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ତୁରନ୍ତ ବସ୍ ଚଳାଚଳ କରାଇବା ସହ ନଷ୍ଟ ହେଉଥିବା ସରକାରୀ ଭିତ୍ତିଭୂମିର ସୁରକ୍ଷା ପାଇଁ ଜନସାଧାରଣରେ ଦାବି ହେଉଛି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରକ୍ଷଣାବେକ୍ଷଣ କାମ କେବଳ ତହସିଲ୍‌ର। କେଉଁ ରୁଟ୍‌ରେ କେଉଁ ବସ୍ ଚାଲିବ ତାହା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପରିବହନ ବିଭାଗ ବୁଝୁଛି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବାରିକପୁର,୨୦।୧(ସମିସ): ଭଣ୍ଡାରିପୋଖରୀ ଥାନା ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ଛକଠାରେ ଗୋଟିଏ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗତ ସୋମବାର ସନ୍ଧ୍ୟା ୫ଟାବେଳେ ଝୁଟଣା ଗାଁର କମଳାକାନ୍ତ ରାଉତ(୫୦) ଗୋଟିଏ ବାଇକ୍‌ରେ ପୁଅ ଚିନ୍ମୟକୁ ବସାଇ ନିକଟସ୍ଥ ମଞ୍ଜୁରୀ ରୋଡ୍ ବଜାରକୁ ଯାଉଥିଲେ। ଏହି ସମୟରେ ବୈତରଣୀ ବନ୍ଧ ରାସ୍ତାରେ ଆଖୁଆପଦା ପଟୁ ଯାଉଥିବା ଦ୍ରୁତଗାମୀ କାର୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ କମଳାକାନ୍ତ ଓ ତାଙ୍କ ପୁଅ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହିତ ପରିବାରବର୍ଗ ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। କମଳାକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ଛାତିରେ ଗଭୀର ଆଘାତ ଲାଗିଥିବାବେଳେ ମୁହଁ ଓ ନାକ ହାଡ଼ ଭାଙ୍ଗିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଘଟଣାସ୍ଥଳରୁ କାର୍‌ଟି ଫେରାର୍ ହୋଇଥିବାବେଳେ ଦୁର୍ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

## ଓର୍‌ମାସ ତରଫରୁ ମୋଗଲ ତାମ୍‌ସା ପ୍ରଦର୍ଶିତ




ଧାମନଗର,୨୦।୧(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଲୋକକଳା ଗ୍ରାମ ବନ୍ଧଟିଆର ସାଂସ୍କୃତିକ ଅନୁଷ୍ଠାନ "ସଂସ୍କୃତିକା'ର କଳାକାରମାନଙ୍କ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଓର୍‌ମାସ ତଥା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିଶିର ସରସ ବହୁମୁଖୀ ମେଳାରେ ଲୋକ ନାଟକ ମୋଗଲ ତାମ୍‌ସା ପ୍ରଦର୍ଶିତ କରି ଭଦ୍ରକ ଜିଲ୍ଲା ଧାମନଗର ମାଟିର ଗୌରବ ବୃଦ୍ଧି କରିପାରିଛି। ଗୁରୁ ସୁବାସ ମଲ୍ଲିକଙ୍କ ନାଟ୍ୟ ଓ ସଙ୍ଗୀତ ନିର୍ଦ୍ଦେଶନାରେ ଚଳିତ ମାସ ୧୮ ତାରିଖ ସନ୍ଧ୍ୟାରେ ଉକ୍ତ ବହୁପୁରାତନ ଲୋକନାଟକଟି ଭରପୂର ଦର୍ଶକଙ୍କୁ ବିମୁଗ୍ଧ କରିବା ସହିତ ପ୍ରାଚୀନ ପରମ୍ପରାଟିକୁ ଉପସ୍ଥିତ ଅତିଥିମାନେ ବହୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଗୁରୁଶ୍ରୀ ମଲ୍ଲିକଙ୍କୁ ଆୟୋଜକ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ ଭୂମିକାରେ ସୁନୀଲ ଭୋଇ, ମନୋଜ ଦାସ, ଜୟନ୍ତ ଦାସ, ପ୍ରକାଶ ପଲାଇ, ଅମର ମହାନ୍ତି, ବିଚିତ୍ର ସେଠୀ, ବଳରାମ ଜେନା, କାଳୀଚରଣ ସାହୁ, ଜିତନ ପଣ୍ଡା, ଯୋଗେନ୍ଦ୍ର ଜେନା, ପ୍ରିୟବ୍ରତ ରାଉତ, ମଣ୍ଟୁ ଦାସ, ମମତା ସାହୁ, ଲକ୍ଷ୍ମୀପ୍ରିୟା, ମୋନାଲିସା, ଅର୍ଚ୍ଚନା ଓ ସଙ୍ଗୀତରେ ଗୁରୁ ସୁବାସ ମଲ୍ଲିକ, ହୀରାମଣି ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଲ୍ୟବିବାହ ଉଚ୍ଛେଦ ନେଇ ସଚେତନତା




ଭଦ୍ରକ,୨୦।୧(ସମିସ): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଚରମ୍ପା ବାଳିକା ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବରରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଞ୍ଚ ନିମନ୍ତ୍ରଣ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ କରିଥିବାବେଳେ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାମାମଣୀ ଦାସ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଧାମନଗର ଉତ୍କଳ ସାମ୍ବାଦିକ ସଂଘର ସାଂଗଠନିକ ବୈଠକ

## ୧୫ ନୂତନ ସଦସ୍ୟ ସାମିଲ୍, ୬ ଜଣ ବହିଷ୍କୃତ



ଧାମନଗର,୨୦।୧(ସମିସ): ଧାମନଗର ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘର ନବ ବର୍ଷର ବନ୍ଧୁ ମିଳନ ଓ ସାଂଗଠନିକ ବୈଠକ ଧାମନଗରସ୍ଥିତ ଜଳସେଚନ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ବରିଷ୍ଠ ସଦସ୍ୟ ସେକ୍ ଜାଫର ଅଲ୍ଲୀଙ୍କ ପ୍ରସ୍ତାବ ଓ ସମ୍ପାଦକ ବିବେକାନନ୍ଦ ପଣ୍ଡାଙ୍କ ସମର୍ଥନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଧାମନଗର ଉତ୍କଳ ସାମ୍ବାଦିକ ସଂଘର ସଭାପତି ସୁଶାନ୍ତ ରାଉତ, ସାମ୍ବାଦିକ ସନ୍ତୋଷ କୁମାର ଦାସ, ଦିପ୍ତୀରଞ୍ଜନ ନାୟକ, ସଞ୍ଜୀବ ନାୟକ, ଜଗନ୍ନାଥ ବେହେରା, ରତିକାନ୍ତ ନାୟକ, ପ୍ରଶାନ୍ତ ଦ୍ୱିବେଦୀ, ଦୀନକୃଷ୍ଣ ମହାପାତ୍ର, କାହ୍ନୁ ଚରଣ ଜେନା, ପ୍ରଦୀପ ବାରିକ ପ୍ରମୁଖ ଉପସ୍ଥିତ ରହି ସଂଘର ସଦସ୍ୟମାନଙ୍କୁ ପ୍ରଥମେ ନବବର୍ଷର ଅଭିନନ୍ଦନ ଜଣାଇବା ସହିତ ସଂଘର ସାଂଗଠନିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଂଘକୁ କିପରି ସୁଦୃଢ଼ କରାଯାଇପାରିବ ତାହା ଉପରେ ଉପସ୍ଥିତ ସଭ୍ୟମାନଙ୍କଠାରୁ ବହୁ ଉପାଦେୟ ମତାମତ ନେବା ସହିତ ନିଷ୍ପତ୍ତି ନିଆଯାଇଥିଲା। ଯେଉଁ ସଭ୍ୟମାନେ ସଂଘରେ ରହି ସଂଘ ବିରୋଧୀ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଯଥାଶୀଘ୍ର ସଂଘରୁ ବହିଷ୍କୃତ କରାଯିବା ସହିତ ନୂତନ ସଦସ୍ୟଙ୍କୁ ସଂଘରେ ସାମିଲ୍ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି କ୍ରମେ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଧାମନଗର ଉତ୍କଳ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଯଥା- ଅନିଲ ବାରିକ, ସୁଧାକର ଦାଶ, ସରୋଜ ସେଠୀ, ଗୌରାଙ୍ଗ ଦାଶ, କୈଳାଶ ଗୁପ୍ତା, ସନ୍ତୋଷ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, କୁଳମଣି ବେହେରା ସଂଘରେ ରହି ଅନ୍ୟ ଏକ ସଂଗଠନରେ ମିଶିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ତେଣୁ ଉତ୍କଳ ସାମ୍ବାଦିକ ସଂଘ ଧାମନଗର ବ୍ଲକ୍‌ରୁ ବିଧିବଦ୍ଧ ଭାବେ ଜିଲ୍ଲା ସଭାପତି ବହିଷ୍କୃତ ଘୋଷଣା କରିଛନ୍ତି। ସେହିପରି ଧାମନଗର ବ୍ଲକ୍‌ର ଅସୁରାଳି, ଧୂଷୁରୀ, ଧାମନଗର ଅଞ୍ଚଳରେ ବିଭିନ୍ନ ଖବର କାଗଜରେ କାର୍ଯ୍ୟରତ ସାମ୍ବାଦିକ ବନ୍ଧୁମାନେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ, ଜିଲ୍ଲା ଓ ବ୍ଲକ୍‌ରେ ଦାୟିତ୍ୱରେ ଥିବା ବରିଷ୍ଠ ନେତୃବୃନ୍ଦ ସଂଘର ନୀତି, ଆଦର୍ଶ ଉପରେ ଆସ୍ଥା ପ୍ରକଟ କରି ଆଜିର ସାଂଗଠନିକ ବୈଠକରେ ୧୫ରୁ ଅଧିକ ସାମ୍ବାଦିକ ଯଥା- ପ୍ରଭାକର ବାରିକ, କୁମାରେଶ ବଳଭଦ୍ର ଖିଲାର, ମାନସ ରଞ୍ଜନ ମହାପାତ୍ର, ସନ୍ତୋଷ ସାହୁ, ମାନସ କୁମାର ପରିଡ଼ା, ଶ୍ରୀକାନ୍ତ ସାହୁ, ରଜତ ଲେଙ୍କା, କାଦମ୍ବରୀ ଖଟୁଆ, ସିଦ୍ଧାର୍ଥ ଶଙ୍କର ମିଶ୍ର, ରଞ୍ଜିତ ଜେନା, ରଞ୍ଜନ ମଲ୍ଲିକ, ପ୍ରଶାନ୍ତ ପଣ୍ଡା, ସୀତାକାନ୍ତ ବିଶ୍ୱାଳ, କାଳନ୍ଦୀ ବେହେରା, ଦେବେନ୍ଦ୍ର ବେହେରା, ଆଲୋକ ନାୟକ ପ୍ରମୁଖଙ୍କୁ ନୂତନ ସଭ୍ୟ ଭାବରେ ନିଆଯାଇଛି। ନୂତନ ସଭ୍ୟମାନଙ୍କୁ ରାଜ୍ୟ ଓ ଜିଲ୍ଲା ସଭାପତିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ମାସ ଧୂଷୁରୀଠାରେ ଏକ ପ୍ରସ୍ତୁତି ବୈଠକ ଡକାଯିବା ସହିତ ଏକ ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ପାଇଁ ନିଷ୍ପତ୍ତି ନିଆଯିବାର କାର୍ଯ୍ୟକ୍ରମ ରଖାଯାଇଛି ବୋଲି ସଭାପତି ସୂଚନା ଦେଇଥିଲେ। ବୈଠକରେ ପ୍ରାୟ ୪୦ରୁ ଅଧିକ ସାମ୍ବାଦିକ ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକାଶ ପାଇଲା ମେଧାବୃତ୍ତି ପରୀକ୍ଷା ଫଳ



'ସକାଳ' ପ୍ରଭାବ

ଦୋଳସାହି,୨୦।୧(ସମିସ): ସାରା ରାଜ୍ୟରେ ସମସ୍ତ ବ୍ଲକ୍‌ର ମେଧାବୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିଲାବେଳେ ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଏହି ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଉ ନ ଥିବା ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ଚଳିତ ସପ୍ତାହରେ ପ୍ରକାଶ କରାଯିବ ବୋଲି ସୂଚନା ମିଳିବା ସହ ଆସନ୍ତା ସପ୍ତାହରେ ମେଧାବୃତ୍ତିଙ୍କ ଫଳାଫଳ ଘୋଷଣା କରାଯିବ ବୋଲି ଗତ ଶନିବାର 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ମଙ୍ଗଳବାର ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଏହି ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ମେଧାବୃତ୍ତି ପରୀକ୍ଷା ଦେଇଥିବା ଗୁଆମାଳ ବିଗ୍ରେଡ୍ ସୈନିକ ସ୍କୁଲ୍‌ର ୫ମ ଶ୍ରେଣୀ ଛାତ୍ର ତଥା ମୋଡ଼ସାହିର ଭରତ ଚନ୍ଦ୍ର ସାହୁଙ୍କ ପୁତ୍ର ଓମ୍ ପ୍ରକାଶ ସାହୁ ମେଧାବୃତ୍ତି ପାଇ ଗୌରବ ବୃଦ୍ଧି କରିଛନ୍ତି।

## ମଧୁସୂଦନ ଜେନାଙ୍କ ୩୪ତମ ସ୍ମୃତି ସମାରୋହ




ଭଦ୍ରକ,୨୦।୧(ସମିସ): ମଙ୍ଗଳବାର ବିଶିଷ୍ଟ ଶିକ୍ଷାବିତ୍ ମଧୁସୂଦନ ଜେନାଙ୍କ ୩୪ତମ ସ୍ମୃତି ସମାରୋହ ପୁରୁଣା ବଜାରସ୍ଥିତ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସମାରୋହ ସଭାପତି ସମାଜସେବୀ ଏସ୍ଏମ୍ ଫାରୁକ୍‌ଙ୍କ ସଭାପତିତ୍ୱରେ ସମ୍ପାଦକ ହାଜି ଅବ୍‌ଦୁଲ ମୁକିତ ଖାନ୍‌ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ସଭାରେ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଆସିଆନା ପ୍ରତିଷ୍ଠାତା ଶେଖ୍ ଅବୁ ସଲାମ, ପୌରାଧ୍ୟକ୍ଷ ଗୁଲମାକ୍ସୀ ଦଲୱାଜି ହବିବ୍, ପୁରାତନ ଛାତ୍ର ମୋହନ ମାଜିଥିଆ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ଶାନ୍ତନୁ ରାଉତ ଓ ଶିକ୍ଷକ ତଥା କବି ମୁସ୍ତାକ ଗୌହର ଯୋଗଦେଇ ମଧୁସୂଦନ ଜେନାଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ୧୯୫୩ରୁ ୧୯୭୧ ପର୍ଯ୍ୟନ୍ତ ୧୮ ବର୍ଷ ଧରି ସେ ନାରାୟଣ ଚନ୍ଦ୍ର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ଭଦ୍ରକରେ ଶିକ୍ଷାଜ୍ୟୋତି ପ୍ରଚାରରେ କାର୍ଯ୍ୟ କରିଥିବାରୁ ରତ୍ନାକର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ରେ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ଆନୁକୂଲ୍ୟରୁ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିବା ଛାତ୍ର ଶେଖ୍ ଅବ୍‌ଦୁଲ ଖାଲିକ ଓ ଜୈନବ କାଦରୀଙ୍କୁ ମଧ୍ୟ ଫୁଲତୋଡ଼ା ସହ ଅର୍ଥରାଶି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଓ ଗୁରୁଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ମୃତି ସମାରୋହକୁ ସମାଜସେବୀ ସୁଧାକର ରାଉତ, ହରିହର ନନ୍ଦୀ, ହାଜି କାସିମ୍ ଖାନ, ଉଦୟ ନାରାୟଣ ମହାନ୍ତି, ମିର୍ଜା ଇଜାଜ୍ ବେଗ୍ ଉପସ୍ଥିତ ରହି ପରିଚାଳନା କରିଥିଲେ। ପରିଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ମହାନ୍ତିଙ୍କ ସ୍ମୃତିସଭା



ଭଦ୍ରକ,୨୦।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଖାଡ଼ପଟା ଗାଁର ଯତୀନ୍ଦ୍ର ମହାନ୍ତିଙ୍କ ବିୟୋଗରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଭଦ୍ରକ ଜିଲ୍ଲା କଂଗ୍ରେସ ଦଳର ଜଣେ ବରିଷ୍ଠ ରାଜନେତା ତଥା ତିହିଡ଼ି ବ୍ଲକ୍‌ର ୬ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ବହୁବିଧ ଉନ୍ନୟନମୂଳକ କାର୍ଯ୍ୟ କରି ସବୁଦିନେ ସ୍ମରଣୀୟ ହୋଇରହିବେ। ସେହିଭଳି ଜଣେ ଦରଦୀ, ପରୋପକାରୀ ମଣିଷ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିବା ବକ୍ତାମାନେ ସ୍ମୃତିଚାରଣ କରି କହିଥିଲେ। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ଶିକ୍ଷକ ମନ୍ମଥ ଦାସ ପୌରୋହିତ୍ୟ କରିଥିବାବେଳେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ତଥା ତିହିଡ଼ି ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଦାସ, ତାଳପଦା ପଞ୍ଚାୟତ ସମିତିସଭ୍ୟ ଚିନ୍ତାମଣି ଦାସ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ଭରତ ଚନ୍ଦ୍ର ସାହୁ, ସାହିତ୍ୟିକ ହୃଦାନନ୍ଦ ପାଣିଗ୍ରାହୀ, ସୁଧାଂଶୁ ପାଣିଗ୍ରାହୀ, ସ୍ଥାନୀୟ ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ଜେନା, ତପନ ପାଢ଼ୀ, ଅଶ୍ୱିନୀ ସଂକେତ ପାଢ଼ୀ, ମନୋଜ ପାଢ଼ୀ, ରଘୁନାଥ ମହାନ୍ତି, ବିଚିତ୍ର ନାୟକ, ବସନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ଫାଉଣ୍ଡେସନର ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,୨୦।୧(ସମିସ): ଭଣ୍ଡାରିପୋଖରୀ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଫାଉଣ୍ଡେସନର ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅଜିତ୍ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଦ୍ୟୁମ୍ନ ଜେନା, ବିଶିଷ୍ଟ ଅତିଥି ଡ. ସ୍ୱାଧୀନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ରପ୍ରସାଦ ଜେନା, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ଲତା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ, ସୂର୍ଯ୍ୟ ନାରାୟଣ ମହାରଣା ଯୋଗଦେଇଥିଲେ। ଏହି ଉତ୍ସବରେ ସାମ୍ବାଦିକ ଅକ୍ଷୟ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିବାବେଳେ ସଂଗଠନ ସଦସ୍ୟ ନିତ୍ୟାନନ୍ଦ ଜେନା, ଧନେଶ୍ୱର ଜେନା ସତ୍ୟରଞ୍ଜନ ରାଏ ଶିବାନୀ ଶଙ୍କର ସ୍ୱାଇଁ ଜଗନ୍ନାଥଙ୍କ ଫଟୋ ଓ ଉପଢ଼ୌକନ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ସ୍ୱାଗମ ନୃତ୍ୟ ଶାରଦା ବିଦ୍ୟାମନ୍ଦିରର ଛାତ୍ରୀ ଓ ରହଣିଆ ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁବ ସମାଜସେବୀ, ଉତ୍କଳ ଫାଉଣ୍ଡେସନ ତରଫରୁ ୨୦ ଜିଲ୍ଲାରୁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଉପଢୌକନ ସହ ମାନପତ୍ର ଉତ୍କଳଶ୍ରୀ ସେବାରେ-୨୦୨୬ ସମ୍ମାନିତ



କରାଯାଇଥିଲା। ଶେଷରେ ଉତ୍କଳ ଫାଉଣ୍ଡେସନର ହିମାଂଶୁ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ମହାପାତ୍ର, ସତ୍ୟରଞ୍ଜନ ସାମଲ, ସୌମ୍ୟରଞ୍ଜନ ସାହୁ, ଭାଗବତ ରାଉତ, ଅଭୟ ସାହୁ, ଶିବାନୀ ଶଙ୍କର ସ୍ୱାଇଁ, ଉତ୍କଳ କମ୍ପ୍ୟୁଟରର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ।

### ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ସମାରୋହ

## 'ସମାଜରେ ବରିଷ୍ଠମାନଙ୍କ ସ୍ଥାନ ସ୍ୱତନ୍ତ୍ର'

ଭଦ୍ରକ,୨୦।୧(ସମିସ)




ସମାଜରେ ବରିଷ୍ଠଙ୍କ ସ୍ଥାନ ସ୍ୱତନ୍ତ୍ର। ଏହାକୁ ପାଥେୟ କରି ପରିବାର ଓ ସମାଜ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇଥିବା ପିଲାମାନେ ମନେ ରଖିବା ଉଚିତ୍ ଯେ, ପିତାମାତାଙ୍କର ସେବା ପ୍ରଥମ କର୍ତ୍ତବ୍ୟ, ଏହାକୁ ଯେ ଭୁଲିଯାଏ ସେ ମଣିଷ ନୁହେଁ ପଶୁ ସମାନ। ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଜିଲ୍ଲାର ସମସ୍ତ ୨୭ଟି ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ସଂଘର ସଭାପତି, ସମ୍ପାଦକଙ୍କ ସମେତ ଜିଲ୍ଲା ମହାସଂଘର ଉପଦେଷ୍ଟା, କାର୍ଯ୍ୟକାରିଣୀ ସଦସ୍ୟଙ୍କ ଉପସ୍ଥିତିରେ ପ୍ରାୟ ୪୦୦ ବରିଷ୍ଠ ନାଗରିକନ ଯୋଗଦେଇଥିବା ୬ଷ୍ଠ ବାର୍ଷିକ ସମାରୋହରେ ଯୋଗଦେଇ ଅତିଥିମାନେ ବକ୍ତବ୍ୟରେ କହିଥିଲେ। ବିଭୂତିଭୂଷଣ ସେନାପତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜ, ଡାକ୍ତର ସୁଧାରଞ୍ଜନ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଶିକ୍ଷାବିତ୍ ହରିହର ରାଉତରାଏ, ଶିକ୍ଷାବିତ୍ ଶୈଳେନ ମହାପାତ୍ର, ଏସ୍‌ବିଆଇ ଭଦ୍ରକ ଶାଖାର ଚିଫ୍ ମ୍ୟାନେଜର ସଞ୍ଜୟ କୁମାର ତ୍ରିପାଠୀ, ମହେଶ୍ୱର ବେହେରା, ଦେବୀକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ସଂଘର ସାଧାରଣ ସମ୍ପାଦକ କୈଳାଶ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠରେ ବିଭାଗୀୟ ଅତିରିକ୍ତ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ଭଦ୍ରକ ଜିଲ୍ଲାର ସମସ୍ତ ବରିଷ୍ଠ ସଂଘକୁ ୫୦ହଜାର ସରକାରୀ ଅନୁଦାନ ରାଶି ଦେଲେ, ବ୍ଲକ୍‌ସ୍ତରୀୟ ସଂଘ ସେମାନଙ୍କ ଭିତ୍ତିଭୂମି ସଜାଡ଼ିପାରିବେ। ମହାସଂଘର ସିନିଅର ସିଟିଜେନ ମଲ୍ଟିପୁଲ ହବ୍ ମହାନଦୀ କୋଲ୍ ଲିମିଟେଡ୍ ଆର୍ଥିକ ଅନୁଦାନରେ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ପୁଣି ଥରେ ଆଜିର ସଭାରେ ଅନୁରୋଧ କରାଯାଇଥିଲା। ଅତିରିକ୍ତ ସଚିବ ଶ୍ରୀ ରାଉତରାଏ ଖୁବ୍‌ଶୀଘ୍ର ରାଜ୍ୟ ସରକାର ବରିଷ୍ଠଙ୍କ କଲ୍ୟାଣ ନିମନ୍ତେ ନୂଆ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି, ବରିଷ୍ଠ ମାନେ ୧୪୫୬୭ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କଲେ ଆମ ବିଭାଗ ତୁରନ୍ତ ପଦକ୍ଷେପ ନେବୁ ଓ ସରକାର ଆପଣଙ୍କ ସହ ଅଛନ୍ତି ବୋଲି କହିଥିଲେ। ସଭାରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରାକ୍ତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ଅତ୍ୟନ୍ତ ଭାବବିହ୍ୱଳରେ କହିଲେ କି, ଭଦ୍ରକ ମାଟି ସମସ୍ତ ବରିଷ୍ଠ ମାନଙ୍କ ଉପସ୍ଥିତ ସମ୍ବର୍ଦ୍ଧିତ କଲେ ଏହା ମୋ ପ୍ରତି ଶ୍ରେଷ୍ଠ ସମ୍ମାନ। ଆଇଏମ୍ଏ ଭଦ୍ରକ ଶାଖା ପକ୍ଷରୁ ବରିଷ୍ଠ ଚିକିତ୍ସକ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଓ ଡାକ୍ତର ହରେକୃଷ୍ଣ ନାୟକ ପ୍ରାକ୍ତନ ମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରହରାଜ ବରିଷ୍ଠମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସମସ୍ତ ସହଯୋଗ କରିବେ। ଅନ୍ୟତମ ଚିକିତ୍ସାଧିକାରୀ ଡା. ସୁଧାରଞ୍ଜନ ନାୟକ କହିଲେ ମୋ ଜନ୍ମ ମାଟି ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଇବା ପାଇଁ ଅବିରତ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ଉପଦେଷ୍ଟା ସମାଜସେବୀ ଅଜୟ ନାୟକ ସ୍ୱାଗତ ଭାଷଣ, ପଦ୍ମନ ରାୟ, ସଚ୍ଚିକାନ୍ତ ପଣ୍ଡା, ଶଶିକାନ୍ତ ପାଢ଼ୀ, ପର୍ଶୁରାମ ଦିବେଦୀ, ଲକ୍ଷ୍ମଣ ମହାନ୍ତି, ରାଧାରାଣୀ ମହାପାତ୍ର, ସଂଗୀତା ଦେ, ଇନ୍ଦ୍ରମଣି ପଣ୍ଡା, ରାମଚନ୍ଦ୍ର କର, ଗୋଲକ ସାହୁ, କୈଳାଶ ପଣ୍ଡା, ଭକ୍ତହରି ମହାପାତ୍ର, ଅଖିଳମୋହନ ପାଢ଼ୀ, ବିଚିତ୍ରାନନ୍ଦ ମହାନ୍ତି, ମାନପତ୍ର ପାଠ ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାସଂଘର ମୁଖପତ୍ର 'ବରିଷ୍ଠ' ଉନ୍ମୋଚିତ ହୋଇଥିଲା।

## ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

# 'ଯାତ୍ରା ଓ ରୁଦ୍ଧମଞ୍ଚ ନାଟକ' ଶୀର୍ଷକରେ ଆଲୋଚନା

ଜଗତସିଂହପୁର,୨୦।୧(ସମିସ)

ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ଷଷ୍ଠ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଆଜିର ଆସରର ବିଷୟବସ୍ତୁ ଥିଲା "ଯାତ୍ରା ଓ ରୁଦ୍ଧମଞ୍ଚ ନାଟକ ଏକ ତୁଳନାତ୍ମକ ଅଭିବ୍ୟକ୍ତି।' ଆଜିର ଆସରରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନାଟ୍ୟକାର ଡ. ଶରତ ଚନ୍ଦ୍ର ମହାରଣା ଏବଂ ଶିକ୍ଷାବିତ ରୁଦ୍ର ନାରାୟଣ ମହାପାତ୍ର ଯୋଗଦେଇ ଓଡ଼ିଆ ଯାତ୍ରା ଓ ରୁଦ୍ଧମଞ୍ଚ ନାଟକ ଏକ ତୁଳନାତ୍ମକ ଅଭିବ୍ୟକ୍ତି ଶୀର୍ଷକରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସାଇ ସୂର୍ଯ୍ୟ ମହାପାତ୍ର ବେଦପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଡ.କୈଳାସ ଚନ୍ଦ୍ର ମଲ୍ଲିକ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ସାଂସ୍କୃତିକ ପରିଷଦର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ବନମାଳୀ ସାହୁ ମେମୋରିଆଲ୍ ଟ୍ରଷ୍ଟ, ଜଗତସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ୍ ଜେନା, ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ରାଧାକାନ୍ତ ସାହୁ, ରମାକାନ୍ତ ସାହୁ, ସ୍ନେହମଞ୍ଜରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ମହାରଣା ଓ ଅବିନାଶ ସ୍ୱାଇଁ ସହଯୋଗ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଆଦ୍ୟାଶା ମ୍ୟୁଜିକ୍ ଭୁବନେଶ୍ୱରରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘୋଷକ ଭାବେ ସସ୍ମିତା ଦାସ, ପୂଜା ପ୍ରିୟା ପରିଡ଼ା ଓ ରଶ୍ମିତା ସଂଯୋଜନା କରିଥିଲେ।




## ପୁସ୍ତକ 'ଜଗତସିଂହପୁର ମାଟିର ମହକ' ଲୋକାର୍ପିତ



ଜଗତସିଂହପୁର,୨୦।୧(ସମିସ): ପୁସ୍ତକ ମେଳା ଅବସରରେ ଅବସରପ୍ରାପ୍ତ କୃତି ପ୍ରଧାନ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ପ୍ରକୃତିବନ୍ଧୁ ସୌଭାଗିନୀ ରାୟଙ୍କ ଦ୍ୱାରା ଲିଖିତ ଓ ଦିବ୍ୟଦୂତ ପ୍ରକାଶନୀ ଦ୍ୱାରା ପ୍ରକାଶିତ 'ଜଗତସିଂହପୁର ମାଟିର ମହକ' ପୁସ୍ତକର ତୃତୀୟ ଭାଗ ଉନ୍ମୋଚିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର ସମ୍ପାଦକ ସାରଦା ପ୍ରସାଦ ଦାସ, ବରିଷ୍ଠ ଆଇନଜୀବୀ ଦୁର୍ଯ୍ୟୋଧନ ରଣା, ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟ, ପରିଚାଳକ ବସନ୍ତ କୁମାର ନାୟକ, ପ୍ରକାଶନ ସହଯୋଗୀ ଗଗନ ବିହାରୀ ଗୋଛାୟତ, ବିଶ୍ୱଦକ୍ଷତା କେନ୍ଦ୍ର, ଭୁବନେଶ୍ୱରର କାର୍ଯ୍ୟକ୍ରମ ପରିଚାଳକ ତଥା ଆଞ୍ଚଳିକ ମୁଖ୍ୟ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସାମାଜିକ କର୍ମୀ ନିତ୍ୟାନନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲ୍ଲ ଏବଂ ସାମ୍ବାଦିକ ମାନସ କୁମାର କାନୁନଗୋଙ୍କ ସମେତ ପୁସ୍ତକର ଲେଖିକା ଶ୍ରୀମତୀ ରାୟ ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଏହି ତୃତୀୟ ଭାଗରେ ମୋଟ ୨୧ଟି ଅଧ୍ୟାୟ ସ୍ଥାନିତ ହୋଇଛି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଦେବପୀଠ, ମଠ, ସାଧୁସନ୍ଥ, ସ୍ୱାଧୀନତା ସଂଗ୍ରାମୀ, ଡାକ୍ତର, ନାଟ୍ୟକାର, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ, ଆଇନଜୀବୀ, କବି, ଲେଖକ, ସାହିତ୍ୟିକ ଓ ଚିତ୍ରଶିଳ୍ପୀମାନଙ୍କ ବିଷୟରେ ସାରଗର୍ଭକ ତଥ୍ୟ ପ୍ରତିପାଦିତ ହୋଇଥିବା ଲେଖିକା ସୂଚନା ଦେଇଥିଲେ।

## ନିଆଁରେ ପୋଡ଼ି ହୋଇ ମହିଳା ମୃତ



ପାରାଦୀପ,୨୦।୧(ସମିସ): ପାରାଦୀପ ଲକ୍ ଥାନା ଅଧୀନ ପିପଳ ଗ୍ରାମରେ ପୋଡ଼ି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ପାଳଗଦାରେ ନିଆଁ ଲାଗି ଘର ଜଳିଯିବାରୁ ମହିଳା ଜଣଙ୍କ ପୋଡ଼ିଯାଇଥିଲେ। ମୃତକ ହେଲେ ପିପଳ ଗ୍ରାମର ରିନି କୁମାରୀ ଦଳାଇ। ଖବର ପାଇ ଘଟଣାସ୍ଥଳରେ ସ୍ଥଳରେ କୁଜଙ୍ଗ ଅଗ୍ନିଶମ ବିଭାଗ ଓ ଲକ୍ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ନରେ ମଧ୍ୟ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରି ଫେରିଯାଇଛନ୍ତି। ତେବେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଘରେ ମୃତ ମହିଳା, ତାଙ୍କ ଏକ ଛୋଟ ଛୁଆ ଓ ଅସୁସ୍ଥ ଶଶୁର ଥିଲେ। ମହିଳା ଜଣଙ୍କ ଛୁଆଟିକୁ ଶଶୁରଙ୍କୁ ଦେଇ ଚାଳଘରେ ରୋଷେଇ କାମ କରୁଥିବା ଜଣାପଡିଛି। ପ୍ରଥମେ କୌଣସି କାରଣରୁ ଚାଳ ଘର ନିକଟରେ ଥିବା ପାଳ ଗଦାରେ ନିଆଁ ଲାଗି ଚାଳ ଘରକୁ ଧରିଥିଲା ଏବଂ ଚାଳ ଘରଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା। ସେହି ଚାଳ ଘରେ ରୋଷେଇ କରୁଥିବା ରିନି ପୋଡ଼ି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ, ସେତବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଘରେ ଥିବା ମହିଳା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ପୁଲିସ ମୃତଦେହକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ପାଳ ଗଦାରେ ନିଆଁ କିଭଳି ଲାଗିଲା ଏବଂ ଏହି ନିଆଁ ଘରକୁ ଧରିବା ପରେ ମହିଳା ଜଣଙ୍କ କିଭଳି ଜାଣି ପାରିଲେ ନାହିଁ। ଏଭଳି ବିଭିନ୍ନ ପ୍ରକାର ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବା ବେଳେ ପରିବାର ପକ୍ଷରୁ ମୃତ ମହିଳାଙ୍କ ବାପା ତାଙ୍କ ଝିଅକୁ ଶାଶୂ ଘର ଲୋକେ ମାରି ଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପରେ ପୁଲିସ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ ଡକାଇ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଛି। ତେବେ ଆସନ୍ତାକାଲି ଘଟଣାର ସତ୍ୟତା ଜଣାପଡିବ ବୋଲି ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି।

## ପୂର୍ବତନ କାଉନସିଲରଙ୍କ ପିତୃ ବିୟୋଗ



ପାରାଦୀପ,୨୦।୧(ସମିସ): ପାରାଦୀପ ଷଣ୍ଢକୁଦ ୱାର୍ଡ ନଂ-୧୭ର ପ୍ରମୁଖ ବିଜୁ ଜନତା ଦଳର ସଦସ୍ୟ ତଥା ପୂର୍ବତନ କାଉନସିଲର କାମ୍ବଲା ରାମବାବୁଙ୍କ ପିତା କେ ଲକ୍ଷ୍ମଣଙ୍କର ୭୨ ବର୍ଷ ବୟସରେ ଦେହାନ୍ତ ଘଟିଛି। ଖବର ପାଇ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ନଗର ସଭାପତି କୁମରବର ନାୟକ, ରଶ୍ମିରଞ୍ଜନ ପରିଡା, ସମୀର ବିଶ୍ୱାଳ, ଲପନ ପରିଡା ଓ ସୁଶୀଲ ମହାପାତ୍ରଙ୍କ ସମେତ ପୌର ପରିଷଦର ବହୁ ପାରିଷଦ ଓ ବହୁ ଦଳୀୟ କର୍ମୀ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଗତକାଲି ଦେହ ଅସୁସ୍ଥ ହେବାରୁ ତାଙ୍କୁ ସିଙ୍ଗିଟାଳି ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ରାତି ୧୦.୩୦ରେ ଦେହାନ୍ତ ହୋଇଯାଇଥିଲା।

## ଆମ୍ବେଦକର ସ୍ପୋର୍ଟିଂ ଜଗତସିଂହପୁର ବିଜୟୀ

ତିର୍ତ୍ତୋଲ,୨୦।୧(ସମିସ): ତିର୍ତ୍ତୋଲ ନିକଟ ସାରଳା ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ କ୍ୱାଟର ଫାଇନାଲ୍ ମ୍ୟାଚ୍‌ରେ ଆମ୍ବେଦ କର ସ୍ପୋର୍ଟିଂ ଜଗତସିଂହପୁର ମା' ମଙ୍ଗଳା ଟିମ୍ କଟକକୁ ୭ ରନରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଜଗତସିଂହପୁର ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ୧୭୪ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ୧୬୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥି ସମାଜସେବୀ ମନୋଜ ମହାନ୍ତି ବିଜେତା ଆମ୍ବେଦକର ସ୍ପୋର୍ଟିଂ ଜଗତସିଂହପୁରର ଅରୁଣ ମହାରଣାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ଭାବେ ଗୁରୁଦତ୍ତ ପରିଜା ଓ ସଞ୍ଜୟ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ଷଣ୍ଢକୁଦ ବସ୍ତିରେ ଘରେ ପଶିଗଲା ହରିଣ



ପାରାଦୀପ,୨୦।୧(ସମିସ): ଜଙ୍ଗଲ କଟାଯିବା ପରେ ଏବେ ବସ୍ତି ମୁହାଁ ହୋଇଛନ୍ତି ହରିଣ।ଆଜି ସକାଳେ ଷଣ୍ଢକୁଦ ବସ୍ତି ଭିତରେ ଜଣଙ୍କ ଘରେ ପଶିଯାଇଥିଲା ଏକ ହରିଣ। ସ୍ଥାନୀୟ ଲୋକ ତାକୁ ଉଦ୍ଧାର କରିବା ସହ ସମୁଦ୍ର କୂଳ ଜଙ୍ଗଲରେ ଛାଡି ଦେଇଥିଲେ। ତେବେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜଙ୍ଗଲ କଟା ଯିବା ପରେ ବହୁ ହରିଣ ସହର ଭିତରକୁ ପଶି ଆସୁଥିବା ଆଶଙ୍କା କରାଯାଇଛି। ବିଗତ ଦିନରେ ଢିଙ୍କିଆ ଚାରିଦେଶର ବିଭିନ୍ନ ସ୍ଥାନରେ ଅନେକ ହରିଣଙ୍କ ମୃତଦେହ ମିଳିଥିବା ବେଳେ ଅନେକ ହରିଣଙ୍କୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରାଯାଇଛି। ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ମଧ୍ୟ ହରିଣ ମାନେ ଅବାଧ ପ୍ରବେଶ କରି ଧରପଡିଛନ୍ତି। ଆଜି ସକାଳ ସମୟରେ ଉଦ୍ଧାର ହୋଇଥିବା ଏହି ହରିଣକୁ ଜଙ୍ଗଲରେ ଛଡ଼ାଯିବା ପରେ ଏହି ହରିଣର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି।

## ହାୱାଖାନା ବନଖଣ୍ଡରେ ୫୪୪୦ ପକ୍ଷୀ

ଏରସମା,୨୦।୧(ସମିସ): ଚଳିତ ବର୍ଷ ପାଇଁ ରାଜ୍ୟର ସମସ୍ତ ସ୍ଥାନରେ ପକ୍ଷୀ ଗଣନା ଶେଷ ହୋଇଛି। ଏହି କ୍ରମରେ ହାୱାଖାନା ବନଖଣ୍ଡରେ ବନପାଳ ମଙ୍ଗଳ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପକ୍ଷୀ ଗଣନା କରାଯାଇଥିଲା। ରାମତରା, ସାହାଡ଼ାବେଦୀ ଓ ହାୱାଖାନା ବିଟ୍ ସମେତ ଆକାସଡିଆଁ, ବୋରୁଆଁ, ଶାଳିଓ ଆଦି ସ୍ଥାନ ମାନଙ୍କରେ ଏହି ପକ୍ଷୀ ଗଣନା କରାଯାଇଥିବା ବେଳେ ଅନ୍ୟ ସମସ୍ତ ଜଳାଶୟ ମାନଙ୍କରେ ମଧ୍ୟ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ଏହି ସବୁ ସ୍ଥାନ ମାନକୁ ପ୍ରାୟ ୨୮ ପ୍ରଜାତିର ୫୪୪୦ ପକ୍ଷୀ ଆସିଥିବା ଜଣାପଡିଛି। ପୂର୍ବ ବର୍ଷ ତୁଳନାରେ ଅଧିକ ପକ୍ଷୀ ଆସିଥିବା ବନପାଳ ଶ୍ରୀଯୁକ୍ତ ହେମ୍ବ୍ରମ ପ୍ରକାଶ କରିଛନ୍ତି। ପକ୍ଷୀ ଗଣନାରେ ବନରକ୍ଷୀ ଶ୍ରୀରାମ ମୁର୍ମୁ, ସଜେନ୍ଦ୍ର ଦାସ, ସୁବାସ ଚନ୍ଦ୍ର ମାଝୀଙ୍କ ସମେତ ଅନ୍ୟ ସମସ୍ତ ବନ ସୁରକ୍ଷା କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ସଂକୀର୍ତ୍ତନ ପ୍ରେମୀ ବଟକୃଷ୍ଣଙ୍କ ସ୍ମୃତିଚାରଣ ସଭା



ବାଲିକୁଦା,୨୦।୧(ସମିସ): ବାଲିକୁଦାର ଦୈନିକ ଖବରକାଗଜ "ସକାଳ' ପ୍ରତିନିଧି ଅଜୟ ରାଉତଙ୍କ ପିତା ବଟକୃଷ୍ଣ ରାଉତଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବାଲିକୁଦା ପୂଜ୍ୟପୂଜା ସଂସଦର ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ରୁନିଲତା ବେହେରା, ବିଜେପି ନେତା ଶିବବ୍ରତ ଦାସ, ସରପଞ୍ଚ ରାଜକିଶୋର ସାହୁ, ଯୁବ ସଂଗଠକ କମଳାକାନ୍ତ ମହାପାତ୍ର, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ବାବନ ଚରଣ ସ୍ୱାଇଁ, ସ୍ମିତା ଦାସ, ଶ୍ୱେତକୁମାର ସ୍ୱାଇଁ, ପଣ୍ଡିତ ଅଜୟ କୁମାର ଶତପଥୀ, ସାମ୍ବାଦିକ ତୀର୍ଥବାସୀ ଦାସ, ପ୍ରଣବ ପ୍ରଧାନ, ତାପସ ସ୍ୱାଇଁ, ପରେଶ ଦାସ, ମନୋଜ ଦାସ, ମାନସ କାନୁନଗୋ, ରାଧାକାନ୍ତ ମିଶ୍ର, ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ଦାସ, ଶୁଭେନ୍ଦୁ ଦାସଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ, ସାମ୍ବାଦିକ ଯୋଗ ଦେଇ ବଟକୃଷ୍ଣ ବାଲିକୁଦା ଅଞ୍ଚଳରେ ଜଣେ ଖ୍ୟାତନାମା ସଂକୀର୍ତ୍ତନ ପ୍ରେମୀ ଥିଲେ ବୋଲି କହିଥିଲେ।

## ବାଲିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ତିର୍ତ୍ତୋଲ,୨୦।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳ ସ୍ଥିତ ବାୟା ଅବଧୂତ ଡିଗ୍ରୀ ମହାବିଦ୍ୟାଳୟ ରେ ବାଳିକା ଆଳରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରର ନୋଡାଲ ଅଧିକାରୀ ଅଧ୍ୟାପିକା ସଂଯୁକ୍ତା ମହାନ୍ତି, ସଂଯୋଜିକା ଅଧ୍ୟାପିକା ମିଲିନା ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ବେହେରା, ସଞ୍ଜୟ ଦାସ, ପ୍ରଶାନ୍ତ ମହାପାତ୍ର, ନିତ୍ୟ ସୁନ୍ଦର ସ୍ୱାଇଁ, ଅଧ୍ୟାପିକା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର କର୍ମଚାରୀ ଶିଶିର ମହାପାତ୍ର ଓ ସତ୍ୟ ନାରାୟଣ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ପରାଶର କ୍ଷେତ୍ରରେ ହେବ ଶ୍ରୀଜଗନ୍ନାଥ ମହୋତ୍ସବ

ପାରାଦୀପ,୨୦।୧(ସମିସ): ପରାଶର କ୍ଷେତ୍ର ପାରାଦୀପରେ ଆୟୋଜିତ ହେବ ଶ୍ରୀଜଗନ୍ନାଥ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ। ଏନେଇ ଆଜି ପାରାଦୀପ ତାରିଣୀଗଡ଼ା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ଆନୁକୂଲ୍ୟରେ ପାରାଦୀପରେ ପ୍ରଥମ ଥର ହେବାକୁ ଯାଉଥିବା ଏହି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ବାବା ବଳିଆଙ୍କ ମାର୍ଗଦର୍ଶନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଚରିତ୍ର, ମହାପ୍ରଭୁଙ୍କ ବତିଶ ବେଶ, ପଞ୍ଚସଖାଙ୍କ ବିଗ୍ରହ ସହିତ ବିଭିନ୍ନ ଗୁରୁ ବର୍ଗଙ୍କ ବିଗ୍ରହ, ବିଶ୍ୱଶାନ୍ତି ମହାଯଜ୍ଞ, ଗୀତାଜ୍ଞାନ ଯଜ୍ଞ, ଜପ ଯଜ୍ଞ, ଧ୍ୟାନ ଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଆଦି ସହ ଛପନ ଭୋଗ, ଶ୍ରୀଜଗନ୍ନାଥଙ୍କ ପୁସ୍ତକ ମେଳା ପ୍ରଭୃତିକୁ ନେଇ ଏକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ଆବାହକ ଦେବବ୍ରତ ସାହୁ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ସମାଜସେବୀ ଧୀରେନ୍ଦ୍ର ସାମଲ ଯୋଗଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ଦାୟିତ୍ୱରେ ଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଧୃତିଧର ଦାଶ, ପ୍ରାନ୍ତ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଓ ବିଶିଷ୍ଟ ଜ୍ୟୋତିର୍ବିଦ ଡ. ଅରୁଣ ପାଣି, ଯୋଗଗୁରୁ ପଣ୍ଡିତ ତାପସ ମହାରାଜ ପ୍ରମୁଖ ଏଥିରେ ଯୋଗଦେଇ ସୂଚନା ଦେଇଥିଲେ। ଆଗାମୀ ଦିନରେ ପାରାଦୀପ ର ବିଭିନ୍ନ ଅଞ୍ଚଳ ରେ ଏହି ବିଶାଳ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ କରାଯାଇ ବିଭିନ୍ନ ଶ୍ରୀଜଗନ୍ନାଥ ପ୍ରେମୀ, ସାଧୁସନ୍ଥ, ସାମାଜିକ କର୍ମୀ, ବୁଦ୍ଧିଜୀବି ମାନଙ୍କୁ ଯୋଡ଼ାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଅବସରପ୍ରାପ୍ତ ବନ୍ଦର କର୍ମଚାରୀଙ୍କ ପରଲୋକ

ପାରାଦୀପ,୨୦।୧(ସମିସ): ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ପ୍ରସନ୍ନ କୁମାର ଆଚାର୍ଯ୍ୟ (୯୧)ଙ୍କର ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଚାର୍ଯ୍ୟ ପାରାଦୀପ ଅଞ୍ଚଳର ଜଣାଶୁଣା ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟଙ୍କ ପିତା ଅଟନ୍ତି। କଟକ ଜିଲ୍ଲା ମାହାଙ୍ଗା ଅରିଲୋ ଶାସନ ଗ୍ରାମରେ ସ୍ୱର୍ଗତ ଆଚାର୍ଯ୍ୟ ୧୯୩୪ ମସିହାରେ ଜନ୍ମଗ୍ରହଣ କରିଥିଲେ। ପାରାଦୀପ ବନ୍ଦରରେ ଯୋଗ ଦେବା ପରେ ନିଜ କାର୍ଯ୍ୟ ଦକ୍ଷତା ବଳରେ ବନ୍ଦର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ୧୯୯୭ ମସିହାରେ ଚାକିରିରୁ ଅବସର ଗ୍ରହଣ କରିବା ପରେ ନିଜ ଗ୍ରାମରେ ରହୁଥିଲେ। ଆଜି ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ଦେହାନ୍ତ ଖବର ପାଇ ବନ୍ଦର ପୁରୁଣା କର୍ମଚାରୀଙ୍କ ମଧ୍ୟରେ ଏକ ଶୋକର ଛାୟା ଖେଳିଯାଇଛି। ପୋର୍ଟ ଅଫିସର୍ସ ଆସୋସିଏସନର କର୍ମକର୍ତ୍ତା ଭାବେ ବନ୍ଦର ଅଫିସର୍ସମାନଙ୍କ ନିମନ୍ତେ ବହୁ କଲ୍ୟାଣକାରୀ କାର୍ଯ୍ୟ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଗ୍ରାମ ଶ୍ମଶାନରେ ଜ୍ୟେଷ୍ଠପୁତ୍ର ଚନ୍ଦ୍ରଶେଖର ମୁଖାଗ୍ନି ଦେଇଥିଲେ।



## ସ୍ୱଦେଶୀ ସଂକଳ୍ପ ଦୌଡ଼କୁ ସ୍ୱାଗତ



ଜଗତସିଂହପୁର,୨୦।୧(ସମିସ): ଓଡିଶା ପୂର୍ବ ତରଫରୁ ଆୟୋଜିତ ସ୍ୱଦେଶୀ ସଂକଳ୍ପ ଦୌଡକୁ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ଗାନ୍ଧୀଛକ, କଲେଜ ଛକ ଓ ବସ୍‌ଷ୍ଟାଣ୍ଡ ଠାରେ ସ୍ୱାଗତ କରାଯାଇଛି। ସ୍ୱଦେଶୀ ଭାବନା, ଆତ୍ମନିର୍ଭର ଭାରତ ଓ ଦେଶୀ ଉତ୍ପାଦ ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବାରେ ଏହି ସଂକଳ୍ପ ଦୌଡ ଏକ ମାଇଲଷ୍ଟାନ୍। ଯୁବ, ସମାଜସେବୀ ଓ ସାଧାରଣ ଜନତାଙ୍କ ସକ୍ରିୟ ସହଭାଗିତା ଏହି କାର୍ଯ୍ୟକ୍ରମକୁ ଅଧିକ ସାର୍ଥକ କରିଛି। 'ସ୍ୱଦେଶୀ ଆପଣାଅ, ଦେଶକୁ ଆଗେଇ ନିଅ' ବାର୍ତ୍ତା ନେଇ ଆରମ୍ଭ ହୋଇଥିବା ଏହି ସଂକଳ୍ପ ଦୌଡ଼କୁ ସ୍ଥାନୀୟ ଗାନ୍ଧୀଛକ ଠାରେ ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ନାରୀ ନେତ୍ରୀ କଳ୍ପନା ସର୍ଜନ ସିଂ, ମମତା ବେହେରା, ଜ୍ୟୋସ୍ନାରାଣୀ ବାରିକ, ଚିତ୍ତରଞ୍ଜନ ପଣ୍ଡା, ଶିଶିର ପାତ୍ର, କାଳିକିଙ୍କର ମହାନ୍ତି, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜ ନାରାୟଣ ସାହୁ, ମିନତୀ ଜେନା, ଲିଙ୍ଗରାଜ ଲେଙ୍କା, ବିଶ୍ୱନାଥ ପଣ୍ଡା, ପ୍ରତୀପ୍ତ ଷଡ଼ଙ୍ଗୀ, ସମ୍ବିତ ଷଡ଼ଙ୍ଗୀ, ଭଗବାନ ଦାସ ଏବଂ ପ୍ରତାପ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ସ୍ୱାଗତ କରିଥିଲେ।

## ସୁଶ୍ରୀ ଶୁଭଶ୍ରୀର ବାର୍ଷିକ ଉତ୍ସବ



ଏରସମା,୨୦।୧(ସମିସ): ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀର ଉନବିଂଶତମ ବାର୍ଷିକ ଉତ୍ସବ ଶାଗବାରିଆ ସାରଳା ମଣ୍ଡପଠାରେ ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ସଭାପତି ପ୍ରେମଚରଣ ରାଉତ ଓ ଇଂ. ବିଧାନ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା ଓ ଦ୍ୱିତୀୟ ଅଧିବେଶନ ଉପସଭାପତି ହେମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି ଓ ପ୍ରଭାଂଶୁ ସାମନ୍ତରାୟ, ମୁଖ୍ୟ ବକ୍ତା ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ତାପସ କୁମାର ଦ୍ୱିବେଦୀ। ବରେଣ୍ୟ ଅତିଥି ଭାବରେ ଡ. ବନପ୍ରଭା ପରିଡା, ସମ୍ମାନିତ ଅତିଥି ଭାବରେ ଲୋକଶିକ୍ଷକ ଡ. ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ମହେଶ୍ୱର ସ୍ୱାଇଁ, ଶ୍ରୀକାନ୍ତ ସିଂ, ଆଇନଜୀବୀ ମଞ୍ଜୁଲତା ରାଉତ, ଝଙ୍କଡ଼ରତ୍ନ ଗୋଲୋକ ବିହାରୀ ପଲାଇ, ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ବରଗଡ଼ ଧନୁଯାତ୍ରା କଳାକାର ସଭାପତି ଦୟାନିଧି ପଧାନ, ହୃଷିକେଶ ଜେନା, ନବୀନ ପଧାନ ଯୋଗଦେଇଥିଲେ। ଶ୍ରେଷ୍ଠ ସୁଶ୍ରୀ ସରଳା ସମ୍ମାନ ଶିକ୍ଷୟିତ୍ରୀ ସୌଭାଗିନୀ ରାୟ, ଶ୍ରେଷ୍ଠ ସୁଶ୍ରୀ ଆଦର୍ଶ ଦମ୍ପତି ସମ୍ମାନ ସୌହାଗିନୀ ବେହେରା ଓ କୈଳାସ ଚନ୍ଦ୍ର ଦଳାଇ, ସୁଶ୍ରୀ ଶୁଭଶ୍ରୀ ଆଦର୍ଶ ଦମ୍ପତି ସମ୍ମାନ ସବିତା ନାୟକ ଓ ନିତ୍ୟାନନ୍ଦ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ସୁଶ୍ରୀ ନିର୍ଭୀକ ସମ୍ବାଦଦାତା ସମ୍ମାନ ଶ୍ରୀବତ୍ସ ଲାଞ୍ଛନ ପାଢ଼ୀ, ଶ୍ରୀକାନ୍ତ ଦାଶ ଓ ଗୌରାଙ୍ଗ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିବା ବେଳେ ସୁଶ୍ରୀ ତବଲାବାଦକ ସମ୍ମାନ ସୁଦୀପ୍ତ ବେହେରା, ସୁଶ୍ରୀ ଆଦର୍ଶ ଶିକ୍ଷକ ଭୁବନ ମୋହନ ଦାସ, ଶେଖ ଅବଦୁଲ ଅୟାସଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସ୍ୱାଇଁ, ଶିବପ୍ରସାଦ ସାହୁ, ଯଯାତି କେଶରୀ ସାମନ୍ତରାୟ, ଶ୍ୟାମାସୁନ୍ଦର ବେହେରା ପ୍ରମୁଖ ସହାୟତା କରିଥିଲେ। ପ୍ରଶାନ୍ତ କୁମାର ସେଠୀ ଓ ସବିତା ନାୟକ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ବଟଶ୍ରୀ ଅଧ୍ୟକ୍ଷା ବିଭୂଷିତା ଦାସ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଲାଞ୍ଚ ମାଗିବା ଘଟଣା

# ଶ୍ରମ ଆୟୁକ୍ତଙ୍କୁ ତଦନ୍ତ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

ଜଗତସିଂହପୁର,୨୦।୧(ସମିସ):

ଜଗତସିଂହପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସହାୟତା ରାଶି ମଞ୍ଜୁର ପାଇଁ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନିଆଯାଉଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ତେବେ ଏହି କାର୍ଯ୍ୟାଳୟର କାର୍ଯ୍ୟରତ ମହିଳା ଡାଟା ଏଣ୍ଟ୍ରି ଅପରେଟର ପୁଷ୍ପିତା ଷଡ଼ଙ୍ଗୀ ଜଣେ ହିତାଧିକାରୀଙ୍କୁ ଫାଇଲ କାମ ପାଇଁ ଲାଞ୍ଚ ମାଗୁଥିବା ଅଡିଓ ଭାଇରାଲ ହେବା ପରେ ତତ୍ପର ହୋଇଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳ ଜେ.ସୋନାଲ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ସ୍ମୃତିରେଖା ନାୟକଙ୍କୁ ଗତ ୧୬ ତାରିଖରେ କୈଫିୟତ ତଲବ କରିବା ସହିତ ୨ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମତୀ ନାୟକ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଲିଖିତ ଉତ୍ତର ରଖିଥିବା ସୂଚନା ମିଳିଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆଜି ଜିଲ୍ଲାପାଳ ଜେ. ସୋନାଲ ଏହାର ତଦନ୍ତ କରି ୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଜଗତସିଂହପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୋବାଇଲରୁ ମୋବାଇଲ ଘୁରି ବୁଲୁଥିବା ଉକ୍ତ ଅଡିଓରେ ଜଣେ ହିତାଧିକାରୀଙ୍କ ସହିତ ଶ୍ରମ କାର୍ଯ୍ୟାଳୟର ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କ ପୁଷ୍ପିତା ଷଡ଼ଙ୍ଗୀଙ୍କ ବାର୍ତ୍ତାଳାପ ରହିଛି। ପୂର୍ବରୁ ଦୁଇଟି ଫାଇଲ କରିଛି ଏଥିପାଇଁ ୧୬ ହଜାର ଟଙ୍କା ଫୋନ ପେ'ରେ ପଠାଇବାକୁ ସମ୍ପୃକ୍ତ ହିତାଧିକାରୀଙ୍କୁ କହୁଛନ୍ତି ଉକ୍ତ ମହିଳା କର୍ମଚାରୀ। ଏଥିରୁ ୧୫ ହଜାର ୩ଜଣ ଅଧିକାରୀ ନେବେ। ମୋର ଭାଗ ମାତ୍ର ୧ ହଜାର। ବିଶ୍ୱାସରେ ତୁମ କାମ କରିଦେଲି, ହେଲେ ତୁମେ ଟଙ୍କା ଦେଉନ। ଏଏଲ୍‌ଓ ଡିଏଲ୍‌ଓ ମୋତେ ମାଗୁଛନ୍ତି। କାଲି ମ୍ୟାଡମ ଅଫିସ ଗଲେ ମୋତେ ଟଙ୍କା ମାଗିବେ। ମୁଁ କ'ଣ କରିବି। ମୋ ମୁଣ୍ଡ କାମ କରୁନି ବୋଲି ଏହି ଅଡିଓରେ ମହିଳା କର୍ମଚାରୀ କହୁଥିବା ଶୁଣାଯାଉଛି। ଏହି ଘଟଣା ପ୍ରଘଟ ହେବା ପରେ ସଂପୃକ୍ତ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କ ନାମରେ ଜିଲ୍ଲା ଶ୍ରମ ଅଧିକାରୀ ସଦର ଥାନାରେ ଏତଲା ଦେବା ସହିତ ତାଙ୍କର ନିଯୁକ୍ତିକୁ ସମ୍ପୃକ୍ତ ଏଜେନ୍ସି ବାତିଲ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ଘଟଣା ଗତ ଡିସେମ୍ବର ମାସରେ ଘଟିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ କାହିଁକି ଚୁପ ବସିଥିଲେ।

## ମଦ ଜବତ, ୩ ଗିରଫ

ଭୋଗରାଇ,୨୦।୧(ସମିସ): ଭୋଗରାଇ ବ୍ଲକ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୫୨ ଲିଟର ଚୋରା ମଦ ସହିତ ୩ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ବ୍ଲକ ରସଲପୁର ଗ୍ରାମର ପ୍ରଦୀପ କୁମାର ଚାନ୍ଦ ପାଖରୁ ୧୩ ଲିଟର, କୁଚିଲାଡାଙ୍ଗ ଗ୍ରାମର ବିଜୟ କୁମାର ଦତ୍ତ ପାଖରୁ ୨୫ ଲିଟର, ବିନ୍ଧା ପଦ୍ମପୁର ଗ୍ରାମର ସାଧନ ସେଠୀ ପାଖରୁ ୧୪ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ । ଏନେଇ ଅବକାରୀ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସ ସହିତ ଅନ୍ୟମାନେ ସାମିଲ ଥିଲେ ।

## ଦରଖୋଳି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଔପଦା,୨୦।୧(ସମିସ): ଔପଦା ବ୍ଲକ ଦରଖୋଳି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ନୋଡାଲ ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଶ୍ୟାମସୁନ୍ଦର ପଣ୍ଡା ,ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର, ଅବସରପ୍ରାପ୍ତ ବିଇଓ ପିତାମ୍ବର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପଞ୍ଚସଖା ଶିକ୍ଷା ସେତୁର ସଭାପତି ମହେନ୍ଦ୍ର ପ୍ରସାଦ ବାରିକ, ବିଶିଷ୍ଟ ସାମ୍ବାଦିକ ତଥା ପଞ୍ଚସଖା ଶିକ୍ଷାସେତୁ ର ସମ୍ପାଦକ ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଶୀନାଥ ପରିଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଅକ୍ଷୟ କୁମାର ରାଉଳ ଓ ଶିକ୍ଷୟତ୍ରୀ ଶାନ୍ତି ଲତା ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ ।ଏ ହା ସହିତ ଶିକ୍ଷକ ହେମେନ୍ଦ୍ର ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୁବ୍ରତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

## ୨ ପଥର ବୋଝେଇ ଡମ୍ଫର ଜବତ

ନୀଳଗିରି, ୨୦।୧ (ସମିସ ) : ବାଲେଶ୍ୱର ଖଣି ଅଧିକାରୀଙ୍କ ଦ୍ୱାରା ୨ ଗୋଟି ପଥର ବୋଝେଇ ଡମ୍ଫର ଜବତ କରି ନୀଳଗିରି ଥାନାରେ ଆଣି ଜିମା ଦେଇଥିବା ଜଣା ପଡ଼ିଛି । ଆଜି ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ବାଲେଶ୍ୱର ଖଣି ବିଭାଗର ଜୁନିୟର ଅଧିକାରୀ ସଦଳବଳେ ଈଶ୍ୱରପୁର ଫାଣ୍ଡି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ୨ଟି ଚୋରା ପଥର ବୋଝେଇ ଡମ୍ଫର ଜବତ କରିଥିଲେ । ପରେ ନୀଳଗିରି ଥାନାକୁ ଆଣି ଜିମା ଦେଇଥିଲେ । ତେବେ ଖବର ଲେଖା ହେବା ବେଳକୁ ନୀଳଗିରି ଥାନାରେ ଖଣି ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇ ନଥିବା ଆଇଆଇସି ଗୋବର୍ଦ୍ଧନ ନାୟକ ସୂଚନା ଦେଇଛନ୍ତି ।

## ଉମାକାନ୍ତ ରାଧିକା ଫାଉଣ୍ଡେସନର ପ୍ରତିଭା ଚୟନ କାର୍ଯ୍ୟକ୍ରମ

ସୋର, ୨୦।୧(ସମିସ): ସୋର ଶିରାପୁରସ୍ଥ ଉମାକାନ୍ତ ରାଧିକା ଫାଉଣ୍ଡେସନର ୧୦ତମ ବାର୍ଷିକ ଉତ୍ସବ ଆସନ୍ତା ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଶିରାପୁର ସ୍ଥିତ ଉଦୟନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୃତ୍ୟ , ସଂଗୀତ, ଚିତ୍ରାଙ୍କନ , ଝୋଟି ଓ ମେହେନ୍ଦି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ୮୭ଜଣ ପ୍ରତିଯୋଗୀ ଭୋଗ ନେଇଥିଲେ । ସେମାନଙ୍କ ମଧ୍ୟରୁ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ସଭାପତି ରୂପମ କୁମାର ବେହେରା, ସମ୍ପାଦକ ରଞ୍ଜିତ କୁମାର ବେହେରା ପରିଚାଳନା କରିଥିବା ବେଳେ ତପନ ମହାପାତ୍ର, ଦେବାଶିଷ ବେହେରା, ପ୍ରିତମ ବେହେରା, ପାର୍ଥସାରଥି ପରମାଣିକ, ଜିତେନ୍ଦ୍ର ସାହୁ, ହିମାଂଶୁ ନାୟକ, ଦିପକ ବେଜ ଓ କିରଣ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ୧୨ ଗୋରୁ ଉଦ୍ଧାର, ୨ ଗିରଫ

ବସ୍ତା ବ୍ଲକ, ୨୦।୧ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଦୁଣ୍ଡକୁଟ ଗ୍ରାମ ଦେଇ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗ ଦଳର କର୍ମୀ ଗାଡ଼ିକୁ ଅଟକ ରଖି ପୁଲିସକୁ ହସ୍ତାନ୍ତର କରିଥିବା ଜଣା ପଡିଛି । ସୋମବାର ରାତିରେ ଏକ ପିକଅପ ଭ୍ୟାନ ଯୋଗେ ଗୋ ସମ୍ପଦ ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗ ଦଳର କର୍ମକର୍ତା ଉକ୍ତ ଗାଡିକୁ ଅଟକ କରି ସିଂଲା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ୧୨ ଟି ଗୋରୁଙ୍କୁ ଉଦ୍ଧାର କରି ସିଂଲା ପୁଲିସକୁ ହସ୍ତାନ୍ତର କରିଥିଲେ । ଗୋରୁଗୁଡିକୁ ଗୋଶାଳା ସ୍ଥାନାନ୍ତର କରାଯାଇ ଥିବା ଜଣା ପଡିଛି । ଏହି ପିକଅପ ଭ୍ୟାନକୁ ଏସ୍କର୍ଟ ଦେଇ ପାର କରୁଥିବା ଦୁଇ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସୋରରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ସୋର,୨୦।୧(ସମିସ): ସୋରରେ ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ସୋର ଅନନ୍ତପୁର ବସ ମାଲିକ ସଂଘ ସହଯୋଗରେ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍ତରେଶ୍ୱରରୁ ଏକ ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଏକ କିମି ପରିକ୍ରମା କରିଥିଲା । ଏହି ରାଲିରେ ସୋର ମିନାରାଣୀ ଆଇଟିଆଇର ଛାତ୍ରମାନେ ସାମିଲ ହୋଇଥିଲେ । ବିଭିନ୍ନ ସଚେତନତାମୂଳକ ବାର୍ତ୍ତ ନେଇ ଏହି ରାଲି ସହର ପରିକ୍ରମା କରିଥିଲା । ଏହି ସମୟରେ ବାଲେଶ୍ୱର ପରିବହନ ବିଭାଗର କନିଷ୍ଠ ଯାନ ନୀରିକ୍ଷିକା ଦେବସ୍ମିତା ନାୟକ ଓ ଦିନେଶ ରଞ୍ଜନ ବେହେରାଙ୍କ ସମେତ ସୋର ଅନନ୍ତପୁର ବସ ମାଲିକ ସଙ୍ଘର ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ଅଭିଷେକ ବେହେରା, ବିଗନ ଗୁଇଁ, ପପୁ ରାଉତ, ଆତ୍ତାନନ୍ଦ ଦାସ, ପ୍ରଫୁଲ ଜେନା ଓ ଅନୀଲ ଧଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଇଣ୍ଡିଆନ ଅଏଲର ୩ ଶାଖାର ଶ୍ରମିକମାନଙ୍କୁ ନେଇ ମିଳିତ ବୈଠକ

# ୯ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

ବାଲେଶ୍ୱର, ୨୦।୧(ସମିସ)




ବାଲେଶ୍ୱରରେ ଇଣ୍ଡିଆନ ଅଏଲରେ ଥିବା ତିନୋଟି ଡିପୋ ଛଣପୁରରେ ବଟଲିଂ ପ୍ଲାଣ୍ଟ, ଚାନ୍ଦିପୁରରେ ଫୁଡ ଅଏଲ ପ୍ଲାଣ୍ଟ ଏବଂ ସୋମନାଥପୁରରେ ଥିବା ପ୍ଲାଣ୍ଟରେ ପୂର୍ବ ଉପକୂଳ ଶ୍ରମିକ ସଂଘର ୬୦ରୁ ଅଧିକ ଶ୍ରମିକମାନେ କାମ କରୁଛନ୍ତି । ସେମାନଙ୍କ ଉପରେ ଏଠାରେ ହେଉଥିବା ଅନ୍ୟାୟ ପ୍ରତିବାଦରେ ୩ ଶାଖାର ଶ୍ରମିକମାନଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହେବା ସହ ୯ ଦଫା ଦାବି ନେଇ ଆଜି ସଂଘ ପକ୍ଷରୁ ଏଠାକର ଡିଜିଏମ ଅମରେନ୍ଦ୍ର ପାତ୍ରଙ୍କ ସହ ଆଲୋଚନା କରାଯାଇଛି । ଯଦି ସଂଘର ଦାବିକୁ ଏଠାକାର କର୍ତ୍ତୃପକ୍ଷ ନ ମାନ୍ତି ତାହାଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ବେହେରା ସୂଚନା ଦେଇଛନ୍ତି ।

ଏହି ପ୍ଲାଣ୍ଟରେ ପାଖାପାଖି ୬୦ରୁ ଅଧିକ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଉପରେ କର୍ତ୍ତୃପକ୍ଷ ଏବଂ ଠିକାଦାରମାନେ ଅନ୍ୟାୟ କରୁଛନ୍ତି । ଫଳରେ ସେମାନେ ଶୋଷଣର ଶିକାର ହେଉଛନ୍ତି । ଏହାକୁ ବିରୋଧ କରି ଏହି ତିନୋଟି ପ୍ଲାଣ୍ଟରେ କାର୍ଯ୍ୟରତ ଥିବା ଶ୍ରମିକମାନଙ୍କୁ ନେଇ ବୈଠକ ହେବା ପରେ ଆଜି ଡିଜିଏମଙ୍କ ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି । ବିଶେଷ କରି ଦାବି ଗୁଡିକ ମଧ୍ୟରେ ଯୋଗ୍ୟତା ଅନୁସାରେ ସର୍ବନିମ୍ନ ମଜୁରୀ ପ୍ରଦାନ ନ କରିବା, ବୋନସ ପ୍ରଦାନ ଆଇନ୧୯୬୫ଅନୁସାରେ ବୋନସ ପ୍ରଦାନ ନ କରିବା, ମଜୁରୀ ସହିତ ୧୮ ଦିନର ଅର୍ଜିତ ଛୁଟି ପ୍ରଦାନ ନକରିବା,ଜାତୀୟ ଏବଂ ପର୍ବପର୍ବାଣୀ ଛୁଟି ପାଇଁ ମଜୁରୀ ପ୍ରଦାନ ନକରିବା, ନିର୍ଦ୍ଧାରିତ ସମୟ ମଧ୍ୟରେ ମାସିକ ମଜୁରୀ ପ୍ରଦାନ ନକରିବା,ଉପଯୁକ୍ତ ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପ୍ରଦାନ ନ କରିବା, ଓଭର ଟାଇମ ମଜୁରୀ ପ୍ରଦାନ ନକରିବା, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଇପିଏଫ ଏବଂ ଇଏସଆଇ ଅବଦାନ ଜମା ନକରିବା, ଶ୍ରମିକମାନଙ୍କୁ ମଜୁରୀ ସ୍ଲିପ ପ୍ରଦାନ ନକରିବା ଆଦି ଦାବି ଗୁଡିକ ଉପରେ ସ ବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ଡିଜିଏମ ଶ୍ରୀ ପାତ୍ର ସହାନୁଭୂତି ପ୍ରଦାନ କରିବା ସହ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏହାଛଡା ଠିକାଦାରମାନଙ୍କୁ ଡାକି ଏହି ସମସ୍ତ ଘଟଣାର ଅନ୍ତଃ କରାଯିବା ଉପରେ ସେ ଗୁରୁତ୍ୱାରୋପ ପ୍ରଦାନ କରିଛନ୍ତି ବୋଲି କହିଛନ୍ତି । ଯଦି ଆଗାମୀ ଦିନରେ ଶ୍ରମିକମାନଙ୍କର ଏହି ସମସ୍ୟାକୁ ସମାଧାନ କରାନଯାଏ ତେବେ ଆଇନଗତ ଅନୁସାରେ ସଂଘ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏହି ଆଲୋଚନା ସମୟରେ ସଂଘର ରାଜ୍ୟ ସଭାପତି ପ୍ରକାଶ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ରତ୍ନାକର ଜେନାଙ୍କ ସହ ବାଲେଶ୍ୱର ଶାଖର ସଭାପତି ପ୍ରଭାତ ରଞ୍ଜନ ବେହେରା, ସମ୍ପାଦକ ସନ୍ଦୀପ ବାରିକ, କୋଷାଧ୍ୟକ୍ଷ ମନୋଜ କୁମାର ଦାସ,ସଦସ୍ୟ ପ୍ରଦୀପ କୁମାର ଲେଙ୍କା, ଏସକେ ଅବସର ଅଲ୍ଲୀ, ପଙ୍କଜ କୁମାର ସେନ, ଗଙ୍ଗାଧର ଦାସ, ଲମ୍ବୋଦର ପଣ୍ଡା, ଶତାବ୍ଦୀ ନାୟକ, ଜୟଦେବ ରଣା, ଦୀପକ ମାନ୍ନା, ଶଶିକାନ୍ତ ବିଶ୍ୱାଳ, ଜଗବନ୍ଧୁ ସିଂ, ଗଣେଶ ରଣା, ଧ୍ରୁବ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ୨୭ରୁ ଏଫ୍ଏମ୍‌ୟୁରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ



ଭୁବନେଶ୍ୱର,୨୦।୧(ସମିସ): ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ ଆସନ୍ତା ୨୭ ତାରିଖରୁ ୩୯ତମ ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବଜୋନ ଯୁବ ମହୋତ୍ସବ "ୟୁନିଫେଷ୍ଟ ୨୦୨୫-୨୬' ଆରମ୍ଭ ହେବ । ବ୍ୟାସବିହାର କ୍ୟାମ୍ପସଠାରେ ୫ ଦିନ ବ୍ୟାପୀ ଅର୍ଥାତ ୩୧ ତାରିଖ ପର୍ଯ୍ୟନ୍ତ ଏହି ଯୁବ ଉତ୍ସବ ଚାଲିବ । ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ସୂଚନା ଦିଆଯାଇଛି । ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ପୂର୍ବ ଜୋନ୍ ତଥା ଓଡ଼ିଶା, ବିହାର, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ଆଦି ମୋଟ ୨୦ଟି ବିଶ୍ୱବିଦ୍ୟାଳୟର ହଜାରେରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ପ୍ରତି ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦ ଜଣ ଲେଖାଁଏ ଛାତ୍ରଛାତ୍ରୀ ଏହି ଯୁବ ପ୍ରତିଭା ସାଂସ୍କୃତିକ ସମାବେଶରେସାମିଲହେବେ ।ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ, ସୂକ୍ଷ୍ମକଳା ସହିତ ସମ୍ପୃକ୍ତ ସୃଜନାତ୍ମକ ବିଭାଗରେ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତି ଇଭେଣ୍ଟରେ ପ୍ରଥମ ତିନୋଟି ସ୍ଥାନରେ ରହୁଥିବା ପିଲାଙ୍କୁ ପୁରସ୍କୃତ କରାଯିବ । ଏଠାରୁ କୃତି ଛାତ୍ରଛାତ୍ରୀମାନେ ଆସନ୍ତା ମାର୍ଚ୍ଚ ୧୦ରୁ ୧୪ ତାରିଖ ମଧ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ ହେଉଥିବା ଫାଇନାଲ ମ୍ୟାଚ୍‌ର ଜାତୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିବେ । ବିଶ୍ୱବିଦ୍ୟାଳୟର ସ୍ନାତୋକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା କହିଛନ୍ତି ଯେ ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏହି ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସେହିପରି ଅଂଶଗ୍ରହଣ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା କୁଳସଚିବ କୁକୁମୀନା ଦାସ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଲୋକ ସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା, ସଂଯୋଜକ ଡ. ନିହାର ରଞ୍ଜନ ରାଉତ, ସଂଗଠନ ସମ୍ପାଦକ ଡ. ଅସୀମ ଅମିତାଭ ପ୍ରଧାନ ଏବଂ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅନ୍ତରା ମହତୀପୁର ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ

ଖଇରା,୨୦।୧ (ସମିସ): ଯେଉଁ ଜାତି ବା ଦେଶର ଭାଷା ଓ ସଂସ୍କୃତି ଯେତେ ସୃଦୃଢ ସେ ଜାତିବାଦେଶସେମହାନ ।ସଂସ୍କୃତିପରମ୍ପରା ପାଇଁ ବିଶ୍ୱରେ ଭାରତର ସ୍ଥାନ ସ୍ୱତନ୍ତ୍ର ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକର ଖ୍ୟାତି ସମ୍ପନ୍ନ ଅନ୍ତରା-ମହତୀପୁର ବାଇଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ବକ୍ତା ମାନେ ଆଲୋକପାତ କରିଛନ୍ତି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ମାହୁନ୍ତଙ୍କ ପୌରହିତ୍ୟରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ପ୍ରାକ୍ତନ ଇତିହାସ ପ୍ରାଧ୍ୟାପକ ଲକ୍ଷ୍ମୀଧର ରାଉତ ମୁଖ୍ୟବକ୍ତା ଭାବେ ଉପରୋକ୍ତ ବିଷୟରେ ଆଲୋକପାତ କରିଛନ୍ତି । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସମିତିସଭ୍ୟା ସବିତାରାଣୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ଉଦୟ ନାରାୟଣ ସାହୁ, ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ଦାସ, ଆଲୁମିନି ସଭାପତି ସୁଧାକର ଗାହାଣ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବାର୍ଷୀକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ନୃତ୍ୟ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ, କମିଟି ସଦସ୍ୟ ସହଯୋଗ କରିଥିଲେ ।

## ବିପିସିଏଲ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରେମୁଣା,୨୦।୧(ସମିସ): ରେମୁଣା ବ୍ଲକ ନରହରିପୁର ଠାରେ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ବିପିସିଏଲ (ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼)ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବୃକ୍ଷରୋପଣ କରାଯାଇଛି । ବିପିସିଏଲର ମୁଖ୍ୟ ପରିଚାଳକ ଲୋକେଶ ପ୍ରସାଦ ଏବଂ ବିପିସିଏଲ ବରିଷ୍ଠ ପରିଚାଳକ ବାଲାଜୀ ଲୋକବଥ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ବୃକ୍ଷ ଲଗାଇ ତାର କେମିତି ଯତ୍ନ ନିଆଯିବ ସେ ବିଷୟରେ ଅଭିଭାଷଣ ରଖିଥିଲେ । ସମସ୍ତ ଛାତ୍ର ଛାତ୍ରୀ ଏବଂ ପ୍ରଧାନ ଶିକ୍ଷକ ଅଶ୍ୱିନୀ ନାୟକ, ମନ୍ମଥ କରଣ, ରମେଶ ସାମଲ, ରଙ୍ଗଲତା ମିଶ୍ର, ସମାଜ ସେବୀ ସଞ୍ଜୟ ଗୋପାଳ ବେହେରା ଏବଂ ପୂର୍ବତନ ଶିକ୍ଷକ ହରିନାରାୟଣ ପତି ଉପସ୍ଥିତ ରହି ଏକ ଶହରୁ ଉର୍ଦ୍ଧ ବୃକ୍ଷ ରୋପଣ କରିଥିଲେ ।

## ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୧(ସମିସ): ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମଆରମ୍ଭ କରାଯାଇଛି । ସଂଗଠନର ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ଦହପଡାସ୍ଥିତ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଦାଶଙ୍କ ସମେତ ସ୍କୁଲର ଅନ୍ୟ ଶିକ୍ଷକ ଅମରେଶ ଦେ, ନରୋତ୍ତମ ଷଡ଼ଙ୍ଗୀ, ଅଜୟ ବିଶ୍ୱାଳ, ପଦ୍ମଲୋଚନ ନାୟକ ଓ ଗଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ କର୍ମକର୍ତ୍ତା ସବିତା ମହାନ୍ତି, ଅମିତା ଚାନ୍ଦ, ରଞ୍ଜିତ ପୃଷ୍ଟି, ବିଜୟ ବାରିକ, ରଜତ



ବାରିକ, ଗତିକୃଷ୍ଣ ପାତ୍ର, ସୁବ୍ରତ ଦାସ, ହରିଶ ଜେନା, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଜଳେଶ୍ୱର ବ୍ଲକ ପରିଦର୍ଶନ

ଜଳେଶ୍ୱର, ୨୦।୧ (ସମିସ) : ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ଶିଖରପୁର-୨ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଲାଗି ଉଦ୍ଦିଷ୍ଟ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସଂପର୍କରେ ପଚାରି ବୁଝିଥିଲେ । ଶିଖରପୁର ପିଏଚ୍‌ସିରେ ପହଞ୍ଚି ଡାକ୍ତର ଶରତ କୁମାର ଭଞ୍ଜ ଓ ସନ୍ଦିପ ମହାନ୍ତି, ସେବିକା ଓ କର୍ମଚାରୀମାନଙ୍କ ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶିଖରପୁର ଠାରେ ଦେବାକୁ ଥିବା ପିକ୍‌ନିକ୍ ସ୍ଥାନର ଉନ୍ନତିକରଣ ସଂପର୍କରେ ବୁଲି ଦେଖିଥିଲେ । ସେହିପରି ତେଘରୀ ଠାରେ ଧାନମଣ୍ଡି ପରିଦର୍ଶନ କରି ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ସେହିପରି ଚାଲନ୍ତିଠାରେ ଥିବା ବେଆଇନ୍ ବାଲି ସୈରାତକୁ ମଧ୍ୟ ବୁଲି ଦେଥିବା ଜଣାଯାଇଛି । ସେଠାରେ ଥିବା ୫୫ଏକର ସରକାରୀ ଇଡ୍‌କୋ ଜମି ମଧ୍ୟ ବୁଲି ଦେଖିଥିଲେ । ତାଙ୍କ ସହିତ ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ, ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ସାହୁ, ତହସିଲଦାର ସତ୍ୟଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



## ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସଙ୍କ ବିୟୋଗ

ନୀଳଗିରି, ୨୦।୧ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଅଧୀନ ସାନପାଟପୁର ନୋଡାଲ ସ୍କୁଲର ପୂର୍ବତନ ଶିକ୍ଷକ ରାମଚନ୍ଦ୍ର ସଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କର ବୟସ ୮୦ ବର୍ଷ ହୋଇଥିଲା । ସେ ୧୯୭୩ ମସିହାରେ ବିଜ୍ଞାନ ଶିକ୍ଷକ ରୂପେ ସାନପାଟପୁର ହାଇସ୍କୁଲରେ ଯୋଗଦାନ କରି ୨୦୦୫ ମସିହାରେ କାର୍ଯ୍ୟରୁ ଅବସର୍ ଗ୍ରହଣ କରିଥିଲେ । ଶେଷ ଦର୍ଶନ ସମୟରେ ପୂର୍ବତନ ଚେୟାରମ୍ୟାନ୍ ରାମଚନ୍ଦ୍ର ବେହେରା, ସରପଞ୍ଚ ନିରଞ୍ଜନ ବାରିକ୍, ପୁରାତନ ଛାତ୍ର ସଂସଦର ସଭାପତି ଡଃ ଉପେନ୍ଦ୍ର ପାତ୍ର, ସଂପାଦକ ଦିପକ ବେହେରା, ସଂଗଠନ ସଂପାଦକ ଜନ୍ମେଜୟ ପଟ୍ଟନାୟକ, ପ୍ରଚାର ପ୍ରସାର ସଂପାଦକ ଶନୈଶ୍ଚ ରଞ୍ଜନ ବେହେରା, ପୁରାତନ ଛାତ୍ର ମଧୁସୂଦନ ପାଣିଗ୍ରାହୀ, ସଞ୍ଜୟ କୁମାର ପାତ୍ର, ବିଶ୍ୱମ୍ଭର ନାୟକ, ଜଗନ୍ନାଥ ଦାସ, ଉପେନ୍ଦ୍ର ସ, ରଘୁନାଥ ନାୟକ, ମାନସ ରଞ୍ଜନ ଚୈଧୁରୀ, ରମେନ୍ଦ୍ର ଜେନା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ବିକାଶ ସାହୁ, ମନୋରଞ୍ଜନ ମାହାନ୍ତିଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## ଚିନ୍ତାମଣି ଜେନା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବସ୍ତା ବ୍ଲକ, ୨୦।୧ (ସମିସ): ବସ୍ତା ବ୍ଲକ ଛଚିନା ସ୍ଥିତ ଚିନ୍ତାମଣି ଜେନା ମହିଳା ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମଙ୍ଗଳବାର କଲେଜର ଅଧ୍ୟକ୍ଷ ବୈଲୋଚନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା, ମୁଖ୍ୟ ବକ୍ତା ଭାବେ ନୀଳମଣି କଲେଜର ଅଧ୍ୟକ୍ଷ ତପନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଅତିଥି ଭାବେ ମୁକୁଲିଶି ସରପଞ୍ଚ ଅମିତ କୁମାର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ରାମଚନ୍ଦ୍ର ଦେବ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଚନ୍ଦନ କୁମାର ସାମଲ (ପି ଜି ଟି ) ମଞ୍ଚ ଆବାହନ ଓ ପରିଚାଳନା କରିଥିଲେ । ବଳଭଦ୍ର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧାପିକା ସୁଜାତା ପରିଡ଼ା, ପୂର୍ଣ୍ଣିମା ଦଣ୍ଡପାଠ, ବର୍ଷା ରାଣୀ ମହାପାତ୍ର, ପୁଷ୍ପାଞ୍ଜଳି ମଲ୍ଲିକ, କବିତା ରାଣୀ ମାନ୍ନା, ଙ୍କ ସହିତ ଛାତ୍ରୀ ଲିପି ଗିରି, ସ୍ମୃତିରେଖା ବେହେରା, ବେବିରାଣୀ ପ୍ରଧାନ, କିରଣ ମନୀଷା ମହାନ୍ତି, ଯୋଗ ଦେଇ ଥିଲେ ।

# ଉଦୟପୁରରେ ମକର ମେଳା ମହୋତ୍ସବ ଉଦ୍‌ଯାପିତ

ଭୋଗରାଇ,୨୦।୧(ସମିସ)



ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସାହାବାଜିପୁର ପଞ୍ଚାୟତ ଅଧିନ ଉଦୟପୁର ମନୋରମ ବେଳାଭୂମିରେ ଗତ ୫ଦିନ ଧରି ଚାଲିଥିବା ୫୮ତମ ମକର ମେଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ମେଳା ଓଡ଼ିଶାର ସାହାବାଜିପୁର, ଉଦୟପୁର, ସାହାପୁର, ଗମ୍ଭାରିଆ ଓ ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ଥାନା ଅଧିନ ଦତ୍ତପୁର, ଗଦାଧର ପୁର ଗ୍ରାମବାସୀଙ୍କୁ ନେଇ ଦୀର୍ଘ ୫୮ ବର୍ଷ ଧରି ପରିଚାଳିତ ହୋଇ ଆସୁଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଯାପନୀ ଉତ୍ସବରେ ୫୦୦ ଜଣ ଦୁସ୍ଥ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟ ବକ୍ତା ସାହାବାଜିପୁର ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ହୁଗୁଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା, ସାହାବାଜିପୁର ସରପଞ୍ଚ ଅରୁଣ ଗିରି, ବାଜିତପୁର ସରପଞ୍ଚ ପ୍ରତିନିଧି ଚନ୍ଦନ ଜେନା, ପଡ଼ୋଶୀ ପଶ୍ଚିମବଙ୍ଗର ପଦୀମା-୧ନମ୍ବର ଗ୍ରାମ ପଞ୍ଚାୟତର ଶିକ୍ଷା ଜନ ସ୍ୱାସ୍ଥ୍ୟ ସଞ୍ଚାଳକ ପରିମଳ ଗିରି, କମଳ ଆଧେକ, ପ୍ରଶାନ୍ତ ଜେନା, ଭୋଗରାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ପରିଷଦ ନିବେଦିତା ମହାନ୍ତିଙ୍କ ସହ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉଦୟପୁର ଗଙ୍ଗାମାତା ପୂଜା କମିଟିର ସଭାପତି ସୁଧୀର କୁମାର ବେହେରାଙ୍କ ବିୟୋଗରେ ଉପସ୍ଥିତ ଅତିଥିଗଣ,ଜନସାଧାରଣ ଗଭୀର ଶୋକ ପ୍ରକାଶ କରିଥିଲେ । ସ୍ୱର୍ଗତଃ ସଭାପତି ଶ୍ରୀ ବେହେରାଙ୍କ ବେଳାଭୂମିରେ ଅର୍ଦ୍ଧ ନିର୍ମିତ ଗଙ୍ଗା ମାତାଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଧାୟକ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ ଏବଂ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

ପୂଜା କମିଟିର ନୂତନ ସଭାପତି ସୁଶାନ୍ତ କୁମାର ବେହେରା ମଞ୍ଚ ଆହ୍ୱାନ, ସଭା ସଞ୍ଚାଳନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହ ସମ୍ପାଦକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉଦୟପୁର ଗଙ୍ଗାମାତା ପୂଜା କମିଟିର ସମ୍ପାଦକ ନିତ୍ୟାନନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ଭୋଳାନାଥ ବେହେରା, ଗୋବିନ୍ଦ ବେରା, ସୁମନ୍ତ ବେହେରା, କୋଷାଧ୍ୟକ୍ଷ ପ୍ରମୋଦ ବେହେରା, ବାସୁଦେବ ବେହେରା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ।

### ବେଆଇନ ଜଙ୍ଗଲ ଜମି ବ୍ୟବହାର ଅଭିଯୋଗ

# ତଦନ୍ତ ପାଇଁ ଯାଇଥିବା ଅଧିକାରୀଙ୍କୁ ଘେରିଲେ ଲୋକ

ଝାରସୁଗୁଡ଼ା,୨୦।୧(ସମିସ)



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ପଞ୍ଚାୟତ ଠାରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଛି। ଏହି ଘଟଣାରେ ଶ୍ରିପୁରା ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ବିନା ଅନୁପସ୍ଥିତିରେ ଝାରସୁଗୁଡ଼ା ରେଞ୍ଜର ଏବଂ ବଡମାଲ ଆର୍‌ଆଇ ଜଙ୍ଗଲ ଜମିର ତଦନ୍ତ କରୁଥିଲେ।

କୌଣସି ସୂତ୍ରରୁ ଖବର ପାଇ ଗ୍ରାମବାସୀ ଉଭୟ ଅଧିକାରୀଙ୍କୁ ଘେରିଥିଲେ। ସୋମବାର ଗାଁର ଶତାଧିକ ଜନସାଧାରଣ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଏପସିଲନ କମ୍ପାନୀ ବିରୋଧରେ ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ତଦନ୍ତ ପ୍ରକ୍ରିୟା ଡେରି କରୁଥିବା ବେଳେ ଡିଏଫଓ ଏବଂ ତହସିଲଦାରଙ୍କ ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀ ଗାଁସଭା କରି ଜଙ୍ଗଲ ଜମିରେ ବୃକ୍ଷରୋପଣ ଓ ଜନମଙ୍ଗଳ କାର୍ଯ୍ୟରେ ଉକ୍ତ ଜମିକୁ ବ୍ୟବହାର କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଠିକ ଏହି ସମୟ ଅର୍ଥାତ ସୋମବାର ସକାଳ ୧୧ ଟାରେ ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ ଏବଂ ଆରଆଇ ଶ୍ରୀକାନ୍ତ ପ୍ରଧାନ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ଅନୁପସ୍ଥିତିରେ କମ୍ପାନୀ ବ୍ୟବହାର କରୁଥିବା ବେଆଇନ ଜଙ୍ଗଲ ଜମି ବିଷୟରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଗ୍ରାମବାସୀ ଖବର ପାଇଥିଲେ। ଘଟଣା ସ୍ଥଳକୁ ପହଞ୍ଚି ରେଞ୍ଜର ପ୍ରଧାନ ଓ ଆରଆଇ ପ୍ରଧାନଙ୍କୁ ଗ୍ରାମବାସୀ ତଥା କୌଣସି ସ୍ଥାନୀୟ ପ୍ରତିନିଧି ନ ଥାଇ କାହିଁକି ତଦନ୍ତ କରୁଛ ବୋଲି ପ୍ରଶ୍ନ କରିଥିଲେ। ରେଞ୍ଜର ଓ ଆରଆଇ ତଦନ୍ତ ସତ୍ୟ ଘଟଣା ଉପରେ ହିଁ କରାହେବ ଏବଂ ଗ୍ରାମବାସୀ ଓ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଯୁଗ୍ମ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବା ନେଇ ଅଧିକାରୀଗଣ ଗ୍ରାମବାସୀଙ୍କ ନିକଟରେ ପ୍ରକାଶ କରିଥିଲେ।

## ଉତ୍ସବ ପ୍ରଧାନପାଟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ



ଦେବଗଡ଼,୨୦।୧(ସମିସ): ଉତ୍ସବ ପ୍ରଧାନପାଟ ସାଂସ୍କୃତିକ ମଞ୍ଚରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାରୁ ଆସିଥିବା ଡକ୍ଟର ଏ.ଜୟ ପଣ୍ଡା ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ.ଭାରତ ଭୂଷଣ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ଭୋଇ, ଡେପୁଟି କଲେକ୍ଟର ପ୍ରିୟା ତାର୍କୀ ଏବଂ ପ୍ରଫୁଲ୍ଲ ମହାପାତ୍ର, ବରିଷ୍ଠ କବି ଓ ବାମଣ୍ଡା ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ଆବାହକତ୍ୱରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ଟିକେଶ୍ୱର ସାହୁ, ପଦ୍ମିନୀ ଦାଶମହାପାତ୍ର, ସୁମିତ୍ରା ପୁରୋହିତ ଓ ଅଞ୍ଜନା ନାଏକ କବିତା ସଂଯୋଜନା କରିଥିଲେ। ସମ୍ମିଳନୀରେ ଦେବଗଡ଼ ତଥା ନିକଟବର୍ତ୍ତୀ ଜିଲ୍ଲାର ଏକ ଶହରୁ ଅଧିକ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ମିଳନୀ ଆୟୋଜନରେ ଡ.ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଗୌରହରି ଷଡ଼ଙ୍ଗୀ, ସୁମିତ୍ରା ବେହେରା, ଜାହ୍ନବୀ ପ୍ରଧାନ, ତାରିଣୀ ବିଶ୍ୱାଳ ଓ ହିମାଂଶୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁକ ଓ ଗୁଳି ଜବତ, ୩ ଗିରଫ

ଝାରସୁଗୁଡ଼ା, ୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରୁ ବେଆଇନ ଭାବେ ରଖା ହୋଇଥିବା ୩ଟି ଦେଶୀ ବନ୍ଧୁକ ଏବଂ ୭ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଏହା ସହିତ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ବ୍ରଜରାଜନଗରର ସୌରଭ ଯାଦବ, ଆଦିତ୍ୟ ଶର୍ମା ଓ ତୁଷାର ପଟ୍ଟନାୟକ ହୋଇଥିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ବିହାରରୁ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ କାର୍ଯ୍ୟରେ ବ୍ୟବହାର କରିବାକୁ ଯୋଜନା କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ପୁଲିସ ଏହି ଖବର ପାଇ ଚଢ଼ଉ କରିଥିଲା। ଏଥିରେ ପୁଲିସ ବନ୍ଧୁକ ଓ ଗୁଳି ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛି। ଜବତ ବନ୍ଧୁକ ମଧ୍ୟରେ ଦୁଇଟି ଦେଶୀ ମାଉଜର, ଗୋଟିଏ ସିଙ୍ଗିଲ ସଟ ଗନ, ୬ଟି ୭.୬୫ ଏମଏମ ଗୁଳି ଏବଂ ଗୋଟିଏ ସିଙ୍ଗିଲ ସଟ ଗୁଳି ରହିଥିବା ନେଇ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୂଅରୁ ଶାବକ ସମେତ ୩ ହାତୀ ଉଦ୍ଧାର

ଦେବଗଡ଼,୨୦।୧(ସମିସ): ଦେବଗଡ଼ ବନଖଣ୍ଡ ରେଙ୍ଗାଲବେଡା ବନାଞ୍ଚଳ ଅଧୀନ ବଡନାଳୀ ଗାଁ ନିକଟସ୍ଥ ଟିଙ୍କବିର - ପାଣ୍ଡୁରୀଶିଳା ରାସ୍ତାକଡ ଧାନବିଲ ନିକଟସ୍ଥ ଏକ ଖୋଲା କୂଅରୁ ମଧ୍ୟରୁ ଗୋଟିଏ ହାତୀ ଶାବକ ସମେତ ୩ ହାତୀକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରତ୍ୟୁଷରେ କୂଅରେ ହାତୀ ମାନେ ପଡିଥିବା ଆଶଙ୍କା କରାଯାଉଛି। ଆଜି ଅପରାହ୍ନରେ ଗ୍ରାମବାସୀଙ୍କ ଠାରୁ ବନ ବିଭାଗ ସୂଚନା ପାଇଥିଲା। ଏହାପରେ ଘଟଣା ସ୍ଥଳରୁ ହାତୀ ମାନଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରାଯାଇଛି। ବନଖଣ୍ଡ ଅଧିକାରୀ ରଶ୍ମିଙ୍କ ତତ୍ତ୍ୱାବଧାନରେ ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ହାତୀ ଉଦ୍ଧାର କାର୍ଯ୍ୟକୁ ମାତ୍ର ୫୦ ମିନିଟରେ ସମାପ୍ତ କରାଯାଇଥିଲା। ଉଦ୍ଧାର ହାତୀ ମାନେ ସୁରକ୍ଷିତ ଥିବା ବେଳେ ଉକ୍ତ ଅଞ୍ଚଳରେ ରହିଥିବା ୧୮ ଟିକିଆ ହାତୀ ପଲରେ ଉକ୍ତ ହାତୀ ମିଶିଯାଇଥିବା ଡିଏଫଓ ରଶ୍ମି ସୂଚନା ଦେଇଛନ୍ତି।

## ସଂରକ୍ଷିତ ଜଙ୍ଗଲରୁ ହାତୀ ଛୁଆର ମୃତଦେହ ଉଦ୍ଧାର

ଦେବଗଡ଼,୨୦।୧(ସମିସ): ଦେବଗଡ଼ ବନାଞ୍ଚଳ ଜଗଦଳା ଗାଁ ନିକଟସ୍ଥ କଂସର ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଏକ ହାତୀ ଶାବକର ଗଳିତ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମଙ୍ଗଳବାର ମଧ୍ୟାହ୍ନରେ ସୂଚନା ପାଇ ବନଖଣ୍ଡ ଅଧିକାରୀ ରଶ୍ମିଜୀ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା ଓ ସ୍ୱାଧୀନତା ସାହାଣି ବନ ବିଭାଗ ସ୍କ୍ୱାର୍ଡ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଠାବ କରିବା ସହ ଘଟଣାର ପ୍ରାଥମିକ ତଦନ୍ତ କରିଥିବା ଜଣାପଡିଛି। ମୃତ ହାତୀର ଆନୁମାନିକ ବୟସ ଦେଢ଼ରୁ ଦୁଇବର୍ଷ ମଧ୍ୟରେ ଥିବା ବନ ବିଭାଗ ଆକଳନ କରିଛି। ପ୍ରାଥମିକ ତଦନ୍ତରେ ହାତୀ ଛୁଆଟିର ସ୍ୱାଭାବିକ ମୃତ୍ୟୁ ଆଶଙ୍କା କରାହୋଇଛି। ତେବେ ମୃତ ହାତୀର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ ବୋଲି ବନଖଣ୍ଡ ଅଧିକାରୀ ରଶ୍ମି ଜୀ ସୂଚନା ଦେଇଛନ୍ତି।

### ‘ଉତ୍ସବ ପ୍ରଧାନପାଟ’ର ତୃତୀୟ ସନ୍ଧ୍ୟା

## ନୃତ୍ୟ ଓ ସଂଗୀତର ତାଳେ ତାଳେ ଝୁମିଲେ ଦର୍ଶକ

ଦେବଗଡ଼,୨୦।୧(ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଜିଲ୍ଲା ମହୋତ୍ସବ ‘ଉତ୍ସବ ପ୍ରଧାନପାଟ-୨୦୨୬’ ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି। ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚା ପଡିଆଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବରେଣ୍ୟ ଅତିଥି ଭାବେ ତିଳେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀଣୀ ପଦ୍ମାବତୀ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଉପସ୍ଥାପିକା ଭାବେ



ରାଉରକେଲାର ମୋନାଲିସା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଦେବଗଡ଼ ବଣିଆଁସାହିର ନିଶା ବାରିକ, ଦେବକୀ ନାୟକ, ବାରକୋଟ ବ୍ଲକ୍ ଗୋପାଳପାଲି ଗାଁର ପ୍ରିୟଙ୍କା ଜିତ, ତିଳେଇବଣି ବ୍ଲକ୍ ମେଞ୍ଚାରୀବାହାଲ ଗାଁର ସୁନୀତା ନାୟକ ଓ ତିଳେଇବଣୀ ବ୍ଲକ୍ ଢୋଲପଡା ଗାଁର ଶକୁନ୍ତଳା ବଗର୍ତୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦେବଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଉପ ଜିଲ୍ଲାପାଳ ପରୀକ୍ଷୀତ ସାହୁ ଉପସ୍ଥିତ ଥିଲେ। ଆଜି ସନ୍ଧ୍ୟାରେ ଦେବଗଡ଼ର ନୃତ୍ୟଦଳ ଦ୍ୱାରା ଲୋକ ନୃତ୍ୟ, ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ହରିଆନାର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ, କାଶ୍ମୀରର କାଶ୍ମୀରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଅର୍କେଷ୍ଟ୍ରାର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ।

## ଇଜେଭି ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,୨୦।୧(ସମିସ): ଇଜେଭି ଫାଉଣ୍ଡେସନ ଓ ସଞ୍ଜିବନୀ ହସ୍ପିଟାଲର ମିଳିତ ସହଯୋଗରେ ମଙ୍ଗଳବାର ସଞ୍ଜିବନୀ




ହସ୍ପିଟାଲ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମେଡିସିନ, ଅସ୍ଥିଶଲ୍ୟ, ସ୍ତ୍ରୀ, ପ୍ରସୁତି, ଶିଶୁରୋଗ, ଦାନ୍ତ ଓ ଚକ୍ଷୁରୋଗ ବିଶେଷଜ୍ଞ ରୋଗୀଙ୍କୁ ନିଃଶୁଳ୍କ ଦେଖିଥିଲେ। ଏହାସହ ଔଷଧରେ ୨୫%, ଅଲଟ୍ରାସାଉଣ୍ଡରେ ୫୦% ରିହାତି ଦିଆଯାଇଥିଲା। ଝାରସୁଗୁଡ଼ା ସଞ୍ଜିବନୀ ହସ୍ପିଟାଲ ପରିସରରେ ଅନୁଷ୍ଠିତ ଶିବିରରେ ଶତାଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ବାଳଗୋବିନ୍ଦ ମିଶ୍ର, ହୀରାଲାଲ ଲୋକାଚାନ୍ଦିନୀ, ରବି ଯାଦବ, ପ୍ରଶାନ୍ତ ନନ୍ଦ, ପ୍ରମୋଦ ମେହେର ପ୍ରମୁଖଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ମାନସୀ ପଣ୍ଡା, ରାଜେଶ ପାଢ଼ୀ, ଗଙ୍ଗାଧର ମେହେର, ପ୍ରିୟାରାୟ, ବାଲବିନ୍ଦର ସିଂ, ପବିତ୍ର ସ୍ୱାଇଁ, ଦୀପ୍ତି ବେହେରା, ପୂନମ ପଟେଲ, ବିନ୍ଦିୟା ନାୟକ, ଜ୍ୟୋତିର୍ମୟୀ ବେହେରା, ସୁମିତ୍ରା ପଣ୍ଡା, ହେମଲତା ମେହେର, ମିନତୀ ମେହେର, ସସ୍ମିତା ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ଇଜେଭି ଫାଉଣ୍ଡେସନ ଓ ସଞ୍ଜିବନୀ ହସ୍ପିଟାଲର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇ ଥିବାରୁ ସଞ୍ଜିବନୀର ନିର୍ଦ୍ଦେଶକ ନିର୍ବାଣ ଅଗ୍ରୱାଲ ଓ ମ୍ୟାନେଜର ଶୋଭାନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ତ୍ତତ୍ରାଣ ବେନିଆ ବ୍ରଜରାଜନଗର କଂଗ୍ରେସ ଟାଉନ ସଭାପତି

ଝାରସୁଗୁଡ଼ା,୨୦।୧(ସମିସ): ବ୍ରଜରାଜନଗର ପୌର ପରିଷଦ ଅଧୀନ ସାନଯୋବ ଗାଁର ପୁରୁଣା କଂଗ୍ରେସ କର୍ମୀ ଆର୍ତ୍ତତ୍ରାଣ ବେନିଆଙ୍କୁ ବ୍ରଜରାଜନଗର ଟାଉନ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।



ନୂତନ ଦାୟିତ୍ୱ ମିଳିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ ଓ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସଙ୍କୁ ଏବଂ ପୁରୁଖା ନେତା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲଙ୍କୁ ସେ ଧନ୍ୟବାଦ ବ୍ୟକ୍ତ କରିଛନ୍ତି। ଏହା ସହିତ ସମସ୍ତ କଂଗ୍ରେସ ପ୍ରେମୀ କାର୍ଯ୍ୟକର୍ତ୍ତାଙ୍କୁ ମଧ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମିଳିଥିବା ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଦଳର ବିଚାରଧାରା ସହିତ ବ୍ରଜରାଜନଗର ପୌର ପରିଷଦରେ ସଙ୍ଗଠନକୁ ମଜବୁତ କରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଧରଣୀଧର ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼,୨୦।୧(ସମିସ): ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ସାହୁ, ସିଆରସିସି ଚୂଡାମଣି ସାହୁ, ଜିଲ୍ଲା ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ଖୁଣ୍ଟିଆ, ତିଳେଇବଣି ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଡୋଳାଧର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ବାଙ୍କ ଓ ବାଳକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଘନଶ୍ୟାମ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ଦେବୀ, ଶିକ୍ଷକ ପ୍ରଭାତ ମହାପାତ୍ର, ଶିକ୍ଷୟିତ୍ରୀ ନିରୁପମା ପ୍ରଧାନ, ଶକୁନ୍ତଳା ପ୍ରଧାନ, ରଶ୍ମିରେଖା ସାହୁ, ସୀପିକା ମିଶ୍ର, ମାନସିରାଣୀ ଗଡନାୟକ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ସୌମିତ୍ରୀ ମହାପାତ୍ର, ସୁଧାଂଶୁ ପ୍ରଧାନ, ତରଣୀସେନ ପ୍ରଧାନ, ଅକ୍ଷୟ ଗୁରୁ, ସବିତା ନନ୍ଦ, ମନ୍ଦାକିନୀ ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ପାଚିକା ସୁଜାତା ହଂସ, କୁନି ବାଘ, ବିନୋଦିନୀ ସାହୁ, ଫୁଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ଇବଥର୍ମାଲ,୨୦।୧(ସମିସ): ବନ୍ଧବାହାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଅଭିଭାବିକା ମା’ ମାନଙ୍କୁ ନେଇ ‘ସପ୍ତ ଶକ୍ତି ସଙ୍ଗମ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ‘ସପ୍ତ ଶକ୍ତି ସଙ୍ଗମ’ କାର୍ଯ୍ୟକ୍ରମ ଦେବୀ ଶକ୍ତି ସ୍ୱରୂପା ନାରୀ ଶକ୍ତିଙ୍କୁ ଜାଗୃତ କରିବାର ଏକ ଅଭିଯାନ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ନାରୀଙ୍କ ଭୂମିକା, ଶକ୍ତି, ସମର୍ପଣ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରାହେଉଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ମହାବିଦ୍ୟାଳୟର ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସଦସ୍ୟା ଗୀତାରାଣୀ ମେହେର, ପୁଷ୍ପାଞ୍ଜଳି ବାରିକ, ମଞ୍ଜୁଲତା ଭୂମିଜ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଅଧିକାରୀଙ୍କ ପରିଚୟ ଆଚାର୍ଯ୍ୟା ଆଲୋକମୟୀ ଦାଶ, ପରିଚାଳନା ସବିତାରାଣୀ ପାତ୍ର କରିଥିବା ବେଳେ ଆଚାର୍ଯ୍ୟା ପଙ୍କଜୀନି ସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୨୪୫ ଜଣ ମହିଳା ଭାଗ ନେଇଥିଲେ।

## ଜାତୀୟ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା

ଦେବଗଡ଼,୨୦।୧(ସମିସ): ଦେବଗଡ଼ ଆରଟିଓ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଦୁର୍ଘଟଣା ରୋକିବା ସହିତ ସୁରକ୍ଷିତ ଯାତ୍ରାର ବାର୍ତ୍ତା ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ପ୍ରମୁଖ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦେବଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହିତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଟ୍ରାଫିକ ନିୟମ ମାନି ଚଳିବାକୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର ଶପଥ ପାଠ କରାଇଥିଲେ। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ଉପଜିଲ୍ଲାପାଳ ପରୀକ୍ଷୀତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

## ଜିଏଲ୍ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଝାରସୁଗୁଡ଼ା,୨୦।୧(ସମିସ): ପିଏମ୍‌ଶ୍ରୀ ଗିରିଧର୍ ଲାଲ୍ ଉଚ୍ଚ ବିଦ୍ୟାଳୟ, ବେଲପାହାଡରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାସାଗର ଚୌଧୁରୀ ମୁଖ୍ୟବକ୍ତା, ଆଲୁମିନି କମିଟିର ସଭାପତି ଗୁଣନିଧି ପତି, ସମ୍ପାଦକ ଲକ୍ଷ୍ମୀକାନ୍ତ ଝା, ବେଲପାହାଡର ପୂର୍ବତନ ନଗରପାଳ କୈଳାଶ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ କୁଶ ସା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମହେଶ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପାଇଁ ଆକାଂକ୍ଷୀ ମେଳା-ଇନସ୍ପାଏରିଂ ଓଡ଼ିଶା-୨୦୩୬, ଆକାଂକ୍ଷୀ ଛାତ୍ର ପରିଷଦ-ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା-ପିଏମ୍‌ଶ୍ରୀ ବିଜିନେସ ସମିଟ୍ ଏହି ଭଳି ୩ଟି ପାଭିଲିଅନ୍ କରାଯାଇ ସେମାନଙ୍କର ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଗୁଡିକୁ ବୁଲି ଦେଖିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ। ଦୋକାନ ଯାତ୍ରାମାଧ୍ୟମରେ ଛାତ୍ରଛାତ୍ରୀ ସେମାନଙ୍କ ସାମଗ୍ରୀଗୁଡିକୁ ବିକ୍ରି କରିଥିଲେ। ସଭାକାର୍ଯ୍ୟ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଅରୁଣ ପାଢ଼ୀ, ଅଜିତ ଭୋଇ, ପ୍ରଦୀପ ନାୟକ, ଭବାନୀ ଶଙ୍କର ବାରିକ, ସୌଦାମିନୀ ପଣ୍ଡାୟତ, ପ୍ରମିଳା ପଧାନ, ସସ୍ମିତା କିଶାନ, ହିମାଦ୍ରୀ ବାର୍ଲା, ପଙ୍କଜିନୀ ଭରାସାଗର, ଅଞ୍ଜଳି ସାହୁ, ନିତ୍ୟାନନ୍ଦ ନାୟକ, ସୁଜାତା ସାହୁ, ମଞ୍ଜରୀ କାଲୋ, ସାରଦା ବାନି, ସ୍ନିଗ୍ଧା ଭୋଇ, ପି.ରୋଜାରାନି, କମଳା ସରାଫ, ଗୁରୁବାରୀ ଓରାମ, ଲୋଚନ କାଣ୍ଡରା, ତେଜରାଜ ବାରିକ, ରାମକୃଷ୍ଣ ଓ ସରଫରାଜ ପ୍ରମୁଖ ସହଯୋଗ କରିଥିଲେ।

## ସହିଦ ତେଲେଙ୍ଗା ଖଡିଆଙ୍କୁ ଶ୍ରଦ୍ଧାଞ୍ଜଳି



ଝାରସୁଗୁଡ଼ା,୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ କଦମଡିହି ଗୁଡିର କେଛୋବାହାଲରେ ପୁନିଆଁ ଖଡିଆଙ୍କ ସଭାପତିତ୍ୱରେ ଇଷ୍ଟ ଦେବତା ବାରନ୍ଦା ଦେବଙ୍କୁ ସାକ୍ଷୀ ରଖି ଝାରସୁଗୁଡ଼ା ଜିଲ୍ଲାର ଦୁଧ ଖଡିଆ ସମାଜର ବୀର ସହିଦ୍ ତେଲେଙ୍ଗା ଖଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାହୋଇଛି। ଏହି ଅବସରରେ ଏକ ବୋର୍ଡ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଲାଲଚନ ଖଡିଆ, ସଭାପତି ସନାତନ ଖଡିଆ, ସମ୍ପାଦକ ମୋହନ ଖଡିଆ ପ୍ରମୁଖ ଯୋଗ ଦେଇଥିଲେ। ସମାଜ ସମ୍ପ୍ରଦାୟକୁ ରକ୍ଷା କରିବା, ଶିକ୍ଷା, ସଂସ୍କୃତି, ପରମ୍ପରା, ନିଶାମୁକ୍ତି ଓ ଏକତା ବଜାୟ ରଖିବାକୁ ମୁଖ୍ୟ ଉଦ୍ଦେଶ୍ୟ ରଖା ଯାଇଥିଲା।

ସଭାରେ କଦମଡିହି ଗୁଡିର ରୋହିତ ଖଡିଆ, ରଜନୀ ଖଡିଆ, କିଶୋର ଖଡିଆ, ସୁଶାନ୍ତ ଖଡିଆ, ଆକାଶ ଖଡିଆ, ରାଇବାରି ଖଡିଆ, ବିଜୟ ଖଡିଆ, ଅମିତ୍ ଖଡିଆ ଓ ସମସ୍ତ ଗାଁର ସେକ୍ରେଟାରୀ ପ୍ରେସିଡେଣ୍ଟ, ସମସ୍ତ ବୟୋଜ୍ୟେଷ୍ଠ, ଉପଦେଷ୍ଟା ସଦସ୍ୟ ଓ ଏମ କଟାପାଲି, ଭୂନ୍ଦୂପାଲି ଓ ଲିମଡିହି ଗାଁର ସମାଜର ସଦସ୍ୟ ଉପସ୍ଥିତ ଥିଲେ। କଦମଡିହି ଗୁଡି ଓ ଝାରସୁଗୁଡ଼ା ଜିଲ୍ଲାର ବୋର୍ଡ କମିଟି ସଦସ୍ୟଙ୍କ ସମ୍ମତିରେ ନୂତନ ହୋଇ ଥିବା ଗୋଷ୍ଠୀଙ୍କୁ ଦୁଧ ଖଡିଆ ସମାଜରେ ସାମିଲ ନ ହେବା ପର୍ଯ୍ୟନ୍ତ କୌଣସି ସାମାଜିକ ପରମ୍ପରା ଓ ପୁଅଝିଅ ଦିଆନିଆ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସଭାରେ ପିଣ୍ଟୁ ଖଡିଆ ସହଯୋଗ କରିଥିଲେ। ଅନ୍ୟ ଗୋଷ୍ଠୀ ରେଜିଷ୍ଟ୍ରେସନ କଲେ ମଧ ମାନ୍ୟତା ଦିଆଯିବ ନାହିଁ ବୋଲି କଡ଼ା ନିର୍ଣ୍ଣୟ ହୋଇଥିଲା। ସଭାରେ ତମଲେଙ୍ଗା ଖଡିଆ ସମାଜରୁ ବାସୁଦେବ ଖଡିଆ ସଭାରେ ଯୋଗ ଦେଇଥିଲେ। ସୁନ୍ଦରଗଡର ହେମଗିରି କନକତୁରା ଗାଁର ରାମ ଖଡିଆ ଭୁଲ ପରିଚୟ ସୃଷ୍ଟି କରୁଛି ବୋଲି କହିଥିଲେ। କନକତୁରା ଅଞ୍ଚଳରେ ଲୋକଙ୍କୁ ଖ୍ରୀଷ୍ଟ ଧର୍ମରେ ଧର୍ମାନ୍ତିକରଣ କରାଯାଉଥିବା କହିଥିଲେ। ଶେଷରେ ଗଣେଶ ଖଡିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେବଗଡ଼,୨୦।୧(ସମିସ)




ଉତ୍ସବ ପ୍ରଧାନପାଟ-୨୦୨୬ ଉପଲକ୍ଷେ ଜାତୀୟ ଉଦ୍ୟାନ କୃଷି ମିଶନ ଆନୁକୂଲ୍ୟରେ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍ୟାନ କୃଷି ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକା ମାନସୀ ଭୋଳ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଉଦ୍ୟାନ କୃଷି ଓ ସମନ୍ୱିତ କୃଷି ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥି ମାନେ ଉଦ୍ୟାନ କୃଷି ଓ ସମନ୍ୱିତ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକ ଲାଭବାନ ହେବା ନିମନ୍ତେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ‘ଉତ୍ସବ ପ୍ରଧାନପାଟ-୨୦୨୬’ ପଲ୍ଲିଶ୍ରୀ ମେଳା ଓ ସ୍ୱଦେଶୀ ମେଳାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଖୋଲାଯାଇଥିବା ଫଳ ପୁଷ୍ପ ପ୍ରଦର୍ଶନୀର ଶ୍ରେଷ୍ଠ ପ୍ରଦର୍ଶକ ଚାଷୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ରିଆମାଳ ବ୍ଲକ୍‌ର ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।